# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୦/୨୦୧୮ (୨୦ ପୃଷ୍ଠା) | Bhubaneswar, Tuesday, November 20/ 2018 | ★★★★★★

୪୪ଶ ଭାଗ ୩୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




**ବିବାହକୁ ଅପେକ୍ଷା କରନ୍ତୁ ଶୁଭେଚ୍ଛୁ: ଆଲିଆ**
ମୋ ବିବାହ ଦେଖିବାକୁ ଶୁଭାକାଂକ୍ଷୀମାନେ ଏତେ ତରବର ନ ହୋଇ ଅପେକ୍ଷା କରନ୍ତୁ ବୋଲି ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ପ୍ରକାଶ କରିଛନ୍ତି। ୦୭

୧୭ **ନିର୍ବାଚନ ବର୍ଷରେ ଆର୍ଥିକ ନୀତି ଜାରି ରହିବ**
ନିର୍ବାଚନ ବର୍ଷରେ ଦେଶରେ ଆର୍ଥିକ ନୀତି ଜାରି ରହିବ। ଏହା ବଦଳିବ ନାହିଁ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସ୍ପଷ୍ଟ କରିଛନ୍ତି।








## ବଳରାମପୁରରେ ହେବନି ବିୟର ବଟ୍‌ଲିଂ ପ୍ଲାଣ୍ଟ

ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)

- ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଅଞ୍ଚଳବାସୀ ଆଶ୍ୱସ୍ତ
- ଦମନକାରୀଙ୍କୁ ଶକ୍ତ ଚାପୁଡ଼ା
- ନିଆଯିବ କାର୍ଯ୍ୟାନୁଷ୍ଠାନ

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ବଳରାମପୁର ନିକଟରେ ପ୍ରସ୍ତାବିତ ବିୟର ବଟଲିଂ ପ୍ଲାଣ୍ଟକୁ ବାତିଲ କରିଦିଆଯାଇଛି। ସେଠାରେ ଆଉ ସେହି ପ୍ଲାଣ୍ଟ ହେବନାହିଁ। ତାହାକୁ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର କରାଯିବ। ଉତ୍ତରାଞ୍ଚଳ ଆର୍‌ଡିସିଙ୍କ ରିପୋର୍ଟକୁ ଅନୁଧ୍ୟାନ କରିବାପରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏଭଳି ପଦକ୍ଷେପ ସ୍ଥାନୀୟ ବାସିନ୍ଦାଙ୍କ ମନରେ ଆଶ୍ୱସ୍ତି ଭରି ଦେଇଛି। କାରଣ ବିୟର ବଟଲିଂ ପ୍ଲାଣ୍ଟ ପାଇଁ ହୋଇଥିବା ଗଛକଟାକୁ ଗ୍ରାମବାସୀ ପ୍ରବଳ ବିରୋଧ କରିଥିଲେ। କିନ୍ତୁ ପ୍ରଶାସନିକ ଚାପ ପ୍ରୟୋଗ କରାଯାଇ ଗ୍ରାମବାସୀଙ୍କ ବିରୋଧକୁ ଦମନ କରିବା ପାଇଁ ଚେଷ୍ଟା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଉପରୋକ୍ତ ନିଷ୍ପତ୍ତି ଦ୍ୱାରା ଦମନକାରୀଙ୍କୁ ଶକ୍ତ ଚାପୁଡ଼ା ଲାଗିଛି। ଏପରି କି ଘଟଣାରେ ସମ୍ପୃକ୍ତ ଥିବା ଅଧିକାରୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ଅନ୍ୟପକ୍ଷରେ ଆରଡିସି ଡି.ଭି. ସ୍ୱାମୀ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ଚିଠି ଲେଖି ଗଛକଟା ସ୍ଥାନରେ ଅଧିକ ଗଛ ଲଗାଇବାକୁ ଉଲ୍ଲେଖ କରିଛନ୍ତି।

ବିୟର ବଟ୍‌ଲିଂ ପ୍ଲାଣ୍ଟ ନିର୍ମାଣ ପାଇଁ ଗଛକଟାକୁ ନେଇ ଗତ ଶନିବାର ବଳରାମପୁର ଗ୍ରାମରେ ଅଶାନ୍ତି ସୃଷ୍ଟି ହୋଇଥିଲା। ପୂର୍ବରୁ ମଧ୍ୟ ଅନେକ ଥର ପ୍ଲାଣ୍ଟ ନିର୍ମାଣ ପାଇଁ ପ୍ରଶାସନକୁ ଗ୍ରାମବାସୀଙ୍କ ବିରୋଧର ସମ୍ମୁଖୀନ ହେବାକୁ ପଡିଥିଲା। ତେବେ ଏ ସମ୍ପର୍କିତ ଏକ ମାମଲାର ଶୁଣାଣି ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି)ରେ ଆସନ୍ତା ୨୦ତାରିଖରେ ହେବାର ଥିଲା। ଏହି ଶୁଣାଣି ପୂର୍ବରୁ ପ୍ରଶାସନିକ ଅଧିକାରୀମାନଙ୍କ ଗଛକଟା ନିଷ୍ପତ୍ତିକୁ ସ୍ଥାନୀୟ ବାସିନ୍ଦା ଗ୍ରହଣ କରିପାରି ନ ଥିଲେ। ଏଭଳିସ୍ଥଳେ ପ୍ରଶାସନିକ ଚାପ ପ୍ରୟୋଗ କରାଯାଇ ଶହ ଶହ ଗଛକୁ କାଟିଦିଆଗଲା। ଏହି ଖବର ପାଇବାପରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଘଟଣାର ଆରଡିସି ତଦନ୍ତ ନିର୍ଦ୍ଦେଶ ଦେବାସହ ଗଛକଟା ବନ୍ଦ କରିବାକୁ କହିଥିଲେ। ଆର୍‌ଡିସିଙ୍କ ପକ୍ଷରୁ ତୁରନ୍ତ ତଦନ୍ତ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ଏହାପରେ ମୁଖ୍ୟମନ୍ତ୍ରୀ କାଳବିଳମ୍ବ ନ କରି ପ୍ରକଳ୍ପ ସ୍ଥାନାନ୍ତର ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଇଛି।

ମୁଖ୍ୟମନ୍ତ୍ରୀ ଘଟଣାକୁ ନେଇ ଅଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଜଣାପଡିଛି। ଆର୍‌ଡିସି ସ୍ଥାନୀୟ ଜଙ୍ଗଲ ବିଭାଗ ଅଧିକାରୀ, ଜିଲାପାଳ ଏବଂ ଅନ୍ୟ କେତେଜଣ ଅଧିକାରୀଙ୍କୁ ☞ ପୃଷ୍ଠା–୪

## ଗଛକଟା ପ୍ରସଙ୍ଗ ଏଡ଼ାଇବାକୁ ଚାଲ୍

ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)

- ଶାସକ, ବିରୋଧୀଙ୍କ ହଟ୍ଟଗୋଳ
- ଅଧାଦିନ ବରବାଦ
- କେନ୍ଦ୍ର ବିରୋଧକୁ ଅସ୍ତ୍ର କଲା ଶାସକ
- ଅକଳରେ ପଡ଼ିଲେ ବିରୋଧୀ



ଢେଙ୍କାନାଳ ଜିଲା ବଳରାମପୁରଠାରେ ବିୟର ଫ୍ୟାକ୍ଟ୍ରି ନିର୍ମାଣ ପାଇଁ ଶହ ଶହ ଗଛ ଭୂଲୁଣ୍ଠିତ କରିଦିଆଗଲା। ଏହାକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିବାରୁ ସରକାର ନିଷ୍ପତ୍ତି ବଦଳାଇବାକୁ ବାଧ୍ୟ ହୋଇଛନ୍ତି। ଏହି ପ୍ରସଙ୍ଗକୁ ନେଇ ବିରୋଧୀ ସୋମବାର ବିଧାନସଭାରେ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଥିଲେ। ବିରୋଧୀ ଦଳ ପକ୍ଷରୁ ଦିଆଯାଇଥିବା ମୁଲତବୀ ପ୍ରସ୍ତାବ ଆଲୋଚନା ପାଇଁ ବାଚସ୍ପତି ରାଜି ହୋଇଥିଲେ। ତେବେ ଶାସକ ଦଳ ହଠାତ୍ ନିଜର ରଣନୀତି ବଦଳାଇ ଦେଇଥିଲେ। କାଳେ ସରକାର ଅଡୁଆରେ ପଡିଯିବେ ତାହା ପୂର୍ବରୁ ଆଲୋଚନା ଭଣ୍ଡୁର ପାଇଁ ଷଡ଼ଯନ୍ତ୍ର ହୋଇଥିଲା ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। କାହା ଇଙ୍ଗିତରେ ଗଛ କଟାଗଲା ତାହାର କୈଫିୟତ ତଲବ ପୂର୍ବରୁ ଶାସକ ଦଳ ବିରୋଧୀଙ୍କ ରଣନୀତିକୁ ପ୍ରତିହତ କରିବା ପାଇଁ କେନ୍ଦ୍ର ବିରୋଧକୁ ଢାଲ କରିଥିଲା। ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ମନସ୍ଥ କରିଥିବା ବିରୋଧୀଙ୍କୁ ବିଜେଡି ରଣନୀତି ଅଡୁଆରେ ପକାଇ ଦେଇଥିଲା। ଅନ୍ୟ ଉପାୟ ନ ପାଇ ମାଇଲେଜ ନେବାକୁ ବିରୋଧୀ ଭାଜପା ଓ କଂଗ୍ରେସ ମଧ୍ୟ ନିଜର ରଣନୀତି ବଦଳାଇ ଦେଇଥିଲେ।

ଅନୁସୂଚିତ ଜାତି(ଏସସି) ବର୍ଗର ଛାତ୍ରୀଛାତ୍ରଙ୍କୁ କେନ୍ଦ୍ରରୁ ମିଳୁଥିବା ମାଟ୍ରିକ ପରବର୍ତ୍ତୀ ମେଧାବୃତ୍ତି(ପୋଷ୍ଟ ମାଟ୍ରିକ ସ୍କଲାରଶିପ୍)ରେ ଏବଂ କେନ୍ଦ୍ରୀୟ ଅନୁଦାନ ହ୍ରାସ କରିବା ଏବଂ ସଚିବାଳୟରେ ସିବିଆଇ ପ୍ରବେଶ କରିବା ଘଟଣାକୁ ନେଇ ସୋମବାର ବିଧାନସଭା ହୁଲସ୍ଥୂଲ ହୋଇଥିଲା। ଉଭୟ ଶାସକ ଓ ବିରୋଧୀ ନିଜ ନିଜର ପ୍ରସଙ୍ଗକୁ ନେଇ ବିଧାନସଭାରେ ଗର୍ଜନ କରିଥିଲେ। ଏଥିଯୋଗୁ ଅଧାଦିନ ଗୃହକାର୍ଯ୍ୟ ବରବାଦ ହୋଇଗଲା। ବିରୋଧୀ ଓ ଶାସକ ଦଳଙ୍କ ହଟ୍ଟଗୋଳରେ ବିଧାନସଭା କମ୍ପିଲା। ପରିସ୍ଥିତି ଅସମ୍ଭାଳ ହେବାରୁ ବାଚସ୍ପତି ପ୍ରଦୀପ ଅମାତ ଗୃହକୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ସଭାକାର୍ଯ୍ୟ ଚଳାଇବା ପାଇଁ ବାଚସ୍ପତି ଗୃହକୁ ପ୍ରବେଶ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଶାସକ ଦଳ ସଭ୍ୟ ମହେଶ ସାହୁ ଏସ୍‌ସି ବର୍ଗଙ୍କ ପାଇଁ ରାଜ୍ୟକୁ ମିଳୁଥିବା ପୋଷ୍ଟ ମାଟ୍ରିକ ମେଧାବୃତ୍ତି ଅନୁଦାନ କେନ୍ଦ୍ର ସରକାର ହ୍ରାସ କରିଥିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲେଖିଥିବା ଏକ ଚିଠି ଦେଖାଇଥିଲେ। ସେ ଅଭିଯୋଗ କରିଥିଲେ ଯେ, କେନ୍ଦ୍ରର ମୋଦି ସରକାର ରାଜ୍ୟର ଅନୁସୂଚିତ ଜାତିଙ୍କ ପାଇଁ ଆସୁଥିବା ଅନୁଦାନକୁ କାଟି ଦେଇଛନ୍ତି। ପୂର୍ବରୁ ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ଯଥାକ୍ରମେ ୯୦ ଏବଂ ୧୦ ପ୍ରତିଶତ ହିସାବରେ ଅନୁଦାନ ଦେଉଥିଲେ। ମାତ୍ର ମୋଦି ସରକାର ଆସିବା ପରେ ଏହାକୁ ଠିକ୍ ଓଲଟା କରାଯାଇଛି। ରାଜ୍ୟ ସରକାର ୮୦ ପ୍ରତିଶତ ଖର୍ଚ୍ଚ ଭରଣା କରୁଥିବାବେଳେ କେନ୍ଦ୍ର ସରକାର ୨୦ ପ୍ରତିଶତ ଦେଉଛନ୍ତି। ତେବେ ସେହି ୨୦ ପ୍ରତିଶତ ଅର୍ଥ ମଧ୍ୟ ଠିକ୍ ସମୟରେ ରାଜ୍ୟକୁ ମିଳୁନାହିଁ। ବୃତ୍ତି ପାଇବାରେ ଏସ୍‌ସି ପିଲାମାନେ ହଇରାଣ ହେଉଛନ୍ତି। ଏଭଳି ଅଭିଯୋଗ ଆଣି ସେ କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ୍ ଦେବା ସହିତ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କୁ ସମର୍ଥନ ଜଣାଇ ଶାସକ ଦଳର ଅନ୍ୟ ସଦସ୍ୟ ସମୀର ରଞ୍ଜନ ଦାସ, ସୁଧୀର ସାମଲ, ଅମର ଶତପଥୀ, ପ୍ରୀତିରଞ୍ଜନ ଘଡାଇ, ☞ ପୃଷ୍ଠା–୪

## ମୁଖ୍ୟମନ୍ତ୍ରୀ କିଣିଲେ ପ୍ରଥମ ଟିକେଟ

ଭୁବନେଶ୍ୱର, ୧୯।୧୧ (କ୍ରୀଡ଼ା ପ୍ରତିନିଧି)

**ହକି ବିଶ୍ୱକପ ଉଦ୍‌ଘାଟନୀ**

ହକି ବିଶ୍ୱକପ ଉଷ୍ମତା କ୍ରମେ ବଢ଼ିବାରେ ଲାଗିଛି। ଓଡ଼ିଶାରେ ପ୍ରଥମଥରପାଇଁ ହେବାକୁ ଯାଉଥିବା ଏହି ମହାକୁମ୍ଭ ପାଇଁ ଅଭୁତପୂର୍ବ ଉତ୍ସାହ ଦେଖା ଦେଇଛି। ସମ୍ପୂର୍ଣ୍ଣ ନୂଆ ରୂପରେ କଳିଙ୍ଗ ଷ୍ଟାଡିୟମ ସଜେଇ ହୋଇଥିବାବେଳେ ବିଶ୍ୱବାସୀଙ୍କୁ ସ୍ମୃତି ମଧୁର ଉଦ୍‌ଘାଟନୀ ସମାରୋହ ଭେଟି ଦେବାପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆ ଯାଇଛି। ଉଦ୍‌ଘାଟନୀ ଉତ୍ସବର ପ୍ରଥମ ଟିକେଟ କିଣିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ହକି ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲିନା ନର୍ମାନ ସୋମବାର ରାଜ୍ୟ ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ୨୭ ତାରିଖରେ ହେବାକୁଥିବା ଉଦ୍‌ଘାଟନୀ ସମାରୋହ ଟିକେଟର ଏକ ଟୋକନ ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏଥିପାଇଁ ୫୦୦ ଟଙ୍କା ପ୍ରଦାନ କରିଥିବା ତାଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ମଙ୍ଗଳବାରଠାରୁ ବହୁପ୍ରତୀକ୍ଷିତ ଉଦ୍‌ଘାଟନୀ ସମାରୋହ ପାଇଁ ଟିକେଟ ଅନ୍‌ଲାଇନ୍(ticketgenie.in)ରେ ଉପଲବ୍ଧ ହେବ।






**ଆଜିର ସମ୍ପାଦକୀୟ**

**ଡିଜିଟାଲ ଯୁଦ୍ଧ**

**ଆଜିର ମନ୍ତବ୍ୟ**

"କଂଗ୍ରେସ ଏମିତି ଏକ ଦଳ, ଯାହାକି ଗୋଟିଏ ପରିବାର ପାଇଁ ଉତ୍ସର୍ଗୀକୃତ ଏବଂ ଦେଶର ବିକାଶ ଲାଗି ଅନିଚ୍ଛୁକ।
–ସ୍ମୃତି ଇରାନୀ, କେନ୍ଦ୍ରମନ୍ତ୍ରୀ

**କିଛି ତଥ୍ୟ**

ଚଳିତ ମାର୍କେଟିଂ ବର୍ଷର ନଭେମ୍ବର ସୁଦ୍ଧା ଦେଶରେ ଚିନି ଉତ୍ପାଦନ ୧୫% ହ୍ରାସ ଘଟି ୧.୧୬ ନିୟୁତ ଟନ୍ ରହିଛି।
–କୃଷି ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 19.11.2018 | Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 52 | 96 | 106 |
| CTC | 52 | 96 | 106 |
| DKL | 56 | 101 | 111 |
| BDK | 55 | 100 | 110 |
| BLS | 55 | 100 | 110 |
| ANG | 60 | 106 | 116 |

*Conditions Apply
Eggs Retail Price- 51/-Dozen
Issued in the Interest of Consumers


## ■ ପଞ୍ଚୁକ ଆରମ୍ଭରୁ ବିଭ୍ରାଟ
## ସନ୍ଧ୍ୟାରେ ବାହାରିଲା ଅବଢ଼ା

ପୁରୀ ଅଫିସ, ୧୯।୧୧

- ମହାପ୍ରଭୁଙ୍କ ବେଶ ସଜାରେ ୫ ଘଣ୍ଟା
- ପାଳିଆ ପୁରସ୍କାର ପାଇଁ ଅସହଯୋଗ
- ସନ୍ଧ୍ୟାରେ ହେଲା ସକାଳ ଧୂପ
- ସିଂହାରୀ ସେବାୟତଙ୍କ ସହ ଆଲୋଚନା କଲେ ନୀତି ପ୍ରଶାସକ



ପଞ୍ଚୁକ ଆରମ୍ଭରୁ ଶ୍ରୀମନ୍ଦିର ନୀତିକାନ୍ତିରେ ବିଭ୍ରାଟ ଦେଖାଦେଇଛି। ସିଂହାରୀ ସେବକଙ୍କ ଅସହଯୋଗ ଯୋଗୁ ପଞ୍ଚୁକର ପ୍ରଥମ ବେଶ ବଢିବାରେ ଅହେତୁକ ବିଳମ୍ବ ହୋଇଛି। ସକାଳ ଧୂପ ଅପରାହ୍ନରେ ସରିଥିବା ବେଳେ ସନ୍ଧ୍ୟାରେ ବାହାରିଛି ମହାପ୍ରସାଦ। ଦୂରଦୂରାନ୍ତରୁ ଆସିଥିବା ଭକ୍ତ ଏବଂ ହବିଷିଆଳି ମହାପ୍ରସାଦ ନ ପାଇ ତିକ୍ତ ଅନୁଭୂତି ନେଇ ଫେରିଛନ୍ତି।

ରବିବାର ରାତି ୧୧ଟା ୫୦ରେ ପହୁଡ଼ ନୀତି ସମ୍ପନ୍ନ ହୋଇଥିଲା। ସୋମବାର ଥିଲା କାର୍ତ୍ତିକ ମାସର ବଡ଼ ଏକାଦଶୀ ଓ ପଞ୍ଚୁକର ପ୍ରଥମ ଦିନ। ଏଥିଲାଗି ନିର୍ଦ୍ଧାରିତ ସମୟ ମଧ୍ୟରେ ଅର୍ଥାତ୍ ଭୋର ୪ଟା ୩୦ରେ ଦ୍ୱାର ଫିଟା ଯାଇଥିଲା। ଏହାପରେ ଭିତର ଶୋଧ ହୋଇ ୫ଟା ୧୫ରେ ମଙ୍ଗଳ ଆଳତି ବଢିଥିଲା। ସକାଳ ୭ଟା ସୁଦ୍ଧା ଅବକାଶ ନୀତି ଶେଷ ହୋଇ ଆରମ୍ଭ ହୋଇଥିଲା ଲକ୍ଷ୍ମୀନାରାୟଣ ବେଶ ପ୍ରସ୍ତୁତି। ୩ ଜଣ ସିଂହାରୀ ସେବକ ମହାପ୍ରଭୁଙ୍କ ଏହି ବେଶ କରାଇଥିଲେ। ଏହି ବେଶ ସମ୍ପନ୍ନ ଲାଗି ଘଣ୍ଟାଏରୁ ଦୁଇଘଣ୍ଟା ସମୟ ଲାଗିଥାଏ। ୩ ପାଳିଆ ସେବକ ବେଶ କରୁଥିବା ବେଳେ ସେମାନଙ୍କୁ ଆଉ ୩/୪ ସେବକ ସହଯୋଗ କରିଥାନ୍ତି। କିନ୍ତୁ ସୋମବାର ସହଯୋଗ କରିବା ପାଇଁ କେହି ନ ଥିଲେ। ଫଳରେ ଏହି ବେଶ ସରିବା ପାଇଁ ପ୍ରାୟ ୫ ଘଣ୍ଟା ସମୟ ଲାଗିଥିଲା। ଅପରାହ୍ନ ପ୍ରାୟ ୧ଟାରେ ଏହି ବେଶ ସରିଥିଲା। ବେଶରେ ବିଳମ୍ବ ଯୋଗୁ ଦିନତମାମ୍ ନୀତି ବିଳମ୍ବରେ ଚାଲିଥିଲା। ଅପରାହ୍ନ ପ୍ରାୟ ୩ଟା ୧୫ରେ ବଢିଥିଲା ସକାଳ ଧୂପ। ୪ଟା ୨୫ରେ ବାଳଧୂପ ବଢି ସନ୍ଧ୍ୟା ୬ଟା ୫ରେ ପ୍ରଥମ ଭୋଗ ମଣ୍ଡପ ଉଠିଥିଲା।

ପଞ୍ଚୁକର ପ୍ରଥମ ଦିନରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ସକାଳୁ ଶ୍ରୀମନ୍ଦିରକୁ ଭକ୍ତଙ୍କ ସୁଅ ଛୁଟିଥିଲା। ଶ୍ରୀମନ୍ଦିର ପ୍ରଶାସନ ଏବଂ ପୋଲିସ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଶୃଙ୍ଖଳିତ ଦର୍ଶନ ☞ ପୃଷ୍ଠା–୪

# ବାଲିଯାତ୍ରା: ଫିକା ପଡ଼ିପାରେ ଦୋଳି ମଜା

- ୩ ଦିନ ରହିଲା, ପଡ଼ିଆକୁ ଆସିଲାନି ଦୋଳି ସାମଗ୍ରୀ
- ପୂର୍ବରୁ ୧୦ ଦିନ ଆଗରୁ ହେଉଥିଲା ପ୍ରସ୍ତୁତି

କଟକ ଅଫିସ,୧୯।୧୧

କଟକରେ ସବୁଠୁ ବଡ଼ ଲୋକଯାତ୍ରା ଯଦି କିଛି ଥାଏ, ତାହା ହେଉଛି ଐତିହାସିକ ବାଲିଯାତ୍ରା। ଏହି ଯାତ୍ରାରେ ରାମଦୋଳି, ଡ୍ରାଗନ, ଟେରାଟୋରା, ଡିସ୍‌କୋ, ବୋଟ୍ ଭଳି ୩୫ ପ୍ରକାର ଆକର୍ଷଣୀୟ ଦୋଳିର ମଜା ନେବା ପାଇଁ ପିଲାଠୁଁ ବୟସ୍କଙ୍କ ଯାଏ ସମସ୍ତଙ୍କ ମଧ୍ୟରେ ଆଗ୍ରହ ଥାଏ। ହେଲେ ଚଳିତବର୍ଷ ବିନା ଦୋଳିରେ ବାଲିଯାତ୍ରା ହେବ ବୋଲି ଆଶଙ୍କା କରାଯାଉଛି। କାରଣ ପ୍ରତି ଦୋଳି ପିଛା ଦୈନିକ ୯ ହଜାର ଟଙ୍କା ଭଡ଼ା ଏବଂ କେତେଜଣ ବ୍ୟବସାୟୀଙ୍କୁ ସେମାନଙ୍କ ପୁରୁଣା ପ୍ଲଟ୍ ମିଳି ନ ଥିବାରୁ ଏଥର ବାଲିଯାତ୍ରାରେ ଦୋଳି ପକାଇବୁ ନାହିଁ ବୋଲି କହିଛନ୍ତି କୋଲକାତାର ଦୋଳି ବ୍ୟବସାୟୀ ବିପ୍ଳବ ଭୌମିକ। ବିପ୍ଳବଙ୍କ କହିବା କଥା ହେଉଛି, ଆମେ ବିଭିନ୍ନ ରାଜ୍ୟରୁ ୧୧ଜଣ ଦୋଳି ମାଲିକ ୪୦ ପ୍ରକାର ଦୋଳି ଆଇଟମ୍ ସହ ଏଥର ବାଲିଯାତ୍ରାରେ ବ୍ୟବସାୟ କରିବାକୁ ଯୋଜନା କରିଥିଲୁ। ହେଲେ ପୂର୍ବବର୍ଷ ଦୋଳି ପିଛା ଦୈନିକ ଭଡ଼ା ୫ ହଜାର ଟଙ୍କା ଥିବାବେଳେ ଏଥର ତାହା ୯ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏଭଳିସ୍ଥଳେ ଟିକେଟ୍ ଦର ବୃଦ୍ଧିକୁ ପ୍ରଶାସନ ମନା କରୁଛି। ଏମିତି ହେଲେ ଆମେ ବ୍ୟବସାୟରେ କ'ଣ ଲାଭ କରିବୁ ଯେ ବୋଲି ପ୍ରଶ୍ନ କରିଛନ୍ତି। ସେହିପରି ଜାମଶେଦପୁରର ଦୋଳି ବ୍ୟବସାୟୀ ଫରିଦ ବକ୍ସ କହିଛନ୍ତି, ଆମ ମଧ୍ୟରୁ କେତେଜଣ ଦୋଳି ମାଲିକଙ୍କ ପୂର୍ବ ପ୍ଲଟକୁ ପରିବର୍ତ୍ତନ କରି ଦିଆଯାଇଛି। ଲୋକଙ୍କ ଗହଳି ହେଉଥିବା ସ୍ଥାନରେ ଦୋଳି ନ ପକାଇ ଅନ୍ୟତ୍ର ପକାଇଲେ ବେପାର ମାନ୍ଦା ହେବ। ତେଣୁ ବାଲିଯାତ୍ରା ଆଦୌ ନ ଆସିବା ଭଲ ବୋଲି ଭୌମିକ କହିଛନ୍ତି।

ସୂଚନାଥାଉ କି, ବାଲିଯାତ୍ରାକୁ ଆଉ ମାତ୍ର ତିନିଦିନ ବାକି ରହିଥିବାବେଳେ ସୋମବାର ସନ୍ଧ୍ୟା ସୁଦ୍ଧା ଜଣେ ହେଲେ ଦୋଳି ବ୍ୟବସାୟୀ ପ୍ଲଟ ପାଇଁ ରସିଦ କାଟିନାହାନ୍ତି। ବ୍ୟବସାୟୀ ସଂଘ ସମ୍ପାଦକ ସୁକାନ୍ତ ମହାନ୍ତି କହିଛନ୍ତି, ପ୍ରତିବର୍ଷ ବାଲିଯାତ୍ରା ଆରମ୍ଭର ୧୦ ଦିନ ଆଗରୁ ଦୋଳି ବ୍ୟବସାୟୀ ସେମାନଙ୍କ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରନ୍ତି। କିନ୍ତୁ ଏଥର ଏଯାଏ ଯାତ୍ରା ପଡ଼ିଆକୁ ଦୋଳି ସାମଗ୍ରୀ ଆସିନାହିଁ। ଏଭଳି ପରିସ୍ଥିତି ଯୋଗୁ ବାଲିଯାତ୍ରାରେ ଦୋଳି ମଜା ଫିକା ପଡ଼ିବ ବୋଲି ଅନୁମାନ କରାଯାଉଛି। ଜିଲାପାଳ ଅରବିନ୍ଦ ଅଗ୍ରୱାଲ କହିଛନ୍ତି, ଯାତ୍ରା ପଡ଼ିଆ ମଧ୍ୟରେ ଭିଡ଼ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ଯଦି କିଛି ଦୋଳିର ସ୍ଥାନ ପରିବର୍ତ୍ତନ କରାଗଲା ତେବେ ଅସୁବିଧା କେଉଁଠି। ଏ ନେଇ ଦୋଳି ବ୍ୟବସାୟୀମାନଙ୍କୁ ବୁଝାଇବା ପାଇଁ ପ୍ରୟାସ ଚାଲିଛି ବୋଲି ଜିଲାପାଳ କହିଛନ୍ତି।




# ହାଇକୋର୍ଟରେ ଶପଥ ନେଲେ ୨ ବିଚାରପତି



ହାଇକୋର୍ଟର ମୁଖ୍ୟ ବିଚାରପତି ଦୁଇ ନୂଆ ବିଚାରପତି ଅକ୍ଷୟ କୁମାର ମିଶ୍ର ଓ ଶତ୍ରୁଘ୍ନ ପୂଜାହାରୀଙ୍କୁ ଶପଥପାଠ କରାଉଛନ୍ତି।

କଟକ ଅଫିସ, ୧୯।୧୧

ବିଚାରପତି ଶତ୍ରୁଘ୍ନ ପୂଜାହାରୀ ଓ ବିଚାରପତି ଅକ୍ଷୟ କୁମାର ମିଶ୍ର ସୋମବାର ପୂର୍ବାହ୍ନ ୧୦ଟା ୧୫ରେ ହାଇକୋର୍ଟରେ ଶପଥ ଗ୍ରହଣ କରିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀ ଜଷ୍ଟିସ ପୂଜାହାରୀ ଓ ଜଷ୍ଟିସ ମିଶ୍ରଙ୍କୁ ଶପଥ ପାଠ କରାଇଥିଲେ। ସୂଚନାଥାଉ କି, ଜଷ୍ଟିସ ମିଶ୍ର ପୂର୍ବରୁ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ ଭାବେ କାର୍ଯ୍ୟ କରୁଥିଲେ। ସୁପ୍ରିମକୋର୍ଟଙ୍କ କଲେଜିୟମ ପକ୍ଷରୁ ତାଙ୍କ ନାମ ବିଚାରପତି ଭାବେ ସୁପାରିସ କରାଯାଇଥିଲା। ଏହାପରେ ରାଷ୍ଟ୍ରପତି ଭବନରୁ ଜଷ୍ଟିସ ମିଶ୍ରଙ୍କ ନିଯୁକ୍ତି ସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେହିପରି ଜଷ୍ଟିସ ପୂଜାହାରୀ ମାଡ୍ରାସ ହାଇକୋର୍ଟରୁ ବଦଳି ହୋଇ ଆସିଛନ୍ତି। ଜଷ୍ଟିସ ମିଶ୍ର ଓ ଜଷ୍ଟିସ ପୂଜାହାରୀଙ୍କୁ ମିଶାଇଲେ ଓଡ଼ିଶା ହାଇକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୧୪ରେ ପହଞ୍ଚିଛି। ଯେଉଁଠି ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୨୭ ଅଟେ। ଶପଥ ଗ୍ରହଣ ଉତ୍ସବରେ ହାଇକୋର୍ଟର ସମସ୍ତ ବିଚାରପତି, କେତେଜଣ ଅବସରପ୍ରାପ୍ତ ବିଚାରପତିଙ୍କ ସମେତ ଆଡଭୋକେଟ ଜେନେରାଲ ସୂର୍ଯ୍ୟପ୍ରସାଦ ମିଶ୍ର, ରାଜ୍ୟ ବାର୍ କାଉନସିଲ ଅଧ୍ୟକ୍ଷ ଟହଲି ଚରଣ ମହାନ୍ତି, ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଶ୍ରୀକାନ୍ତ ନାୟକ, ସମ୍ପାଦକ ସତ୍ୟବ୍ରତ ମହାନ୍ତି ଓ ବହୁ ବରିଷ୍ଠ ଆଇନଜୀବୀ ଉପସ୍ଥିତ ଥିଲେ।

### ଜଙ୍ଗଲ ଜମିରେ କଳିଙ୍ଗନଗର ମହୋତ୍ସବ ମହଙ୍ଗା ପଡ଼ିଲା

# ଜଙ୍ଗଲ, ରାଜସ୍ୱ ବିଭାଗକୁ ଏନ୍‌ଜିଟିର ତଦନ୍ତ ନିର୍ଦ୍ଦେଶ

ଯାଜପୁର ଅଫିସ,୧୯।୧୧

ଜଙ୍ଗଲ ଜମିରେ କଳିଙ୍ଗନଗର ମହୋତ୍ସବର ଆୟୋଜନ ଜଙ୍ଗଲ ଓ ରାଜସ୍ୱ ବିଭାଗକୁ ମହଙ୍ଗା ପଡିଛି। ଯାଜପୁର ଜିଲାରେ ପ୍ରଥମ କରି କଳିଙ୍ଗନଗର ମହୋତ୍ସବ ୨୦୧୭ ଡିସେମ୍ବର ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ଅନୁଷ୍ଠିତ ହୋଇଥିଲା। ଦାନଗଦି ତହସିଲ ଅଧୀନ ତେଲିବାହାଲି ନିକଟସ୍ଥ ଶାଳ ଜଙ୍ଗଲ ଜମିରେ ଏହି ମହୋତ୍ସବ ଆୟୋଜନ କରାଯାଇଥିବାରୁ ଏହାକୁ ବିଭିନ୍ନ ମହଲରେ ବିରୋଧ କରାଯାଇଥିଲା। ଏପରିକି ଦିଲୀପ କୁମାର ସାମନ୍ତରାୟ ଏ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକାରୀଙ୍କ ପକ୍ଷରୁ ଆଇନଜୀବୀ ଶଙ୍କର ପାଣି ମାମଲା ଦାୟର କରିଥିଲେ। ସୋମବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ଏନ୍‌ଜିଟିର ଜଷ୍ଟିସ ୱାଙ୍ଗଡି ଓ ପ୍ରଫେସର ନାଗିନ ନନ୍ଦା ଓଏ–୪୬/୨୦୧୮ ନମ୍ବର ରାୟରେ ଡିଏଫ୍‌ଓ କଟକ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ସିନିୟର ଅଧିକାରୀଙ୍କୁ ପକ୍ଷଭୁକ୍ତ କରିଛନ୍ତି। ଯଦି ସେହି ଜଙ୍ଗଲ ଜମିରେ ମହୋତ୍ସବ ସଂକ୍ରାନ୍ତୀୟ କୌଣସି ନିର୍ମାଣ କିମ୍ବା ଆୟୋଜନ ହେଉଛି ତେବେ ତାହାର ସବିଶେଷ ତଦନ୍ତ କରି ୩ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଅଭିଯୋଗରେ ଯଦି ସତ୍ୟତା ଥାଏ ତେବେ ଜଙ୍ଗଲ ଓ ପରିବେଶ ଆଇନ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ୨୦ ବର୍ଷ ହେଲା କଳିଙ୍ଗନଗର ଶିଳ୍ପାଞ୍ଚଳ ପ୍ରତିଷ୍ଠା ହୋଇଥିଲେ ହେଁ କଳିଙ୍ଗନଗର ମହୋତ୍ସବ ସ୍ୱପ୍ନ ହୋଇ ରହିଥିଲା। ତେଣୁ ଆୟୋଜକ କର୍ତ୍ତୃପକ୍ଷ କଳିଙ୍ଗନଗର ମହୋତ୍ସବର ପରିକଳ୍ପନା କରିଥିଲେ। ତେଲିବାହାଲି ପେଟ୍ରୋଲ ପମ୍ପ ସମ୍ମୁଖ ପଡ଼ିଆରେ ଏହାର ଆୟୋଜନ କରାଯାଇଥିଲା। ତେବେ ଯେଉଁ ପଡିଆରେ ମହୋତ୍ସବର ଆୟୋଜନ ହୋଇଥିଲା ତାହା ସମ୍ପୂର୍ଣ୍ଣ ଶାଳ ଜଙ୍ଗଲ ଜମି। ଦାନଗଦି ତହସିଲ ଅନ୍ତର୍ଗତ ଖାତା ନମ୍ବର ୯୭, ପ୍ଲଟ ନମ୍ବର ୩୩୬ରେ ୬୮.୪୦ ଏକର ଶାଳ ଜଙ୍ଗଲ ଜମି ରହିଛି। କୌଣସି ଜଙ୍ଗଲ ଜମିରେ ମେଳା ମହୋତ୍ସବର ଆୟୋଜନ ପରିବେଶଗତ ଆଇନକୁ ଉଲ୍ଲଂଘନ କରୁଛି। ସେହି ସମୟରେ ଅର୍ଥାତ ଡିସେମ୍ବର ୯ରେ ଧରିତ୍ରୀରେ ଏକ ସବିଶେଷ ଖବର ମଧ୍ୟ ପ୍ରକାଶ ପାଇଥିଲା। ଏହିକ୍ରମରେ ଦିଲୀପ କୁମାର ସାମନ୍ତରାୟ ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲେ। ସେତେବେଳେ ଜଙ୍ଗଲ ବିଭାଗ ଓ ରାଜସ୍ୱ ବିଭାଗ ମଧ୍ୟ ଚୁପ ରହିଥିଲେ। ଯାହାର ପରିଣତି ଏନ୍‌ଜିଟି ରାୟରୁ ଏବେ ସେମାନଙ୍କୁ ଭୋଗିବାକୁ ପଡିବ ବୋଲି ମତପ୍ରକାଶ ପାଇଛି ।

### ଆମ ଗାଁ ଆମ ବିକାଶ

# ପ୍ରକଳ୍ପ ଶେଷ କରିବାରେ ଧର୍ମଶାଳା ବ୍ଲକ ପ୍ରଥମ

**୭ ବ୍ଲକ ପାଇଁ ୩୩.୪୦ କୋଟି**

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

ଯାଜପୁର ଜିଲାର ଧର୍ମଶାଳା ରାଜ୍ୟର ପ୍ରଥମ ବ୍ଲକ ଭାବେ 'ଆମ ଗାଁ ଆମ ବିକାଶ' ପ୍ରକଳ୍ପ ଖର୍ଚ୍ଚ କରିଛି। ୧୭୦ ଦିନ ମଧ୍ୟରେ ଏହି ବ୍ଲକରେ ୩.୭୬ କୋଟି ଟଙ୍କାରେ ୧୧୯ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରୁ ଏହା ଜଣାପଡିଛି। ସେହିପରି ସୋମବାର ରାଜ୍ୟର ୬ଟି ଜିଲାର ୭ଟି ବ୍ଲକ ପାଇଁ ୩୩.୪୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ମଞ୍ଜୁର ହୋଇଥିବା ବ୍ଲକଗୁଡିକ ମଧ୍ୟରେ ନୟାଗଡ଼ ଜିଲାର ରଣପୁର, ଯାଜପୁରର ବରୀ, ମାଲକାନଗିରିର ଚିତ୍ରକୋଣ୍ଡା, ଅନୁଗୋଳର କିଶୋର ନଗର, ନବରଙ୍ଗପୁରର ନନ୍ଦାହାଣ୍ଡି ଓ ମୟୂରଭଞ୍ଜର କୁଳିଆଣା ଓ ଶୁକ୍ରୁଲି।

ରଣପୁର ୩୭ ପଞ୍ଚାୟତ ପାଇଁ ୮ କୋଟି ଟଙ୍କାରେ ୩୪୨ ପ୍ରକଳ୍ପ, ବରି ୨୯ ପଞ୍ଚାୟତ ପାଇଁ ୩ କୋଟିରେ ୧୬୫ ପ୍ରକଳ୍ପ, ମୋହନାର ୩୮ ପଞ୍ଚାୟତ ପାଇଁ ୭.୧୮ କୋଟିରେ ୨୩୯ଟି ପ୍ରକଳ୍ପ ମଞ୍ଜୁର କରାଯାଇଛି। ଚିତ୍ରକୋଣ୍ଡାର ୧୮ ପଞ୍ଚାୟତ ପାଇଁ ୪.୨୮ କୋଟିରେ ୧୯୬ ପ୍ରକଳ୍ପ, କିଶୋରନଗର ୨୩ ପଞ୍ଚାୟତ ପାଇଁ ୫ କୋଟିରେ ୧୮୬ ପ୍ରକଳ୍ପ, ନନ୍ଦାହାଣ୍ଡିର ୧୧ ପଞ୍ଚାୟତ ପାଇଁ ୨.୭୫ କୋଟିରେ ୧୪୯ ପ୍ରକଳ୍ପ ମଞ୍ଜୁର ହୋଇଛି। ସେହିପରି କୁଳିଆଣା ୧୭ ପଞ୍ଚାୟତ ପାଇଁ ୪.୦୯ କୋଟିରେ ୧୪୨ ପ୍ରକଳ୍ପ ଓ ଶୁକ୍ରୁଲି ବ୍ଲକର ୧୦ ପଞ୍ଚାୟତ ପାଇଁ ୨ କୋଟିରେ ୮୬ ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମଞ୍ଜୁର ହୋଇଛି। ଏଯାବତ୍ ରାଜ୍ୟର ୨୪୮ ବ୍ଲକର ୫୪୨୧ଟି ଗ୍ରାମପଞ୍ଚାୟତର ୫୦,୦୭୩ ପ୍ରକଳ୍ପ ପାଇଁ ୧୨୩୪.୩୪ କୋଟି ଟଙ୍କା ମଞ୍ଜୁର କରାଯାଇଛି।



ହାଇତିରେ ଦୁର୍ନୀତି ବିରୋଧୀ ଆନ୍ଦୋଳନରେ ୬ ଲୋକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ୫ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଆନ୍ଦୋଳନକାରୀ ରାଷ୍ଟ୍ରପତି ଜୋଭେନଲ୍ ଗୋଇସ୍‌ଙ୍କ ଇସ୍ତଫା ଦାବି କରୁଥିବାବେଳେ ସୁରକ୍ଷାବଳଙ୍କ ସହିତ ମୁହାଁମୁହିଁ ହୋଇଥିଲେ। ଭେନେଜୁଏଲାର ଏକ ତୈଳ ପରିଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ ନେଇ ଏହି ଆନ୍ଦୋଳନ ହେଉଥିବା କୁହାଯାଉଛି।



ବାତିଲ ହେଲା ବିୟର ବଟଲିଂ ପ୍ଲାଣ୍ଟ




■ ଜିଲା ମୁଖ୍ୟ ଚିକିତ୍ସାଳୟରେ ମହିଳା ରୋଗୀଙ୍କ ଜୀବନ ସହ ଖେଳ

# ବି' ବଦଳରେ ଦେଲେ ଓ' ପଜିଟିଭ୍ ରକ୍ତ

ନୟାଗଡ଼ ଅଫିସ,୧୯।୧୧

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ଜଣେ ମହିଳା ରୋଗୀଙ୍କ ଜୀବନ ସହ ଖେଳିଛନ୍ତି କର୍ମଚାରୀ। ତାଙ୍କୁ ବି' ପଜିଟିଭ୍ ବଦଳରେ ଦିଆଯାଇଛି ଓ' ପଜିଟିଭ୍ ରକ୍ତ। ରକ୍ତ ନେବା ପରେ ମହିଳା ଜଣକ ଅସୁସ୍ଥ ହୋଇପଡ଼ିଛନ୍ତି। ଏଭଳି ଘଟଣା ଜିଲା ମୁଖ୍ୟ ଚିକିତ୍ସାଳୟର ଅବ୍ୟବସ୍ଥାକୁ ପଦାରେ ପକାଇଛି।

ଘଟଣାରୁ ପ୍ରକାଶ ଯେ, ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତ ବଳଦିଆ ନୂଆଗାଁର ମଧୁସୂଦନ ବେହେରାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା (୩୫) କର୍କଟ ରୋଗରେ ପୀଡ଼ିତ ହୋଇଥିଲେ। କିଛିମାସ ହେଲା ସେ ଭୁବନେଶ୍ୱର ଏମ୍ସ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇ ରକ୍ତ ନେଉଥିଲେ। ଗରିବ ଶ୍ରେଣୀର ହୋଇଥିବାରୁ ଚିକିତ୍ସା ବାବଦରେ ଆଉ ଅଧିକ ଖର୍ଚ୍ଚ କରିବା ତାଙ୍କ ପକ୍ଷେ ସମ୍ଭବ ହୋଇ ନ ଥିଲା। ଏପରିସ୍ଥଳେ ଏମ୍‌ସର ଜଣେ ଡାକ୍ତର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଗଲେ ମାଗଣାରେ ରକ୍ତ ମିଳିବ ବୋଲି କହିଥିଲେ। ପରେ ଲକ୍ଷ୍ମୀପ୍ରିୟାଙ୍କ ଭାଇ ଅଜୟ କୁମାର ଦାସ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ଏ ବିଷୟରେ ବୁଝିଥିଲେ। ସୋମବାର ପୂର୍ବାହ୍ନ ୧୦ଟା ସମୟରେ ସେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦେଖି ରୋଗୀଙ୍କୁ ରକ୍ତ ଦେବାକୁ କହିଥିଲେ। ମେଡିକାଲ୍‌ରେ ତାଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରିବାରୁ ସେଥିରେ ଓ' ପିଜିଟିଭ୍ ବାହାରିଥିଲା। ପରେ ଜଣେ ଷ୍ଟାଫ୍‌ନର୍ସ ଲକ୍ଷ୍ମୀପ୍ରିୟାଙ୍କୁ ରକ୍ତ ଦେଇଥିଲେ। ରକ୍ତ ନେବା ପରେ ଲକ୍ଷ୍ମୀପ୍ରିୟାଙ୍କ ମୁଣ୍ଡ ବୁଲାଇଥିଲା। କିଛି ସମୟ ପାଇଁ ବାହାରକୁ ଯାଇଥିବା ଅଜୟ ଆସି ଦେଖନ୍ତି ତ ତାଙ୍କ ଭଉଣୀଙ୍କୁ ଓ' ପଜିଟିଭ ରକ୍ତ ଦିଆଯାଇଛି। ସେ ଏହାର ବିରୋଧ କରିବା ସହିତ ତାଙ୍କ ଭଉଣୀର ରକ୍ତ ଗ୍ରୁପ ବି' ପଜିଟିଭ୍ ବୋଲି କହିଥିଲେ। ଏମ୍‌ସରେ ନେଇଥିବା ବି' ପଜିଟିଭ ରକ୍ତର କାଗଜପତ୍ର ମଧ୍ୟ ଦେଖାଇଥିଲେ। ହେଲେ ଏହାକୁ ସମାଧାନ କରିବା ବଦଳରେ ଡାକ୍ତର ଓଲଟି ତାଙ୍କ ସହିତ ଯୁକ୍ତି କରିଥିବା ଅଜୟ ପ୍ରକାଶ କରିଛନ୍ତି। ଗଣମାଧ୍ୟମ ପ୍ରତିନିଧି ପହଞ୍ଚିବା ପରେ ମେଡ଼ିକାଲ୍ କର୍ତ୍ତୃପକ୍ଷ ଘଟଣାକୁ ଗୁରୁତର ସହ ନେଇଥିଲେ। ଏଡିଏମଓ ଡା. ଶ୍ୱେତ ମହାପାତ୍ର ଲକ୍ଷ୍ମୀପ୍ରିୟାଙ୍କୁ ଦେଖିବା ସହିତ ସେ ସୁସ୍ଥ ଥିବା ପ୍ରକାଶ କରିଛନ୍ତି। ତାଙ୍କ ପ୍ରତିକ୍ରିୟାରେ ମହାପାତ୍ର କହିଥିଲେ, ଓ' ପଜିଟିଭ୍ ୟୁନିଭର୍ସାଲ ରକ୍ତ ହୋଇଥିବାରୁ ଏହାକୁ ସମସ୍ତେ ଗ୍ରହଣ କରିପାରିବେ, ସେଥିରେ କୌଣସି ଅସୁବିଧା ହେବ ନାହିଁ। ତଥାପି ଏହି ଘଟଣା ପାଇଁ ଦାୟୀ ବ୍ଲଡ ବ୍ୟାଙ୍କ୍ ଟେକ୍ନିସିଆନ୍‌ଙ୍କ ବିରୋଧରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରକାଶ କରିଥିଲେ।

■ ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟ ଦୁଇଦିନିଆ କର୍ମଶାଳା

# କିଶୋରୀ କିଶୋରଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ




ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟମିଶନର ଦୁଇ ଦିନିଆ କର୍ମଶାଳାରେ ଉପସ୍ଥିତ ଅତିଥି।

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)

୧୦ରୁ ୧୯ ବର୍ଷ ବୟସ୍କ କିଶୋରୀକିଶୋରମାନଙ୍କ ସ୍ୱାସ୍ଥ୍ୟ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଗୁରୁତ୍ୱ ଦେଉଛି। ଏଥିପାଇଁ ଶ୍ରଦ୍ଧା କ୍ଲିନିକ୍, ସାପ୍ତାହିକ ଆଇରନ ଏବଂ ଫଲିକ୍ ଏସିଡ୍ ବଟିକା ବଣ୍ଟନ କରାଯାଉଛି। କିଶୋରୀଙ୍କ ମାସିକ ଋତୁଚକ୍ର ଜନିତ ସ୍ୱଚ୍ଛତା, କିଶୋରଙ୍କ ସ୍ୱାସ୍ଥ୍ୟ ଦିବସ ଏବଂ ସହଯୋଗୀ ଶିକ୍ଷାଦାନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ନିର୍ଦ୍ଦେଶିକା ଶାଳିନ ପଣ୍ଡିତ କହିଛନ୍ତି।

ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଉପରେ ସୋମବାରଠାରୁ ଦୁଇଦିନିଆ ଆଞ୍ଚଳିକ କର୍ମଶାଳା ଆରମ୍ଭ ହୋଇଛି। ଏଥିରେ ନିର୍ଦ୍ଦେଶିକା ପଣ୍ଡିତ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଛନ୍ତି। କର୍ମଶାଳାରେ ସୁସ୍ଥ କୈଶୋର ସୁସ୍ଥ ଭବିଷ୍ୟତ ସମ୍ପର୍କରେ ପଣ୍ଡିତ କହିଲେ, ୨୦୧୧ ଜନଗଣନା ଅନୁଯାୟୀ ଦେଶର ଜନସଂଖ୍ୟାର ୨୦.୯ ପ୍ରତିଶତ ୧୦ରୁ ୧୯ବର୍ଷ ବୟସର କିଶୋର ଅଛନ୍ତି। ଓଡ଼ିଶାର ମୋଟ ଜନସଂଖ୍ୟାର ୨୦ ପ୍ରତିଶତ ଅର୍ଥାତ୍ ୮୨.୭୪ ଲକ୍ଷ କିଶୋର ରହିଛନ୍ତି। ୨୦୧୫-୧୬ ବର୍ଷରୁ ରାଜ୍ୟରେ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି। ଏଥିରେ ସେମାନଙ୍କୁ ପୁଷ୍ଟି, ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଏବଂ ନିରାକରଣ ସହିତ କୈଶୋର ଅବସ୍ଥାରେ ବିଭିନ୍ନ ଆଘାତ ଓ ନିରାକରଣ, ଅଣସଂକ୍ରମିତ ରୋଗରୁ ରକ୍ଷା ପାଇବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ପଣ୍ଡିତ କହିଛନ୍ତି।

ଗୋଷ୍ଠୀ କ୍ଷେତ୍ରରେ କିଶୋର ସ୍ୱାସ୍ଥ୍ୟ ଦିବସ ପାଳନ, ଋତୁସ୍ରାବଜନିତ ପରିଷ୍କାର ପରିଚ୍ଛନ୍ନତା, ସାପ୍ତାହିକ ଆଇରନ ଏବଂ ଫଲିକ୍ ଏସିଡ ବ୍ୟବହାର ସହିତ ସାଙ୍ଗସାଥୀ ବା କୌତୂହଳବଶତଃ ମାଦକ ଦ୍ରବ୍ୟ ବ୍ୟବହାରରୁ ଦୂରେଇ ରହିବା ଉପରେ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେଇଛି। କିଶୋରମାନଙ୍କ ଅବସ୍ଥାକୁ ଦୃଷ୍ଟିରେ ରଖି ଏସବୁ ପାଇଁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ କିଶୋର ସ୍ୱାସ୍ଥ୍ୟ ସମ୍ପର୍କରେ ପରାମର୍ଶ ଦେବା ପାଇଁ ଶ୍ରଦ୍ଧା କ୍ଲିନିକ୍ କାର୍ଯ୍ୟ କରୁଛି। ରାଜ୍ୟରେ ୨୩୦ ଶ୍ରଦ୍ଧା କ୍ଲିନିକ୍ ଏବଂ ୧୦୪ ସମ୍ବଳିତ ହେଲ୍‌ପ ଲାଇନ୍ କାର୍ଯ୍ୟକ୍ଷମ ଥିବା ପଣ୍ଡିତ କହିଛନ୍ତି।

ସମ୍ମାନିତ ଅତିଥି ଭାବେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ କିଶୋର ସ୍ୱାସ୍ଥ୍ୟ ଡିଭିଜନ ସହକାରୀ କମିଶନର ଡ. ଜାୟା ଅଲ୍ଲି ରିଜଭି ଯୋଗଦେଇ ଦେଶର କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଗୁରୁତ୍ୱ ଓ କାର୍ଯ୍ୟକାରିତା ସମ୍ପର୍କରେ କହିଥିଲେ। ଏହି କର୍ମଶାଳାରେ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଓଡ଼ିଶାର କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପଦାଧିକାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଡ. ବି.କେ ବ୍ରହ୍ମା ଏବଂ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡ. ଲିଙ୍ଗରାଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଉପକୂଳରେ କୁହୁଡ଼ି ସମ୍ଭାବନା

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

ଉପକୂଳ ଜିଲାରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ମଙ୍ଗଳବାର ପାହାନ୍ତାରୁ କେତେକ ସ୍ଥାନରେ କୁହୁଡ଼ି ଦେଖାଦେବ। ଏହା ସକାଳ ୯ଟା ଯାଏ ରହିବ। ଏଥିସହିତ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ଶୁଖିଲା ରହିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ରାଜ୍ୟରେ ହାଲକା ଶୀତ ଜାରି ରହିଛି। ଦାରିଙ୍ଗବାଡ଼ିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୨.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୨.୮, ଅନୁଗୋଳ ୧୬, ଝାରସୁଗୁଡ଼ା ୧୭.୫, କେନ୍ଦୁଝର ୧୭, ସୁନ୍ଦରଗଡ଼ ୧୬, ହୀରାକୁଦ ୧୭.୮, ତାଳଚେର ୧୮, କୋରାପୁଟ ୧୬.୬ ଏବଂ ସୋନପୁରରେ ୧୬.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।




■ ଆସିଲା ମହାବଳ ବ୍ୟବଚ୍ଛେଦ ରିପୋର୍ଟ

# ପାକସ୍ଥଳୀରେ ଥିଲା ଝିଙ୍କ କାଠି



■ ଫାଇନାଲ ରିପୋର୍ଟ ପରେ ଜଣାପଡ଼ିବ ମୃତ୍ୟୁ କାରଣ

■ ବାଘୁଣୀ ସୁନ୍ଦରୀ ସୁସ୍ଥ ନେଇ ଜାରି ହେଲା ଭିଡିଓ

ବନ୍ତଲା, ୧୯।୧୧ (ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ବାଘ ବଂଶ ବୃଦ୍ଧି ପାଇଁ ମଧ୍ୟପ୍ରଦେଶର କାହ୍ନାରୁ ଅଣାଯାଇଥିବା ମହାବଳ ମହାବୀରର ଗତ ୧୪ ତାରିଖରେ ମୃତ୍ୟୁ ଘଟିଥିଲା। ବେକରେ ହୋଇଥିବା ଘା' ସଂକ୍ରମଣ ଯୋଗୁ ମହାବଳର ମୃତ୍ୟୁ ହୋଇଥିବା ପ୍ରାଥମିକ ଭାବେ କୁହାଯାଇଥିଲା। ତେବେ ସୋମବାର ବିଭାଗୀୟ କର୍ତ୍ତୃପକ୍ଷ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ସମ୍ପର୍କରେ ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ବେଳେ ମହାବୀର ପାକସ୍ଥଳୀରୁ ୮ରୁ ୧୦ଟି ଝିଙ୍କ କାଠି ମିଳିଥିବା ବେଳେ ମଳରେ ବାର୍‌ହା ଲୋମ ବାହାରିଥିଲା। ତେବେ ମୃତ୍ୟୁର ପ୍ରକୃତ କାରଣ ଓ କିପରି କ୍ଷତ ହୋଇଥିଲା ସେ ନେଇ ଫାଇନାଲ ରିପୋର୍ଟ ମିଳିବା ପରେ ଜଣାପଡ଼ିବ ବୋଲି ଅତିରିକ୍ତ ପ୍ରଧାନମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ.ସୁଦର୍ଶନ ପଣ୍ଡା ସୂଚନା ଦେଇଛନ୍ତି।

ଡ. ପଣ୍ଡା କହିଛନ୍ତି ଯେ, ବ୍ୟବଚ୍ଛେଦ କରିଥିବା ୪ ଜଣ ପ୍ରାଣୀ ଡାକ୍ତରଙ୍କ ରିପୋର୍ଟ ଅନୁଯାୟୀ କ୍ଷତ ସଂକ୍ରମଣ ଓ ଭିନ୍ନ ଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଅକାମୀ ହେବାରୁ ମହାବଳ ମହାବୀରର ମୃତ୍ୟୁ ଘଟିଛି। ତେବେ ମୃତ ମହାବଳର ଟିସୁ ଓ ଅର୍ଗାନ୍ ସାମ୍ପୁଲ ବିଭିନ୍ନ ଲାବୋରେଟୋରିକୁ ପଠାଯାଇଛି। ସେଠାରୁ ଫାଇନାଲ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଓ କ୍ଷତ କିପରି ହେଲା ସେ ସମ୍ପର୍କରେ ଜଣାପଡ଼ିବ। ଅନ୍ୟପକ୍ଷରେ ବାଘୁଣୀ ସୁନ୍ଦରୀ ରାଇଗୁଡ଼ା ଏନ୍‌କ୍ଲୋଜର ମଧ୍ୟରେ ସୁସ୍ଥ ଅଛି। କିନ୍ତୁ ବାଘୁଣୀ ଅସୁସ୍ଥ ଥିବା ସମ୍ପର୍କରେ ଗୁଜବ ସୃଷ୍ଟି ହେବା ସହିତ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ଏପରି ନ କରିବାକୁ ଡ. ପଣ୍ଡା ଅନୁରୋଧ କରିଥିଲେ। ଏଥିସହିତ ବାଘୁଣୀର ଭିଡିଓ ଓ ଫଟୋ ଜାରି କରିଥିଲେ।





ଯୁବତୀଙ୍କ ଦ୍ୱାରା ବ୍ୟବହୃତ ସାନିଟାରୀ ନାପକିନ୍ସ ଓ ଟ୍ୟାମ୍ପୁନ୍ସରୁ ପ୍ରସ୍ତୁତ ହେଉଛି ଡ୍ରଗ୍ସ। କଥାଟା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଇଣ୍ଡୋନେସିଆରେ ଏହିଭଳି ଭାବରେ ଡ୍ରଗ୍ସ ପ୍ରସ୍ତୁତ ହୋଇ ମାର୍କେଟକୁ ଛଡାଯାଉଛି। ଇଣ୍ଡୋନେସିଆ ନାସ୍‌ନାଲ୍ ଡ୍ରଗ୍ସ ଏଜେନ୍ସି ମୁତାବକ, ସାନିଟାରୀ ପ୍ୟାଡ୍‌ରୁ ପ୍ରସ୍ତୁତ ଡ୍ରଗ୍ସ ପିଇଲେ ପ୍ରଚୁର ନିଶା ଧରିଥାଏ। ଏଥିପାଇଁ ଏହି ଡ୍ରଗ୍ସ ଚାହିଦା ବଢୁଛି। ଗତ ସପ୍ତାହରେ ଦେଶର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଏଭଳି ଡ୍ରଗ୍ସ କାରଖାନାକୁ ଠାବ କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଗିରଫ ମଧ୍ୟ କରାଯାଇଛି।




## ସଂକ୍ଷେପରେ

### ଦରମା ପାଇବାରେ ବିଳମ୍ବ
## ଅତିରିକ୍ତ ଡ୍ୟୁଟି କରିବେନି ଜେଟ୍ ପାଇଲଟ

**ମୁମ୍ବାଇ,୧୯।୧୧:** ଆସନ୍ତା ୩୦ ତାରିଖ ସୁଦ୍ଧା ଦରମା ପ୍ରଦାନ କରା ନ ଗଲେ ଜେଟ୍ ଏୟାରୱେଜର ପାଇଲଟମାନେ ଆସନ୍ତା ମାସରୁ ଅତିରିକ୍ତ ଡ୍ୟୁଟି କରିବେ ନାହିଁ ବୋଲି କମ୍ପାନୀକୁ ସ୍ପଷ୍ଟ ଭାବେ ଜଣାଇ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ମାମଲାରେ ଆଜି ପର୍ଯ୍ୟନ୍ତ ନରମ ମନୋଭାବ ପୋଷଣ କରି ଆସୁଥିବା ନ୍ୟାଶନାଲ ଏଭିଏଟର୍ସ ଗିଲ୍ଡ(ନାଗ୍) ମଙ୍ଗଳବାର ବୈଠକରେ ବସି ଜେଟ୍ ଏୟାରୱେଜ ପାଇଲଟଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବ ବୋଲି ଜଣାପଡିଛି। ସୂଚନାଥାଉ କି, ଗତ ତିନୋଟି ତ୍ରୈମାସରେ ନରେଶ ଗୋଏଲଙ୍କ ମାଲିକାନାରେ ଥିବା ଜେଟ୍ ଏୟାରୱେଜ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛି। ସୂଚନାଥାଉ କି, ୧୬୦୦ ପାଇଲଟ, ବରିଷ୍ଠ ଅଧିକାରୀ ଏବଂ ଇଞ୍ଜିନିୟରଙ୍କୁ ଜେଟ୍ ଏୟାରୱେଜ ସେପ୍ଟେମ୍ବର ମାସର ଅର୍ଦ୍ଧେକ ଓ ଅକ୍ଟୋବର ମାସର ପୂରା ଦରମା ଦେଇଛି। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିନୟ ଦୁବେ କହିଛନ୍ତି ଯେ, ପ୍ରାୟ ୧୫% କର୍ମଚାରୀଙ୍କୁ ଦରମା ମିଳିନି। ସେମାନେ ଏହାକୁ ନେଇ ଅସନ୍ତୁଷ୍ଟ ଥିବେ ଏହା ସେ ଜାଣିଛନ୍ତି। ପାଇଲଟଙ୍କ ଅଭାବରେ ଏବେ ସେମାନେ ମାସରେ ପ୍ରାୟ ହାରାହାରି ୭୫ରୁ ୮୦ ଘଣ୍ଟା ବିମାନ ଚଳାଉଛନ୍ତି। ଏପରି କି ବେଳେ ବେଳେ ୯୦ ଘଣ୍ଟା ପର୍ଯ୍ୟନ୍ତ କାମ କରିବାକୁ ପଡୁଛି।

## ଏଟିଏମ୍ ଲୁଟ୍ ଉଦ୍ୟମ, ୩ ଗିରଫ

**ବରଗଡ଼ ଅଫିସ୍,୧୯।୧୧:** ବରଗଡ଼ ସହରର ଭଟଲି ଛକ ନିକଟରେ ଥିବା ଏକ ଏଟିଏମରୁ ଲୁଟ୍ ଉଦ୍ୟମ ବ୍ୟର୍ଥ ହୋଇଛି। ସ୍ଥାନୀୟ ଟାଉନ ଥାନା ପୋଲିସ ଏଥିରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୭ ବିଶିପଡ଼ାର ଘନଶ୍ୟାମ ବିଭାର(୨୯), ଟୋଲଗେଟ୍ ପଡ଼ାର ଅଜୟ ମୁଗୁରୀ(୨୭) ଏବଂ ଭେଡ଼େନ ଥାନା ଅମଲିପାଲିର କ୍ଷମାନିଧି କ୍ଷେତି(୪୪)। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ସ୍ଥାନୀୟ ସବ୍‌ଜେଲକୁ ପଠାଇ ଦିଆଯାଇଛି।

### ହକି ବିଶ୍ୱକପ୍: କମିଶନରେଟ୍ ପୋଲିସର ପ୍ରସ୍ତୁତି
# ଖେଳାଳିଙ୍କ ପାଇଁ ୪ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା

**ଭୁବନେଶ୍ୱର,୧୯।୧୧ (ବ୍ୟୁରୋ)**

- ଷ୍ଟାଡିୟମକୁ ଦର୍ଶକ ନେଇପାରିବେନି ବୋତଲ, ପ୍ଲାଷ୍ଟିକ୍ ସାମଗ୍ରୀ
- ସହରକୁ ଭାରିଯାନ ପ୍ରବେଶ ଉପରେ କଟକଣା
- ନିର୍ଦ୍ଧାରିତ ପାର୍କିଂ ସ୍ଥଳରେ ରହିବ ଗାଡ଼ି

ଆସନ୍ତା ୨୭ ତାରିଖରେ ପୁରୁଷ ହକି ବିଶ୍ୱକପ୍‌ର ଉଦ୍‌ଘାଟନ ଉତ୍ସବ। ଆଉ ୮ ଦିନ ବାକି ରହିଥିବାବେଳେ ଇତିମଧ୍ୟରେ ଭୁବନେଶ୍ୱରକୁ ଅତିଥି ଓ ଖେଳାଳିଙ୍କ ଆଗମନ ଆରମ୍ଭ ହୋଇଛି। ତେବେ ସହରରେ ଶୃଙ୍ଖଳା ରକ୍ଷା ସହ ଦୃଢ଼ ସୁରକ୍ଷା ବ୍ୟବସ୍ଥା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଖେଳାଳି, ଅତିଥି ଓ ଦର୍ଶକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛି କମିଶନରେଟ୍ ପୋଲିସ। ଏଥିପାଇଁ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି, ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ କରି ୪ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଛନ୍ତି।

ପ୍ରଥମ ହେଉଛି ଖେଳାଳିଙ୍କ ସୁରକ୍ଷା। ଖେଳାଳିମାନେ ରହୁଥିବା ହୋଟେଲ ସମେତ ଷ୍ଟାଡିୟମ ଓ ଅନ୍ୟ ଯେକୌଣସି ସ୍ଥାନକୁ ଯିବା ଆସିବା ସମୟରେ ସେମାନଙ୍କୁ କିପରି ଆବଶ୍ୟକ ସୁରକ୍ଷା ପ୍ରଦାନ କରାଯିବ ତାହାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଦ୍ୱିତୀୟରେ ଉଦ୍‌ଘାଟନୀ ଉତ୍ସବ ଓ ମ୍ୟାଚ୍ ସମୟରେ ଦର୍ଶକଙ୍କ ସୁରକ୍ଷା। ସେମାନେ ଷ୍ଟାଡିୟମ ଭିତରକୁ ପଶିବା ଠାରୁ ଆରମ୍ଭ କରି ଖେଳ ସରିବା ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମଧ୍ୟ ଷ୍ଟାଡିୟମ ଭିତରେ ଓ ବାହାରେ ସୁରକ୍ଷା ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ତୃତୀୟରେ ମୋବିଲିଟି ପ୍ଲାନ୍ (ଟ୍ରାଫିକ ବ୍ୟବସ୍ଥା)ରେ କେତେକ କଟକଣା ଲାଗୁ କରାଯାଇଛି। ଖେଳ ଚାଲୁଥିବା ସମୟରେ କୌଣସି ଭାରିଯାନ ସହର ଭିତରକୁ ପଶି ପାରିବ ନାହିଁ। କମିଶନରେଟ ପୋଲିସ ପକ୍ଷରୁ ନିର୍ଦ୍ଧାରିତ ପାର୍କିଂ ସ୍ଥାନରେ କାର୍, ବାଇକ୍ ଓ ଅନ୍ୟ ଗାଡ଼ି ରହିବ। ସହରର ଉତ୍ତର ଦିଗରୁ ଆସୁଥିବା ଗାଡ଼ି ଜନତା ମଇଦାନରେ ପାର୍କିଂ କରାଯିବ। ସେଠାରୁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା ଥିବା ସିଟି ବସ୍‌ରେ ଷ୍ଟାଡିୟମ ନିକଟକୁ ଯିବାଆସିବା କରିବେ। ଦକ୍ଷିଣ ପଟୁ ଆସୁଥିବା ଗାଡ଼ିଗୁଡିକ ବେହେରା ସାହି କିମ୍ବା ପୁରୁଣା ଏଜି କଲୋନୀ ପାର୍କିଂ ସ୍ଥଳରେ ରହିବ। ଖଣ୍ଡଗିରି ଆଡୁ ଆସୁଥିବା ଦର୍ଶକ ଯାନଗୁଡିକୁ ନୟାପଲ୍ଲୀ ରାବଣପୋଡ଼ି ପଡିଆ, ଦୁର୍ଗାପୂଜା ପଡ଼ିଆ ଓ ନାବାର୍ଡ ଗ୍ରାଉଣ୍ଡରେ ପାର୍କିଂ କରି ଚାଲି ଚାଲି ଷ୍ଟାଡିୟମକୁ ଆସିବେ।

ଚତୁର୍ଥରେ ରହିଛି ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା। ଏଥିପାଇଁ ସହରରେ ପ୍ରାୟ ୭୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବା ସହ ୨ଶହ ଅଫିସର ଓ ୫୦ ଜଣ ଡିଏସ୍‌ପି ଓ ଏସ୍‌ପି ର୍‍ୟାଙ୍କ୍‌ର ଅଫିସର ଦାୟିତ୍ୱରେ ରହିବେ। ସେହିପରି ପିସିଆର୍ ଭ୍ୟାନ୍ ସଂଖ୍ୟାକୁ ମଧ୍ୟ ବଢାଇ ଦିଆଯିବ। ଏବେ ୩୩ଟି ପିସିଆର ଭ୍ୟାନ୍ ରହିଥିବାବେଳେ ଆଉ ନୂଆ ୧୭ଟିକୁ ମିଶାଇ ମୋଟ ୫୦ଟି ପିସିଆର ପଇଁତରା ମାରିବ। କୌଣସି ସ୍ଥାନରେ କିଛି ବିଶୃଙ୍ଖଳା ଘଟିଲେ ତୁରନ୍ତ ପଦକ୍ଷେପ ନିଆଯିବ। ଏଥିସହ ସହରର ୧୬ଟି ସ୍ଥାନରେ 'ମେ ଆଇ ହେଲ୍ପ୍ୟୁ' ରହିବ। ଏଥିରେ କ୍ରୀଡ଼ା ବିଭାଗ ଓ କମିଶନରରେଟ ପୋଲିସର କର୍ମଚାରୀମାନେ ଉପସ୍ଥିତ ରହି ଦର୍ଶକ ଓ ଖେଳାଳିଙ୍କୁ ସହଯୋଗ ଯୋଗାଇ ଦେବେ। ସମସ୍ତଙ୍କ ମଧ୍ୟରେ କିପରି ସମନ୍ୱୟ ରହିବ ସେଥିପାଇଁ ଜଣେ ବରିଷ୍ଠ ପୋଲିସ ଅଧିକାରୀ ତଦାରଖ ଦାୟିତ୍ୱରେ ରହିବେ। ସବୁଠାରୁ ବଡ଼ କଥା ହେଲା ବାହାରୁ ଷ୍ଟାଡିୟମ ଭିତରକୁ ପାଣି ବଟଲ କିମ୍ବା ପ୍ଲାଷ୍ଟିକ୍ ସାମଗ୍ରୀ ନେଇ ଯାଇପାରିବେ ନାହିଁ। ଏଥିପାଇଁ ଷ୍ଟାଡିୟମ ଭିତରେ ପିଇବା ପାଣିର ବ୍ୟବସ୍ଥା କରାଯାଇଥିବା କମିଶନର ମହାନ୍ତି ସୂଚନା ଦେଇଛନ୍ତି।

### ବାଇକ୍‌ରେ ମିଲ୍‌କୁ ଧାନ ଯିବା ଘଟଣା
# ୮ ସରକାରୀ କର୍ମଚାରୀ ନିଲମ୍ବିତ

**ବରଗଡ଼ ଅଫିସ୍,୧୯।୧୧**

ସୂଚନା ଅଧିକାର ଆଇନ ବଳରେ ଧରାପଡ଼ିଥିବା ଧାନ କିଣାବିକା ଅନିୟମିତତା ଘଟଣାରେ ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ସୋମବାର ୮ଜଣ ସରକାରୀ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ନିଲମ୍ବିତ କର୍ମଚାରୀଙ୍କ ମଧ୍ୟରେ ୪ଜଣ ୟାର୍ଡ଼ ଇନଚାର୍ଜ ଏବଂ ୪ଜଣ ପ୍ୟାକ୍ସର ସମ୍ପାଦକ ରହିଛନ୍ତି। ସେମାନେ ହେଲେ ବରଗଡ଼ ଆରଏମସି ଅଧୀନ କୁମ୍ଭାରୀ(ବରମକେଲା)ର ୟାର୍ଡ଼ ଇନଚାର୍ଜ ଟଙ୍କଧର ମେହେର, ଅଡ଼ଗାଁ ୟାର୍ଡ଼ ଇନଚାର୍ଜ ରବି ନାରାୟଣ ବାରିକ, ଗୋବିନ୍ଦପୁର ୟାର୍ଡ଼ ଇନଚାର୍ଜ ଗୋକୁଳା ଆଚାର୍ଯ୍ୟ ଏବଂ ସରସରା ୟାର୍ଡ଼ ଇନଚାର୍ଜ ଶଙ୍କର ପ୍ରଧାନ। ସେହିପରି କୁମ୍ଭାରୀ ପ୍ୟାକ୍ସର ସମ୍ପାଦକ ଗୌରଚନ୍ଦ୍ର ବୁଧିଆ, ଅଡ଼ଗାଁ ପ୍ୟାକ୍ସ ସମ୍ପାଦକ ରାଜକୁମାର ପ୍ରଧାନ, ଗୋବିନ୍ଦପୁର ପ୍ୟାକ୍ସ ସମ୍ପାଦକ ଆନନ୍ଦ ଚନ୍ଦ୍ର ରଥ ଏବଂ ସରସରା ପ୍ୟାକ୍ସ ସମ୍ପାଦକ ଟଙ୍କଧର ସାହୁଙ୍କୁ ମଧ୍ୟ ଏହି ଘଟଣାରେ ନିଲମ୍ବିତ କରାଯାଇଛି।

ସୂଚନାଯୋଗ୍ୟ, ଗତ ରବିରବୁ ଧାନ ସଂଗ୍ରହ ପ୍ରକ୍ରିୟାରେ ଉପରୋକ୍ତ ୟାର୍ଡ଼ ଗୁଡ଼ିକରେ ପ୍ୟାକ୍ସ ଧାନ କିଣିଥିବାବେଳେ ଅଫିସ୍ କାଗଜାତ୍‌ରେ ବାଇକ୍‌ର ରେଜିଷ୍ଟ୍ରେଶନ ନମ୍ବର ଦର୍ଶାଇ ସେହି ନମ୍ବର ଗାଡ଼ିରେ ମଣ୍ଡିରୁ ମିଲକୁ ଧାନ ପରିବହନ କରାଯାଇଛି ବୋଲି ସୂଚନା ଅଧିକାର ଆଇନ ବଳରେ ଜଣାପଡ଼ିଥିଲା। ଏ ନେଇ ଫର୍ ସଂସ୍ଥା ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଗତ ୧୬ତାରିଖରେ ଫେରାଦ ହୋଇ ତଦନ୍ତ ଦାବି କରିଥିବାବେଳେ ଉକ୍ତ ପ୍ରସଙ୍ଗକୁ ନେଇ ବିରୋଧୀ କଂଗ୍ରେସ ବିଧାୟକମାନେ ବିଧାନସଭାରେ ମଧ୍ୟ ହଇଗୋଳ କରିଥିଲେ। ଘଟଣାକୁ ଗୁରୁତ୍ୱର ସହିତ ନେଇ ଜିଲାପାଳ ୩ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦେବା ପାଇଁ ଶନିବାର ବରଗଡ଼ ଅତିରିକ୍ତ ଜିଲାପାଳ ତପିରାମ ମାଝି ଏବଂ ଏଆରସିଏସ୍ ଦିବାକର ଭୋଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତର ପ୍ରାଥମିକ ପର୍ଯ୍ୟାୟରେ ଅଭିଯୋଗ ନେଇ କିଛି ପ୍ରାମାଣିକ ତଥ୍ୟ ମିଳିବା ପରେ ଅତିରିକ୍ତ ଜିଲାପାଳ ମାଝି ଉପରୋକ୍ତ ୟାର୍ଡ଼ ଇନଚାର୍ଜ ଏବଂ ଏଆରସିଏସ୍ ଭୋଇ ସମ୍ପୃକ୍ତ ପ୍ୟାକ୍ସ ସମ୍ପାଦକମାନଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି।

# 'ବସ୍ତିବାସିନ୍ଦାଙ୍କ ଆତ୍ମସମ୍ମାନକୁ ପ୍ରାଥମିକତା'



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବସ୍ତିବାସିନ୍ଦାଙ୍କ ପାଇଁ ପ୍ରସ୍ତୁତ ହେଉଥିବା ମାଷ୍ଟର ପ୍ଲାନ୍‌କୁ ଦେଖୁଛନ୍ତି।

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ)**

- ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଏନ୍‌ଏଫ୍‌ଏଫ୍ ପ୍ରତିନିଧି ଦଳ
- ବସ୍ତିବାସିନ୍ଦାଙ୍କ ପାଇଁ ମାଷ୍ଟରପ୍ଲାନ
- ସହଯୋଗ କରିବ ନଗର ଉନ୍ନୟନ ବିଭାଗ, ଟାଟା ଟ୍ରଷ୍ଟ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନର୍ମାନ ଫୋଷ୍ଟର ଫାଉଣ୍ଡେଶନ୍(ଏନ୍‌ଏଫ୍‌ଏଫ୍)ର ଏକ ପ୍ରତିନିଧି ଦଳକୁ ସଚିବାଳୟରେ ସୋମବାର ଭେଟିଛନ୍ତି। ବସ୍ତିବାସିନ୍ଦାଙ୍କୁ ଆତ୍ମସମ୍ମାନର ବଞ୍ଚିବାକୁ ଦେବା ସହ ସେମାନଙ୍କ ସାମାଜିକ ସୁରକ୍ଷା ନେଇ ଫାଉଣ୍ଡେଶନ୍ ଏବଂ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହୋଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ଏବଂ ଟାଟା ଟ୍ରଷ୍ଟ ସହ ମିଳିତ ଭାବେ ଏଥିପାଇଁ ଏନ୍‌ଏଫ୍‌ଏଫ୍ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବେ। ଓଡ଼ିଶା ଲିଭାବଲ ହାବିଟାଟ୍ ମିଶନ୍ ଯୋଜନା ଦ୍ୱାରା ଏହି ପ୍ଲାନ ପ୍ରସ୍ତୁତ କରାଯାଉଛି। ଗତ ମେ ମାସରେ ପ୍ରସିଦ୍ଧ ସ୍ଥପତି ଲର୍ଡ ନର୍ମାନ ଫୋଷ୍ଟର ଏବଂ ଶିଳ୍ପପତି ରତନ ଟାଟା ଜାଗା ମିଶନ କାର୍ଯ୍ୟକ୍ରମରେ ଭାଗ ନେବା ସମୟରେ ଏନେଇ ପ୍ରାରମ୍ଭିକ ଆଲୋଚନା ହୋଇଥିଲା। ଓଡ଼ିଶାର ବସ୍ତିବାସିନ୍ଦାଙ୍କ ଜୀବନକୁ ସରସ ସୁନ୍ଦର କରିବା ନେଇ ପଦକ୍ଷେପ ନେବା ପାଇଁ ସହଯୋଗ କରୁଥିବାରୁ ମୁଖ୍ୟମନ୍ତ୍ରୀ ଫାଉଣ୍ଡେଶନକୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ, ଏହି ଯୋଜନା ଅନ୍ୟମାନଙ୍କ ପାଇଁ ଉଦାହରଣ ହେବ। ଏହି ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ବସ୍ତିବାସିନ୍ଦାମାନେ ଆତ୍ମସମ୍ମାନ ପାଇବା ସହ ଜବରଦଖଲ ଉଚ୍ଛେଦ ଭଳି ସମସ୍ୟାରୁ ମୁକ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ନିକଟରେ ରାଜ୍ୟ ସରକାର ପୁରୀରେ ଆୟୋଜିତ ଏକ କାର୍ଯ୍ୟକ୍ରମ ଜରିଆରେ ୧୦,୦୦୦ରୁ ଅଧିକ ବସ୍ତିବାସିନ୍ଦାଙ୍କୁ ଜମି ପଟ୍ଟା ପ୍ରଦାନ କରିଛନ୍ତି। ଏହାଛଡା ସେମାନଙ୍କୁ ଘର ସୁବିଧା ଯୋଗାଇ ଦେବାର ମଧ୍ୟ ବ୍ୟବସ୍ଥା କରାଯିବ। ଜାଗା ମିଶନ ଦ୍ୱାରା ଉପକୃତ ହୋଇଥିବା ବସ୍ତିବାସିନ୍ଦାଙ୍କୁ ପାଇପ ଯୋଗେ ପାନୀୟ ଜଳ, ଶୌଚାଳୟ, ସଡକ, ଡ୍ରେନ୍, ଷ୍ଟ୍ରିଟ୍ ଲାଇଟ୍ ଏବଂ ଗୋଷ୍ଠୀଗତ ସୁବିଧା ପ୍ରଦାନ କରାଯିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏନ୍‌ଏଫ୍‌ଏଫ୍‌ର ନିର୍ଦ୍ଦେଶକ ହର୍ନାନ କ୍ରାଭିଏଜ୍ କହିଛନ୍ତି ଯେ, ସବୁଜିମା ସୃଷ୍ଟି କରିବା ପାଇଁ ୩ଟି ସ୍ଥାନ ଅନୁଧ୍ୟାନ କରାଯାଇଛି। ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଇ ବସ୍ତିଗୁଡିକରେ ଉତ୍ତମ ଚଳିବା ପରିବେଶ ସୃଷ୍ଟି କରାଯିବ। ଏଥିପାଇଁ ଓଡ଼ିଶା ସରକାର ଏବଂ ଟାଟା ଟ୍ରଷ୍ଟ ସହଯୋଗ କରିବ ବୋଲି ହର୍ନାନ କହିଛନ୍ତି।




For Franchisee enquiries, please contact Milon Mohapatra, Mob: 70777 21612 • For Trade enquiries, Call +91 70777 21602 • For Clean Home products trade enquiries, Call +91 90739 09475

Prestige Xclusive

**BHUBANESWAR: Bapujinagar:** Post Office Lane, Ph: 0674 -2597141, Mob : 9937138998 • **Pani Tanki Lane**, Ph: 0674 2597685. **10 Janpath:** Ph: 0674 2573408, 8280056821; **IRC Village:** I.D. Market, Mob: 9861404879; **Raghunathpur:** Nandankanan Road, Ph-8280056821. **PURI**: Behind Gundicha Temple, Ph-7978547991. **CUTTACK**: **Dolmundai:** Haripur Road, Ph: 0671 2411580; Mob: 8018706736; **CDA:** Markat Nagar, Ph: 0671-2366774, Mob: 8280079702. **KENDRAPARA**: Kakat Chhak, Ph: 06727 221241; Mob: 9040562233. **JAGATSINGHAPUR:** Central Market, 06724221090/ 06724221080. **DHENKANAL:** I.G. Super Market; Mob: 9090305696; **SAMBALPUR, Golbazaar:** Mob: 9338194750; **BOLANGIR**: A.B.S.S. Road, Ph: 06652 232419; Mob: 9437331171, 9437241863. **BARGARH:** NH-6, Main Road, Ph-9937171761/ 9556446300, 06646230124 **BERHAMPUR, One Way Traffic Road**: Mob: 9437358402; **JEYPORE:** Main Road, Ph: 06854 231221, Mob: 7008402905. **RAYAGADA:** Main Road, Ph-9439239394/ 8249517365. **SUNDARGARH:** Private Bus Stand, Mob: 9438076828, 9438575757, **ROURKELA:** Apna Kitchen- 9777457774;

*PRESTIGE PRIORITY RETAILER :-* **BHUBANESWAR:** Reeta, Ph: 0674-2597111, Utkal Light House, Ph: 9937019272; **CUTTACK** : Union Sales Emporium, Ph:2307878. *AUTHORISED DISTRIBUTORS:-* **BHUBANESWAR:** Manorama Trading Co., Ph No.9437279239; Rath Distributors, Ph.No.9338547101 (For Chimney & Cleaning Solutions); **JATINI:** Kanha Agencies, Ph. No.9437090516; **CUTTACK:** Mahavir Enterprise, Chauliganga, Ph. No.9937092599; **TALCHER:** Sidharth Enterprises, Hatatota, Ph. No.9437003384; **ROURKELA:** Shah Distributor, Ph-0661-2506904, 9438712456; **SAMBALPUR:** Gayatri Traders, Ph-9937074072,9437925273; **BALASORE:** Satyabhama Sales, Ph. No.7008096876); **BHADRAK:** Akhandalamani Enterprise, Ph No.9437436221,9437960230; **MAYURBHANJ:** Cooling Point Ph No.9437161333; **KEONJHAR:** Hridhaan Enterprises , Ph. No.9777642632; Ganjam & Phulbani – Sri Sitaram Enterprises, Ph. No.9437216521; **BALANGIR & KALAHANDI-** Ably Info Solutions Ph No. 9437025475. *AUTHORISED DEALERS :-* **BHUBANESWAR:** Royal Care, Ph 9937057177. Anu Agency, Ph 9437034488. Swosti Agency ,Ph. 9439433333. Spectra Vision, Ph.-9937722277.Crockery Plaza, Ph. 0674-2534631. Maa Santoshi Agency, Ph. 9778289266. Kitchen Gallery, Ph-9437185026. Gharsansar ,Ph 9437040438. Shreeji ,Ph. 9861085294. Kitchen King, Ph 9938475829. SB Enterprises, Ph 9861155551; Shree Balaji Distributors, Ph 7008715226; Shri Jaganath Enterprises, Ph.9861150572. Baba Enterprises-99178550816. Swana Electronics , Ph.9938274127. Sai Associates-7381065641.Sonamona VarietyStore , Ph.9437287620.Situ Plastic, Ph. 9861772109.S.R.Electronics, Ph.-6861155300. Kitchen Queen, Ph.7894082707.Karan Electricals, Ph.-9778337345. A.S.Enterprises, Ph.8249658303.Das & DAS Home Appliances & Fan , Ph.8895014877.Galaxy Enterprises,Ph.9937133040.Utkal Sales, Ph9853150619. **CUTTACK:** Janata General Store ,Ph-2419948, Arbind Plastic, Ph 8763923528. Patra Electronics, Ph. 2631222. **SALEPUR:-** Sanjay Electronics NX, Ph. 9777777329. **ANGUL:** Saralia Trading Co. Ph-9439471222,Shree Agency-Ph 9437013144.**TALCHER-** Beauty Palace-9437118065, Home Maker-9776173777; **DHENKANAL:** Beauty House-9777190558. **NTPC:** Pani Enterprise, Ph 9437056860. **PARADEEP:** Krishna Enterprise, Ph. 9937451474. **KENDRAPARA :-** Purnamasi Electrical ,Ph. 9937070448. UMARKOT:- Balaji Metal Store ,Ph 9437524982. **ROURKELA:-** Prestige, Ph-2642265. City Super Bazar ,Ph-9437047413. Khemka General Store, Ph-2502396. Suruchi Bazar, Ph-9861117222. Pawan Store, Ph-9861040291. Garg Enterprises, Ph 9437046546. BK Enterprises, Ph 9861339753. **RAJGANGPUR-** Pradeep Store, Ph-9437244015. Kitchen Plaza, Ph. 9937109583. SUNDARGARH- Laxmi Steel, Ph-9776164771. Satyam Enterprises, Ph. 9937425413; **KANTABANJI:-**Ganapati Electricals,Ph.9938669100. **BARIPADA:** Aerovision, Ph 9861828643. *AUTHORISED SERVICE CENTRE:* **Cuttack:** TTK Prestige Ltd (RSC) Plot No 864/2677. Near Pala Mandap, Near By Shibani Glass House Ph 0671-2367499; **Bhubaneswar:** Ph -9776322880. **Rourkela:** Ph. 9853522686. **Berhampur** : Ph. 0680-2228066. **Sambalpur:** Ph. 8895149244. **Bolangir:** Ph 06652-234443. **Angul:** Ph. 9437903195. **Balasore:** Ph. 9937393936, **Jeypore:** Ph. 9438445339, 06854-232339; **Jajpur Road:** Ph 9658464643;

# ଡିଜିଟାଲ ଯୁଦ୍ଧ

ବିଶ୍ୱରେ ପ୍ରତି କ୍ଷେତ୍ରରେ ନିରନ୍ତର ପରିବର୍ତ୍ତନ ଘଟିଚାଲିଛି। ଦିନ ଥିଲା ଲୋକେ ରେଡିଓ ଶୁଣୁଥିଲେ। ଟେଲିଭିଜନ ଆସିବା ପରେ ରେଡିଓର ଆଦର କମିଲା। ଇଣ୍ଟରନେଟ୍‌ର ବହୁଳ ପ୍ରସାର ଯୋଗୁ ଏବେ ସବୁକିଛି ଡିଜିଟାଲମୁହାଁ। ଯେଉଁମାନେ ନୂଆ ଯୁଗର ପ୍ରଯୁକ୍ତିବିଦ୍ୟା ସହ ଖାପଖାଇ ଚାଲିପାରୁଛନ୍ତି ସେମାନେ ଆଗକୁ ମାଡୁଛନ୍ତି। ପୁରୁଣାକାଳିଆ ଚିନ୍ତାଧାରାରେ ରହୁଥିବା ବ୍ୟକ୍ତି ଓ ସଂସ୍ଥା ଧୀରେଧୀରେ ପଛରେ ପଡ଼ିଯାଉଛନ୍ତି। ଏହି ପ୍ରଚ୍ଛଦପଟରେ ଭାରତକୁ ଦେଖିଲେ କୁହାଯାଉଛି ଯେ, ଏହି ଦେଶ 'ଡିଜିଟାଲ ଇଣ୍ଡିଆ' ହେବାକୁ ଯାଉଛି। ନଗଦକୁ ଛାଡ଼ି ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ସେହିଭଳି ବାୟୋମେଟ୍ରିକ୍ସ ଜରିଆରେ ପରିଚୟ ଓ ସୂଚନା ସଂଗ୍ରହ ହେଉଛି। ଜନମଙ୍ଗଳକାରୀ ଯୋଜନାରେ ଲୋକଙ୍କ ନିକଟରେ ଅର୍ଥ ପହଞ୍ଚାଇବା ଲାଗି ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର (ଡିବିଟି) ବ୍ୟବସ୍ଥା ଆପଣାଯାଉଛି। ସେହି ଧାରାରେ ଦେଖିଲେ, ପୃଥିବୀରେ ଅପରାଧୀଙ୍କ କାର୍ଯ୍ୟକଳାପରେ ଅନେକ ପରିବର୍ତ୍ତନ ଦେଖାଦେଲାଣି। ସୋସିଆଲ ମିଡିଆ ମାଧ୍ୟମରେ ଗୋଟିଏ କୋଣରେ ବସି ଅନ୍ୟ ଏକ କୋଣର ବ୍ୟକ୍ତିଙ୍କୁ ପ୍ରବର୍ତ୍ତାଇ ଆତଙ୍କବାଦୀ ଆକ୍ରମଣ ଘଟାଯାଇପାରୁଛି। କହିବାକୁ ଗଲେ ଆତଙ୍କବାଦୀଙ୍କ କ୍ଷେତ୍ରରେ ଯୋଗାଯୋଗ ପାଇଁ ଶାରୀରିକ ଉପସ୍ଥିତି ଜରୁରୀ ହୋଇ ରହିନାହିଁ। ଫେସ୍‌ବୁକ୍ ଭଳି ଡିଜିଟାଲ ମଞ୍ଚ ଯୋଗୁ ଅପରାଧୀମାନେ ସେମାନଙ୍କ ଚାହିଦା ମୁତାବକ ଲୋକଙ୍କୁ ଠାବ କରିପାରୁଛନ୍ତି। ଉଦାହରଣ ସ୍ୱରୂପ, ସୋସିଆଲ ମିଡିଆରୁ ଆତଙ୍କବାଦର ମୌଳିକ ଚିନ୍ତାଧାରାରେ ପ୍ରଭାବିତ ହୋଇ ଜଣେ ଡ୍ରାଇଭର ୨୦୧୬ ଜୁଲାଇରେ ଫ୍ରାନ୍ସର ଏକ ସହରରେ ଚାଲିଥିବା ଉତ୍ସବ ସମୟରେ ଦେଖଣାହାରିଙ୍କ ଉପରେ ଟ୍ରକ୍ ଚଢ଼ାଇ ଦେଇଥିଲେ। ସେଥିରେ ୮୦ ଜଣ ଲୋକ ପ୍ରାଣ ହରାଇଥିଲେ। ଏତେ ସଂଖ୍ୟକ ଲୋକଙ୍କ ପ୍ରାଣ ନେବା ପାଇଁ ସେ ଯେଉଁ ଗଣହତ୍ୟା କଲେ ତାହା ଅଭିନବ ଆକ୍ରମଣର ଏକ ନୂଆ ଧାରା ସୃଷ୍ଟି କରିଥିଲା। ଆଜିର ଇଣ୍ଟରନେଟ୍ ଯୁଗରେ କୌଣସି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିବାକୁ ହେଲେ ବେଶି ଲୋକଙ୍କ ଆବଶ୍ୟକତା ଜରୁରୀ ନୁହେଁ। ଭାରତରେ ଆତଙ୍କବାଦ ନିପାତର ଦ୍ୱାହି ଦେଇ ବିମୁଦ୍ରୀକରଣ ଭଳି ପଦକ୍ଷେପ ନିଆଗଲା। ତେବେ ଆଜିର ଆତଙ୍କବାଦ ଜଗତରେ ଅର୍ଥ ଅନ୍‌ଲାଇନ୍ ମାଧ୍ୟମରେ ହସ୍ତାନ୍ତର କରାଯାଉଛି। ବ୍ୟାଗ୍‌ରେ ନୋଟ୍ ବୋହି ରାସ୍ତା ଯୋଗେ ପହଞ୍ଚାଇବାର ପ୍ରୟୋଜନ ରହି ନାହିଁ।

ଏବେ ଡିଜିଟାଲ ଯୁଦ୍ଧର ଯୁଗ। ଠକେଇ ହେଉ ବା ଆତଙ୍କବାଦ ଏହିସବୁର ଢାଞ୍ଚା ବଦଳିଲାଣି। ଭାରତରେ ଏବେ ଗୋଇନ୍ଦା ବିଭାଗ ଓ ସୁରକ୍ଷା ବଳ ଏହି ଯୁଗ ସଙ୍ଗେ ଖାପ ଖୁଆଇପାରୁ ନାହାନ୍ତି। ଓଡ଼ିଶାରେ ପୋଲିସ ମୁଖ୍ୟ 'ବ୍ଲୁ ହ୍ୱେଲ' ଭଳି ଅନ୍‌ଲାଇନ୍ ଖେଳକୁ ଏଠାରେ ବସି ଅଟକାଇବାର ଅବାଞ୍ଛିତ ଯୋଜନା କରିବା ମଧ୍ୟ ଦେଖିବାକୁ ମିଳିଛି। ଭାରତରେ ବିଶେଷକରି ଜମ୍ମୁ-କଶ୍ମୀରରେ ଯୁବକମାନଙ୍କୁ ପ୍ରବର୍ତ୍ତାଇବା ପାଇଁ ସୀମା ଆରପଟୁ ଅନେକ ସଙ୍ଗଠନ କାର୍ଯ୍ୟ କରୁଛନ୍ତି। ଏବେ କଶ୍ମୀର ଉପତ୍ୟକାର ଜଣେ ମହିଳା ଆତଙ୍କବାଦୀ ସାଜିଥିବା ଘଟଣା ପ୍ରଥମଥର ସାମ୍ନାକୁ ଆସିଛି। ଫେସ୍‌ବୁକ୍ ଜରିଆରେ କଶ୍ମୀରୀ ଯୁବକଙ୍କୁ ଜେହାଦ ପ୍ରତି ଆକର୍ଷିତ କରୁଥିବା ଅଭିଯୋଗରେ ଶାଜିଆ ନାମ୍ନୀ ମହିଳାଙ୍କୁ ଗିରଫ କରାଯାଇଛି। ଏହା ପୂର୍ବରୁ ଆତଙ୍କବାଦୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଉଥିବା ଅଭିଯୋଗରେ ଆୟସିଆ ଜାନ୍ ନାମ୍ନୀ ଜଣେ ମହିଳାଙ୍କୁ ଶ୍ରୀନଗର ନିକଟରୁ ଗିରଫ କରାଯାଇଥିଲା। ଶାଜିଆ ସିଧାସଳଖ ଆତଙ୍କବାଦୀ ସଙ୍ଗଠନ ଜୈଶ-ଇ-ମହମ୍ମଦ (ଜେଇଏମ୍) ପାଇଁ କାମ କରୁଥିଲେ ବୋଲି ଜମ୍ମୁ-କଶ୍ମୀର ପୋଲିସ ପ୍ରକାଶ କରିଛି। ସେ ନିଜକୁ ପୋଲିସ ଇନ୍‌ଫର୍ମର ପରିଚୟ ଦେଇ ଭାରତର ବରିଷ୍ଠ ଅଧିକାରୀମାନଙ୍କୁ ଆତଙ୍କବାଦୀଙ୍କୁ ଧରାଇ ଦେବାର ପ୍ରତିଶ୍ରୁତି ଦେଉଥିଲେ। କିଛିମାସ ତଳେ ଶାଜିଆଙ୍କ ଅଭିଯୋଗ କ୍ରମେ ଦୁଇ ଜଣ ଯୁବକଙ୍କୁ ଧରାଯାଇ ପରେ ଛାଡ଼ି ଦିଆଯାଇଥିଲା। ଏହା ଦ୍ୱାରା ପୋଲିସକୁ ଭକୁଆ ବନାଇ ସେ ନିଜ ଲକ୍ଷ୍ୟରେ ଆଗେଇ ଚାଲିଥିଲେ। ସେ ଜେଇଏମ୍ ଇଙ୍ଗିତରେ ପୋଲିସଠାରୁ ତଥ୍ୟ ହାସଲ ପାଇଁ ନିଜକୁ ଇନ୍‌ଫର୍ମର ଭାବେ ଅଭିନୟ କରୁଥିବା ପରେ ଜଣାପଡ଼ିଛି। ପୋଲିସର ବେପରୁଆ କାର୍ଯ୍ୟକଳାପ ଯୋଗୁ ଶାଜିଆ ଇନ୍‌ଫର୍ମର ସାଜି ଦେଶର ସୁରକ୍ଷା ବଳର ଗତିବିଧି ଓ ଯୁଦ୍ଧକୌଶଳ ସଂକ୍ରାନ୍ତ ସୂଚନା ସମ୍ପୃକ୍ତ ଆତଙ୍କବାଦୀ ସଙ୍ଗଠନକୁ ଦେଉଥିଲେ।

ଇଣ୍ଟରନେଟ୍ ମାଧ୍ୟମରେ ବଡ଼ ବଡ଼ ଦେଶ ହାକରଙ୍କୁ ଭଡ଼ାରେ ରଖୁଥିବା ଦେଖିବାକୁ ମିଳିଲାଣି। ଫଳରେ ସେମାନେ ଟାର୍ଗେଟ୍ କରୁଥିବା ଏକ ବ୍ୟବସ୍ଥାକୁ ଅତି ସହଜରେ ଅକାମୀ କରିବାର କ୍ଷମତା ରଖିଛନ୍ତି। ଏଠାରେ ମନେପଡ଼େ ଉତ୍ତର କୋରିଆ ଦ୍ୱାରା 'ମାଲ୍‌ୱେର' ସାଇବର ଭାଇରସ୍ ବିଶ୍ୱବ୍ୟାପୀ କିଭଳି କମ୍ପ୍ୟୁଟରଗୁଡ଼ିକୁ ଅଚଳ କରିଦେଇଥିଲା। ଭାରତୀୟ ସୁରକ୍ଷା ଓ ଗୋଇନ୍ଦା ବ୍ୟବସ୍ଥାକୁ ପୁରୁଣାକାଳିଆ ଯୁଗରୁ ଊର୍ଦ୍ଧ୍ୱକୁ ଉଠିବାକୁ ପଡ଼ିବ। ବନ୍ଧୁକ ମାଧ୍ୟମରେ ଶତ୍ରୁଙ୍କୁ ନିପାତ କରାଯିବା ଲାଗି ଚିନ୍ତା କରାଯାଉଥିବା ବେଳେ ତୀର ଧରି ଛିଡ଼ା ହେବା ଭଳି ପଦକ୍ଷେପ ନିଆଗଲେ ପଛରେ ପଡ଼ିଯିବା ଥୟ। ଭାରତ ସାଇବର ୱାର ଭଳି ପରିସ୍ଥିତି ପାଇଁ ପ୍ରସ୍ତୁତ ନ ହୋଇ ବିମୁଦ୍ରୀକରଣ ଦ୍ୱାରା ଆତଙ୍କବାଦ ଅଟକାଇ ହେବ ବୋଲି ଭାବି ବସିଛି। ନୂଆ ଯୁଗର ଯୁଦ୍ଧ ପାଇଁ ସବୁ କ୍ଷେତ୍ରରେ ପ୍ରୟାସ କରା ନ ଗଲେ ଆଗକୁ ପରିସ୍ଥିତି ଭୟାବହ ହେବ।

## ଚିରନ୍ତନୀ

ବିଶ୍ୱ ହେଲା ନିକଟତମ
ଅତିହିଁ ପ୍ରିୟ, ପ୍ରାସ
ଉଠିଲା ପୂରି ସକଳ କ୍ଷତ
ସକଳ ଅବକାଶ।
(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | | | | C | | |
| | 9 | | | D | | 1 | | 8 | B | 2 | | | | A |
| A | | E | 7 | 6 | | | | C | 4 | | | | D | 3 |
| C | | D | | | | E | 0 | | 1 | | A | | 5 | |
| 8 | | | 4 | | | | B | | | 3 | 6 | 9 | | 0 |
| 2 | 4 | | C | | | | A | | | | | D | | |
| | D | 5 | | 7 | | | 4 | | | | E | | | |
| | C | A | | | | 0 | | | | 1 | | | E | |
| 6 | | | 8 | | | | 2 | | 3 | | | | | 7 |
| | E | | | 4 | | | | B | 6 | | D | | | 1 |
| | | | A | 5 | | | | | | | | | | B |
| | | | | | 3 | 2 | | | | D | 4 | 5 | 8 | |
| | | | | | | 8 | | A | | | | | | D |
| | | 6 | | | | | 3 | | 2 | 7 | | | | E |
| | 2 | | | E | | 7 | | 9 | | 6 | | | C | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 9 | B | 1 | D | 8 | E | 3 | 5 | 2 | 0 | 4 | C | A | 6 |
| 3 | 8 | D | A | 6 | 7 | 9 | 2 | 4 | E | C | B | 1 | 5 | 0 |
| 2 | C | 0 | 3 | 5 | E | 1 | 8 | 6 | 7 | D | A | 9 | 4 | B |
| 5 | 6 | A | 0 | 9 | 4 | 7 | B | C | 8 | 1 | 3 | E | D | 2 |
| E | 1 | 4 | B | C | 2 | D | 0 | A | 6 | 5 | 9 | 7 | 8 | 3 |
| 8 | B | 1 | 4 | 3 | 9 | A | 6 | 2 | C | E | 7 | 5 | 0 | D |
| 9 | 0 | 3 | C | A | 5 | 8 | 7 | 1 | 4 | 6 | D | 2 | B | E |
| 6 | 5 | C | 7 | E | D | B | 9 | 3 | 0 | 2 | 8 | 4 | 1 | A |
| A | D | 2 | 8 | 0 | 1 | C | 4 | E | 3 | B | 5 | 6 | 9 | 7 |
| 4 | 7 | E | 2 | B | 6 | 5 | D | 0 | A | 9 | 1 | 3 | C | 8 |
| 0 | 4 | 7 | E | 1 | A | 3 | C | B | 5 | 8 | 6 | D | 2 | 9 |
| D | A | 6 | 5 | 2 | 3 | 0 | 1 | 8 | 9 | 4 | E | B | 7 | C |
| 1 | 2 | 9 | 6 | 8 | B | 4 | E | 7 | D | A | C | 0 | 3 | 5 |
| C | 3 | 5 | D | 4 | 0 | 6 | A | 9 | B | 7 | 2 | 8 | E | 1 |
| B | E | 8 | 9 | 7 | C | 2 | 5 | D | 1 | 3 | 0 | A | 6 | 4 |

ଗତକାଲିର ଉତ୍ତର

# କଥାରେ ଧନୀ, କାମରେ ଶୂନ୍



ପ୍ରଦୀପ୍ତ ନାୟକ

ଏକବିଂଶ ଶତାବ୍ଦୀର ସବୁଠାରୁ ବଡ଼ ସମସ୍ୟା ହେଉଛି ବେକାରି। ମଣିଷ ଯେତେ ଆଗକୁ ମାଡ଼ିଚାଲିଛି, ଯେତେ ନୂତନ ଜ୍ଞାନକୌଶଳ ଉଦ୍ଭାବନ ହେଉଛି, ବେକାରି ସମସ୍ୟା ସେତେ ଉତ୍କଟ ହେଉଛି। ଉଦାରୀକରଣ ଅର୍ଥନୈତିକ ବ୍ୟବସ୍ଥା କେବଳ କର୍ମନିଯୁକ୍ତି ନୁହେଁ, ମଣିଷ ତଥା ସମାଜର ପ୍ରତ୍ୟେକ କାର୍ଯ୍ୟଧାରାକୁ ଅସ୍ଥିର ଓ ସ୍ଥାଣୁ କରିଦେଇଛି। ଶିକ୍ଷାର ବିକାଶ ଲାଭ କଲା ବେଳକୁ କୋଟି କୋଟି ସଂଖ୍ୟାରେ ଉନ୍ନତ ଜ୍ଞାନକୌଶଳରେ ଶିକ୍ଷିତ ବେକାର ଯୁବତୀଯୁବକ ଘର, ବାହାର, ବଜାରରେ ଘୂରିବୁଲୁଛନ୍ତି। ଏକ ବେସରକାରୀ ସଂସ୍ଥା ସେଣ୍ଟର ଫର୍ ମନିଟରିଙ୍ଗ ଇଣ୍ଡିଆନ ଇକୋନୋମି (ସିଏମ୍ଆଇଇ) ଆଧାରରେ ଦେଶରେ ୩ କୋଟି ୧ ଲକ୍ଷ ଯୁବତୀଯୁବକ କାମଧନ୍ଦା ନ ପାଇ ବେକାର ଅଛନ୍ତି।

କେନ୍ଦ୍ରରେ ତଥା ରାଜ୍ୟରେ ଶାସନ କରୁଥିବା ସରକାରମାନଙ୍କର ଶାସନ ନୀତି କର୍ମନିଯୁକ୍ତି ସୃଷ୍ଟି କରିବା ବଦଳରେ ଆଧୁନିକୀକରଣ ନାମରେ ନିଯୁକ୍ତିର ବାଟ ବନ୍ଦ କରିଦିଆଯାଉଛି। ୨୦୧୭ ମସିହାର ପ୍ରଥମ ୪ମାସରେ ୧୫ଲକ୍ଷ ପଦବୀ ଉଚ୍ଛେଦ ହୋଇଛି। ଏହା କେବଳ ବହୁରାଷ୍ଟ୍ରୀୟ ଏକଚାଟିଆ ପୁଞ୍ଜିପତି, ଖଣିମାଲିକ ଓ ବୃହତ୍ ବ୍ୟବସାୟୀ ପରିବାରମାନଙ୍କୁ ସୁହାଉଛି। ଆମ ଦେଶର ଏକଭାଗ ପରିବାର ହାତରେ ୭୨ଭାଗ ସମ୍ପତ୍ତି ଠୁଳ ଥିବାବେଳେ ୨୮ଭାଗ ସମ୍ପତ୍ତି ରହିଛି ୭୨ଭାଗ ଲୋକଙ୍କ ହାତରେ। ଧନଶାଳୀ ୧ଭାଗ ପରିବାରର ସମ୍ପତ୍ତିର ଅଭିବୃଦ୍ଧିକୁ ହିସାବ କରି ସରକାର ବାର୍ଷିକ ଅର୍ଥନୈତିକ ସର୍ଭେ ରିପୋର୍ଟରେ ପିଲାଙ୍କ ପାଟିରେ ଚକୋଲେଟ ଦେବା ଭଳି ମିଥ୍ୟା ପ୍ରହେଳିକା ସୃଷ୍ଟି କରୁଛନ୍ତି, କ'ଣ ନା ଘୋଡ଼ା ଦୌଡ଼ିଲା ଭଳି ଆମର ଅର୍ଥନୀତି ଦୌଡୁଛି। ନବେ ଦଶକ ପରଠାରୁ ସରକାର ବିଭିନ୍ନ ବିଭାଗ, ସ୍କୁଲ୍, କଲେଜ, ବ୍ୟାଙ୍କ, ବୀମା, ପରିବହନ, ଡାକ, ତାର ଓ ଗବେଷଣା ଅନୁଷ୍ଠାନମାନଙ୍କରେ ସିଧାସଳଖ ନିଯୁକ୍ତିର ଦ୍ୱାର ବନ୍ଦ କରିଛନ୍ତି ତଥା ପଦବୀ କାଟ୍ କରିଛନ୍ତି। ନିର୍ବାଚନ ବୈତରଣୀ ପାର୍ ହୋଇ ଶାସନ ଗାଦି ମାଡ଼ିବସିବା ନିମନ୍ତେ ପ୍ରତିବର୍ଷ ନୂଆ ନୂଆ ଯୋଜନା ପ୍ରଣୟନ କରି ନିଯୁକ୍ତି ନାମରେ ପ୍ରହସନ ସୃଷ୍ଟିକରି ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ଉପହାସ କରୁଛନ୍ତି। ଶିକ୍ଷାର ମୂଲ୍ୟବୋଧକୁ ଶାସକ ଦଳର ନେତାମାନେ ନିଜ ପାଦର ଧୂଳିଠାରୁ ବି ହୀନ କରିଦେଇଛନ୍ତି। ପି.ଏଚ୍‌ଡ଼ି, ଏମ୍.ଏ., ଏମ୍.ବି.ଏ., ଇଞ୍ଜିନିୟରିଂ ଡିଗ୍ରୀଧାରୀ ବେକାରମାନେ ପିଅନ, ରେଲୱେ ଗ୍ୟାଙ୍ଗ୍‌ମ୍ୟାନ ପଦବୀ ପାଇଁ ଆବେଦନ କରୁଛନ୍ତି। ନିର୍ମାଣ ଶିଳ୍ପରେ ଶ୍ରମିକଭାବରେ କାମ କରୁଛନ୍ତି। ଦରିଆ ପାରି ମଧ୍ୟପ୍ରାଚ୍ୟକୁ ଯାଇ ମାଟିକାମ, ବଗିଚାକାମ, ଖଣିକାମ, କୃଷିକାମ ଇତ୍ୟାଦି କରୁଛନ୍ତି।

ନିକଟରେ ଓଡ଼ିଶା ସରକାର ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା ନାମରେ 'ବିଜୁ ଯୁବ ବାହିନୀ' ଗଠନ କରି ସେଥିରେ ୮୦୦୦ ବେକାରଙ୍କୁ ନିଯୁକ୍ତି ଦେଇଛନ୍ତି। ସରକାରୀ ବାବୁମାନଙ୍କ ବିଚକ୍ଷଣ ବ୍ୟବସ୍ଥାରେ ସରକାରୀ ପାଣ୍ଠିରେ ଦଳୀୟ ପ୍ରଚାର କରାଯାଉଥିବା ଅଭିଯୋଗ ହେଉଛି। ୨୦୦୦/୪୦୦୦ଟଙ୍କା ଭାତିଆ ପାଉଥିବା ସେହି ଯୁବବାହିନୀ କୁଆଡ଼େ ଲୋକମାନଙ୍କୁ ମାନବିକ ମୂଲ୍ୟବୋଧ ଶିଖାଇବେ, ନେତୃତ୍ୱ ସୃଷ୍ଟି କରିବେ ଏବଂ 'ମୁଁ ହିରୋ' ହେବେ। ଏ କାମ ତ ଏନ୍‌ଜିଓମାନଙ୍କ ଜରିଆରେ ସରକାର କରିପାରିଥାନ୍ତେ। ଏପରି କରିବାର କାରଣ କ'ଣ? ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପଞ୍ଚାୟତିରାଜ, ପୋଲିସ, ଅର୍ଥ, ପରିବହନ, ମହିଳା ଓ ଶିଶୁ ଇତ୍ୟାଦି ବିଭାଗଗୁଡ଼ିକୁ ସମ୍ପୂର୍ଣ୍ଣ ସ୍ଥାଣୁ କରିଦେଇ ବିଭିନ୍ନ ସରକାରୀ ସ୍କିମ୍ ପ୍ରଣୟନ ଜରିଆରେ ଅଫିସ ଦପ୍ତର କାମ ଚଳାଇବା ପାଇଁ ସ୍ୱଳ୍ପ ବେତନରେ ସରକାର ଠିକା ନିଯୁକ୍ତି ଦେଉଛନ୍ତି। ସ୍ଥାୟୀ ନିଯୁକ୍ତି ପାଇଁ ଦାବି ଅଥବା କୋର୍ଟ କଚେରି ନ କରିପାରିବା ନିମନ୍ତେ ସେମାନଙ୍କଠାରୁ ରାଜିନାମା କରାଇ ରଖାଯାଇଛି। ମଝିରେ ମଝିରେ ସେମାନଙ୍କୁ ପିଠିରେ ଲାତ ମାରି ବାହାର କରିଦିଆଯାଉଛି। ବର୍ଷସାରା ସଚିବାଳୟ ସମ୍ମୁଖରେ ରାଜରାସ୍ତା ବନ୍ଦ କରି ସେମାନେ ଦାବିପୂରଣ ନିମନ୍ତେ ଆନ୍ଦୋଳନ କରୁଥିବା ଦେଖାଯାଉଛି। କମ୍ପ୍ୟୁଟର ଅପରେଟ କରିବା, ଗାଡ଼ି ଡ୍ରାଇଭ୍ କରିବା, ଆଇନ୍‌ଶୃଙ୍ଖଳା ପରିସ୍ଥିତି ରକ୍ଷା କରିବା ଇତ୍ୟାଦି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ କରୁଥିବା ହୋମ୍‌ଗାର୍ଡମାନଙ୍କୁ ପୂର୍ଣ୍ଣ ସରକାରୀ କର୍ମଚାରୀ କରା ନ ଯାଇ ସାମାନ୍ୟ କେତେଟା ଟଙ୍କା ଦେଇ ସେମାନଙ୍କୁ ୮ ଘଣ୍ଟା ଖଟାଯାଉଛି। ସରକାରୀ ଅଫିସରେ ପ୍ରାଇଭେଟ୍ ସିକ୍ୟୁରିଟିରେ କାମ ଚଳାଯାଉଛି। ଅର୍ଥାତ୍ ଆବଶ୍ୟକ ପୋଲିସ କର୍ମଚାରୀ ନିଯୁକ୍ତ କରାଯାଉ ନାହିଁ। ଉପରେ ବର୍ଣ୍ଣିତ ସ୍କିମ୍ କର୍ମଚାରୀମାନଙ୍କୁ ମାସିକ ୫୦୦ ଟଙ୍କାରୁ ଆରମ୍ଭ କରି ୩୦୦୦ଟଙ୍କା ମଧ୍ୟରେ କିଛି ସ୍କିମ୍‌ରେ ୬୦୦୦/୭୦୦୦ ଟଙ୍କା ଭାତିଆ ମିଳୁଛି। ଏପରି କ୍ଷେତ୍ରରେ ସାଧାରଣ ଜନତା ସମ୍ପୃକ୍ତ ସ୍କିମ୍ କର୍ମଚାରୀମାନଙ୍କଠାରୁ ବିଭିନ୍ନ ସରକାରୀ ସେବା ପାଇବେ କିପରି? ସେମାନେ ସର୍ବସାଧାରଣଙ୍କ ପ୍ରାପ୍ୟକୁ ବାଟମାରଣା ନ କଲେ ତାଙ୍କର ପିଲାଛୁଆ ଏ ମହରଗ ଦୁନିଆରେ ଚଳିବେ କିପରି? ସରକାର ପ୍ରକାରାନ୍ତରେ ସେମାନଙ୍କୁ ବିଭିନ୍ନ ଅସତ୍ ଉପାୟ ଅବଲମ୍ବନ କରିବାକୁ ବାଧ୍ୟ କରୁନାହାନ୍ତି କି?

ସରକାରୀ ଆକଳନରୁ ଜଣାପଡ଼ିଛି ଯେ, ପ୍ରତିବର୍ଷ ୧ ଲକ୍ଷ ୫୦ ହଜାର ସାଧାରଣ ଦରିଦ୍ର ଲୋକ କର୍ମସଂସ୍ଥାନ ଅନ୍ୱେଷଣରେ ଓଡ଼ିଶା ଛାଡୁଛନ୍ତି। ପ୍ରାୟ ୩୦୦୦ ରେଜିଷ୍ଟ୍ରିଭୁକ୍ତ ଠିକାଦାର ଏହି ଶ୍ରମିକମାନଙ୍କୁ ସ୍ଥାନାନ୍ତର କରୁଛନ୍ତି, କିନ୍ତୁ ବେସରକାରୀଭାବେ ଜଣାପଡ଼ିଛି ଯେ, ଏହି ସଂଖ୍ୟା ୨୦ ଲକ୍ଷରୁ ଅଧିକ। ବଲାଙ୍ଗୀର, କନ୍ଧମାଳ, ଗଞ୍ଜାମ, ଗଜପତି ପ୍ରଭୃତି ଜିଲ୍ଲାରୁ ଏହି ଶ୍ରମିକମାନେ କାମ କରିବାକୁ କେରଳ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ, କର୍ଣ୍ଣାଟକ, ଗୁଜରାଟ ଇତ୍ୟାଦି ରାଜ୍ୟଗୁଡ଼ିକରେ ଇଟାଭାଟି, ଚା ବଗିଚା, ନିର୍ମାଣ ସଂସ୍ଥା, ସୂତାକଳ ଏବଂ ଅନ୍ୟାନ୍ୟ କଳକାରଖାନାରେ ଅନ୍ତତଃ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ କାର୍ଯ୍ୟ କରୁଛନ୍ତି। ମାଲିକ, ଠିକାଦାର ଓ ମଧ୍ୟସ୍ଥମାନଙ୍କ ଦ୍ୱାରା ଠକେଇ, ନିର୍ଯାତନା ଓ ଶୋଷଣର ଶିକାର ହେଉଛନ୍ତି। କେତେକ କ୍ଷେତ୍ରରେ ସେମାନଙ୍କର ମୃତ୍ୟୁ ହୋଇଯାଉଛି ଓ ଘରଲୋକ ତା'ର ଟେର୍ ପାଉନାହାନ୍ତି। ଗତ ୨୦୧୪ରୁ ୨୦୧୭ ମଧ୍ୟରେ ୧୧୨ ଜଣ ନିରୀହ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଶ୍ରମ ବିଭାଗ ସେହି ସ୍ଥାନାନ୍ତରକୁ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। କେତେ ସଂଖ୍ୟାରେ ଶ୍ରମଜୀବୀ ସ୍ଥାନାନ୍ତର ହେଉଛନ୍ତି ସେମାନଙ୍କର ନାମ ପଞ୍ଜୀକରଣ ମଧ୍ୟ କରିବାରେ ସରକାର ବିଫଳ ହୋଇଛନ୍ତି। ହଜାର ହଜାର ଝିଅ ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ପ୍ରଭୃତି ସହରକୁ ଚାକିରି କରିବାକୁ ଯାଇ ଆଉ ଫେରୁନାହାନ୍ତି। ସେମାନେ ସେଠାରେ ଯୌନଶୋଷଣର ଶିକାର ହୋଇ ବିକ୍ରି ହୋଇଯାଉଛନ୍ତି।

ନିକଟରେ ଜାତିସଂଘ ଦ୍ୱାରା ପ୍ରସ୍ତୁତ 'ମାନବ ବିକାଶ ସୂଚକାଙ୍କ' ହିସାବରୁ ଏକ ନିଛକ ଏବଂ ଭୟଙ୍କର ତଥ୍ୟ ଲୋକଲୋଚନକୁ ଆସିଛି। ଦେଶରେ ଅଚ୍ଛେ ଦିନ୍ ଆସିଛି ସ୍ଲୋଗାନ ଦେଉଥିବା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଅମଳରେ ଦେଶର ୭୫.୫ ଭାଗ କର୍ମଚାରୀ କୌଣସି ସମ୍ମାନଜନକ ପଦପଦବୀରେ ଉପଯୁକ୍ତ ପ୍ରାପ୍ୟ ପାଇ କାମ କରୁନାହାନ୍ତି। ସେମାନଙ୍କର ପିଲାଛୁଆ, ପରିବାର ଆଜିର ଚାକଚକ୍ୟଭରା ସମାଜରେ ଆବଶ୍ୟକ ଶିକ୍ଷାଦୀକ୍ଷା, ସ୍ୱାସ୍ଥ୍ୟ, ଖାଦ୍ୟପୋଷାକ ପାଇବାରେ ସମ୍ପୂର୍ଣ୍ଣ ଅସମର୍ଥ। ଏହି ରିପୋର୍ଟରେ ଆହୁରି କୁହାଯାଇଛି ଯେ, ସମଗ୍ର ବିଶ୍ୱରେ ଏହି ହାର ୪୨.୫। ଏହା ଆମ ପଡ଼ୋଶୀ ଚାଇନାରେ ୩୩ ଭାଗ ଥିଲାବେଳେ ପାକିସ୍ତାନରେ ୫୯.୭, ବାଂଲାଦେଶରେ ୫୭.୫ ଓ ସିଂହଳରେ ୩୭.୧ ଭାଗ ରହିଛି। ଏପରିସ୍ଥଳେ ଲଜ୍ଜାଜନକ ଭାବରେ ଆମ ସରକାର କହୁଛନ୍ତି ଯେ, ଆମେ ଧନଶାଳୀ ରାଷ୍ଟ୍ରରେ ପରିଣତ ହୋଇଯାଇଛୁ। ଜାପାନ ପରେ ଚାଇନାକୁ ଟପିବାରେ ଆମର ମାତ୍ର ଅଳ୍ପ ବାଟ ବାକି ଅଛି। ଏପରି ବୃଥା ଆସ୍ଫାଳନରେ ସରକାର ନିର୍ବାଚନ ବୈତରଣୀ ପାର୍ ହୋଇଯାଇପାରନ୍ତି, ମାତ୍ର ଦେଶବାସୀଙ୍କର କିଛି ଉନ୍ନତି ହେବାର ଆଶା ନାହିଁ।

ଟିକରପଡ଼ା, କାକଟପୁର, ପୁରୀ,
ମୋ-୯୪୩୭୦୫୩୩୨୯

# ଯଥାର୍ଥ ସଫଳତା



ସୁଧିରାଜ ରାଉତ

ବାନ୍ଧବୀ ଫୋନ କଲେ କେତେବେଳେ ସମୟ ହେବ ମୁଁ ଆସନ୍ତି, ଝିଅର ଜାତକ ଟିକେ ଭଲକରି ଦେଖନ୍ତେ। କ'ଣ ତା' ଭାଗ୍ୟରେ ଅଛି, ପରୀକ୍ଷା ଫଳ ଯାହା ଭାବିଥିଲୁ ତାହା ହେଲା ନାହିଁ। ୮୯% ରଖିଲା, ୯୦% ବି ଛୁଇଁଲା ନାହିଁ। ସେ କାହିଁକି ସର୍ବଦା ଏମିତି ଅସଫଳ ହେଉଛି? ଭଲ ଭାବେ ସୂର୍ଯ୍ୟ ଉଠି ନ ଥାନ୍ତି ସକାଳୁ ସକାଳୁ ଏ ଫୋନ ମୋତେ ପ୍ରଶ୍ନ କରୁଥିଲା- କ'ଣ ହୋଇଛି ଆମ୍ଭମାନଙ୍କର? ଆଜିର ଶିକ୍ଷା ଆଉ ସଫଳ ହେବାର ପ୍ରତିଯୋଗିତା ପିଲାଟିକୁ କୁଆଡ଼େ ନେଉଛି? ମନେ ପଡୁଥିଲା ଚାଇନା ଦେଶର ସେହି ଅବିସ୍ମରଣୀୟ ଘଟଣା।

ଚାଇନା ଭଳି ବିଶାଳ ସାମ୍ରାଜ୍ୟ ଆଗରେ ବଡ଼ ସମସ୍ୟା ହୋଇ ଠିଆ ହେଲା- ତା'ର ଉତ୍ତର ପିଢ଼ି କିଏ ହେବ। ରାଜା ନିଃସନ୍ତାନ, ବୃଦ୍ଧ, ଜରାଜୀର୍ଣ୍ଣ। ବୃଦ୍ଧ ରାଜା ଜଣେ ଯୁବକ ବାଛିବାକୁ ଚାହାନ୍ତି ଯିଏ ଯଥାର୍ଥରେ ରାଜା ହେବାକୁ ଯୋଗ୍ୟ। ଖୋଜିବାର ସୁନ୍ଦର ଉପାୟଟିଏ ମିଳିଗଲା। ସାରା ରାଜ୍ୟରେ ଡେଙ୍ଗୁରା ଦିଆଗଲା ସବୁ ଯୁବକ ନିର୍ଦ୍ଦିଷ୍ଟ ସ୍ଥାନରେ ଉପସ୍ଥିତ ହେବାକୁ। ରାଜା ଯୁବକମାନଙ୍କ ମଧ୍ୟରୁ ଯୁବରାଜ ବାଛିବେ। ହଜାର ହଜାର ଯୁବକ ଉପସ୍ଥିତ ହେଲେ, ରାଜା ସଭିଙ୍କୁ ଗୋଟିଏ ଲେଖା ମଞ୍ଜି ଦେଇ କହିଲେ- ଠିକ୍ ବର୍ଷେ ପରେ ଆପଣମାନେ ଏ ମଞ୍ଜିରୁ ସୃଷ୍ଟ ଗଛକୁ ନେଇ ଏଠି ପହଞ୍ଚିବେ। ଉକ୍ତ ଗଛକୁ ଦେଖି ମୁଁ ବାଛିବି ଏ ରାଜ୍ୟର ରାଜା। ଠିକ୍ ବର୍ଷେ ପରେ ସୁନ୍ଦର ସୁନ୍ଦର କୁଣ୍ଡରେ ହୃଷ୍ଟପୁଷ୍ଟ ଗଛ ସବୁ ଧରି ହଜାର ହଜାର ଯୁବକ ଏକତ୍ରିତ ହେଲେ। ରାଜା ସଭିଙ୍କ ଗଛ ସବୁ ଦେଖି ହସି କହୁଥାନ୍ତି- ବାଃ ବହୁତ ସୁନ୍ଦର। ଜଣେ ଯୁବକ ଏକ ଗଛ ବିହୀନ କୁଣ୍ଡଧରି ଉପସ୍ଥିତ ହୋଇ ବିନମ୍ର ସ୍ୱରରେ କହିଲେ ମହାରାଜ- ମୋର ସମସ୍ତ ଯତ୍ନ ସତ୍ତ୍ୱେ ଆପଣ ଦେଇଥିବା ମଞ୍ଜିରୁ ଗଛ ହେଲା ନାହିଁ। ରାଜା ସବୁ ଯୁବକଙ୍କ ଗଛ ଦେଖି ସାରିବା ପରେ ନିକଟରେ ନିର୍ମିତ ମଞ୍ଚ ଉପରକୁ ଉଠି ଘୋଷଣା କଲେ, ''ଯେଉଁ ଯୁବକଙ୍କ ଯତ୍ନ ସତ୍ତ୍ୱେ ମଞ୍ଜିରୁ ଗଛ ହୋଇନାହିଁ ଆସନ୍ତାକାଲି ତାଙ୍କର ରାଜ୍ୟାଭିଷେକ ହେବ।'' ସମସ୍ତେ ଏ ଘୋଷଣାରେ ଆଶ୍ଚର୍ଯ୍ୟ ହେଲେ। କିଛି ସମୟ ନୀରବ ରହି ମହାରାଜା କହିଲେ, ''ମୁଁ ଯେଉଁ ମଞ୍ଜି ସବୁ ଦେଇଥିଲି, ତାକୁ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସିଝାଇ ଶୁଖାଇ ଦେଇଥିଲି। ସିଝା ମଞ୍ଜିରୁ ଏତେ ସୁନ୍ଦର ଗଛ ଦେଖି ମୁଁ ହତବାକ୍। ମୁଁ ଜାଣେ ନାହିଁ ଜୀବନକୁ ସୁନ୍ଦର, ଯୋଗ୍ୟ କରିବାକୁ ସଫଳତାର ଆବଶ୍ୟକତା ଅଛି କି ନାହିଁ। କିନ୍ତୁ ଏହା ନିଶ୍ଚୟ ଯେ, ସୁନ୍ଦର ଓ ଯୋଗ୍ୟ ଜୀବନ ପାଇଁ ସାଧୁତାର ଆବଶ୍ୟକତା ରହିଛି। ମୋ ପ୍ରିୟ ଦେଶବାସୀ! ମୁଁ ତୁମମାନଙ୍କୁ ଜଣେ ସାଧୁ ଓ ଯୋଗ୍ୟ ରାଜା ଦେଇ ଯାଉଛି।'' ଉକ୍ତ ଯୁବକ ଚାଇନାର ସ୍ୱର୍ଣ୍ଣ ଯୁଗର ପ୍ରତିଷ୍ଠାତା ଥିଲେ।

ସଫଳତା ନାମରେ ଆଜି ଆମେ ପିଲାଙ୍କଠାରୁ ଛଡ଼େଇ ଦେଇଛୁ ତା'ର ଆବେଗ, ଆନନ୍ଦ, ସ୍ୱାଧୀନତା। ନିଜଠାରୁ, ପ୍ରକୃତିଠାରୁ, ସାଙ୍ଗସାଥୀଠାରୁ ବିଚ୍ଛିନ୍ନ କରି ଏକ ମତୁଆଲା ନିଶାରେ ତାକୁ ଗଢି ଚାଲିଛୁ ସମ୍ବେଦନହୀନ ପଶୁଭାବେ। ପଶୁମାନଙ୍କ ପାଇଁ ବି କିଛି ମୁକ୍ତ ସମୟ ଅଛି, ଆଜି କିନ୍ତୁ ଆମ ପିଲାମାନେ ସଫଳତାର ହରଡ଼ଘଣାରେ ୨୪ ଘଣ୍ଟା ଖଟୁଥିବା ଗୋଟିଏ ଗୋଟିଏ ପୋଢ଼ ବା ବଳଦ।

ଯେଉଁ ସଫଳତା ପାଇଁ ଆମେ ଏତେ କିଛି କରୁଛୁ, ତାହା ଅନିଶ୍ଚିତ ଏବଂ ମରିଚିକାମୟ! ଘଟଣାଟିଏ ଅବଦୁଲ କଲାମଙ୍କ ଜୀବନରୁ- ଆକାଶରେ ଉଡୁଥିବା ଉଡାଜାହାଜକୁ ଦେଖି ଭାବିଥିଲେ ବଡ଼ ହେଲେ ପାଇଲଟ ହେବେ। ମେଧାବୀ ଥିଲେ, ଶ୍ରେଣୀରେ ସର୍ବଦା ପ୍ରଥମ ହେଉଥିଲେ। ସମୟ ଆସିଲା ପାଇଲଟ ପରୀକ୍ଷା ଦେଲେ। ପରୀକ୍ଷା ବହୁତ ଭଲ ହୋଇଥିଲା, ନିଶ୍ଚିତ ଥିଲେ ପ୍ରଥମ ନ ହେଲେ ଦ୍ୱିତୀୟ ହେବେ। ସିଟ୍ ଥିଲା ବାରଟି ଆଉ ସେ ହେଲେ ତେର ନମ୍ବର। ପରୀକ୍ଷାରେ କେବେ ଅସଫଳ ହୋଇ ନ ଥିବା କଲାମ ମର୍ମାହତ ହେଲେ। ପରୀକ୍ଷାରେ ସମସ୍ତ ଉତ୍ତର ଠିକ୍ ଥିଲା, ତେବେ କିଭଳି ତେର ନମ୍ବର ହେଲେ? ତେର ନମ୍ବର ହେଲେ ନା ଅନ୍ୟମାନଙ୍କୁ ସଫଳତା ଦେବା ପାଇଁ ତାଙ୍କୁ ତେର ନମ୍ବରକୁ ଠେଲି ଦିଆଗଲା, ଏହା ବୁଝିବା ଆମ୍ଭମାନଙ୍କ ପାଇଁ କଷ୍ଟକର ନୁହେଁ। କଲାମ ଏହି ଘଟଣାରେ ଏଭଳି ମର୍ମାହତ ହେଲେ ଯେ ଆତ୍ମହତ୍ୟା ଭାବନା ତାଙ୍କ ମନରେ ଆସିଲା। ଘଟଣାକ୍ରମରେ ଋଷି ଶିବାନନ୍ଦଙ୍କ ନିକଟରେ ପହଞ୍ଚି ସମସ୍ତ କଥା କହିଲେ। ଋଷି ସ୍ୱଷ୍ଟ ଶବ୍ଦରେ କହିଲେ, ''ପୁତ୍ର! ତୁମେ ଯାହା ହେବାକୁ ଆସିଛ ତାହା ହୋଇଉଠ, ଯାହା ହେବାକୁ ଆସିନାହଁ ତା' ପାଇଁ ଦୁଃଖ କରନାହିଁ।'' ଏହି ପଦକ କଥାରେ କଲାମ ଯାହା ହେବାକୁ ଆସିଥିଲେ ହୋଇଉଠିଲେ। ଆମେ କେବେ ଚିନ୍ତା କରିଛୁ କି ଆମ ପିଲାମାନେ କିଛି ହେବାକୁ ଆସିଛନ୍ତି?

କଲାମ ପାଇଲଟ ପାଇଁ ଅସଫଳ ହେଲେ କିନ୍ତୁ ତାଙ୍କ ଭିତରେ ଥିବା ଶିଖିବାର ନିଶା ତାଙ୍କୁ ଅଗ୍ନିର ଜନକ କରି ଗଢ଼ିତୋଳିଲା। କଲାମ ଅଗ୍ନି ପରୀକ୍ଷାରେ ଦୁଇଥର ଅସଫଳ ହୋଇସାରିଥାନ୍ତି ସେଦିନ ଥାଏ ତୃତୀୟ ପରୀକ୍ଷା। କେନ୍ଦ୍ରରୁ ଏବଂ ସବୁ ସ୍ଥାନରୁ ବହୁତ ଚାପ ଥାଏ। ଜରୁରୀ କାମ ସାରି ଭୋର ତିନିଟାରେ ଫେରୁଥାନ୍ତି ଭୁବନେଶ୍ୱରରୁ ବାଲିଆପାଳ। ଆଉ ଅଳ୍ପ ଦୂର ଥାଏ କ୍ଷେପଣାସ୍ତ୍ର ଘାଟି, ଦେଖିଲେ ପୋଖରୀ ଭର୍ତ୍ତି କଇଁ, ଡ୍ରାଇଭରକୁ ଗାଡ଼ି ରଖିବାକୁ କହିଲେ। ସୂର୍ଯ୍ୟ ଉଠି ନ ଥାନ୍ତି, ଚାରିଆଡ଼େ ନୀରବତା, ପତଳା କୁହୁଡ଼ି ଚାଦର ତଳୁ ହସୁଥିଲା କଇଁ ଫୁଲ। ଅନେକ ସମୟ କଇଁମାନଙ୍କ ସହ କଥା ହୋଇ ଫେରିଲେ କଲାମ। ଅଗ୍ନି ପରୀକ୍ଷା ହେଲା, ଭାରତ ରଚନା କଲା ବିଶ୍ୱରେ ନୂଆ ଇତିହାସ। କଲାମ ସେଦିନ ତାଙ୍କ ଡାଏରୀରେ ଲେଖିଥିଲେ- 'ଅଗ୍ନିର ସଫଳ ଉଡାଣ ପାଇଁ କ'ଣ କଇଁ ଫୁଲମାନେ ଦାୟୀ ନୁହନ୍ତି?' ଯେଉଁ ଦିନ ଆମ ସଫଳତା ସବୁ ଆମକୁ ତେଇଁଯାଇ କହିପାରିବ- ହଁ ଏହି ସଫଳତା ପାଇଁ ସମସ୍ତେ, ସମଗ୍ର ବିଶ୍ୱ ଦାୟୀ, ସେହିଦିନ ତାହା ହେବ ଯଥାର୍ଥ ସଫଳତା।

ଇନ୍ଦ୍ରାବତୀ, ନବରଙ୍ଗପୁର, ମୋ-୯୮୬୧୯୬୯୬୭୮

## ଏଇ ଭାରତରେ

ଦୁନିଆରେ ଯେତେ ସମ୍ପ୍ରଦାୟ ରହିଛି ସେମାନଙ୍କ ଚାଲିଚଳନ, ରୀତିନୀତି ଓ କଥାବାର୍ତ୍ତା ଭିନ୍ନ। ପ୍ରଥା, ପରମ୍ପରା ମଧ୍ୟ ଭିନ୍ନ ପ୍ରକାର। ସେଭଳି ସମ୍ପ୍ରଦାୟ ସଭ୍ୟ ଜଗତଠାରୁ ବହୁ ଦୂରରେ ରହିଥାଆନ୍ତି। କାରଣ ଶିକ୍ଷାଦୀକ୍ଷାର ଅଭାବ ଯୋଗୁ ସେମାନେ ପ୍ରାଚୀନ ପରମ୍ପରାକୁ ମାନି ଚଳିଥାଆନ୍ତି। ପ୍ରକୃତିକୁ ପୂଜା କରନ୍ତି। ସଭ୍ୟ ଶିକ୍ଷିତ ଲୋକଙ୍କୁ ଦେଖିବା ମାତ୍ରେ ଲାଜ ଓ ଭୟରେ ଦୌଡି ପଳାଇଥାଆନ୍ତି। ଏମିତି ସମ୍ପ୍ରଦାୟ ଅଛି, ଯେଉଁଠି ପରିବାରରେ କୌଣସି ବ୍ୟକ୍ତି ମୃତ୍ୟୁବରଣ କଲେ ଆତ୍ମୀୟ ସ୍ୱଜନମାନେ କାନ୍ଦିବା ବଦଳରେ ହସିଥାଆନ୍ତି। ପୁଣି ଆଉ କେଉଁ ଆଦିବାସୀ ସମ୍ପ୍ରଦାୟରେ ପିଲା ଜନ୍ମହେଲେ ପରିବାର ସଦସ୍ୟମାନେ ଖୁସିହେବା ବଦଳରେ କାନ୍ଦିଥାଆନ୍ତି।

ଆମ ଭାରତବର୍ଷର ଝାଡ଼ଖଣ୍ଡ, ଓଡ଼ିଶା, ବିହାର, ମଧ୍ୟପ୍ରଦେଶରେ ମୁଖ୍ୟତଃ ବାସକରନ୍ତି ସାନ୍ତାଳ ଜନଜାତିର ଲୋକ। ଘନ ଜଙ୍ଗଲ ଭିତରେ ଥାଏ ଏମାନଙ୍କର ବସ୍ତି। ପୃଥିବୀରେ ବାସ କରୁଥିବା ସବୁଠୁ ପ୍ରାଚୀନ ଜନଜାତିଗୁଡିକ ମଧ୍ୟରୁ ଏହା ଅନ୍ୟତମ। ଏହି ଜନଜାତିର ପରମ୍ପରା ଅନ୍ୟ ଜନଜାତିଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଘରେ ସନ୍ତାନ ଜନ୍ମହେଲେ ସାନ୍ତାଳ ସମ୍ପ୍ରଦାୟର ଲୋକମାନେ ମିଳିତଭାବେ କ୍ରନ୍ଦନ କରିଥାଆନ୍ତି। ଏମାନଙ୍କ ମତରେ ଜନ୍ମ ହୋଇଥିବା ସନ୍ତାନ ଭବିଷ୍ୟତରେ ନିଶ୍ଚୟ ମୃତ୍ୟୁବରଣ କରିବ। ସେଥିପାଇଁ ସେମାନେ ଦୁଃଖ କରନ୍ତି। ଏଭଳି ଦୁନିଆକୁ ସେ କାହିଁକି ଆସିଲା ବୋଲି ଚିନ୍ତାକରି ସେମାନେ କାନ୍ଦିଥାଆନ୍ତି। ତେବେ ଏହି ଜନଜାତିର ଲୋକମାନେ ବିବାହ ଉତ୍ସବକୁ ଖୁବ୍ ଆନନ୍ଦର ସହିତ ପାଳନ କରନ୍ତି। ସଭିଏଁ ମିଳିମିଶି ଭୋଜିଭାତ କରିବା ସହିତ ମହୁଲି ପିଇ ନାଚଗୀତରେ ମତୁଆଲା ହୋଇଯାଆନ୍ତି। ବାସ୍ତବିକ୍ ଏଭଳି ପ୍ରଥା ପରମ୍ପରା ଦେଖିଲେ ବିସ୍ମିତ ହେବାକୁ ପଡ଼େ।

## ୨୫ ବର୍ଷ ତଳର ଧରିତ୍ରୀ

**୨୦ ନଭେମ୍ବର ୧୯୯୩**

- ଜାପାନର ପୂର୍ବତନ ବୈଦେଶିକ ମନ୍ତ୍ରୀ ସାବୁରୋ ଓକିତାଙ୍କୁ ୧୯୯୨ର ଇନ୍ଦିରା ଗାନ୍ଧୀ ପୁରସ୍କାର (ମରଣୋତ୍ତର) ପ୍ରଦାନ।
- ୧୯୯୧ ଲୋକସଭା ନିର୍ବାଚନ ବେଳେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଶରଦ ପାୱାର କେତେକ ଦୁର୍ନୀତିମୂଳକ କାର୍ଯ୍ୟରେ ଲିପ୍ତ ଥିଲେ ବୋଲି ଯେଉଁ ଅଭିଯୋଗ ହୋଇଥିଲା, ସେଥିରୁ ତାଙ୍କୁ ସୁପ୍ରିମକୋର୍ଟ ସମ୍ପୂର୍ଣ୍ଣ ମୁକ୍ତ କରିଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ପୂଜାପାର୍ବଣକୁ ପଲିଥିନମୁକ୍ତ କରାଯାଉ

ମହାଶୟ,

ଏବେ ଦୁର୍ଗାପୂଜା ଓ କାଳୀପୂଜା ଗଲା- ଆଗକୁ ଡଙ୍ଗାଭସା, ମାଣବସା ଗୁରୁବାର ଆଦି ଆସୁଛି। ଆମର ପ୍ରତ୍ୟେକ ପର୍ବପର୍ବାଣି ପ୍ରକୃତି ଓ ପରିବେଶ ସହିତ ଓତପ୍ରୋତ ଭାବେ ଜଡ଼ିତ। କିନ୍ତୁ ବର୍ତ୍ତମାନ ସମୟରେ ପ୍ରାକୃତିକ ଜିନିଷର ବ୍ୟବହାର ପରିବର୍ତ୍ତେ ଆମେ କୃତ୍ରିମ ତଥା ପ୍ଲାଷ୍ଟିକ ଜିନିଷର ବହୁଳ ବ୍ୟବହାର କରୁଛେ। ଧରିତ୍ରୀରେ ପ୍ରକାଶିତ ପ୍ଲାଷ୍ଟିକ ପ୍ରଦୂଷଣ ପରମାଣୁ ବୋମାଠାରୁ ଅଧିକ ଭୟଙ୍କର ପଢ଼ି ବହୁତ ତଥ୍ୟ ଜାଣିହେଲା। ଧରିତ୍ରୀ ଦ୍ୱାରା ଆରମ୍ଭ କରାଯାଇଥିବା ପ୍ଲାଷ୍ଟିକ ଫ୍ରି କାର୍ଯ୍ୟକ୍ରମକୁ ଅଧିକରୁ ଅଧିକ ବ୍ୟାପକ କରିବା ପାଇଁ ସମସ୍ତ ପୂଜା କମିଟିକୁ ସାମିଲ କରାଗଲେ ପ୍ଲାଷ୍ଟିକ ଫ୍ରି ଅଭିଯାନ ସଫଳ ହୋଇପାରିବ। ପ୍ରତ୍ୟେକ ମନ୍ଦିର, ମଠ ଓ ପୂଜାମଣ୍ଡପ ପଲିଥିନମୁକ୍ତ ହେଉ। ସାଜସଜ୍ଜା ପାଇଁ ଥର୍ମୋକୁଲ୍, କୃତ୍ରିମ ସୋଲ ବ୍ୟବହାର ନ କରି ଝୋଟ, କାଗଜ, କତା ଇତ୍ୟାଦି ବ୍ୟବହାର କରାଯାଉ। ପ୍ରସାଦ ପାଇଁ ଥର୍ମୋକୁଲ ପ୍ଲେଟ୍, ଡିସ୍ପୋଜେବୁଲ୍ ଗ୍ଲାସ୍, ପାଣି ପାଉଚ୍ ଆଦି ବ୍ୟବହାର ବନ୍ଦ କରି ପତ୍ର ଠୁଙ୍ଗା, ମାଟିପାତ୍ର, ଷ୍ଟିଲ ଗ୍ଲାସ୍ ବ୍ୟବହାର କରାଯାଉ।

ଆଦିତ୍ୟ କୁମାର ଦାଶ, ଗୋଡିପଡା, ନୟାଗଡ଼

### ଯିଏ ମଦ ବନ୍ଦ କରିବ ତାକୁ ଭୋଟ ଦିଅ

ରାଜ୍ୟ ସରକାରଙ୍କ ରାଜକୋଷକୁ ଅଧିକ ଟିକସ ଆସିବା ପାଇଁ ମଦ ବ୍ୟବସାୟକୁ ସରକାର ଦିନକୁ ଦିନ ବୃଦ୍ଧି କରିବାରେ ଲାଗିଛନ୍ତି। ମଦ କାରଖାନା ପାଇଁ ବ୍ୟାପକ ଗଛ କଟାଯାଉଛି। ସରକାର 'ମା'କୁ ସମ୍ମାନ, ଗାଁକୁ କାମ' ନାରା ଦେଇ ଶାସନ କରୁଥିବା ବେଳେ ଆଜି ମା'ମାନେ ନିର୍ଯାତିତା। ରାଜ୍ୟରେ ଦିନକୁ ଦିନ ବଳାତ୍କାର, ଯୌତୁକ ନିର୍ଯାତନା ବୃଦ୍ଧି ପାଉଛି। ଏଥିପାଇଁ ମୁଖ୍ୟତଃ ମଦ ଦାୟୀ। ଏଣୁ ଆଗାମୀ ନିର୍ବାଚନରେ ଯେଉଁ ଦଳ ରାଜ୍ୟରେ ମଦ ବନ୍ଦ କରିବା ପାଇଁ ଇସ୍ତାହାରରେ ପ୍ରକାଶ କରିବ ସେହି ଦଳକୁ ଭୋଟ ଦେବା ଦେବା ଲାଗି ମହିଳା ତଥା ସଚେତନ ନାଗରିକ ଶପଥ ନିଅନ୍ତୁ।

ନିରଞ୍ଜନ ନାୟକ, ଦଶରଥପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବିରୋଧୀ ଦଳ ନେତାଙ୍କୁ କୃଷ୍ଣଙ୍କ ଚିଠି ପ୍ରସଙ୍ଗ
# ଶ୍ରୀକାନ୍ତଙ୍କୁ ତାରାଙ୍କ ଟାର୍ଗେଟ

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)- ବିଜେଡି, ଭାଜପା ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଛନ୍ତି। ମାତ୍ର ରାଜ୍ୟ ମୁଖ୍ୟ ବିରୋଧୀ କଂଗ୍ରେସର ନେତାମାନେ ନିଜ ନିଜ ମଧରେ କନ୍ଦଳ ଚାଲୁ ରଖିଛନ୍ତି। କୋରାପୁଟ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କୁ ଖୋଲା ଚିଠି ଲେଖି ସମାଲୋଚନା କରିଥିଲେ। ଏହା ଉପରେ ନରସିଂହ କିନ୍ତୁ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନାହାନ୍ତି। ହେଲେ ବିରୋଧୀ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀ ପତି ପରୋକ୍ଷରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ସେ କହିଛନ୍ତି ଯେ, ବିରୋଧୀ ଦଳ ନେତା ଏବଂ ବିରୋଧୀ ମୁଖ୍ୟ ସଚେତକ ପଦ ଛଡାଇ ନେବା ପାଇଁ ଚକ୍ରାନ୍ତ ହୋଇଥିଲା। ଠିକ୍ ସମୟରେ ଜର୍ଜ ଆସି ମିଶିବାରୁ ସମାନ ମାଡ ହେଲା। ଯିଏ ଚକ୍ରାନ୍ତ କରିଛନ୍ତି, ସିଏ ଜେନା । ତାଙ୍କ ଘରେ ବୈଠକ ବସୁଛି। ଶ୍ରୀକାନ୍ତଙ୍କ କଥା କୃଷ୍ଣ ସଗରିଆ କହୁଛନ୍ତି ବୋଲି ତାରାପ୍ରସାଦ କହିଛନ୍ତି। ତାରାଙ୍କ ଏପରି ଅଭିଯୋଗକୁ ଖଣ୍ଡନ କରିଛନ୍ତି ଶ୍ରୀକାନ୍ତ ଜେନା। ସେ କହିଛନ୍ତି ଯେ, କିଛି ଚକ୍ରାନ୍ତ କରିନାହିଁ। କିଏ କ'ଣ କହିଦେଲା, ତା' ଉପରେ ମତାମତ ଦେବାକୁ ବାଧ ନୁହେଁ। ଇସ୍ତଫା ଦେଇଥିବା କୃଷ୍ଣ ସଗରିଆ ଛୁଆ ନୁହନ୍ତି। ତାଙ୍କର ବୁଦ୍ଧି,ବିବେକ ଅଛି ବୋଲି ଯଥାର୍ଥ କାରଣରେ ଇସ୍ତଫା ଦେଇଛନ୍ତି। ଅନେକ ଜନପ୍ରତିନିଧି ଏସ୍‌ସି,ଏସ୍‌ଟିଙ୍କ ସ୍ୱାର୍ଥ କଥା ଗୃହରେ ଉପସ୍ଥାପନ କରୁନାହାନ୍ତି। ତେଣୁ ଏପରି ଆଲୋଚନାରେ କାହାର ଲାଭ ହେବନାହିଁ ବୋଲି ଶ୍ରୀକାନ୍ତ କହିଛନ୍ତି। ଅପରପକ୍ଷରେ ଦଳୀୟ ବିଶୃଙ୍ଖଳା ଯଦି ଭଙ୍ଗ ହୋଇଥିବ, ତେବେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପିସିସି ଶୃଙ୍ଖଳା କମିଟି ମୁଖ୍ୟ ହେମାନନ୍ଦ ବିଶ୍ୱାଳ କହିଛନ୍ତି।

# ଯୁବକଙ୍କୁ ହତ୍ୟା

ବାଲେଶ୍ୱର ଅଫିସ,୧୯।୧୧-ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅଧୀନ ଗୁଡ଼୍ ପଞ୍ଚାୟତ ବାଘମୁଣ୍ଡା ଗ୍ରାମର କନ୍ଦାଇ ଛକ ନିକଟରେ ସପନ ଦଳେଇ (୩୦) ନାମକ ଯୁବକଙ୍କୁ ସୋମବାର ପୂର୍ବାହ୍ନରେ ଧାରୁଆ ଅସ୍ତ୍ର କିମ୍ବା ପଥରରେ ଛେଚି ହତ୍ୟା କରାଯାଇଛି। ରାସ୍ତାକଡରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ପଡିଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ଅପରାହ୍ନରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟଚିକିତ୍ସାଳୟକୁ ପଠାଇଛି। ପାରିପାର୍ଶ୍ୱିକ ଅବସ୍ଥାରୁ ଉକ୍ତ ଯୁବକଙ୍କୁ ହତ୍ୟା କରାଯାଇଥିବା ପୋଲିସ ଅନୁମାନ କରୁଛି।

## ଗଞ୍ଜାମ, ଗଜପତି ଜିଲାର ତିତ୍‌ଲି ପ୍ରଭାବିତ ଅଞ୍ଚଳ ସମୀକ୍ଷା
# ଦୁଇ ଜିଲାକୁ ମିଳିବ ଅଧିକ ୧୩ଶହ ପକ୍କାଘର

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ): ତିତ୍‌ଲି ପ୍ରଭାବିତ ଗଞ୍ଜାମ ଓ ଗଜପତି ଜିଲାର ବିଭିନ୍ନ ଅଞ୍ଚଳରେ ଦେଖାଦେଇଥିବା ପାଣି, ବିଦ୍ୟୁତ୍ ଆଦି ସମସ୍ୟାର ସମାଧାନ କରାଯାଇଛି। ସେହି ଅଞ୍ଚଳଗୁଡିକରେ ବିଦ୍ୟୁତ ସରବରାହ ସ୍ୱାଭାବିକ ସ୍ଥିତିକୁ ଆସିଛି। ଭାଙ୍ଗିଯାଇଥିବା ପିଇବା ପାଣି ପ୍ରକଳ୍ପଗୁଡିକୁ ପୁନଃ କାର୍ଯ୍ୟକ୍ଷମ କରାଯାଇଛି। ତିତ୍‌ଲି ଦ୍ୱାରା ପ୍ରଭାବିତ ହୋଇଥିବା ପରିବାରକୁ ଅହେତୁକ ରିଲିଫ୍ ମଧ୍ୟ ଯୋଗାଯାଇଛି। ରାସ୍ତା ଏବଂ ଟେଲିକମ୍ ସେବାରେ ସମ୍ପୂର୍ଣ୍ଣ ସୁଧାର ଅଣାଯାଇଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ସୋମବାର ସଚିବାଳୟଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ ଏହି ସୂଚନା ଦେଇଛନ୍ତି। ବୈଠକରେ ପାଢୀ ଭିଡିଓ କନ୍‌ଫରେନ୍ସ ଜରିଆରେ ଏନେଇ ସ୍ଥାନୀୟ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି।

ଏହି ଅବସରରେ ପାଢୀ ନିର୍ଦ୍ଦେଶ ଦେଇଛନ୍ତି ଯେ, କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ତୁରନ୍ତ ଘର ପ୍ରଦାନ କରିବା ସହ ଚଳିତ ମାସ ଶେଷସୁଦ୍ଧା ଚାଷୀଙ୍କୁ ଇନ୍‌ପୁଟ ସବ୍‌ସିଡି ଦିଅ। ଏହି ଦୁଇ ଜିଲାକୁ ବିଜୁ ପକ୍କାଘର ଯୋଜନା ଅନ୍ତର୍ଗତ ୧୩ଶହ ପକ୍କାଘର ପ୍ରଦାନ କରିଛନ୍ତି। ଆସନ୍ତା ଡିସେମ୍ବର ଶେଷସୁଦ୍ଧା ଜିଲାବାସୀଙ୍କୁ ଏହି ଘର ପ୍ରଦାନ କରିବା ପାଇଁ ପଞ୍ଚାୟତିରାଜ ସଚିବ ଦେଓ ରଞ୍ଜନ କୁମାର ସିଂଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟାଦେଶ ପ୍ରଦାନର ୬ମାସ ମଧ୍ୟରେ ଯେପରି ହିତାଧିକାରୀମାନେ ସେମାନଙ୍କ ଘର ନିର୍ମାଣ କରିପାରିବେ ତା'ଉପରେ ଗୁରୁତ୍ୱ ଦେବାକୁ ମଧ୍ୟ ପାଢୀ ନିର୍ଦ୍ଦେଶ ଦେଇଛନ୍ତି। ତିତ୍‌ଲି ତାଣ୍ଡବରେ ସମ୍ପୂର୍ଣ୍ଣ ଘର ଭାଙ୍ଗିଥିବା ହିତାଧିକାରୀମାନଙ୍କୁ ରିଲିଫ ଫଣ୍ଡରୁ ୧ଲକ୍ଷ ଟଙ୍କା ଦିଆଯିବା ସହିତ ବିଜୁ ପକ୍କାଘର ଯୋଜନାରେ ସେମାନଙ୍କୁ ଘର ପ୍ରଦାନ ପାଇଁ ବୈଠକରେ ଆଲୋଚନା ହୋଇଛି। ସମୀକ୍ଷାରୁ ଜଣାପଡିଛି ଯେ, ଗଞ୍ଜାମ ଜିଲାର ୪୭୫ ଗ୍ରାମପଞ୍ଚାୟତର ପ୍ରାୟ ସାଢେ ୫ଲକ୍ଷ କ୍ଷତିଗ୍ରସ୍ତଙ୍କ ପାଇଁ ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରାଯାଇଛି। ସେହିପରି ଗଜପତି ଜିଲାର ୧୪୯ ଗ୍ରାମପଞ୍ଚାୟତର ୧ଲକ୍ଷ ୧୮ହଜାର କ୍ଷତିଗ୍ରସ୍ତଙ୍କ ପାଇଁ ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇଛି। ଗଞ୍ଜାମର ୪୫୫ଟି ପାଇପ୍ ଜଳ ଯୋଗାଣ ଯୋଜନା ଏବଂ ୧୬୪୮ ଟ୍ୟୁବ୍‌ୱେଲର ମରାମତି କରାଯାଇଛି। ଗଜପତି ଜିଲାର ୧୬୧ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ଏବଂ ୫୧ଟି ଖରାପ ଟ୍ୟୁବ୍‌ୱେଲକୁ ମରାମତି କରାଯାଇଛି। ଗଞ୍ଜାମ ଜିଲାର ପ୍ରଭାବିତ ପରିବାରକୁ ପ୍ରାୟ ୨୪୯କୋଟି ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯାଇଛି। ସେହିପରି ଗଜପତି ଜିଲାର ପ୍ରଭାବିତ ପରିବାର ପାଇଁ ୫୧କୋଟି ଟଙ୍କା ପ୍ରଦାନ କରାଯାଇଛି। ଗଞ୍ଜାମରେ ଘର ନିର୍ମାଣ ଲାଗି କ୍ଷତିଗ୍ରସ୍ତ ପରିବାରକୁ ୧୯୧କୋଟି ଟଙ୍କା ଏବଂ ଗଜପତି ଜିଲା ପାଇଁ ୮କୋଟି ୨୭ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ନଭେମ୍ବର ଶେଷସୁଦ୍ଧା ସବୁ ପ୍ରକାର ରିଲିଫ ପ୍ରଦାନ କାର୍ଯ୍ୟ ଶେଷ କରିବାକୁ ପାଢୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଇନ୍‌ପୁଟ ସବ୍‌ସିଡି ବାବଦରେ ଗଞ୍ଜାମ ଜିଲାରେ ୨୦୯.୬୭କୋଟି ଟଙ୍କା ଏବଂ ଗଜପତି ପାଇଁ ୩୧.୬୪କୋଟି ଟଙ୍କା ଆକଳନ କରାଯାଇଥିବା ଜଣାପଡିଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ପାଇ ପାଇଛି ଇଲିଶି**
**କଣ୍ଟା ମଣ୍ଟା କରି ଗିଳୁଛି**

ବେଳ ଅବେଳରେ ହଠାତ୍ କୋଉଠୁ କିଛି ମିଳିଗଲେ ଅନେକେ ଆଗପଛ ନ ବିଚାରି ବା ତାହାର ଭଲମନ୍ଦ ଦିଗ ପ୍ରତି ଦୃଷ୍ଟି ନ ଦେଇ ଗ୍ରହଣ କରିନେବାକୁ ଉତ୍ସୁକ ହୋଇପଡ଼ନ୍ତି। ଲାଳସା ଅନ୍ଧ। ଲାଳସାର ବଶବର୍ତ୍ତୀ ଲୋକ ଭୁଲ୍ ଠିକ୍‌ର ହିସାବ ରଖି ନ ଥାଏ। କଥାରେ ଅଛି ଅତି ଲୋଭରୁ ମୃତ୍ୟୁ। ତେଣୁ ଲୋଭ କରି ଅଧିକ ଜିନିଷ ପ୍ରତି ଆକୃଷ୍ଟ ହେଲେ ପରିଶେଷରେ ବିଷମ ଦଶା ଭୋଗିବାକୁ ପଡ଼ିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ନାକ ଟାଉଁ ଟାଉଁ କରୁଛି**
**ପରର ନିରିଖି ମରୁଛି ।**

ଅନ୍ୟର ଭଲ ଦେଖିଲେ କେତେ ଲୋକଙ୍କ ମନ ହାଇଁ ପାଇଁ ହୋଇଯାଏ। ଏଭଳି ବ୍ୟକ୍ତି ଅନ୍ୟର ସୁଖ ଶିରୀକୁ ଆଦୌ ସହ୍ୟ କରି ପାରି ନ ଥାନ୍ତି। ଏହାକୁ ବରଦାସ୍ତ କରିବା ବା ସହଜରେ ଗ୍ରହଣ କରିବା ତାଙ୍କ ପକ୍ଷେ ଅତୀବ କଷ୍ଟକର ହୋଇଯାଇଥାଏ। ଅନ୍ୟର ଆଖିଦୃଶିଆ ଉନ୍ନତି ଦେଖି ଲାଳାୟିତ ହୋଇପଡୁଥିବା ବ୍ୟକ୍ତି ଏହାକୁ ସହି ନ ପାରି ରବେଇ ଖବେଇ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ରାଜ୍ୟ ଭାଗରେ କୁରାଢ଼ି ମାରୁଛି କେନ୍ଦ୍ର

ଭୁବନେଶ୍ୱର,୧୯।୧୧(ବ୍ୟୁରୋ) ରାଜ୍ୟଗୁଡ଼ିକୁ ମିଳୁଥିବା ଅନୁଦାନକୁ କେନ୍ଦ୍ର ସରକାର ଗୋଟିଏ ପରେ ଗୋଟିଏ କୁରାଢ଼ି ମାରି ଚାଲିଛନ୍ତି। କେନ୍ଦ୍ରରେ ଭାଜପା ପରିଚାଳିତ ଏନଡିଏ ସରକାର କ୍ଷମତାକୁ ଆସିବା ପରେ କେନ୍ଦ୍ର ପ୍ରବର୍ତ୍ତିତ ୮ଟି ଯୋଜନାର ମୂଳୋତ୍ପାଟନ କରିଥିବା ବେଳେ ଆହୁରି ଅନେକ ଯୋଜନାରେ କେନ୍ଦ୍ରୀୟ ଅଂଶଧନକୁ କମାଇ ଚାଲିଛନ୍ତି। ଏପରି କି ଦଳିତ ବିକାଶ ଯୋଜନା ମଧ୍ୟ କେନ୍ଦ୍ର ଆକ୍ରୋଶରୁ ବର୍ତ୍ତିନାହିଁ। ପୋଷ୍ଟ ମାଟ୍ରିକ ସ୍କଲାରଶିପ ଅନୁଦାନ ହ୍ରାସକୁ ନେଇ ରାଜ୍ୟ ସରକାର କ୍ଷୁବ୍ଧ ହୋଇଛନ୍ତି।

ଉଚ୍ଚଶିକ୍ଷା କ୍ଷେତ୍ରରେ ରାଜ୍ୟର ୨ ଲକ୍ଷ ଏସସି ବର୍ଗର ପିଲାମାନଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଉଛି। ପୋଷ୍ଟ ମାଟ୍ରିକ ମେଧାବୃତ୍ତି ଏକ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା। କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଏଥିପାଇଁ ୯୦ ପ୍ରତିଶତ ଓ ରାଜ୍ୟ ସରକାର ୧୦ ପ୍ରତିଶତ ଖର୍ଚ୍ଚ ବହନ କରୁଥିଲେ। ୨୦୧୬-୧୭ରେ କେନ୍ଦ୍ର ସରକାର ୨୧୫.୮୦ କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ରାଜ୍ୟ ସରକାର ନିଜ ଅଂଶଧନ ବାବଦରେ ୨୨.୪୮ କୋଟି ପ୍ରଦାନ କରିଛନ୍ତି। ମାତ୍ର ୨୦୧୭-୧୮ରେ ଏହାର ଠିକ୍ ଓଲଟା ହୋଇଗଲା। ରାଜ୍ୟ ସରକାର ସମୁଦାୟ ଖର୍ଚ୍ଚର ୮୦ ପ୍ରତିଶତ ଓ କେନ୍ଦ୍ର ସରକାର ୨୦ ପ୍ରତିଶତ ଖର୍ଚ୍ଚ ବହନ କରିବାକୁ କୁହାଗଲା। ଏଥିଯୋଗୁ ରାଜ୍ୟ ସରକାରଙ୍କୁ ୨୩୮.୨୮ କୋଟି ଟଙ୍କାର ବୋଝ ପଡିବା ବେଳେ କେନ୍ଦ୍ର ସରକାର ମାତ୍ର ୩୫.୧୨ କୋଟି ଟଙ୍କା ପ୍ରଦାନ କଲେ। ୨୦୧୮-୧୯ରେ ରାଜ୍ୟ ସରକାର ୨୩୮.୨୮ କୋଟି ଟଙ୍କା ମେଧାବୃତ୍ତି ବାବଦରେ ଖର୍ଚ୍ଚ କରିଥିବା ବେଳେ କେନ୍ଦ୍ର ସରକାର ୪୯.୩୯ କୋଟି ଟଙ୍କା ଦେବାକୁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ରର ଏଭଳି ଦଳିତ ବିରୋଧୀ ମନୋଭାବକୁ ରାଜ୍ୟ ସରକାର କଡା ବିରୋଧ କରିଛନ୍ତି। ଗତ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବରୁ ପ୍ରଚଳିତ ୯୦: ୧୦ ପ୍ରତିଶତ ହିସାବରେ ଅନୁଦାନ ବ୍ୟବସ୍ଥା କରିବାକୁ କେନ୍ଦ୍ର ମନ୍ତ୍ରୀ ଥାୱରଚାନ୍ଦ ଗେହଲଟଙ୍କୁ ଚିଠି ଲେଖିଛନ୍ତି। ତେବେ ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କଠାରୁ କିଛି ଉତ୍ତର ମିଳି ନାହିଁ। ଏହାକୁ ନେଇ ଶାସକ ଦଳ ସୋମବାର ବିଧାନସଭାରେ ହଙ୍ଗାମା କରିଛନ୍ତି।

# ତିତ୍‌ଲି କ୍ଷତିଗ୍ରସ୍ତଙ୍କୁ ବିଜୁ ପକ୍କାଘର

ଭୁବନେଶ୍ୱର,୧୯।୧୧(ବ୍ୟୁରୋ) ସାମୁଦ୍ରିକ ଝଡ ତିତ୍‌ଲି ଦ୍ୱାରା ପ୍ରଭାବିତ ହୋଇ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିବା ଘରଗୁଡିକୁ ବିଜୁ ପକ୍କାଘର ଯୋଜନାରେ ସାମିଲ କରାଯିବ। ତିତ୍‌ଲି କ୍ଷୟକ୍ଷତି ସମ୍ପର୍କିତ ସମୀକ୍ଷା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଏହି ନିର୍ଦ୍ଦେଶ ଦେଇଛନ୍ତି। ତିତ୍‌ଲି ଦ୍ୱାରା ରାଜ୍ୟର ୧୧ ଜିଲାର ପ୍ରାୟ ୧୩,୦୦୦ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଏହାକୁ ପୁନଃନିର୍ମାଣ କରିବା ସରକାରଙ୍କ ପକ୍ଷରୁ ୧୭୬ କୋଟି ଟଙ୍କା ବିନିଯୋଗ କରାଯିବ ବୋଲି ଜଣାପଡିଛି। ଗୃହ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ସ୍ୱଚ୍ଛତା ରକ୍ଷା କରିବା ପାଇଁ ସମସ୍ତ ୱାର୍କ ଅର୍ଡରକୁ ଏକ ନିର୍ଦ୍ଦିଷ୍ଟ ତାରିଖରେ ବ୍ଲକସ୍ତରରେ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ କାମ ଆରମ୍ଭ କରି ସମୟ ପୂର୍ବରୁ ସାରିବା ପାଇଁ ତୃଣମୂଳ ଅଧିକାରୀଙ୍କୁ କୁହାଯାଇଛି। ବିଜୁ ପକ୍କାଘର ପାଇଁ ନିର୍ମାଣ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ଘରୋଇ ବ୍ୟବସାୟୀ ଏବଂ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଗୁଡିକୁ ଦାୟିତ୍ୱ ଦେବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଏସ୍‌ଏଚ୍‌ଜି ଗୁଡିକୁ ଅତିରିକ୍ତ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି।

# ବସ୍-ବାଇକ୍ ଧକ୍କା, ୩ ବନ୍ଧୁ ମୃତ
## କ୍ଷତିପୂରଣ ଦାବିରେ ରାସ୍ତାରୋକୋ

ସଇଁତଲା,୧୯।୧୧(ଡି.ଏନ୍.ଏ.) ବଲାଙ୍ଗୀର-ଭବାନୀପାଟଣା ୨୬ ନମ୍ବର ଜାତୀୟ ରାଜପଥର ସଇଁତଲା ଥାନା ବଡ଼ମାଲ ଫାଣ୍ଡି ଲୁହୁରାପାଲି ଗାଁ ନିକଟରେ ରବିବାର ବିଳମ୍ବିତ ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୩ ବନ୍ଧୁଙ୍କ ମୃତ୍ୟୁ ହୋଇଛି। ଏକ ଯାତ୍ରୀବାହୀ ବସ୍ ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ସଇଁତଲା ବ୍ଲକ କୁଇକେଡ଼ା ପଞ୍ଚାୟତ କୁଝାରପଡ଼ା ଗ୍ରାମର କାର୍ତ୍ତିକ ମହାକୁର (୩୫), ଗଣ୍ଡପତ୍ରାପାଲିର ଶେଷଦେବ ସ୍ୱାଇଁ (୪୦) ଏବଂ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଘଣ୍ଟାପଡ଼ା ନିକଟ ପୁଡ଼ାପଦର ଗ୍ରାମର ସୁଦାମ କହଁରଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିବାର ଲୋକଙ୍କୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ସୋମବାର ଭାଜପା ନେତା ମହେନ୍ଦ୍ର ଠାକୁରଙ୍କ ନେତୃତ୍ୱରେ ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସଇଁତଲା ତହସିଲଦାର ସ୍ୱଦୀପ ଟପ୍ପୋ, ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ମାଝି, ଥାନା ଅଧିକାରୀ ସୁନୀଲ ସୋରେନ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ରାସ୍ତାରୋକୋ ହଟିଥିଲା।

କାର୍ତ୍ତିକ, ଶେଷଦେବ ଓ ସୁଦାମ ରବିବାର ରାତିରେ ଓଆର୍‌୦୩-ଟି୭୬୯୭ନଂ ବାଇକ୍‌ରେ ବେଲଗାଁ ଯାଉଥିଲେ। ଉମରକୋଟରୁ କଟକ ଅଭିମୁଖେ ଆସୁଥିବା ଓଡି୦୨-ଏଇ୮୬୯୭ନଂ ବିଶିଷ୍ଟ ଘରୋଇ ବସ୍ ସହ ଲୁହୁରାପାଲି ନିକଟରେ ସେମାନଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍ ସମ୍ପୂର୍ଣ୍ଣ ଭାଙ୍ଗି ଚୂରମାର ହୋଇଯାଇଥିଲା। ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ବସ୍ ଡ୍ରାଇଭର ସଇଁତଲା ଥାନା ସମ୍ମୁଖରେ ବସ୍ ଛାଡ଼ି ଫେରାର ହୋଇଯାଇଥିଲେ। ବରଗାଁ ଛକରେ ପାଟ୍ରୋଲିଂ କରୁଥିବା ବଡ଼ମାଲ ଫାଣ୍ଡି କର୍ମଚାରୀ ଦୁର୍ଘଟଣା ସମ୍ପର୍କରେ ସଇଁତଲା ଥାନାକୁ ଖବର ଦେଇଥିଲେ। ସଇଁତଲା ଥାନା ଏସ୍‌ଆଇ ସୁନୀଲ ସୋରେନ, ଦୁର୍ବାଦଳ ମେହେର, ଏଏସ୍‌ଆଇ ମହେଶ୍ୱର ଦାସ ସୁନାନୀଙ୍କ ସମେତ ବଡ଼ମାଲ ଫାଣ୍ଡି ଅଧିକାରୀ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ପଠାଇଥିଲେ। ପରେ ଟିଟିଲାଗଡ଼ ଏସ୍‌ଡିପିଓ ସରୋଜ ମହାପାତ୍ର ଦୁର୍ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ଲାଲ୍ ବାହିନୀକୁ ଖୋଲା ଚାଲେଞ୍ଜ: ବାଲିଗୁଡାରେ ମାଓବାଦୀ ବିରୋଧୀ ପୋଷ୍ଟର

ବାଲିଗୁଡା,୧୯।୧୧(ଡି.ଏନ୍.ଏ.) କନ୍ଧମାଳ ଜିଲା ବାଲିଗୁଡା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ସୋମବାର ମାଓବାଦୀଙ୍କ ବିରୋଧରେ ବିଭିନ୍ନ ସ୍ଥାନରେ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ବାଲିଗୁଡା ଟାଉନ୍‌ର ହାଟପଦା ସାହି ଓ ପାଟଖଣ୍ଡା ମନ୍ଦିର ଅଞ୍ଚଳରେ ଏହି ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ଆନ୍ଧ୍ର-ଓଡ଼ିଶା ବର୍ଡର ଜୋନାଲ୍ କମିଟି ସଚିବ ଜଗବନ୍ଧୁଙ୍କ ଅଡିଓ ଟେପ୍ ଜାରି ପରେ 'ମାଓବାଦୀ ବିରୋଧୀ ସମ୍ପୂର୍ଣ୍ଣ ହିଂସାମୁକ୍ତ ଓଡ଼ିଶା ଅଭିଯାନ' ମୁହଁତୋଡ ଜବାବ ଦେଇଛି। ଅଭିଯାନର 'ଆଣ୍ଟି ନକ୍ସଲ ପିପୁଲ୍ ଫର ପିସ୍ ଫୋର୍ସ' ଜିଲା କମିଟି ପକ୍ଷରୁ କନ୍ଧମାଳ ଜିଲା ବାଲିଗୁଡା ଟାଉନ୍‌ର ହାଟପଦା ସାହି ଓ ପାଟଖଣ୍ଡା ମନ୍ଦିର ଅଞ୍ଚଳରେ ଏହି ମାଓବାଦୀ ବିରୋଧୀ ପୋଷ୍ଟର ଲଗାଯାଇ ଚେତାବନୀ ଦିଆଯାଇଛି। ସୋମବାର ସକାଳୁ ଜନସାଧାରଣଙ୍କ ନଜରରେ ଏହି ପୋଷ୍ଟର ପଡିଥିଲା। ଏଥିରେ ମାଓବାଦୀଙ୍କ ବିଭିନ୍ନ ଅତ୍ୟାଚାରକୁ ତୀବ୍ର ବିରୋଧ କରାଯିବା ସହ ଭୋକ ବିକଳରେ ତାଟିଆ କାମୁଡା ବନ୍ଦ କର ବୋଲି ପୋଷ୍ଟରରେ ଚେତାଇ ଦିଆଯାଇଛି। ଏପରିକି ସମଗ୍ର କନ୍ଧମାଳ ଜିଲା ଏବଂ ସୀମାନ୍ତବର୍ତ୍ତୀ ଜିଲା ନ ଛାଡିଲେ ଅଖା ଧୋଉଥିବ ଗୁଣ ଗାଉଥିବ ସ୍ଥିତି ଉପୁଜିବ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି। ଏହି ମାଓବାଦୀ ବିରୋଧୀ ପୋଷ୍ଟରରେ ମାଓବାଦୀମାନେ କନ୍ଧମାଳରେ ଅତ୍ୟାଚାର କରୁଥିବାରୁ ଏହାର କଡା ଜବାବ ଦିଆଯିବ ବୋଲି ମଧ୍ୟ ଲେଖା ଯାଇଥିବା ଦେଖିବାକୁ ମିଳିଛି। ଆଦିବାସୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ମାଓବାଦୀ ସେମାନଙ୍କ ବିକାଶ, ଶିକ୍ଷା, ରାସ୍ତାଘାଟ ଓ ମେଡିକାଲ୍ ନିର୍ମାଣ ପାଇଁ କିଛି ଯୋଜନା ନ ଥିବା ବେଳେ ମିଛ ବିପ୍ଳବର ଦିବାସ୍ୱପ୍ନ ଆଉ ନ ଦେଖାଇବା ପାଇଁ ଚେତାଇ ଦେଇଛନ୍ତି। ନଚେତ୍ ଆଣ୍ଟି ନକ୍ସଲ୍ ପିପୁଲ୍ସ ପିସ୍ ଫୋର୍ସ ଏହାର କଡା ଜବାବ ଦେବା ସହ ଲାଲ୍‌ଗଡକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି। ଏଥିସହ ଓଡିଶା ରାଜ୍ୟ ମାଓବାଦୀ ମୁର୍ଦ୍ଦାବାଦ, ବାଘୁନା ଡିଭିଜନ୍ ଲାଲ୍ କମିଟି ମୁର୍ଦ୍ଦାବାଦ, କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ନୟାଗଡ ଡିଭିଜନାଲ୍ କମିଟି ମୁର୍ଦ୍ଦାବାଦ ବୋଲି ଶେଷରେ ଉଲ୍ଲେଖ ରହିଛି।


# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625338716
9625390375
Add : - T-51, Gautampuri, Delhi

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162



SMS JOB
SEND SMS, EARN MONEY
TELECOM - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ !

କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
08013841721
08013848031

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।

A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odis77407) । ଖାଲି ଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ। ଅଗ୍ରିମ 70,000,00 ଭଡ଼ା 50,000 + ଏକ ବାଇକ୍ + 1 ଲାପ୍‌ଟପ୍ ଫ୍ରି + ମାସିକ 60,000ର ଅନ୍ୟାନ୍ୟ ସୁବିଧା। (ଇଚ୍ଛୁକ ବ୍ୟକ୍ତି ଫୋନ୍ କରନ୍ତୁ)
8670077673
310, Gram-Mohammadapur, Village-Mahammadpur, Tehsil- Gogawa, Dist- Khargone, MP - 451335

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

ଦୀପାବଳି ଧମାକା
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଏହି ଅଫର୍ 30 ନଭେମ୍ବର ପର୍ଯ୍ୟନ୍ତ ଉପଲବ୍ଧ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ
ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଇତ୍ୟାଦି ଋଣ
ମାତା/ଭଉଣୀଙ୍କୁ ବିଶେଷ ରିହାତି
2% ସୁଧ 50% ରିହାତି + ସବ୍‌ସିଡି
9625419406
8695337370
Add : - 41/14, Sec-1 Pushp Vihar, Delhi

ଭାରତର ନଂ.୧
MUDRA Finance Group
ପିଏମ୍ ଏବଂ ବିତ୍ତ ମନ୍ତ୍ରଣାଳୟ ଦ୍ୱାରା ଜନକଲ୍ୟାଣ ଆବାସ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ, ବ୍ୟବସାୟ,ଇଟାଭାଟି ଏବଂ ସବୁପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ପାଆନ୍ତୁ। 1% ସୁଧ 40% ସରକାରୀ ସବ୍‌ସିଡି।
Shaldoha, Mahushmuriya, East Singhbhum, Bharagora, Jharkhand - 832301
Helpline Numbers:
74090203163

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

## ସଂକ୍ଷେପରେ

### ଫରେଷ୍ଟରଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

କଟକ ଅଫିସ/ପାଟଣା/କେନ୍ଦୁଝର, ୧୯।୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟନା ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟର ଫରେଷ୍ଟର ଶଶୀଭୂଷଣ ବାରିକଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୬୭ ଲକ୍ଷ ୮୬ହଜାର ୬୬୮ ଟଙ୍କା। ବାରିକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଆଧାର କରି ଭିଜିଲାନ୍ସ ପକ୍ଷରୁ ସୋମବାର ବାରିକଙ୍କ ଘର, ଅଫିସ ସମେତ ମୋଟ ୩ ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଥିଲା। ଯାଞ୍ଚ ହୋଇଥିବା ସ୍ଥାନଗୁଡ଼ିକ ମଧ୍ୟରେ କେନ୍ଦୁଝର ସଦର ତହସିଲ ଅଧୀନ କାଶୀପୁର ଗ୍ରାମରେ ଥିବା ଆବାସିକ କୋଠା, କେନ୍ଦୁଝର ସହରର ଖୋଲପା ନିକଟରେ ଥିବା ଘର ଓ ପାଟଣା ରେଞ୍ଜ ଅଫିସ ରହିଛି। ଏହି ଯାଞ୍ଚ ପରେ ଠାବ ସମ୍ପତ୍ତିର ମୂଲ୍ୟାୟନ କରାଯାଇଛି। କାଶୀପୁର କୋଠାର ମୂଲ୍ୟ ୨୯ ଲକ୍ଷ ୪ହଜାର ଟଙ୍କା ହିସାବ କରାଯାଇଥିବାବେଳେ କେନ୍ଦୁଝର ସହରର କାଶୀପୁର ଓ ହଳଦିଆଟାଙ୍ଗିରି ଆଦି ଅଞ୍ଚଳରେ ତାଙ୍କର ୩ଟି ପ୍ଲଟ ରହିଛି। ଉକ୍ତ ପ୍ଲଟ ସମୂହର ମୂଲ୍ୟ ୩ ଲକ୍ଷ ୧୪ହଜାର ୫୦୦ ଟଙ୍କା ହେବ। ସେହିପରି ବିଭିନ୍ନ ବ୍ୟାଙ୍କରେ ୨୦ ଲକ୍ଷ ୭୨ହଜାର ୭୦୫ ଟଙ୍କା ଓ ୫ ଲକ୍ଷ ଟଙ୍କାର ମ୍ୟୁଚୁଆଲ ଫଣ୍ଡ ଜମା ଥିବା ଭିଜିଲାନ୍ସ ସୂଚନା ଦେଇଛି। ଏହି ସମସ୍ତ ସମ୍ପତ୍ତି ବାରିକ ଓ ତାଙ୍କ ପରିବାର ଲୋକଙ୍କ ନାମରେ ଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

# ସିଜିଡି ପ୍ରକଳ୍ପର ଶିଳାନ୍ୟାସ କରିବେ ମୋଦି




- ଗୁରୁବାର ହେବ ଶୁଭାରମ୍ଭ
- ମୋଟ୍ ୬୩ ଭୌଗୋଳିକ କ୍ଷେତ୍ରରେ ପ୍ରକଳ୍ପ
- ଓଡ଼ିଶାର ୭ ଭୌଗୋଳିକ କ୍ଷେତ୍ର ସାମିଲ

ଭୁବନେଶ୍ୱର,୧୯।୧୧

ନବମ ଓ ଦଶମ ସିଟି ଗ୍ୟାସ୍ ବିତରଣ ପ୍ରକଳ୍ପ(ସିଜିଡି) ଅଧୀନରେ ଦେଶର ମୋଟ୍ ୬୩ ଭୌଗୋଳିକ କ୍ଷେତ୍ର ସମେତ ଓଡିଶାର ୭ କ୍ଷେତ୍ରର ଶିଳାନ୍ୟାସ ଓ ବିଡ଼ିଂ ପର୍ଯ୍ୟାୟ ଗୁରୁବାର ଶୁଭାରମ୍ଭ ହେବ। ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାଇଭ୍ ଷ୍ଟ୍ରିମିଂ ଦ୍ୱାରା ପ୍ରକଳ୍ପଗୁଡ଼ିକୁ ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ଅବସରରେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ହର୍ଷବର୍ଦ୍ଧନ, ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଓଡିଶାର ପ୍ରକଳ୍ପ ହେବାକୁ ଥିବା ଭୌଗୋଳିକ କ୍ଷେତ୍ର ମଧ୍ୟରେ ସୁନ୍ଦରଗଡ-ଝାରସୁଗୁଡା, ଯାଜପୁର-କେନ୍ଦୁଝର, ଅନୁଗୋଳ-ଢେଙ୍କାନାଳ, ବାଲେଶ୍ୱର-ଭଦ୍ରକ-ମୟୂରଭଞ୍ଜ, ବରଗଡଦେବଗଡ-ସମ୍ବଲପୁର, ଗଞ୍ଜାମ-ନୟାଗଡ - ପୁରୀ ଏବଂ ଜଗତ୍‌ସିଂହପୁର-କେନ୍ଦ୍ରାପଡା ଭଳି ଜିଲା ରହିଛି। ଓଡିଶାର ବିଭିନ୍ନ ଭୌଗୋଳିକ ଅଞ୍ଚଳରେ ହେବାକୁ ଥିବା କାର୍ଯ୍ୟକ୍ରମରେ ରାଉରକେଲାରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ବ୍ରହ୍ମପୁରଠାରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ର ମନ୍ତ୍ରୀ ରାମ କ୍ରିପାଲ ଯାଦବ, ଯାଜପୁରରୋଡଠାରେ କେନ୍ଦ୍ର ଜନଜାତିବ୍ୟାପାର ରାଷ୍ଟ୍ରମନ୍ତ୍ରୀ ସୁଦର୍ଶନ ଭଗତ ଯୋଗଦେବେ ବୋଲି ଏକ ଖବରଦାତା ସମ୍ମିଳନୀରେ ପ୍ରକଳ୍ପ ଦାୟିତ୍ୱ ଭାର ନେଇଥିବା କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟର ବିଭିନ୍ନ ସହରରେ ପ୍ରଦୂଷଣ ହ୍ରାସ କରିବା ପାଇଁ ପାଇପ୍ ଲାଇନ୍ ଜରିଆରେ ଗ୍ୟାସ ସଂଯୋଗକୁ ୧୮ ଲକ୍ଷରୁ ଏକ କୋଟିକୁ ବୃଦ୍ଧି କରାଯିବ ବୋଲି କେନ୍ଦ୍ର ପେଟ୍ରୋଲିୟମ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଉର୍ଜା ସଙ୍ଗମ କାର୍ଯ୍ୟକ୍ରମ ଦ୍ୱାରା ଏଭଳି ପଦକ୍ଷେପକୁ ପ୍ରୋତ୍ସାହିତ କରାଯାଉଛି। ଓଡିଶାର ଭୌଗୋଳିକ କ୍ଷେତ୍ର ମଧ୍ୟରୁ ଜଗତ୍‌ସିଂହପୁର, କେନ୍ଦ୍ରାପଡା, ଯାଜପୁର, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ବରଗଡ, ଦେବଗଡ, ସମ୍ବଲପୁର ଜିଲ୍ଲାର କାର୍ଯ୍ୟ ଭାରତ ଗ୍ୟାସ୍ ରିସୋର୍ସେସ ଲିମିଟେଡକୁ ଦିଆଯାଇଛି। ସେହିଭଳି ବାଲେଶ୍ୱର,ଭଦ୍ରକ, ମୟୂରଭଞ୍ଜ ଜିଲାରେ ୨୦ସିଏନ୍‌ଜିଷ୍ଟେଶନ, ୧,୫୦,୪୬୪ ଗ୍ୟାସ ସଂଯୋଗ ଲାଗି କାର୍ଯ୍ୟଭାର ଆଦାନି ଗ୍ୟାସ ଲିମିଟେଡକୁ ପ୍ରଦାନ କରାଯାଇଛି। ଏହା ବାଦ ସୁନ୍ଦରଗଡ, ଝାରସୁଗୁଡା, ଗଞ୍ଜାମ,ନୟାଗଡ, ପୁରୀ ଜିଲାରେ ଗ୍ୟାସ୍ ଅଥରିଟି ଇଣ୍ଡିଆ ଲିମିଟେଡ(ଗେଲ୍) ପ୍ରକଳ୍ପ କାର୍ଯ୍ୟ କରିବ ବୋଲି ସୂଚନା ରହିଛି।

ପିଏନ୍‌ଜିଆରବି ପକ୍ଷରୁ ନବମ ସିଜିଡି ବିଡିଙ୍ଗ୍ ରାଉଣ୍ଡରେ ସାରା ଦେଶର ୧୭୪ ଜିଲାରେ ୮୬ଟି ନୂଆ ଭୌଗୋଳିକ କ୍ଷେତ୍ରକୁ ସଂଯୋଗୀକରଣ ଯୋଜନା ରହିଛି। ଏହାର କାର୍ଯ୍ୟ ବର୍ତ୍ତମାନ ଅଗ୍ରସର ହେଉଛି। କ୍ଷେତ୍ରଗୁଡିକରେ ଆଗାମୀ ୫ ବର୍ଷ ମଧ୍ୟରେ ୨,୧୦୦ କୋଟି ଟଙ୍କା ନିବେଶ ହେବାର ଯୋଜନା ରହିଛି। ଏହି ପଦକ୍ଷେପ ଦ୍ୱାରା ଓଡିଶାରେ ୧୯ ହଜାରରୁ ଉର୍ଦ୍ଧ୍ୱ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହେବ। ଏହି ପ୍ରକଳ୍ପ ଅଧୀନରେ ଆଗାମୀ ୮ ବର୍ଷରେ ଜଗତ୍‌ସିଂହପୁର-କେନ୍ଦ୍ରାପଡା ଜିଲାରେ ୧୭୪ କୋଟି, ଯାଜପୁର-କେନ୍ଦୁଝର ଜିଲାରେ ୪୬୬ କୋଟି, ଅନୁଗୋଳ-ଢେଙ୍କାନାଳ ଜିଲାରେ ୩୬୪ କୋଟି, ବରଗଡ-ଦେବଗଡ-ସମ୍ବଲପୁର ଜିଲାରେ ୨୮୪ କୋଟି ଟଙ୍କା ପୁଞ୍ଜି ବିନିଯୋଗ ହେବ। ସେହିଭଳି ବାଲେଶ୍ୱର-ଭଦ୍ରକ-ମୟୂରଭଞ୍ଜ ଜିଲାରେ ୫୦୦ କୋଟି, ସୁନ୍ଦରଗଡ-ଝାରସୁଗୁଡା-ଗଞ୍ଜାମ-ନୟାଗଡ ଓ ପୁରୀ ଜିଲାଗୁଡିକରେ ୯୪୪ କୋଟି ଟଙ୍କା ବିନିଯୋଗ ଯୋଜନା ରହିଛି। ଏହା ମଧ୍ୟରେ ଗଞ୍ଜାମ-ନୟାଗଡ-ପୁରୀ ଜିଲାରେ ୭୨୮ କୋଟି ଟଙ୍କା ବିନିଯୋଗ ଦ୍ୱାରା ୧୫ ସିଏନ୍‌ଜି ଷ୍ଟେଶନ ଏବଂ ୫୧ ହଜାର ଘରକୁ ପ୍ରାକୃତିକ ଗ୍ୟାସ ଯୋଗାଣ ହେବ। ଅପର ପକ୍ଷରେ ସୁନ୍ଦରଗଡ-ଝାରସୁଗୁଡାରେ ୨୦ ସିଏନ୍‌ଜି ଷ୍ଟେଶନ ଏବଂ ୧ ଲକ୍ଷ ଘରକୁ ପ୍ରାକୃତିକ ବାଷ୍ପ ଯୋଗାଣ ନେଇ ଲକ୍ଷ୍ୟ ରହିଛି।


ଶ୍ରୀଜୀଉଙ୍କ ଲକ୍ଷ୍ମୀନାରାୟଣ ବେଶ।

- ଆରମ୍ଭ ହେଲା ପଞ୍ଚୁକ

# ଭକ୍ତ ଦେଖିଲେ ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶ

ପୁରୀ ଅଫିସ,୧୯।୧୧

ପବିତ୍ର କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ଆରମ୍ଭ ହୋଇଛି ପଞ୍ଚୁକ ବ୍ରତ। ପଞ୍ଚୁକ ବ୍ରତର ପ୍ରଥମ ଦିନ ଅର୍ଥାତ୍ ସୋମବାର ମହାପ୍ରଭୁ ରତ୍ନସିଂହାସନରେ ଲକ୍ଷ୍ମୀନାରାୟଣ ବେଶ ତଥା ଠିଆକିଆ ବେଶରେ ଦର୍ଶନ ଦେଇଛନ୍ତି। ଉତ୍ସବମୁଖର ହୋଇଉଠିଛି ଶ୍ରୀକ୍ଷେତ୍ର। ଦାରୁଦିଅଁଙ୍କ ଲକ୍ଷ୍ମୀନାରାୟଣ ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ମଙ୍ଗଳବାର କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତିଥିରେ ରତ୍ନସିଂହାସନରେ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଅନୁଷ୍ଠିତ ହେବ। ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କ ଅବକାଶ ନୀତି ପରେ ଲକ୍ଷ୍ମୀନାରାୟଣ ବେଶ ହୋଇଥିଲା। ଖୁଣ୍ଟିଆ ସେବକଙ୍କ ଅସହଯୋଗ ଯୋଗୁ ବେଶ ବିଳମ୍ବ ହୋଇଥିଲା। ଅବକାଶ ନୀତି ସକାଳ ୭ଟା ବେଳେ ସମ୍ପନ୍ନ ହୋଇଥିଲା। ଏହାପରେ ବେଶ ଆରମ୍ଭ ହୋଇଥିଲା। ବେଶ ବେଳେ ସିଂହାରୀ ସେବକମାନେ ଅସହଯୋଗ କରିଥିଲେ। ଏକ ଘଣ୍ଟାରୁ ଦୁଇଘଣ୍ଟା ମଧ୍ୟରେ ସରିବାକୁ ଥିବା ବେଶ ଅପରାହ୍ନ ପ୍ରାୟ ୧ଟା ବେଳେ ହୋଇଥିଲା। ପୁଷ୍ପାଳକମାନେ ତିନିଠାକୁରଙ୍କୁ ଏହି ବେଶରେ ଭୂଷିତ କରାଇଥିଲେ। ଏଥିରେ ଠାକୁର ୨୩ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ୪ ସୁବର୍ଣ୍ଣ ଶ୍ରୀଭୁଜ, ୩ କିରୀଟ, ୪ ଶ୍ରୀପୟର, ୬ଟି କାନ, ୪ କଦମ୍ବମାଳି, ୧ ହରିଡା କଦମ୍ବମାଳି, ୨ ବାହାଡା ମାଳି, ଗୋଟିଏ ତବିଜ ମାଳି, ଗୋଟିଏ ବାଘନଖି ମାଳି, ୩ ସେବତୀ ମାଳି, ୨ ହଳମୂଷଳ, ଗୋଟିଏ ଚକ୍ର, ୨ ତ୍ରିଶାଖା, ୩ ଅଳକା, ୪ ଶ୍ରୀମୁଖ ପଦ୍ମ, ଗୋଟିଏ ରୁପା ଶଙ୍ଖ, ୩ ଓଡ଼ିଆଣି, ୩ ଚନ୍ଦ୍ରସୂର୍ଯ୍ୟ, ୨ ତିଳକ (ଚିତା), ୩ ଘାଘଡା ମାଳି, ୪ କୁଣ୍ଡଳ, ୨ଟି ତଡ଼ଗୀ ଓ ଗୋଟିଏ ସ୍ୱର୍ଣ୍ଣ ଟୋପର ଲାଗି ହୋଇଥିଲା। ଏହି ମାସରେ ଅନୁଷ୍ଠିତ ହୋଇଥିବା ରାଧା ଦାମୋଦର ବେଶରେ ଠାକୁର ଶ୍ରୀହସ୍ତରେ ନଳୀଭୁଜ ଧାରଣ କରୁଥିବାବେଳେ ଲକ୍ଷ୍ମୀନାରାୟଣ ବେଶରେ ଶ୍ରୀଭୁଜ, ଶଙ୍ଖ, ଚକ୍ର, ହଳ, ମୂଷଳ ସହିତ ଅନ୍ୟାନ୍ୟ ଅଳଙ୍କାର ଧାରଣ କରିଥାନ୍ତି। ସୁନାବେଶ ଭଳି ଏହି ବେଶରେ ଠାକୁରମାନଙ୍କ ମସ୍ତକରେ ସ୍ୱର୍ଣ୍ଣକିରୀଟ ଶୋଭାପାଇଥାଏ। କିରୀଟ ପଛ ପାର୍ଶ୍ୱରେ ସୁବର୍ଣ୍ଣ କିଆ ଲଗାଯାଇଥାଏ। ମସ୍ତକରେ ସୁବର୍ଣ୍ଣ କିଆ ଠିଆ ହୋଇରହିଥିବାରୁ ଏହି ବେଶର ନାମ ଠିଆକିଆ ବେଶ। ପରମ୍ପରା ଅନୁଯାୟୀ ବାଳଧୂପ ସରିବା ପରେ ତିନି ବାଡରେ ପଣ୍ଡା, ପତି ଓ ମୁଦିରସ୍ତ ବନ୍ଦାପନା କରିଥିଲେ।

## ଆଜି ବାଙ୍କଚୂଡ଼ା ବେଶ

# ଚାଷୀ ଆନ୍ଦୋଳନ ଦମନକୁ ବିରୋଧୀ ଦଳ ନେତାଙ୍କ ସମାଲୋଚନା

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇର ମାଳିପୁର ଗାଁରେ ସତ୍ୟାଗ୍ରହ କରୁଥିବା ଚାଷୀମାନଙ୍କ ଉପରେ ପ୍ରଶାସନର ଦମନନୀତିକୁ ବିରୋଧୀ ଦଳ ନେତା ନରସିଂହ ମିଶ୍ର ସମାଲୋଚନା କରିଛନ୍ତି। ଚଳିତ ଶୀତ ଅଧିବେଶନର ତୃତୀୟ ଦିନର ଦ୍ୱିତୀୟାର୍ଦ୍ଧରେ ବିରୋଧୀ ଦଳ ନେତା ଏହି ପ୍ରସଙ୍ଗ ଉଠାଇଛନ୍ତି। ସେ କହିଛନ୍ତି ଯେ, ଚାଷୀମାନେ ଗଣତାନ୍ତ୍ରିକ ଢଙ୍ଗରେ ସତ୍ୟାଗ୍ରହ କରିବାକୁ ପ୍ରଶାସନ ଦମନ କରିବା ନିନ୍ଦନୀୟ। ମିଳିଥିବା ସୂଚନାନୁଯାୟୀ ସତ୍ୟାଗ୍ରହୀ ମାନଙ୍କୁ ଜାତୀୟ ରାଜପଥରେ ଚଲାଇ ନ ଦିଆଯିବା, ବିଜୁ ଗୁଣ୍ଡା ବାହିନୀ ଦ୍ୱାରା ପ୍ରଭାବିତ କରାଯିବା ଘଟଣା ଅଭିଯୋଗ ହୋଇଛି। ସେହିପରି ସାଧାରଣ ଚାଷୀଟିଏ ନ୍ୟାୟ ପାଇବା ଆଶାରେ ସ୍ଥାନୀୟ ପୋଲିସ ପ୍ରଶାସନ ପାଖକୁ ଯାଇଥାଏ। ମାତ୍ର ପ୍ରଶାସନ ନିର୍ଦ୍ଦେଶରେ ସେମାନେ ଦେଉଥିବା ଏତଲାକୁ ବି ଗ୍ରହଣ କରାଯାଉନାହିଁ। ଏହାଠାରୁ ଦୁର୍ଭାଗ୍ୟଜନକ ଘଟଣା କ'ଣ ହୋଇପାରେ ବୋଲି ନରସିଂହ କହିଛନ୍ତି। ସେହିପରି ସାମାନ୍ୟ ଦୁଇ ଚକିଆ ମୋଟର ଯାନରେ ଟନ୍ ଟନ୍ ଚାଉଳ ବୁହାଯିବା, ଶାସକ ଦଳ ସ୍ଥାନୀୟ ଜିଲା ସଭାପତି ବିଭିନ୍ନ ଅନିୟମିତତାରେ ସଂପୃକ୍ତ ନେଇ ଅଭିଯୋଗ ହେବା ରାଜ୍ୟର ଶାସନ ବ୍ୟବସ୍ଥାର ଚିତ୍ର ପ୍ରଦାନ କରୁଛି। ସେହିପରି ଶାସକ ଦଳର ହଟ୍ଟଗୋଳ ଦ୍ୱାରା ପ୍ରଶ୍ନୋତ୍ତରକୁ ବାତିଲ କରାଯିବା, ବିରୋଧୀଙ୍କ ମୁଲତବୀ ପ୍ରସ୍ତାବ ଗ୍ରହଣ ହୋଇ ଆଲୋଚନା ନ ହେବା ଏବଂ ଗୃହକୁ ୩ଟା ପର୍ଯ୍ୟନ୍ତ ମୁଲତବୀ କରାଯିବା ନେଇ ବିରୋଧୀ ଦଳ ନେତା ପ୍ରଶ୍ନ ଉଠାଇଛନ୍ତି। ଅପରପକ୍ଷରେ ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ ସଚିବାଳୟରେ ସିବିଆଇ ପଶିବା ଖବରକୁ ନେଇ ମଧ୍ୟ ନରସିଂହ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ ଯେ, କେଉଁ ପରିସ୍ଥିତିରେ ସିବିଆଇ ଆସିଲେ । ସେମାନଙ୍କୁ କିପରି ଅନୁମତି ମିଳିଲା। କେଉଁ ଘଟଣାର ତଦନ୍ତ କରାଯାଉଛି, ସେ ସମ୍ପର୍କରେ ସରକାର ସ୍ପଷ୍ଟୀକରଣ ରଖନ୍ତୁ। ଯଦି ଏପରି ହୋଇ ନ ଥାଏ, ତେବେ ଗଣମାଧ୍ୟମ ଏପରି ଖବର ପ୍ରକାଶ କରିବା ଉଚିତ ନୁହେଁ ବୋଲି ନରସିଂହ ମତ ରଖିଛନ୍ତି। ବିରୋଧୀ ଦଳ ନେତାଙ୍କ ବକ୍ତବ୍ୟ ସରିବା ପରେ ଗୃହ କାର୍ଯ୍ୟ ଅସ୍ୱାଭାବିକ ହୋଇଥିଲା। ଶାସକ ମୁଖ୍ୟ ସଚେତକ ଅମର ଶତପଥୀ ଏସ୍‌ସି,ଏସ୍‌ଟି ଛାତ୍ରୀଛାତ୍ରଙ୍କ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇବା ନେଇ ମତ ରଖୁଥିବା ବେଳେ ବିରୋଧୀ ତଥା କଂଗ୍ରେସର ସଭ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହୋହଲ୍ଲା କରିଥିଲେ। ଏଣୁ ବାଚସ୍ପତି ପ୍ରଦୀପ ଅମାତ ଅପରାହ୍ନ ୩ଟା ୧୧ରୁ ୩୦ ମିନିଟ୍ ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ମୁଲତବୀ ରଖିଥିଲେ। ଏହା ପରେ ମଧ୍ୟ ଗୃହ କାର୍ଯ୍ୟ ମିନିଟିଏ ମଧ୍ୟ ଚାଲି ପାରି ନ ଥିଲା। ଏହା ପରେ ବାଚସ୍ପତି ବାଧ୍ୟ ହୋଇ ଗୃହ କାର୍ଯ୍ୟକୁ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି।

- ବଳରାମପୁର ବିୟର ବଟଲିଂ ପ୍ଲାଣ୍ଟ ବିବାଦ

# ମାମଲା ବିଚାରାଧୀନ ଥିବାବେଳେ ଗଛ କାଟିବା ବେଆଇନ

କଟକ ଅଫିସ, ୧୯।୧୧

ଢେଙ୍କାନାଳ ଓଡ଼ାପଡ଼ା ବ୍ଲକ ବଳରାମପୁର ଗ୍ରାମ ନିକଟରେ ବିୟର ବଟଲିଂ ପ୍ଲାଣ୍ଟ ନିର୍ମାଣ ପାଇଁ ବହୁସଂଖ୍ୟକ ଗଛ କଟାଯିବାକୁ ନେଇ ବିବାଦ ଉପୁଜିଛି। ଗ୍ରାମବାସୀଙ୍କ ପ୍ରବଳ ବିରୋଧକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଗଛକଟା ବନ୍ଦ ରଖିବା ସହିତ ଏହାର ଆର୍‌ଡିସି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ରିପୋର୍ଟ ପାଇବା ପରେ ମୁଖ୍ୟମନ୍ତ୍ରୀ ସୋମବାର ବିୟର ବଟଲିଂ ପ୍ଲାଣ୍ଟ ନିର୍ମାଣକୁ ବାତିଲ କରିଦେଇଛନ୍ତି। ଅନ୍ୟପକ୍ଷରେ ପ୍ଲାଣ୍ଟ ନିର୍ମାଣକୁ ସ୍ଥାନୀୟ ଅଧିବାସୀ ଆରମ୍ଭରୁ ବିରୋଧ କରି ଆସୁଥିଲେ। ଗତବର୍ଷ ନଭେମ୍ବରରେ ଗ୍ରାମବାସୀ ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନ୍‌ଜିଟିରେ ମାମଲା ବିଚାରାଧୀନ ଥିବାବେଳେ ଜଙ୍ଗଲ ପରିପୂର୍ଣ୍ଣ ପ୍ରସ୍ତାବିତ ସ୍ଥାନରୁ ଗଛ କଟାଯିବା ପରିବେଶ ଆଇନର ଉଲ୍ଲଂଘନ ବୋଲି ଦର୍ଶାଇ ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ ଶଙ୍କର ପ୍ରସାଦ ପାଣି ସୋମବାର ଏନ୍‌ଜିଟିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମାମଲାର ଶୁଣାଣି ଆସନ୍ତା ୨୭ ତାରିଖରେ କରାଯିବ ବୋଲି ଆଡଭୋକେଟ ପାଣି ସୂଚନା ଦେଇଛନ୍ତି।

## ଆବେଦନକାରୀ ପୁନର୍ବାର ଏନ୍‌ଜିଟିଙ୍କ ଦ୍ୱାରସ୍ଥ




ସୂଚନାଥାଉକି, ବଳରାମପୁର ମୌଜାର ୯୨ ଏକର ଜଙ୍ଗଲ ଜମିରେ ବିୟର ଫ୍ୟାକ୍ଟ୍ରି ପାଇଁ ବେଆଇନ ଭାବେ କିସମ ପରିବର୍ତ୍ତନ କରାଯାଇଥିବା ଆଡଭୋକେଟ ପାଣି ଗ୍ରାମବାସୀଙ୍କ ପକ୍ଷରୁ ଏନ୍‌ଜିଟିରେ ମାମଲା ରୁଜୁ କରିଥିଲେ। ଉକ୍ତ ଜମି ଟାଁଆଶା ପାହାଡକୁ ଲାଗି ରହିଛି। ବର୍ତ୍ତମାନ ସ୍ଥିତିରେ ଉକ୍ତ ଜମି ଉପରେ ଜଙ୍ଗଲ ରହିଛି। ପାଖାପାଖି ୬୦୦ ଏକର ପରିମିତ ଘଞ୍ଚ ଜଙ୍ଗଲ ଥିବାବେଳେ ସେଥିରୁ ୯୨ ଏକରର କିସମ ପରିବର୍ତ୍ତନ କରାଯିବା ଘଟଣାକୁ ଗ୍ରାମବାସୀ ବିରୋଧ କରିଥିଲେ। ବିଶେଷ କରି ଯେଉଁ ଜମିର କିସମ ପରିବର୍ତ୍ତନ କରାଯାଇଛି ସେଥିରୁ ୧୨ ଏକର ଜମିରେ ବିୟର ବଟଲିଂ ପ୍ଲାଣ୍ଟ ଖୋଲିବା ପାଇଁ ବ୍ୟବସ୍ଥା କରାଯାଇ ଜମି ହସ୍ତାନ୍ତର ହୋଇଥିଲା। ଗ୍ରାମବାସୀଙ୍କ ଯୁକ୍ତି ହେଉଛି ଉକ୍ତ ୯୨ ଏକର ଜମି ବନ୍ୟପ୍ରାଣୀଙ୍କ ଚଲାବାଟ ହୋଇଥିବାବେଳେ ଅଧିକାଂଶ ସମୟରେ ସେଠାରେ ହାତୀ ଆସି ରହିଥାନ୍ତି। ୬୦୦ ଏକର ଘଞ୍ଚ ଜଙ୍ଗଲ ମଧ୍ୟରୁ ୯୨ ଏକର ଜମି ଇଡ୍‌କୋକୁ ହସ୍ତାନ୍ତର କରାଯିବା ପରେ ସମସ୍ତ ଜମି ଉପରେ ଏହାର ପ୍ରଭାବ ପଡ଼ିବ। କାରଣ ଯେଉଁଭଳି ଭାବେ ୧୨ ଏକର ଜମି ଉପରେ ବିୟର ବଟଲିଂ ପ୍ଲାଣ୍ଟ ଖୋଲାଯିବା ପାଇଁ ବ୍ୟବସ୍ଥା ହୋଇଛି କାଳକ୍ରମେ ବାକି ଜମି ଉପରେ ଅନ୍ୟ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରାଯିବାକୁ ଭିତିରି ବ୍ୟବସ୍ଥା କରାଯାଉଛି। ଉକ୍ତ କିସମ ପରିବର୍ତ୍ତନ ମଧ୍ୟ ଜଙ୍ଗଲ ସଂରକ୍ଷଣ ଆଇନର ବିରୁଦ୍ଧାଚରଣ କରୁଛି।

# ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ

- ୪୧ ଦିନରେ ଚତୁର୍ଥ ଘଟଣା

**ପୁରୀ ଅଫିସ,୧୯।୧୧:** ବାରମ୍ବାର ସୋସିଆଲ ମିଡିଆରେ ଭାଇରାଲ ହେଉଛି ଶ୍ରୀମନ୍ଦିର ଭିତର ଫଟୋ। କେତେବେଳେ ଭକ୍ତ ତ ପୁଣି କେତେବେଳେ ପୋଲିସ କର୍ମଚାରୀ ସେଲ୍‌ଫି ଏବଂ ଫଟୋ ଉଠାଇ ଭାଇରାଲ କରୁଛନ୍ତି। ଏହାକୁ ରୋକିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ଏବଂ ପୋଲିସ ଯେତେ ଚେଷ୍ଟା କରୁଥିଲେ ମଧ୍ୟ ଏଥିରେ ଅଙ୍କୁଶ ଲାଗିପାରୁ ନାହିଁ। ସୋମବାର ପୁଣି ଏକ ଭାଇରାଲ ପଦାକୁ ଆସିଛି। ଗୁଜରାଟ ସୁରଟର ତେଜସ ସେଲର ନାମକ ଜଣେ ଯୁବକ ଶ୍ରୀମନ୍ଦିର ଭିତର ଫଟୋ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ୪୧ ଦିନରେ ଚତୁର୍ଥ ଥର ପାଇଁ ଶ୍ରୀମନ୍ଦିର ଫଟୋ ଭାଇରାଲ ଘଟଣାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ୍ ନେବା ଉପରେ କଟକଣା ରହିଛି। ହେଲେ ତେଜସ ନିଜେ ମୋବାଇଲ ଫୋନ୍ ଭିତରକୁ ନେଇ ଏହି ଫଟୋ ଉଠାଇଛନ୍ତି ନା ତାଙ୍କୁ ସାଙ୍ଗରେ ନେଇଥିବା ବ୍ୟକ୍ତି ଉଠାଇ ତାଙ୍କୁ ଦେଇଛନ୍ତି ତାହା ଜଣାପଡିନାହିଁ। ତେବେ ତେଜସଙ୍କ ଫେସ୍‌ବୁକ ଆକାଉଣ୍ଟରେ ପୋଷ୍ଟ ହୋଇଥିବା ଫଟୋ କୀର୍ତ୍ତନ ଚକଡା ନିକଟରେ ଉଠାଯାଇଛି। ଶ୍ରୀମନ୍ଦିର ଚାରିଦ୍ୱାରରେ ପୋଲିସ ମୁତୟନ ରହିଛନ୍ତି। ଭକ୍ତଙ୍କୁ ଯାଞ୍ଚ କରି ଭିତରକୁ ଛାଡୁଛନ୍ତି। ତେବେ କିପରି ମୋବାଇଲ ଭିତରକୁ ନେଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ପୂର୍ବରୁ ବହୁବାର ଶ୍ରୀମନ୍ଦିର ଭିତର ଫଟୋ ଭାଇରାଲ ହୋଇଛି। ଏପରି କି ଗର୍ଭଗୃହର ଫଟୋ ମଧ୍ୟ ବାହାରେ ବୁଲିଛି। ନିକଟରେ ଗତ ଅକ୍ଟୋବର ୮ରେ ପୁରୀ ସମୁଦ୍ରକୂଳ ଥାନାର ଜଣେ ଏଏସ୍‌ଆଇ ବାଇଶପାହାଚରେ ଶ୍ରାଦ୍ଧ ଦେବା ବେଳର ଫଟୋ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ପୋଷ୍ଟ କରିଥିଲେ। ଏହା ଜଣାପଡିବା ପରେ ପୁରୀ ଏସ୍‌ପି ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଥିଲେ। ସେହିପରି ଗତ ୪ ତାରିଖରେ ବାଙ୍ଗାଲୋରରୁ ମେଘା ଲୁଥ୍ରା ନାମ୍ନୀ ଜଣେ ଯୁବତୀଙ୍କ ଫେସ୍‌ବୁକ ଆକାଉଣ୍ଟରେ ଶ୍ରୀମନ୍ଦିର ଭିତର ଫଟୋ ଅପ୍‌ଲୋଡ ହୋଇଥିବା ଜଣାପଡିଥିବା ବେଳେ ଗତ ୮ ତାରିଖରେ ହିତେଶ ସୋନାନୀ ନାମକ ଜଣେ ଇସ୍କନ ଭକ୍ତଙ୍କ ଫେସ୍‌ବୁକ ଆକାଉଣ୍ଟରେ ଶ୍ରୀମନ୍ଦିର ଏକାଧିକ ଫଟୋ ପୋଷ୍ଟ ହୋଇଥିବା ପଦାକୁ ଆସିଥିଲା।

# ରାଜ୍ୟରେ ଅପରାଧ ବଢ଼ିଛି

## ୨ ବର୍ଷରେ ୧.୫୭ ଲକ୍ଷ ମାମଲା ରୁଜୁ

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

ରାଜ୍ୟରେ ଅପରାଧ ବଢ଼ିବାରେ ଲାଗିଛି। ଗତ ଦୁଇ ବର୍ଷ ପରିସଂଖ୍ୟାନରୁ ଏହା ସ୍ପଷ୍ଟ ହେଉଛି। ୨୦୧୭ ଓ ଚଳିତ ବର୍ଷ ସେପ୍ଟେମ୍ବର ମଧ୍ୟରେ ରାଜ୍ୟରେ ୧ ଲକ୍ଷ ୫୭ ହଜାର ୫୯୪ ଟି ଧର୍ତ୍ତବ୍ୟ ଅପରାଧ ପଞ୍ଜୀକୃତ ହୋଇଛି। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୧୭ ସେପ୍ଟେମ୍ବର ଶେଷ ସୁଦ୍ଧା ୭୭,୫୯୬ ଧର୍ତ୍ତବ୍ୟ ଅପରାଧ ପଞ୍ଜୀକୃତ ହୋଇଥିବା ବେଳେ ୨୦୧୮ ସେପ୍ଟେମ୍ବର ଶେଷ ସୁଦ୍ଧା ୭୯,୯୯୮ ଧର୍ତ୍ତବ୍ୟ ଅପରାଧ ପଞ୍ଜୀକୃତ ହୋଇଛି। ଦ୍ରୁତ ଶିଳ୍ପାୟନ ଓ ସହରୀକରଣ, ଉନ୍ନତ ଯୋଗାଯୋଗ ବ୍ୟବସ୍ଥା, ଇଣ୍ଟରନେଟ ଓ କମ୍ପ୍ୟୁଟରର ବ୍ୟାପକ ବ୍ୟବହାର ଯୋଗୁ ଅପରାଧ ବୃଦ୍ଧି ଘଟୁଛି। ତେବେ ରାଜ୍ୟରେ ବ୍ୟାଙ୍କ ଡକାୟତି ଓ ଛିନ୍‌ତାଇ ଘଟଣା ବଢୁଥିବା ସତ୍ୟ ନୁହେଁ। ଅପରାଧକୁ ରୋକିବା ପାଇଁ ରାଜ୍ୟ ପୋଲିସ ଦିନରାତି ପାଟ୍ରୋଲିଂ କରୁଥିବା ବେଳେ ସିସିଟିଭି କ୍ୟାମେରା ବ୍ୟବହାର, ଆଲାର୍ମ ବ୍ୟବସ୍ଥା, ସ୍ଥାନୀୟ ଥାନା ସହିତ ସଂଯୋଗୀକରଣ ତଥା ନିୟମିତ ବ୍ୟବଧାନରେ ବ୍ୟାଙ୍କର ଉପରିସ୍ଥ ଅଫିସରଙ୍କ ସହ ନିରାପତ୍ତା ବନ୍ଦୋବସ୍ତ ସମ୍ପର୍କରେ ବ୍ୟାପକ ଆଲୋଚନା ହେଉଛି।

## ରାଜ୍ୟରେ ଖାଲିପଡ଼ିଛି ୧ଲକ୍ଷ ୩୧ ହଜାର ପଦବୀ

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

ରାଜ୍ୟ ସରକାରୀ ଚାକିରିରେ ୧ ଲକ୍ଷ ୩୧ ହଜାରରୁ ଅଧିକ ପଦବୀ ଖାଲିପଡ଼ିଛି। ଭାଜପା ସଦସ୍ୟ ଦିଲୀପ ରାୟଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ବିଧାନସଭାରେ ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ୨୦୧୮ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟରେ ମୋଟ୍ ୧,୩୧,୫୧୮ ପଦବୀ ଖାଲିପଡ଼ିଛି। ସେଥିରୁ ଗ୍ରୁପ୍ ଏ ପାହ୍ୟାରେ ୬୨୨ ପଦବୀ ଖାଲି ପଡ଼ିଥିବା ବେଳେ ଗ୍ରୁପ୍ ବି ପାହ୍ୟାରେ ୨୫,୨୩୧ ପଦବୀ ଖାଲି। ସେହିପରି ଗ୍ରୁପ୍ ସି ପାହ୍ୟାରେ ସର୍ବାଧିକ ୬୩,୭୩୩ ପଦବୀ ଖାଲି ପଡ଼ିଥିବା

ବେଳେ ଗ୍ରୁପ୍ ଡି ପାହ୍ୟାରେ ଖାଲିପଡ଼ିଛି ୨୨,୯୨୬ ପଦବୀ। ଗ୍ରୁପ୍ ଏ, ବି, ସି ଓ ଡି ରେ ମୋଟ ୧,୨୦,୫୧୨ଟି ସରକାରୀ ଚାକିରି ପଦବୀ ଖାଲି ପଡ଼ିଥିବା ବେଳେ ବିଭିନ୍ନ ଗ୍ରାଣ୍ଟ ଇନ୍ ଏଡ୍ ପଦବୀରେ ଖାଲି ରହିଛି ୧୧,୦୦୬ପଦବୀ। ସ୍କୁଲ ଓ ଗଣଶିକ୍ଷା ବିଭାଗରେ ୩୦,୨୯୯ପଦବୀ ଖାଲି ପଡ଼ିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ନିୟନ୍ତ୍ରଣରେ ଥିବା ସ୍ୱରାଷ୍ଟ୍ର ବିଭାଗରେ ଖାଲିପଡ଼ିଛି ୧୬,୭୩୧ ପଦବୀ। ସେହିପରି ସ୍ୱାସ୍ଥ୍ୟ ବିଭାଗରେ ୧୬,୦୭୧ ପଦବୀ ଖାଲି ପଡ଼ିଥିବା ବେଳେ ରାଜସ୍ୱ ବିଭାଗରେ ୭,୩୯୦, ଜଳସମ୍ପଦ ବିଭାଗରେ ୬୧୫, କୃଷି ବିଭାଗରେ ୫,୪୬୨, ପଞ୍ଚାୟତିରାଜରେ ୩,୯୬୫, ନଗରଉନ୍ନୟନ ବିଭାଗରେ ୩,୫୧୪, ଅର୍ଥ ବିଭାଗରେ ୨,୩୯୨, ପୂର୍ତ୍ତ ବିଭାଗରେ ୩,୪୮୦, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗରେ ୨,୨୯୩, ଜଙ୍ଗଲ ଓ ପରିବେଶ ବିଭାଗରେ ୩,୫୯୦, ଗ୍ରାମ୍ୟ ଉନ୍ନୟନ ବିଭାଗରେ ୨,୮୬୨, ଉଚ୍ଚଶିକ୍ଷାବିଭାଗରେ ୭,୩୫୧, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗରେ ୩,୯୬୫ ପଦବୀ ଓ ଦକ୍ଷତା ବିକାଶ ବିଭାଗରେ ୧,୯୭୮ ପଦବୀ ଖାଲିପଡ଼ିଛି। ଏହାଛଡ଼ା ରାଜ୍ୟ ସରକାରଙ୍କ ଅନ୍ୟ ବିଭାଗରେ ମଧ୍ୟ ବହୁ ପଦବୀ ଖାଲିଅଛି। ରାଜ୍ୟ ସରକାରୀ ଚାକିରିରେ ବିଭିନ୍ନ ପାହ୍ୟାରେ ୪,୯୭,୨୫୭ ଓ ଗ୍ରାଣ୍ଟ ଇନ୍ ଏଡ୍ ସଂସ୍ଥାଗୁଡ଼ିକରେ ୮୫,୭୬୪ ମଞ୍ଜୁରୀପ୍ରାପ୍ତ ପଦବୀ ରହିଛି। ସରକାରୀ ହିସାବ ମୁତାବକ ୨୦୧୫ମାର୍ଚ୍ଚ ଶେଷ ବେଳକୁ ୧,୪୭,୫୨୨ ପଦବୀ ଖାଲି ପଡ଼ିଥିବା ବେଳେ ୨୦୧୧ ମାର୍ଚ୍ଚ ସୁଦ୍ଧା ଓଡ଼ିଶା ସରକାରଙ୍କ ଅଧୀନରେ ଖାଲି ପଡ଼ିଥିବା ପଦବୀ ସଂଖ୍ୟା ଥିଲା ୧,୪୧,୪୮୪।

## ଋଣ ବୋଝ ଟପିବ ୯୧,୯୪୩ କୋଟି

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)- ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଓଡ଼ିଶାର ମୋଟ୍ ଋଣଭାର ୯୧,୯୪୩ କୋଟି ଟଙ୍କାକୁ ଟପିବ ବୋଲି ରାଜ୍ୟ ସରକାର ଅଟକଳ କରିଛନ୍ତି। ୨୦୧୭-୧୮ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟ ସରକାରଙ୍କ ମୋଟ୍ ଋଣଭାର ୭୩,୬୮୪.୬୬ କୋଟି ଟଙ୍କା ଥିବା ବେଳେ ୨୦୧୮-୧୯ବର୍ଷ ଶେଷ ସୁଦ୍ଧା ଏହି ପରିମାଣ ୯୧,୯୪୩.୬୮ କୋଟି ଟଙ୍କା ହେବ ବୋଲି ସରକାର ହିସାବ କରିଛନ୍ତି। ରାଜ୍ୟର ଋଣଭାର ସଂକ୍ରାନ୍ତରେ ଭାଜପା ସଦସ୍ୟ ଦିଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା ଏହା କହିଛନ୍ତି।

୨୦୦୬-୦୭ବର୍ଷ ଶେଷ ବେଳକୁ ରାଜ୍ୟ ସରକାରଙ୍କ ଋଣ ପରିମାଣ ୩୭,୨୯୪.୫୧ କୋଟି ଟଙ୍କା ଥିବା ବେଳେ ୨୦୧୦-୧୧ ଶେଷ ବେଳକୁ ତାହା ୩୯,୧୩୬.୯୧ କୋଟି ଟଙ୍କାରେ ପହଞ୍ଚିଥିଲା ବୋଲି ଅର୍ଥମନ୍ତ୍ରୀଙ୍କ ଉତ୍ତରରେ ଦର୍ଶାଯାଇଛି। ସରକାରଙ୍କ ତଥ୍ୟ ମୁତାବକ ୨୦୦୬-୦୭ରେ ରାଜ୍ୟ ସରକାର ୨,୬୪୩.୮୦କୋଟି ଟଙ୍କା ଋଣ କରିଥିବା ବେଳେ ୨୦୧୭-୧୮ରେ ୧୪,୪୧୯.୪୧ କୋଟି ଟଙ୍କା ଋଣ ଉଠାଇଥିଲେ। ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସ ଭିତରେ ସରକାର ୫,୭୦୧.୦୭ କୋଟି ଟଙ୍କା ଋଣ କରିଛନ୍ତି।

୨୦୦୬-୦୭ରେ ରାଜ୍ୟ ସରକାର ୧,୮୫୦.୭୪ କୋଟି ଟଙ୍କା ଋଣର ମୂଳ ଓ ୩,୧୮୮.୪୩ କୋଟି ଟଙ୍କା ସୁଧ ବାବଦରେ ପ୍ରଦାନ କରିଥିବା ବେଳେ ୨୦୧୦-୧୧ବର୍ଷରେ ମୂଳ ପରିଶୋଧ ପାଇଁ ୨,୦୮୩.୫୯ କୋଟି ଓ ସୁଧ ବାବଦରେ ୩,୦୩୪.୧୭କୋଟି ଟଙ୍କା ଶୁଝିଛନ୍ତି। ୨୦୧୭-୧୮ ରେ ରେକର୍ଡ ପରିମାଣର ସର୍ବାଧିକ ଋଣ କରାଯାଇଥିବା ବେଳେ ଉକ୍ତ ବର୍ଷରେ ୨,୬୨୦.୨୧ କୋଟି ମୂଳ ବାବଦକୁ ଓ ୪,୯୮୮.୩୪ କୋଟି ଟଙ୍କା ସୁଧ ବାବଦକୁ ଶୁଝିଛନ୍ତି। ତେବେ ଚଳିତ ଆର୍ଥିକବର୍ଷର ପ୍ରଥମ ୬ ମାସରେ ରାଜ୍ୟ ସରକାର ମାତ୍ର ୯୩୫.୧୫ କୋଟି ଟଙ୍କା ମୂଳ ଓ ୧,୭୮୯.୦୮ କୋଟି ଟଙ୍କା ସୁଧ ବାବଦରେ ପୈଠ କରିଥିବା ଅର୍ଥମନ୍ତ୍ରୀ କହିଛନ୍ତି।

## ପ୍ରଶ୍ନୋତ୍ତର



# ଓଡ଼ିଶା ସଚିବାଳୟ ସେବା କ୍ୟାଡର ୧୬୧ ପଦବୀ ଖାଲି

- ୬ ଅତିରିକ୍ତ ସଚିବ,୧୬ ଯୁଗ୍ମ ସଚିବ ପଦବୀ ଖାଲି
- ୧୭୨ ଯନ୍ତ୍ରୀ ପଦ ଖାଲି
- ଓଏଫ୍‌ଏସ୍‌ରେ ୨୮୦ ପଦବୀ ଖାଲି

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

ଓଡ଼ିଶା ସଚିବାଳୟ ସେବାରେ ମଞ୍ଜୁରୀପ୍ରାପ୍ତ ସମସ୍ତ ୬ଟି ଅତିରିକ୍ତ ସଚିବ ଓ ୧୬ଟି ଯୁଗ୍ମ ସଚିବ ପଦବୀ ଖାଲି ପଡିଛି। ସେହିପରି ୪ଟି ଲେଖାଏଁ ଉପ ସଚିବ ଓ ଅନୁସଚିବ, ୧୭ଟି ଡେସ୍କ ଅଫିସର ଏବଂ ୧୧୪ଟି ଉପବିଭାଗ ଅଧିକାରୀ ପଦବୀ ଖାଲି ପଡିଛି। ଏହିପରି ଭାବେ ସଚିବାଳୟ ସେବା କ୍ୟାଡର ୧୬୧ ପଦବୀ ଖାଲି ପଡିଥିବା ଜଣାପଡିଛି। ସୋମବାର ବିଧାନସଭାରେ ଶାସକ ଦଳ ସଭ୍ୟ ମାନସ ମାଡକାମୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲିଖିତଭାବେ ଏହି ଉତ୍ତର ଦିଆଯାଇଛି।

ଅତିରିକ୍ତ ସଚିବ ପଦବୀ ପୂରଣ ପାଇଁ ୩ ବର୍ଷ ଅଭିଜ୍ଞତାସମ୍ପନ୍ନ ଉପଯୁକ୍ତ ଯୁଗ୍ମ ସଚିବ ନ ଥିବା ଉତ୍ତରରେ ଦର୍ଶାଯାଇଛି। ଅନୁରୂପଭାବେ ଯୁଗ୍ମ ସଚିବ ପଦବୀ ପୂରଣ ନିମନ୍ତେ ୩ ବର୍ଷ ଅଭିଜ୍ଞତାସମ୍ପନ୍ନ ଉପ ସଚିବ ନ ଥିବା କୁହାଯାଇଛି। ଖାଲି ସଚିବ ଅନୁସଚିବ ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଉଛି। ହେଲେ ବିଭିନ୍ନ ଅଧିକାରୀଙ୍କ ଚରିତ୍ରପଞ୍ଜିକା ନ ଥିବାରୁ ଖାଲି ଥିବା ଡେସ୍କ ଅଫିସର ପଦବୀଗୁଡିକ ପୂରଣ ହୋଇନାହିଁ। ସେହିପରି ୧୧୪ ଉପବିଭାଗ ଅଧିକାରୀ ପଦରୁ ୬୯ଟି ପଦବୀ ଜନଜାତି ବର୍ଗ ପାଇଁ ଉଦ୍ଦିଷ୍ଟ, ତେଣୁ ପଦବୀ ପାଇଁ ଆବଶ୍ୟକ ସଂପୃକ୍ତ ବର୍ଗର ସହକାରୀ ଉପବିଭାଗ ଅଧିକାରୀ ନାହାନ୍ତି। ଅବଶିଷ୍ଟ ୪୫ଟି ପଦବୀ ପୂରଣ ପୂରଣ ନିମିତ୍ତ ବିଭାଗୀୟ ପଦୋନ୍ନତି କମିଟି ସୁପାରିସ ଚୟନ ତାଲିକା ପ୍ରସ୍ତୁତି ହୋଇଛି। ହେଲେ ରାଜଧାନୀ ଭୁବନେଶ୍ୱରସ୍ଥିତ ଓଡ଼ିଶା ପ୍ରଶାସନିକ ଟ୍ରିବ୍ୟୁନାଲରେ ଗୋଟିଏ ମାମଲା ବିଚାରାଧୀନ ଥିବାରୁ ପଦବୀ ପୂରଣ ହୋଇ ପାରି ନ ଥିବା ଉତ୍ତରରେ ଦର୍ଶାଯାଇଛି। ସେହିପରି ରାଜ୍ୟରେ ୧୭୨ଟି ମଞ୍ଜୁରୀପ୍ରାପ୍ତ ଯନ୍ତ୍ରୀ ପଦବୀ ଖାଲି ରହିଛି। ଏହା ମଧ୍ୟରେ ଗୋଟିଏ ମୁଖ୍ୟଯନ୍ତ୍ରୀ, ୧୦ ଅଧୀକ୍ଷଣ ଯନ୍ତ୍ରୀ, ୭ ନିର୍ବାହୀ ଯନ୍ତ୍ରୀ, ୧୫୦ ସହକାରୀ ଯନ୍ତ୍ରୀ ଏବଂ ୪ଟି କନିଷ୍ଠ ଯନ୍ତ୍ରୀ ପଦବୀ ଖାଲି ପଡିଛି। ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ ମଲିକଙ୍କ ଦ୍ୱାରା ଶାସକ ସଭ୍ୟ ମାନସ ମାଡକାମୀଙ୍କ ପ୍ରଶ୍ନରେ ଏହି ଉତ୍ତର ଦିଆଯାଇଛି। ଅପରପକ୍ଷରେ ଓଡ଼ିଶା ଅର୍ଥ ସେବା(ଓଏଫ୍‌ଏସ୍)ରେ ବିଭିନ୍ନ ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ୨୮୦ଟି ପଦବୀ ଖାଲି ରହିଛି। ସଭ୍ୟ ମାନସଙ୍କ ପ୍ରଶ୍ନର ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା ଦେଇଥିବା ଉତ୍ତରରୁ ଏହା ସ୍ପଷ୍ଟ ହୋଇଛି। ଓଏଏଫ୍(ଏସ୍‌ଏସ୍‌ଜି)ରେ ୨, ଓଏଫ୍‌ଏସ୍(ଏସ୍‌ଏଜି) ୩, ଓଏଫ୍‌ଏସ୍(ଏସ୍‌ଜି) ୩, ଓଏଫ୍‌ଏସ୍-୧(ଏସ୍‌ବି) ୨୯ ଏବଂ ଓଏଫ୍‌ଏସ୍-୧(ଜେବି) ୨୪୩ଟି ପଦବୀ ଖାଲି ପଡିଛି।



ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।

- ରବର୍ଟ ୱାଲ୍‌ପୋଲ୍



## ସଂକ୍ଷେପରେ

ଜଗମୋହନ ମରାମତି ମାମଲା

### ସତ୍ୟପାଠ ଦାଖଲ କଲା ଏଏସ୍‌ଆଇ

**କଟକ ଅଫିସ, ୧୯।୧୧:** ଶ୍ରୀମନ୍ଦିର ଜଗମୋହନରେ ଫାଟ ସୃଷ୍ଟି ହେବାକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାର ଶୁଣାଣି ସୋମବାର ହୋଇଥିଲା। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଏସ୍.ଏନ୍. ପ୍ରସାଦଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ପକ୍ଷରୁ କୋର୍ଟରେ ରିପୋର୍ଟ ଦାଖଲ କରାଯାଇଥିଲା। ବୈଷୟିକ କମିଟି ପରାମର୍ଶ ଅନୁଯାୟୀ ମରାମତି କାର୍ଯ୍ୟ ଆଗେଇ ଚାଲିଥିବା ଏଏସ୍‌ଆଇ ସତ୍ୟପାଠ ମାଧ୍ୟମରେ ରିପୋର୍ଟ ଦାଖଲ କରିଥିଲା। ଏଥିରେ ନାଟ ମଣ୍ଡପ ପାର୍ଶ୍ୱ ମନ୍ଦିର କାର୍ଯ୍ୟର ଅଗ୍ରଗତି ଉଲ୍ଲେଖ ରହିଛି। ଆସନ୍ତା ଜାନୁୟାରୀ ୭ରେ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ରିପୋର୍ଟ ଦେବା ପାଇଁ ଖଣ୍ଡପୀଠ ଏଏସ୍‌ଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଡଭୋକେଟ ଡ. ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

### କଟକ ପୋଲିସ୍‌ର ଚଢ଼ାଉ: ୭ ଚୋରା ବାଇକ୍ ଉଦ୍ଧାର

**ବାଲୁଗାଁ,୧୯।୧୧(ଡି.ଏନ.ଏ.):** ଏକ ଚୋରା ବାଇକ୍ ଗ୍ୟାଙ୍ଗକୁ ଠାବ କରିବାରେ କଟକ ପୋଲିସ ସଫଳ ହୋଇଛି। ଅଭିଯୁକ୍ତଙ୍କ ବୟାନକ୍ରମେ ବାଲୁଗାଁ ଓ ବାଣପୁରର ବିଭିନ୍ନ ସ୍ଥାନରୁ ୭ଗୋଟି ଚୋରା ବାଇକ୍ ଉଦ୍ଧାର କରାଯାଇଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଏହି ଗ୍ୟାଙ୍ଗ ବାଇକ୍ ଚୋରି କରି ଅନ୍ୟତ୍ର ବିକ୍ରି କରୁଥିବା ବେଳେ କିଛିଦିନ ତଳେ ପୋଲିସକୁ ଏ ସମ୍ପର୍କରେ ସୁରାକ୍ ମିଳିଥିଲା। ଗ୍ୟାଙ୍ଗର ମୁଖ୍ୟ କାର୍ପେଟଦାର ଧରାପଡ଼ିବା ପରେ ତାଙ୍କ ବୟାନକ୍ରମେ ଚୋରା ଗାଡ଼ି ଉଦ୍ଧାର ଜାରି ରହିଛି। ଏପରିସ୍ଥଳେ ଗତ ଦୁଇଦିନ ହେଲା କଟକ ପୋଲିସ ଏଠାରେ ଡ଼େରା ପକାଇ ସ୍ଥାନୀୟ ପୋଲିସ ସହାୟତାରେ ବାଲୁଗାଁ ଓ ବାଣପୁର ଅଞ୍ଚଳରୁ ମୋଟ ୭ଗୋଟି ବାଇକ୍ ଉଦ୍ଧାର କରିଛି। ଏହି ଘଟଣାରେ ବାଲୁଗାଁର ଜଣେ ଯୁବକ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ତାଙ୍କୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି।

### ପୋଷଣମୁକ୍ତ ସମାଜଗଠନ ଲାଗି ଓଏଲ୍‌ଏମ୍‌ର ଗୁରୁତ୍ୱ

**ଭୁବନେଶ୍ୱର,୧୮-୧୧:** କୁପୋଷଣମୁକ୍ତ ସମାଜ ଗଠନକୁ ଧ୍ୟାନରେ ରଖି ଅପପୁଷ୍ଟିର ହ୍ରାସ ଲାଗି ଓଡିଶା ଲାଇଭଲିହୁଡ ମିଶନ(ଓଏଲ୍‌ଏମ୍) ପକ୍ଷରୁ ପଦକ୍ଷେପ ନିଆଯାଇଛି। ଅପପୁଷ୍ଟି ସମ୍ପର୍କରେ ଅବଗତ କରାଯିବା ସହ ଉପଯୁକ୍ତ ଖାଦ୍ୟ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଛି। ସେହିଭଳି ମହିଳାମାନେ କିଭଳି ରୋଜଗାରକ୍ଷମ ହୋଇ ପାରିବେ ସେ ଉପରେ ମିଶନ ପକ୍ଷରୁ ବିଭିନ୍ନ କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଛି। ଅଜିମ ପ୍ରେମ୍‌ଜୀ ଫିଲାନଥ୍ରୋପିକ ଇନିସିଏଟିଭ୍ (ଏପିପିଆଇ)ର ମିଳିତ ପ୍ରୟାସରେ ଏଭଳି କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଯାଇଛି। ଓଡିଶା ଜିବିକା ମିଶନର ପ୍ରସ୍ତାବ କ୍ରମେ ଓଡିଶା ପୃଷ୍ଟି କାର୍ଯ୍ୟ ଯୋଜନା ଆକ୍ସନ ପ୍ଲାନକୁ ଏପିପିଆଇ ବୋର୍ଡ ପକ୍ଷରୁ ଅନୁମୋଦନ ମିଳିଛି। ଏହି କାର୍ଯ୍ୟକ୍ରମର ସୁପରିଚାଳନା ଲାଗି ରାଜ୍ୟର ବିଭିନ୍ନ ଜିଲାରେ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ରାଜ୍ୟର ୨୨୧ ପଞ୍ଚାୟତ ଗୁଡିକରୁ ହିତାଧିକାରୀଙ୍କୁ ଚୟନକରି ସେମାନଙ୍କୁ ପୋଷଣ ବଗିଚା,କୁକୁଡା ଏବଂ ଛେଳି ପାଳନ ନେଇ ପ୍ରୋତ୍ସାହିତ କରିବାକୁ ଯୋଜନା ରହିଛି। ସେହିଭଳି ଅନ୍ୟ କେତେକ ପଦକ୍ଷେପ ଦ୍ୱାରା ଜୀବନ ଜୀବିକାରେ ଉନ୍ନତିକରଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ଓଡିଶା ଜୀବିକା ମିଶନ ପକ୍ଷରୁ ସୂଚନା ରହିଛି।

# ନିଦରୁ ଉଠିଲେ ମହାପ୍ରଭୁ

**ପୁରୀ ଅଫିସ,୧୯।୧୧**

ରଥଯାତ୍ରା ପରେ ହରିଶୟନ ଏକାଦଶୀରେ ନିଦ୍ରା ଯାଇଥିଲେ ମହାପ୍ରଭୁ। ଚାରି ମାସ ପରେ କାର୍ତ୍ତିକ ଶୁକ୍ଳ ଏକାଦଶୀରେ ମହାପ୍ରଭୁ ନିଦରୁ ଉଠିଛନ୍ତି। ଏହି କାର୍ତ୍ତିକ ଶୁକ୍ଳ ଏକାଦଶୀକୁ ହରି ଉତ୍‌ଥାପନ ଏକାଦଶୀ କୁହାଯାଏ। ଶ୍ରୀମନ୍ଦିରରେ ସୋମବାର ହରି ଉତ୍‌ଥାପନ ନୀତି ସମ୍ପନ୍ନ ହୋଇଛି। ଠାକୁରଙ୍କ ଏହି ଶୟନ ଚାରିମାସକୁ ଚତୁର୍ମାସ୍ୟା ବୋଲି କୁହାଯାଏ। ଏହି ସମୟରେ ଶୁଭ କାର୍ଯ୍ୟ କରାଯାଏ ନାହିଁ। ମହାପ୍ରଭୁ ନିଦରୁ ଉଠିବା ପରେ ସୋମବାରଠାରୁ ଆରମ୍ଭ ହୋଇଛି ଶୁଭ କାଳ ଓ ଶୁଭ କର୍ମ। ମହାପ୍ରଭୁଙ୍କ ପ୍ରତିନିଧି ଭାବେ ଶ୍ରୀନାରାୟଣ, ବଳଭଦ୍ରଙ୍କ ପ୍ରତିନିଧି ଶ୍ରୀବାସୁଦେବ ଏବଂ ଦେବୀ ସୁଭଦ୍ରାଙ୍କ ପ୍ରତିନିଧି ଭାବେ ମା' ଭୁବନେଶ୍ୱରୀ ଶୟନ ଯାଇଥିଲେ।

**ଆରମ୍ଭ ହେଲା ଶୁଭ କାଳ**



ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରେ ହରି ଉତ୍‌ଥାପନ ଏକାଦଶୀ ଅନ୍ୟତମ। ଶ୍ରୀମନ୍ଦିରରେ ବଡ଼ସିଂହାର ଭୋଗ ସରିବା ପରେ ହରି ଉତ୍‌ଥାପନ ନୀତି ଆରମ୍ଭ ହୋଇଥିଲା। ରତ୍ନସିଂହାସନ ତଳେ ମହାସ୍ନାନ ପୂଜାପାଠ ପରେ ମୁଦିରସ୍ତ ଓ ପଣ୍ଡା ୩ ଜଣ ଖଟଶେଯ ଘର ଉପରକୁ ଯାଇ ତଡାଉ ଶୟନ ପେଡି ମୁଦ ଭାଙ୍ଗିଥିଲେ। ମୁଦିରସ୍ତ ଶୟନ ପେଡି ଖୋଲି କର୍ପୂର, ଆଳତି, ଅଞ୍ଜଳି କରାଇ ୩ଟି ରୁପା ଥାଳିରେ ୩ ଦିଅଁଙ୍କୁ ବିଜେ କରାଇ ପଣ୍ଡାଙ୍କୁ ସମର୍ପଣ କରିଥିଲେ। ପୂଜାପଣ୍ଡାମାନେ ତିନି ଠାକୁରଙ୍କୁ ଖଟୁଲିରେ ବିଜେ କରାଇ ମହାସ୍ନାନ କରାଇଥିଲେ। ମହାସ୍ନାନ ପରେ ଠାକୁରମାନେ ସିଂହାସନକୁ ବିଜେ ହୋଇଥିଲେ। ତିନିଠାକୁରଙ୍କ ସର୍ବାଙ୍ଗ ଲାଗି, ନୂଆ ଲୁଗା, ମାଳ ଫୁଲ ଲାଗି ହେବା ସହ ୬ ମୂର୍ତ୍ତି ଅଳଙ୍କାର ବେଶ ହୋଇଥିଲେ। ବଲ୍ଲଭ ବଡ଼ସିଂହାର ଭୋଗ ପଟୁଆରରେ ଆସିଥିଲା। ତଲ୍ଲୁଛ ସେବକ ଷୋଡ଼ଶ ଉପଚାରରେ ମଣୋହି କରିଥିଲେ। ପରେ ଠାକୁରମାନେ ଶୟନ ଘରକୁ ବିଜେ କରିଥିଲେ। ସୋମବାର ଶ୍ରୀମନ୍ଦିରରେ ନୀତି ବିଳମ୍ବ ରହିଥିବା ବେଳେ ବିଳମ୍ବିତ ରାତିରେ ଏହି ନୀତି ସମ୍ପନ୍ନ ହୋଇଥିଲା।




ଭୁବନେଶ୍ୱରର କଳିଙ୍ଗଷ୍ଟାଡିୟମଠାରେ ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବାକୁ ଥିବା ହକି ବିଶ୍ୱକପ୍ ପରିପ୍ରେକ୍ଷୀରେ ଉତ୍କଳ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ସ୍ଥାପନ କରାଯାଇଥିବା କଳାକୃତି 'ମାଇଁ ହାର୍ଟବିଟ୍ ଫର୍ ହକି' ସହ ଫଟୋ ଉଠାଛନ୍ତି ଛାତ୍ରୀଛାତ୍ର।

■ ଗୁଞ୍ଜନ ନୃତ୍ୟ, ସଙ୍ଗୀତ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

# ମୁଗ୍ଧ କଲା ଭାରତନାଟ୍ୟମ୍

**କଟକ ଅଫିସ,୧୯।୧୧**

ପୁରାଣ କଥାବସ୍ତୁକୁ ନେଇ ନୃତ୍ୟ। ଭାରତନାଟ୍ୟମ ନୃତ୍ୟ ମାଧ୍ୟମରେ ରାମାୟଣ, ମହାଭାରତର କାହାଣୀ ଓ ଚରିତ୍ରମାନଙ୍କୁ ଠିକ୍ ଢଙ୍ଗରେ ଉପସ୍ଥାପନ କରିଥିଲେ ମହୀଶୂର ଭୂଷଣ ଡ୍ୟାନ୍ସ ଏକାଡେମୀର କଳାକାରମାନେ। ସୀତା ହରଣ ବିଷୟବସ୍ତୁକୁ ଅତି ଚମତ୍କାର ଶୈଳୀରେ ଉପସ୍ଥାପନ କରି କଳାକାରମାନେ ଉପସ୍ଥିତ ଦର୍ଶକଙ୍କ କରତାଳି ସାଉଁଟିଥିଲେ। ରାଜ୍ୟର ପ୍ରମୁଖ ନୃତ୍ୟ ଅନୁଷ୍ଠାନ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ପକ୍ଷରୁ କଟକ ଶହୀଦ ଭବନରେ ଚାଲିଥିବା ଜାତୀୟ ନୃତ୍ୟ ଓ ସଙ୍ଗୀତ ଉତ୍ସବର ସୋମବାର ଦ୍ୱିତୀୟ ସନ୍ଧ୍ୟା। ଏଥିରେ ଅତିଥିଭାବେ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ, ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ ପଣ୍ଡିତ ଏ. ମହେଶ୍ୱର ରାଓ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସମ୍ପାଦକ ବିଜୟ କୁମାର ଜେନା ଯୋଗଦେଇଥିଲେ। ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ ଦ୍ୱାରା ନମାମୀ ନୃତ୍ୟ ମାଧ୍ୟମରେ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା ଆରମ୍ଭ ହୋଇଥିଲା। ଢେଙ୍କାନାଳର ନୃତ୍ୟଶିଳ୍ପୀ ଗୌରୀଶଙ୍କର ଦାଶ ଜୀବନ ଚକ୍ର ନୃତ୍ୟରେ ଜୀବନର ବିଭିନ୍ନ ସମୟକୁ ଉପସ୍ଥାପନ କରିଥିଲେ। ପରେ ସ୍ୱର୍ଣ୍ଣମୟୀ ବେହେରା ଓ ମୁନମୁନ ସିଂଙ୍କ ଦ୍ୱାରା ଯୁଗଳବନ୍ଦୀ ନୃତ୍ୟ ମୋହନ ପଲ୍ଲଭୀ ପରିବେଷିତ ହୋଇଥିଲା।



ସୋମବାର ସନ୍ଧ୍ୟାରେ ଗୁଞ୍ଜନ ଏକାଡେମୀ ଛାତ୍ରୀଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

ଏଥିସହ ରାଧାକୃଷ୍ଣଙ୍କ ପ୍ରେମ କାହାଣୀକୁ ନେଇ ଏକାଡେମୀର କଳାକାରମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଶିଶୁ କଳାକାରମାନଙ୍କ ଦ୍ୱାରା ସତ୍ୱସ୍ୟ ବୁଦ୍ଧି ରୂପେନା ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଏକାଡେମୀର ସମ୍ପାଦିକା ମୀରା ଦାସ ସ୍ୱାଗତ ଭାଷଣ ଓ ସଭାନେତ୍ରୀ ଗାୟତ୍ରୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର, ବରିଷ୍ଠ ଅଧିକାରୀ ପ୍ରଫେସର ପଦନ କୁମାର ଜେନାଙ୍କ ସମେତ ଅନେକ ବ୍ୟକ୍ତିବିଶେଷ ଓ ନୃତ୍ୟପ୍ରେମୀ ଉପସ୍ଥିତ ଥିଲେ। ବିଜୟ ମଲ୍ଲ ଓ ସିନ୍ଧୁ ବ୍ରାଉନ ମଞ୍ଚ ପରିଚାଳନା କରିଥିଲେ।



ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥି।

# ଆଜି ଜବାବ ଦାଖଲ କରିବେ ଦଇତାପତି

**ପୁରୀ ଅଫିସ, ୧୯।୧୧**

**ବ୍ରହ୍ମ ବିଭ୍ରାଟ ପ୍ରସଙ୍ଗ**

ବ୍ରହ୍ମ ବିଭ୍ରାଟ ପ୍ରସଙ୍ଗରେ ଶ୍ରୀମନ୍ଦିର ପ୍ରଶାସନ ୧୦ ଜଣଙ୍କୁ ନୋଟିସ ଜାରି କରିଛି। ସେମାନଙ୍କ ମଧ୍ୟରେ ୯ ଜଣ ଦଇତାପତି ରହିଥିବା ବେଳେ ଜଣେ ମହାରଣା ସେବକ ଅଛନ୍ତି। ତେବେ ସୋମବାର ନୋଟିସ୍‌ର ଜବାବ ଦାଖଲ କରିବେ ବୋଲି ଦଈତାପତି ନିଯୋଗ ସମ୍ପାଦକ ପ୍ରେମାନନ୍ଦ ଦାସମହାପାତ୍ର କହିଛନ୍ତି। ସେହିପରି ନୋଟିସ ଜାରି ହୋଇଥିବା ଅନ୍ୟ ଦଇତାପତିମାନେ ମଧ୍ୟ ଜବାବ ଦାଖଲ କରିବେ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ସୋମବାର ପ୍ରେମାନନ୍ଦ ଦାସ ମହାପାତ୍ର ନବକଳେବରର ବିଭିନ୍ନ ପ୍ରସଙ୍ଗ ନେଇ ଗଣମାଧ୍ୟମ ଆଗରେ ତାଙ୍କ ମତ ରଖିଛନ୍ତି। ସେ କହିଛନ୍ତି ଯେ, ଆମ ଭାଗାରୀମାନେ ସ୍ୱପ୍ନାଦେଶ କ'ଣ ଭୁଲିଗଲେଣି। କିନ୍ତୁ ମୁଁ କହିବି ଦାରୁ ଖୋଜା ଲାଗି ସ୍ୱପ୍ନାଦେଶ ହୁଏ। ଯଦି ସ୍ୱପ୍ନାଦେଶ ହୁଏ ନାହିଁ ମା' ମଙ୍ଗଳାଙ୍କ ମାଜଣା ହୁଏ କାହିଁକି ଏବଂ ଶୋଇବା ସମୟରେ ସ୍ୱପ୍ନ ମନ୍ତ୍ର ପଢାଯାଏ କାହିଁକି? ମା'ଙ୍କ ନିର୍ଦ୍ଦେଶ ହେଲେ ଆମେ ଦାରୁ ଖୋଜିବାକୁ ଯାଉ। ୨୦୧୫ ନବକଳେବରରେ କାହାକୁ ସ୍ୱପ୍ନାଦେଶ ହୋଇଥିଲା ମୁଁ ଜାଣିନାହିଁ। ଦାରୁ ଫିକ୍ସିଂ ପ୍ରଶ୍ନରେ ସେ କହିଥିଲେ ଯେ, ଦାରୁ ଫିକ୍ସିଂ ବିଷୟରେ ଆପଣମାନେ ମୋ ଠାରୁ ଅଧିକ ଜାଣିଛନ୍ତି। ଆପଣମାନେ ଯେମିତି ଶୁଣୁଛନ୍ତି ମୁଁ ବି ସେମିତି ଶୁଣୁଛି। ଦାରୁ ଫିକ୍ସିଂ ବିଷୟରେ କହିବା ପାଇଁ ମୁଁ ଆପଣମାନଙ୍କୁ ଡାକିନାହିଁ। ମୁଁ ବର୍ତ୍ତମାନ ସୁଦ୍ଧା ୪ଟି ନବକଳେବର ଦେଖିଛି। କିନ୍ତୁ ଏଭଳି ଦାରୁ ଚୟନ କେବେ ହୋଇ ନ ଥିଲା। ଗୋଟିଏ ଜିଲାରୁ ୩ଟି ଦାରୁ କେବେ ବି ଆସିନାହିଁ। ଦାରୁ ଚୟନ ତିନି ବାଡ଼ଗ୍ରାହୀ କରିଛନ୍ତି। ନିଯୋଗର ସଭାପତି, ସମ୍ପାଦକ ଏବଂ ବିଶ୍ୱାବସୁ ମଧ୍ୟ ସେ ବିଷୟରେ ଜାଣି ନାହାନ୍ତି। ସେମାନେ ସିଦ୍ଧାନ୍ତ କରିସାରିବା ପରେ ମୋତେ ଜଣାଇଥିଲେ। ନବକଳେବର ସମୟରେ ତତ୍କାଳୀନ ଆଇନ ମନ୍ତ୍ରୀ ଯାଇ ଶବରପଲ୍ଲୀରେ ଶୋଇବା ପ୍ରସଙ୍ଗରେ ପ୍ରେମାନନ୍ଦ କହିଛନ୍ତି ଯେ, ମନ୍ତ୍ରୀମାନେ ଯାଉଥିଲେ, ଆମେ ସେମାନଙ୍କୁ ସମ୍ମାନ କରୁଥିଲୁ। ସେମାନେ ସେଠି ମଉଜ ମଜଲିସ୍ କରୁ ନ ଥିଲେ। ଶବରପଲ୍ଲୀରେ ଖାଇବା, ରହିବା ଓ ଜପ କରିବା ପାଇଁ ଏକ ଭଲ ସ୍ଥାନ ଥିଲା। କିନ୍ତୁ ସେଠାରେ ଏସି ଲାଗି ନ ଥିଲା। ଅନ୍ୟପକ୍ଷରେ ଜଗନ୍ନାଥଙ୍କ ଦାରୁ ଶଗଡ଼ିରେ ମନ୍ତ୍ରୀ ବସିବା ପ୍ରସଙ୍ଗକୁ ସେ ନାପସନ୍ଦ କରିଛନ୍ତି। ଆମେ ନିଷ୍ଠାର ସହ ଦାରୁ ସଂଗ୍ରହରେ ରହିଥିଲୁ। କିନ୍ତୁ ମନ୍ତ୍ରୀ ନିଷ୍ଠାରେ ନ ଥିଲେ। ତାଙ୍କ ବିବେକ ହେଲା ସେ ବସିଲେ, ଏଥିରେ ମୋର କିଛି କହିବାର ନାହିଁ। ମୋ ଉପରେ ରାଗ ରଖି ନୋଟିସ ହୋଇଛି। ମୋର କିଛି ଦୋଷ ନାହିଁ।

## ସାକ୍ଷୀଗୋପାଳଙ୍କ ଫଟୋ ଭାଇରାଲ୍

**ସାକ୍ଷୀଗୋପାଳ, ୧୯।୧୧(ଡି.ଏନ୍.ଏ.)**

କିଛିଦିନ ତଳେ ଶ୍ରୀମନ୍ଦିର ଭିତର ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ୍ ଘଟଣା ସାମ୍ନାକୁ ଆସିଥିବାବେଳେ ସୋମବାର ପୁଣି ଏକ ପ୍ରମୁଖ ମନ୍ଦିରର ଠାକୁରଙ୍କ ଫଟୋ ଭାଇରାଲ୍ ଘଟଣା ସାମ୍ନାକୁ ଆସିଛି। ପୁରୀ ଜିଲା ସତ୍ୟବାଦୀ ବ୍ଲକ ସାକ୍ଷୀଗୋପାଳ ମନ୍ଦିର ଗର୍ଭ ଗୃହର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସାଙ୍ଗ ସାଥୀଙ୍କୁ ଅଁଳାନବମୀ ଅଭିନନ୍ଦନ ଜଣାଇ ବାସୁଦେବ ସ୍ୱାଇଁ ନାମକ ଜଣେ ଯୁବକ ରତ୍ନ ସିଂହାସନ ସହ ସାକ୍ଷୀଗୋପାଳ ଠାକୁର ଓ ଶ୍ରୀରାଧାଙ୍କ ଫଟୋ ଭାଇରାଲ କରିଛନ୍ତି। ମନ୍ଦିର ଭିତରକୁ କ୍ୟାମେରା ନ ନେବା ପାଇଁ ସିଂହଦ୍ୱାର ସମ୍ମୁଖରେ ଏକ ସାଇନ୍ ବୋର୍ଡ ଲଗାଯାଇଥିଲେ ବି ପ୍ରତିଦିନ ଗର୍ଭଗୃହକୁ ଶହଶହ ସଂଖ୍ୟାରେ ଦର୍ଶନାର୍ଥୀ ମୋବାଇଲ ସାଙ୍ଗରେ ନେଇ ଠାକୁରଙ୍କର ଫଟୋ ଉଠାଉଥିବା ସେବାୟତ ମାନେ ଅଭିଯୋଗ କହିଛନ୍ତି। ଠାକୁରଙ୍କର ବଡସିଂହାର ବେଶ ଫଟୋ କିଭଳି ଗର୍ଭଗୃହରେ ଉଠାଗଲା ଏବଂ କୌଣସି କର୍ମଚାରୀ କିମ୍ବା ଉପସ୍ଥିତ ପାଳିଆ ସେବାୟତ ଏହା ଦେଖି ପାରିଲେ ନାହିଁ ସେ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି। ଏ ନେଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ମିଶ୍ରଙ୍କୁ ପଚାରିବାରେ ସେ ଏବିଷୟରେ ଜାଣିବା ପରେ କର୍ମଚାରୀ ମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଥିବା କହିଥିଲେ। କାର୍ଯ୍ୟନିର୍ବହୀ ଅଧିକାରୀ ମିଶ୍ର ସତ୍ୟବାଦୀ ଥାନାରେ ସୋମବାର ଏକ ଲିଖିତ ଅଭିଯୋଗ କରିଛନ୍ତି। ଏବେ ଯାତ୍ରା ପାଇଁ ମନ୍ଦିର ଭିଡ ରହିଛି, ସତ୍ୟବାଦୀ ଥାନା ଆଇଆଇସି ଭିଡ଼ ନିୟନ୍ତ୍ରଣ ପାଇଁ ମନ୍ଦିରରେ ରହିଥିବାରୁ ଏ ନେଇ କୌଣସି ତଦନ୍ତ ଆରମ୍ଭ ହୋଇ ନ ଥିବା କହିଛନ୍ତି।

■ ଶ୍ରୀଲିଙ୍ଗରାଜ ମନ୍ଦିରରେ ପଞ୍ଚୁକ ଆରମ୍ଭ

## ପ୍ରସାଦ ନ ପାଇ ଫେରିଲେ ଶ୍ରଦ୍ଧାଳୁ

**ପୁରୁଣା ଭୁବନେଶ୍ୱର, ୧୯।୧୧ (ଡି.ଏନ.ଏ.)–**

କାର୍ତ୍ତିକ ମାସର ଶେଷ ସୋମବାର ସହ ପବିତ୍ର ପଞ୍ଚୁକ ପାଇଁ ଏକାମ୍ରକ୍ଷେତ୍ର ବେଶ ଚଳଚଞ୍ଚଳ ହୋଇ ଉଠିଥିଲା। ଶ୍ରୀଲିଙ୍ଗରାଜଙ୍କ ରାଇ ଦାମୋଦର ବେଶ ଦର୍ଶନ କରିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ବଡ ଏକାଦଶୀ, ପଞ୍ଚୁକ ବ୍ରତଧାରୀ, ହବିଷିଆଳୀ ପ୍ରସାଦ ନେବା ଲାଗି ଉଭୟ ଶ୍ରୀଲିଙ୍ଗରାଜ ଓ ଅନନ୍ତ ବାସୁଦେବ ମନ୍ଦିରରେ ପ୍ରବଳ ଗହଳି ହୋଇଥିଲା। ଅପରାହ୍ନ ୧ଟା ବେଳକୁ ପ୍ରାୟ ପ୍ରସାଦ ଶେଷ ହୋଇ ଯାଇଥିଲା। ଯେଉଁଠି କାଁ ଭାଁ ମିଳୁଥିଲା ତା' ପୁଣି ଅନ୍ୟଦିନ ଅପେକ୍ଷା ୩ ଗୁଣା ମୂଲ୍ୟରେ ବିକ୍ରି ହେଉଥିଲା ବୋଲି ଭାସ୍କର ସ୍ୱାଇଁ ନାମକ ଜଣେ ଭକ୍ତ କହିଛନ୍ତି। ବିନ୍ଦୁସାଗର ରାସ୍ତାରେ ୪ ଚକିଆ ଯାନ ନିଷେଧ ସତ୍ତ୍ୱେ ବେପରୁଆ ଗାଡି ପ୍ରବେଶ ଯୋଗୁ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିଲା।



ଅନନ୍ତ ବାସୁଦେବ ମନ୍ଦିରରେ ପ୍ରସାଦ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼।

## ଫଟୋରେ ଖବର




ଭୁବନେଶ୍ୱରର ଭାରତୀୟ ବିଦ୍ୟାଭବନ ଓ ଇନ୍ଫୋସିସ୍ ଫାଉଣ୍ଡେଶନ ପକ୍ଷରୁ ବିଦ୍ୟାଭବନ ପରିସରରେ ସୋମବାର ଲୁପ୍ତପ୍ରାୟ ଲୋକକଳାରେ ଦେବଦାସୀ ନୃତ୍ୟ ପରିଷଦ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପୁରୀ ପକ୍ଷରୁ ରାସଲୀଳା ମାନଭଞ୍ଜନ ପରିବେଷଣ।



ଶ୍ରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଭୁବନେଶ୍ୱରର ଭଞ୍ଜକଳା ମଣ୍ଡପରେ ସୋମବାର ଅନୁଷ୍ଠିତ ଶ୍ରୀ ନୃତ୍ୟୋତ୍ସବ-୨୦୧୮ରେ କଳାକାରଙ୍କ ନୃତ୍ୟ ପରିବେଷଣ।



ସୋମବାର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ଜୟନ୍ତୀରେ ପ୍ରଦେଶ କଂଗ୍ରେସ ପକ୍ଷରୁ ଭୁବନେଶ୍ୱରସ୍ଥିତ ଇନ୍ଦିରା ଗାନ୍ଧୀ ପାର୍କଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଅନ୍ୟ ନେତୃବୃନ୍ଦ।




ପ୍ରକୃତ ଶିକ୍ଷା ମଣିଷର ମନ ଭିତରେ ଥିବା ଅବିଶ୍ୱାସ ଓ ସ୍ୱାର୍ଥପର ମନୋଭାବର ପ୍ରତିରୋଧ କରେ।

- ଋକ୍‌ବେଦ



# ଲକ୍ଷ୍ମୀନାରାୟଣ ବେଶରେ ସାକ୍ଷୀଗୋପାଳ

ସାକ୍ଷୀଗୋପାଳ, ୧୯।୧୧(ଡି.ଏନ୍.ଏ.)

କାର୍ତ୍ତିକ ବଡ ଏକାଦଶୀ ଉପଲକ୍ଷେ ସୋମବାର ସାକ୍ଷୀଗୋପାଳ ଠାକୁର ଲକ୍ଷ୍ମୀନାରାୟଣ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଏହି ମନୋରମ ବେଶ ଦର୍ଶନ ପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ରବିବାର ରାତିରୁ ମନ୍ଦିର ଦ୍ୱାର ଉନ୍ମୋଚନ କରାଯାଇ ମଙ୍ଗଳଆଳତୀ, ବେଶ ମଇଲମ, ଅବକାଶ, ଲକ୍ଷ୍ମୀନାରାୟଣ ବେଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳ ଧୂପ, ବାଲଧୂପ ଓ ମଦନ ମୋହନଙ୍କ ଭୋଗ ଆଦି ଦେବନୀତି ସମାପନ କରାଯାଇ ସକାଳ ୭ଟାରୁ ସାହାଣମେଲା ଦର୍ଶନ ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ଖରାକୁ ଭ୍ରୂକ୍ଷେପ ନ କରି ଭକ୍ତମାନେ ଲମ୍ବା ଧାଡିବାନ୍ଧି ମନ୍ଦିରକୁ ପ୍ରବେଶ କରିଥିଲେ। ଦୀପ, ଧୂପ, ନୈବେଦ୍ୟ ସହିତ ଶୁଖିଲା ମାଳତୀ, ତୁଳସୀ ଓ ଫୁଲମାଳ ଦେଇ ହବିଷିଆଳି ମାନେ ଠାକୁରଙ୍କୁ ପୂଜାର୍ଚ୍ଚନା କରିଥିଲେ। ପ୍ରତିବର୍ଷ ଭଳି ଚାଷୀ କୁଳର

## ଲାଗି ହେଲା ଚୁଡାଘଷା



ଲୋକେ ନୂଆ ଧାନରଚୁଡ଼ାରେ ଚୁଡାଘଷା ପ୍ରସ୍ତୁତ କରି ଠାକୁରଙ୍କୁ ଭୋଗ ଲଗାଇଥିଲେ। ବେଢ଼ାରେ ଚୁଡାଘସାର ମହକ ସାଙ୍ଗକୁ ସଂକୀର୍ତ୍ତନ ମଣ୍ଡଳୀଙ୍କ ହରିନାମ କୀର୍ତ୍ତନ ପରିବେଷଣରେ ମନ୍ଦିର ପରିସର ଅଧ୍ୟାତ୍ମିକମୟ ହୋଇଉଠିଥିଲା। ଦଳଦଳ ହୋଇ ସଂକୀର୍ତ୍ତନ ମଣ୍ଡଳୀ ବେଢ଼ା ପରିକ୍ରମା କରିବା ସହିତ ଝାଞ୍ଜ, ମୃଦଙ୍ଗ ଓ କରତାଳର ତାଳେତାଳେ ଠାକୁରଙ୍କ ଲୀଳାମୃତ ଗାନ କରିଥିଲେ। ଦର୍ଶନପରେ ବେଶ ମଇଲମ, ବୀରକେଶରୀ ବଲ୍ଲଭ, ଦ୍ୱିପ୍ରହର ଧୂପ, ସନ୍ଧ୍ୟା ଅଳତି, ଗୋଧନ ବାହୁଡା ଭୋଗ, ସନ୍ଧ୍ୟାଧୂପ ବେଶ କରାଯାଇ ମଦନ ମୋହନଙ୍କୁ ରତ୍ନ ସିଂହାସନକୁ ବିଜେ କରାଯାଇଥିଲା। ଏକାଦଶୀ ବେଢ଼ା, ଭୋଗ ପରେ ବଡସିଂହାର ବେଶ କରାଯାଇଥିଲା। ପରେପରେ ମନ୍ଦିର ଚୂଡାକୁ ମହାଦୀପ ଉଠିଥିଲା। ବଡସିଂହାର ଓ ପୁଷ୍ପାଞ୍ଜଳି ନୀତି କରାଯାଇ ଠାକୁରଙ୍କ ପହୁଡ କରାଯାଇଥିଲା। ଅଁଳାନବମୀ ଠାରୁ ତିନି ଦିନ ବ୍ୟାପୀ ପଞ୍ଚସଖା ପଡିଆରେ ଚାଲିଥିବା ଶ୍ରୀରାଧା ଉତ୍ସବ ରାତିରେ ଉଦ୍‌ଯାପନ ହୋଇଥିଲା। ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ, ଗୋଟିପୁଅ, ସମ୍ବଲପୁରୀ, ଘୁମୁରା, ଶିବ ତାଣ୍ଡବ ନୃତ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ପରିବେଷଣ କରାଯାଇଥିଲା।

## 'ସାଇନ୍ସ ଫର ସ୍ମାଇଲ' ମିଶନ ଶୁଭାରମ୍ଭ

ଭୁବନେଶ୍ୱର,୧୯-୧୧:
ସନ୍ତାନ ଫର୍ଟିଲିଟି ଆଣ୍ଡ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ସାଇନ୍ସ ଫର ସ୍ମାଇଲ ମିଶନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଅପ୍ରଜନନତା ଏବଂ ସ୍ତନକର୍କଟ କ୍ଷେତ୍ରରେ ଲୋକମାନଙ୍କ ଜୀବନରେ ପରିବର୍ତ୍ତନ ଆଣିବା ଦିଗରେ କାର୍ଯ୍ୟ କରୁଥିବା 'ମେକ୍ ଇନ୍ ଓଡିଶା' କାର୍ଯ୍ୟକ୍ରମରେ ପାନେଲିଷ୍ଟ ଭାବେ ଯୋଗ ଦେଇ ସନ୍ତାନର ପ୍ରତିଷ୍ଠାତା ସତୀଶ ପ୍ରସାଦ ରଥ ସୂଚନା ଦେଇଛନ୍ତି। ଷ୍ଟେଟ୍ ଅଫ୍ ଆର୍ଟ ଜ୍ଞାନକୌଶଳ, ନୂତନ ଆବିଷ୍କାର ଦ୍ୱାରା ରୋଗୀଙ୍କୁ ସେବା ଯୋଗାଉଥିବା ରଥ ସୂଚନା ଦେଇଛନ୍ତି। ପରବର୍ତ୍ତୀ ପିଢିର ପ୍ରଜନନ ବିଶେଷଜ୍ଞ ତଥା ଏମ୍ବ୍ରିଓଲୋଜିଷ୍ଟଙ୍କୁ ତାଲିମ ତଥା ସଶକ୍ତୀକରଣ ଦିଗରେ ପ୍ରତିଷ୍ଠାନ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି। କିଟ୍ ଟିବିଆଇ ପରିସରରେ ସ୍ୱତନ୍ତ୍ର ଏକାଡେମୀ ଗବେଷଣାଗାର ସହ ବହୁ କେନ୍ଦ୍ରିକ ଚିକିତ୍ସା ସୁବିଧା ଏହା ପ୍ରଦାନ କରୁଛି। ଭାରତ ସରକାରଙ୍କ ଡିଆଇପିପି ଏବଂ ଷ୍ଟାର୍ଟ ଅପ୍ ଓଡିଶା ଦ୍ୱାରା ସ୍ୱୀକୃତି ଲାଭ କରିବା ସହ ଟାଇମ୍ସ ହେଲଥ ଦ୍ୱାରା ଏହା ପୁରସ୍କାର ମଧ୍ୟ ଲାଭ କରିଛି ବୋଲି ରଥ କହିଛନ୍ତି।

## କାର ଜାଳି ଦେଲେ ଦୁର୍ବୃତ୍ତ

ଖୋର୍ଦ୍ଧା ଅଫିସ,୧୯।୧୧:
ଚିଲିକା ବ୍ଲକ ସରଳସିଂହ ଗାଁର ଅବସରପ୍ରାପ୍ତ ରେଳବାଇ କର୍ମଚାରୀ ରାମଚନ୍ଦ୍ର ବିଶ୍ୱାଳଙ୍କ କାର (ନଂ.ଓଆର୧୩ଡି ୯୮୦୦)କୁ ରବିବାର ରାତିରେ କେହି ଦୁର୍ବୃତ୍ତ ପୋଡି ଦେଇଛନ୍ତି। କାରଟି ବାରିପଟ ଶେଡ୍‌ରେ ଥିଲା। ନିଆଁ ଦେଖି ରାମଚନ୍ଦ୍ର ଘଟଣାସ୍ଥଳରେ ପହଞ୍ଚି ବହୁ କଷ୍ଟରେ ଲିଭାଇଥିଲେ। ଖବର ପାଇ ବାଣପୁର ଥାନାର ନାଚୁଣୀ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଖେଳାଳିଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ପାଇଁ ପୋଲିସ ନେଲେ ପ୍ରଶିକ୍ଷଣ



ପୋଲିସ ଅଧିକାରୀଙ୍କୁ ବ୍ୟବହାରିକ ପ୍ରଶିକ୍ଷଣ ଦିଆଯାଉଛି।

ଭୁବନେଶ୍ୱର,୧୯।୧୧ (ବ୍ୟୁରୋ)

ହକି ବିଶ୍ୱକପ୍ ପାଇଁ କମିଶନରେଟ ପୋଲିସ ପକ୍ଷରୁ ସବୁସ୍ତରରୁ ଉଦ୍ୟମ ଆରମ୍ଭ ହୋଇଛି। ଦେଶ ବିଦେଶର ଖେଳାଳିଙ୍କ ସମେତ ଦର୍ଶକ ଓ ଅତିଥିମାନଙ୍କୁ କିପରି ଉତ୍ତମ ବ୍ୟବହାର ପ୍ରଦର୍ଶନ କରାଯିବ ସେଥିପାଇଁ ଦାୟିତ୍ୱରେ ରହୁଥିବା ପୋଲିସ ଅଧିକାରଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି। କମିଶନରେଟ ପୋଲିସ ମୁଖ୍ୟାଳୟରେ ସୋମବାରଠାରୁ ଆରମ୍ଭ ହୋଇଛି ଏହି ପ୍ରଶିକ୍ଷଣ। ମୋଟ ୨୪୦ଜଣ ପୋଲିସ ଅଧିକାରୀଙ୍କ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା ହୋଇଥିବାବେଳେ ପ୍ରଥମ ଦିନରେ ୧୨୦ଜଣ ପ୍ରଶିକ୍ଷଣ ନେଇଥିବାବେଳେ ମଙ୍ଗଳବାର ଆଉ ୧୨୦ ପୋଲିସ ଅଫିସର ଏହି ବ୍ୟବହାରିକ ପାଠ ପଢିବେ ବୋଲି ଜଣାପଡିଛି।

ପ୍ରଶିକ୍ଷଣ ନେଉଥିବା ପୋଲିସ ଅଫିସରଙ୍କ ମଧ୍ୟରେ ଏସ୍‌ଆଇ ଓ ଏଏସ୍‌ଆଇ ରହିଛନ୍ତି। ପଶ୍ଚିମବଙ୍ଗର ପ୍ରଫେସର ଟୁଟୁନ ମଲିକ ନାମକ ଜଣେ ବିଶେଷଜ୍ଞ ଏହି ପ୍ରଶିକ୍ଷଣ ଦେଉଛନ୍ତି। ସ୍ୱାଗତ କରିବାଠାରୁ ଆରମ୍ଭ କରି କିପରି ଆଲିଙ୍ଗନ, କଥାବାର୍ତ୍ତା ଆଦି ବିଭିନ୍ନ ବ୍ୟବହାରିକ

## ପ୍ରଥମ ପର୍ଯ୍ୟାୟରେ ୧୨୦ ଜଣ ଅଫିସର ପଢିଲେ

ଶୈଳୀ ଉପରେ ସେ ଅଧିକାରୀମାନଙ୍କୁ ଶିଖାଇଥିଲେ। ଯଦି ଖେଳାଳି ରାଜଧାନୀର କୌଣସି ଦର୍ଶନୀୟ ସ୍ଥାନ ବୁଲିବାକୁ ଯିବେ ସେମାନଙ୍କୁ କିଭଳି ଗାଇଡ୍ କରାଯିବ। ୩ ଘଣ୍ଟା ଧରି ପୋଲିସ ଅଫିସରମାନେ ଏହି ଶିକ୍ଷା ଲାଭ କରିଥିଲେ। ଏପରିକି ପୋଲିସ ଅଫିସରମାନଙ୍କୁ ଶିକ୍ଷା ଦେଉଥିବା ପ୍ରଫେସର ସେମାନଙ୍କୁ ଏହି ଟ୍ରେନିଂ ଦେବା ପରେ ପୋଲିସ ଅଫିସରମାନଙ୍କୁ ଦେଖାଇବାକୁ କହିଥିଲେ। ସେମାନେ ମଧ୍ୟ ଏହାକୁ ପ୍ରଫେସରଙ୍କ ଆଗରେ ଦେଖାଇଥିଲେ। ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଖେଳାଳିଙ୍କୁ କିପରି ପୋଲିସ ଅଫିସର ବ୍ୟବହାର ଦେଖାଇବେ ତାହାର ପ୍ରଶିକ୍ଷଣ ଦିଆଯାଉଛି। ଖେଳାଳିଙ୍କ ସୁରକ୍ଷା ଦାୟିତ୍ୱ, ହୋଟେଲ ସିକ୍ୟୁରିଟି, ପାଇଲଟ୍ ସିକ୍ୟୁରିଟ୍, ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିବା ପୋଲିସ ଉତ୍ତମ ପ୍ରଦର୍ଶନ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

## ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ

# ଇନ୍ଦିରା ଗାନ୍ଧୀଙ୍କ ପରି ଅମଳିନ ବ୍ୟକ୍ତିତ୍ୱ ବିରଳ

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)

ଭାରତର ପ୍ରଥମ ତଥା ଏକମାତ୍ର ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ହେଉଛନ୍ତି ଲୌହମାନବୀ। ସେ ଜାତୀୟ ସଂହତିକୁ ଅକ୍ଷୁଣ୍ଣ ରଖିବା ପାଇଁ ଆପ୍ରାଣ ଉଦ୍ୟମ କରିଛନ୍ତି। ତାଙ୍କ ପରି ଅମଳିନ ବ୍ୟକ୍ତିତ୍ୱ ବିଶ୍ୱରେ ବିରଳ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଛନ୍ତି।

ସୋମବାର ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନଠାରେ ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ସମାରୋହ ଅନୁଷ୍ଠିତ ହୋଇଥିଲା। ସମାରୋହରେ ମୁଖ୍ୟ ଅତିଥି ଭାବେ ପାଣିଗ୍ରାହୀ ଯୋଗଦେଇ କହିଲେ, ଇନ୍ଦିରା ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ହେବା ସମୟରେ ଦେଶର ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିଲା। ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ସଂସ୍କାର ପାଇଁ ସେ ବଦ୍ଧ ପରିକର ହେଲେ। ରାଜାରାଜୁଡ଼ାଙ୍କ ହାତ ପାଣ୍ଠି ଉଚ୍ଛେଦ, ୧୪ଟି ଘରୋଇ ବ୍ୟାଙ୍କର ରାଷ୍ଟ୍ରୀୟକରଣ, ବାଂଲାଦେଶକୁ ସ୍ୱାଧୀନ କରିବା, ଗରିବୀ ଓ ବେକାରି ହଟାଓ ଭଳି ପ୍ରଭାବୀ ସ୍ଲୋଗାନ, ସବୁଜ ବିପ୍ଲବର ପ୍ରବର୍ତ୍ତନ କରି ଖାଦ୍ୟ ଉତ୍ପାଦନରେ ଦେଶକୁ ସ୍ୱାବଲମ୍ବୀ କରିବା, ପୋଖରାନ୍‌ଠାରେ ଆଣବିକ ପରୀକ୍ଷଣ, ଆତଙ୍କବାଦୀଙ୍କୁ ନିପାତ ପାଇଁ ସ୍ୱର୍ଣ୍ଣମନ୍ଦିରରେ ଅପରେଶନ ବ୍ଲୁଷ୍ଟାର, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ନାମ୍ ଓ ସାର୍କ ଆୟୋଜନ ତାଙ୍କର ବଡ଼ ପଦକ୍ଷେପ ଥିଲା। ଦେଶର ଅଖଣ୍ଡତା, ସାର୍ବଭୌମତ୍ୱ ପ୍ରତି ବିପଦ ଦେଖା ଦେଇଥିଲାବେଳେ ଜାତୀୟ ସଂହତି ପାଇଁ ଆତ୍ମବଳିଦାନ ଦେଇ ସେ ସମସ୍ତଙ୍କର ନମସ୍ୟ ହୋଇ ରହିଛନ୍ତି ବୋଲି ମନୋରଞ୍ଜନ ପାଣିଗ୍ରାହୀ ମତବ୍ୟକ୍ତ କରିଛନ୍ତି।

ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଅରୁଣ କୁମାର ପଣ୍ଡା ଯୋଗଦେଇ ଇନ୍ଦିରା ଗାନ୍ଧୀଙ୍କ ବହୁମୁଖୀ ପ୍ରତିଭାର ଅବତାରଣ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବା ପାଇଁ ଯୁବପିଢ଼ୀଙ୍କୁ ଆହ୍ୱାନ ଦେଇଥିଲେ। ଶିକ୍ଷାବିତ୍ ପ୍ରଫେସର ରାଜକିଶୋର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ଓ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ସାଧାରଣ ଜନତାର ସାମାଜିକ ଓ ଅର୍ଥନୈତିକ ଉନ୍ନତି ପାଇଁ ସେ ନିରବଚ୍ଛିନ୍ନ ଉଦ୍ୟମ କରିଥିଲେ। ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ପ୍ରମୁଖ ପ୍ରବକ୍ତା ଭାବରେ ଇନ୍ଦିରା ଗାନ୍ଧୀ ଭାରତର ବୈଦେଶିକ ନୀତିକୁ ନୂତନ ଦିଗ ପ୍ରଦାନ କରିଥିଲେ। ଭାରତର ମର୍ଯ୍ୟାଦାକୁ ବିଶ୍ୱରେ ପ୍ରତିଷ୍ଠା କରିବା ପାଇଁ ସେ ଜୀବନ ସାରା ଉଦ୍ୟମ କରିଯାଇଛନ୍ତି ବୋଲି ପ୍ରଫେସର ମିଶ୍ର ମତବ୍ୟକ୍ତ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ବିଭାଗ ପକ୍ଷରୁ ଆୟୋଜିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିତାଂଶୁ ଶେଖର ରାଉତ ଓ ସାଥୀ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।








ବିଶ୍ୱନାଥ



ଅମ୍ରିତା



ମଞ୍ଜୁ



ଦିବ୍ୟେଶ



ଅଭିଜିତ୍



ରୁକ୍ମଣୀ



ସମୀର



ରଞ୍ଜିତା



ପ୍ରତ୍ୟେକ କାର୍ଯ୍ୟକୁ ଦୃଢ଼ତାର ସହ କଲେ ସଫଳ ହେବା।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଡ. ଜଗନ୍ନାଥ ପ୍ରସାଦ ଦାସ ପାଇବେ ସାହିତ୍ୟ ରତ୍ନ ସମ୍ମାନ



**କଟକ ଅଫିସ, ୧୯।୧୧:** ସାହିତ୍ୟିକ ଡ. ଜଗନ୍ନାଥ ପ୍ରସାଦ ଦାସ ମର୍ଯ୍ୟାଦାଜନକ ସାହିତ୍ୟ ରତ୍ନ ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆସନ୍ତା ୨୨ ତାରିଖରେ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନଠାରେ ସଂସଦର ବାର୍ଷିକୋତ୍ସବ ପାଳନ ଅବସରରେ ଡ. ଦାସଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ସମ୍ମାନ ପ୍ରଦାନ କରିବେ ବୋଲି ସଂସଦର ସଭାପତି ପ୍ରଭାକର ସ୍ୱାଇଁ ଓ ସମ୍ପାଦକ ଡା. ନିରଞ୍ଜନ ତ୍ରିପାଠୀ ଏକ ମିଳିତ ବିବୃତିରେ ଜଣାଇଛନ୍ତି। ଡ. ଦାସ ଏକାଧାରରେ ଜଣେ କବି, ଔପନ୍ୟାସିକ, ପ୍ରାବନ୍ଧିକ, ଗାଳ୍ପିକ, ନାଟ୍ୟକାର, ଚିତ୍ରଶିଳ୍ପୀ ଏବଂ ଅଭିନେତା। ତାଙ୍କର କୃତୀ ମଧ୍ୟରେ ଦେଶକାଳ ପାତ୍ର, ପ୍ରଥମ ପୁରୁଷ, ପରିକ୍ରମା, ଯେ ଯାହାର ନିର୍ଜନତା, ଅନ୍ୟ ଦେଶ ଭିନ୍ନ ସମୟ, ସ୍ଥିରଚିତ୍ର, ଆହ୍ନିକ, ସୂର୍ଯ୍ୟାସ୍ତ ପୂର୍ବରୁ, ଅସମୟ, ଆମେ ଯେଉଁମାନେ, ପ୍ରିୟ ବିଦୂଷକ, ଅସଂଗତ ନାଟକ ପ୍ରଭୃତି ଉଲ୍ଲେଖନୀୟ। ସେ ପୂର୍ବରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ସରସ୍ୱତୀ ସମ୍ମାନ, ଓଡ଼ିଶା ସାହିତ୍ୟ ଏକାଡେମୀ ଭଳି ବହୁ ମର୍ଯ୍ୟାଦାଜନକ ପୁରସ୍କାର ଲାଭ କରିଛନ୍ତି। ସେ ଭାରତୀୟ ପ୍ରଶାସନିକ ସେବାର ଜଣେ ଉଚ୍ଚ ପଦାଧିକାରୀ ଥିଲେ। ତାଙ୍କର ଜନ୍ମ ୧୯୩୬ ଏପ୍ରିଲ ୨୬ ତାରିଖରେ ପୁରୀ ଜିଲାରେ। ସୂଚନାଯୋଗ୍ୟ, ସଂସଦ ପକ୍ଷରୁ ଏହି ସମ୍ମାନ ପ୍ରତିବର୍ଷ ଦିଆ ନ ଯାଇ ବିଶେଷ କ୍ଷେତ୍ରରେ ପ୍ରଦାନ କରାଯିବ।

### କଟକ-ବାରଙ୍ଗ ରେଳପଥ ଦୋହରୀକରଣ ମାମଲା
### ରେଳ ବିଭାଗକୁ ଜବାବ ତଲବ

**କଟକ ଅଫିସ, ୧୯।୧୧:** କଟକ-ବାରଙ୍ଗ ରେଳପଥ ଦୋହରୀକରଣ ମାମଲାରେ ରେଳ ବିଭାଗକୁ ହାଇକୋର୍ଟ ସତ୍ୟପାଠ ମାଧ୍ୟମରେ ଜବାବ ମାଗିଛନ୍ତି। ସାମାଜିକ କର୍ମୀ ତଥା ଆଡଭୋକେଟ ଦିଲୀପ କୁମାର ମହାପାତ୍ରଙ୍କ ପକ୍ଷରୁ ହାଇକୋର୍ଟରେ ଏ ନେଇ ଏକ ମାମଲା ରୁଜୁ ହୋଇଥିଲା। କଟକ-ବାରଙ୍ଗ ରେଳପଥ ସମ୍ପ୍ରସାରଣ (ତୃତୀୟ ଲେନ୍ କାର୍ଯ୍ୟ) ପାଇଁ ୨୦୦୬ ମସିହାରେ ଟେଣ୍ଡର ହୋଇଥିଲା। ୨୦୦୮ ମଧ୍ୟରେ ଏହି କାର୍ଯ୍ୟ ଶେଷ ହେବା କଥା। କିନ୍ତୁ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବାରୁ ଆବେଦନକାରୀ ମହାପାତ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ରେଳ ବିଭାଗକୁ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ବିଭାଗ ପକ୍ଷରୁ ସୋମବାର କୋର୍ଟରେ ଜବାବ ଦାଖଲ କରାଯାଇଥିଲା। କିନ୍ତୁ ଉକ୍ତ ଜବାବ ସତ୍ୟପାଠ ମାଧ୍ୟମରେ ଦାଖଲ କରାଯାଇ ନ ଥିବାରୁ ଏହାକୁ ଆବେଦନକାରୀଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ଫଳରେ ସତ୍ୟପାଠ ମାଧ୍ୟମରେ ରେଳ ବିଭାଗ ଏହି କାର୍ଯ୍ୟ କେତେ ମାତ୍ରାରେ ଶେଷ କରିଛି ସେ ସମ୍ପର୍କରେ ସବିଶେଷ ତଥ୍ୟ ଦେବା ପାଇଁ ସେ କୋର୍ଟଙ୍କୁ ନିବେଦନ କରିଥିଲେ। ଆବେଦନକାରୀଙ୍କ ଆବେଦନକୁ ଗ୍ରହଣ କରି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ ଏସ୍.ଏନ୍. ପ୍ରସାଦଙ୍କୁ ନେଇ ଗଠିତ ଖଣ୍ଡପୀଠ ରେଳ ବିଭାଗକୁ ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରିବା ପାଇଁ ଆଦେଶ ଜାରି କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ମହାପାତ୍ରଙ୍କ ସମେତ ଅରୁଣ ସାହୁ, ବିରଜା ବଳ ପ୍ରମୁଖ ମାମଲା ପରିଚାଳନା କରୁଛନ୍ତି। ଡିସେମ୍ବର ୧୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ ହୋଇଛି।

---

■ ମିଳିତ ଜାତିସଂଘ ଶିଶୁ ଅଧିକାର ସମ୍ମିଳନୀ ସପ୍ତାହ

# ଶିଶୁଙ୍କୁ ନ୍ୟାୟ ପାଇଁ ସ୍ୱତନ୍ତ୍ର ଥାନା

**ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)**

ଶିଶୁମାନଙ୍କ ପାଖରେ ସରକାରଙ୍କ ପ୍ରଦତ୍ତ ସମସ୍ତ ସୁବିଧା ସୁଯୋଗ ପହଞ୍ଚିବା ଆବଶ୍ୟକ। ଶିଶୁ ନିର୍ଯ୍ୟାତନା ଓ ବାଲ୍ୟବିବାହ ରୋକିବାକୁ ହେଲେ ସମସ୍ତେ ଶିଶୁ ଅଧିକାର ସମ୍ପର୍କରେ ସଚେତନ ହେବା ସହିତ ସ୍ୱତଃପ୍ରବୃତ୍ତ ଭାବରେ କାର୍ଯ୍ୟ କରିବା ଉଚିତ। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ଏହାର ଅଂଶୀଦାରମାନେ ଶିଶୁ ସୁରକ୍ଷା ଦିଗରେ ନେଉଥିବା ପଦକ୍ଷେପଗୁଡ଼ିକ ପ୍ରଶଂସନୀୟ ବୋଲି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଛନ୍ତି। ମିଳିତ ଜାତିସଂଘ ଶିଶୁ ଅଧିକାର ସମ୍ମିଳନୀ ସପ୍ତାହ ଅବସରରେ ସୂଚନା ଭବନଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଛନ୍ତି।

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ସେଭ୍ ଦ ଚିଲ୍ଡ୍ରେନ ଏବଂ ଅନ୍ୟାନ୍ୟ ଅନ୍ତଃରାଷ୍ଟ୍ରୀୟ ଓ ଆଞ୍ଚଳିକ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର-କଟକ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ଯୋଗଦେଇ କମିଶନରେଟ୍ ପୋଲିସ ଖୁବ୍‌ଶୀଘ୍ର ଶିଶୁ ଅନୁକୂଳ ଥାନା କାର୍ଯ୍ୟକାରୀ କରିବାକୁ ଯୋଜନା କରୁଥିବା ସୂଚନା ଦେଇଥିଲେ। ଶିଶୁମାନେ ପୋଲିସକୁ ଭୟ ନ କରି ଯେପରି ଆବଶ୍ୟକସ୍ଥଳେ ପୋଲିସର ସହାୟତା ନେଇପାରିବେ, ସେ ନେଇ ସେ ପରାମର୍ଶ ଦେଇଥିଲେ। ଏହାସହ ଏହି ସ୍ୱତନ୍ତ୍ର ଥାନା ଶିଶୁମାନଙ୍କ ଉପରେ ହେଉଥିବା ଅପରାଧ ରୋକିବାରେ ବିଶେଷ ସହାୟକ ହୋଇପାରିବ ବୋଲି କହିଥିଲେ।

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଭୁବନେଶ୍ୱର ଏମ୍‌ପି ଡ. ପ୍ରସନ୍ନ ପାଟଶାଣୀ କହିଥିଲେ, ଶିଶୁ ଅଧିକାର ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ସମସ୍ତ ଅଭିଭାବକ, ଗୋଷ୍ଠୀ ଏବଂ ଅଂଶୀଦାରଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ। ଏହାଦ୍ୱାରା ସମାଜ ଓ ପରିବାର ମଧ୍ୟରେ ଏକ ସକାରାତ୍ମକ ବାତାବରଣ ସୃଷ୍ଟି ହୋଇପାରିବ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର୍. ବାଲକ୍ରିଷ୍ଣନ୍ ମୁଖ୍ୟବକ୍ତା ଭାବେ ଯୋଗଦେଇ ମିଳିତ ଜାତିସଂଘ ଶିଶୁ ଅଧିକାର ସମ୍ମିଳନୀ ସପ୍ତାହର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସେ ଶିଶୁ ଅଧିକାର ସୁରକ୍ଷା ଦିଗରେ ପରିବାର ଓ ସମାଜର ଭୂମିକା ବିଷୟରେ କହିବା ସହିତ ବିଭିନ୍ନ ଦେଶରେ ଶିଶୁମାନଙ୍କର ସ୍ଥିତି ସମ୍ପର୍କରେ ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ। ସମନ୍ୱିତ ଶିଶୁ ବିକାଶ ଯୋଜନା ତଥା ସମାଜ କଲ୍ୟାଣ ନିର୍ଦ୍ଦେଶକ ରେଘୁ ଜି. ଦେଶର ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ଶିଶୁ ଅଧିକାର ସମ୍ପର୍କିତ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନରେ ଆଗରେ ରହିଛି ବୋଲି କହିଥିଲେ। ତଥାପି ସମସ୍ତଙ୍କୁ ଏ ଦିଗରେ ନିରନ୍ତର ପ୍ରଚେଷ୍ଟା ଓ ସଂଯୋଜନ ପ୍ରକ୍ରିୟା ଜାରି ରଖିବାକୁ ପଡ଼ିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭୁବନେଶ୍ୱର ମେୟର ଅନନ୍ତ ନାରାୟଣ ଜେନା ଏବଂ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ସୋମବାର ସକାଳେ ଆୟୋଜିତ ଏକ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ମାଷ୍ଟରକ୍ୟାଣ୍ଟିନ ଛକଠାରୁ ବାହାରି ସୂଚନା ଭବନଠାରେ ପହଞ୍ଚିଥିଲା। ଏଥିରେ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସହ ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରତିନିଧି, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

### ଭାଜପାର ଜନ ପରାମର୍ଶ ପଦଯାତ୍ରା

**ଚୌଦ୍ୱାର, ୧୯।୧୧ (ଡି.ଏନ୍.ଏ.)**

କେନ୍ଦ୍ର ସରକାରଙ୍କ ସଫଳତା ଓ ରାଜ୍ୟ ସରକାରଙ୍କ ବିଫଳତା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଭାଜପା ଇନ୍ଦ୍ରାଣୀପାଟଣା ମଣ୍ଡଳ ପକ୍ଷରୁ ସୋମବାର ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ଉପସଭାପତି ନୟନ କିଶୋର ମହାନ୍ତିଙ୍କ ନେତୃତ୍ୱରେ ନୂଆପାଟଣା ବଜାରରୁ କର୍ମୀମାନେ ପଦଯାତ୍ରା ବାହାରି କୟଳପଡା ପଞ୍ଚାୟତ ପରିକ୍ରମା କରି ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହିତ ଲୋକଙ୍କଠାରୁ ପରାମର୍ଶ ପତ୍ର ଗ୍ରହଣ କରିଥିଲେ। । ଇନ୍ଦ୍ରାଣୀପାଟଣା ମଣ୍ଡଳ ସଭାପତି ରମେଶ ଚନ୍ଦ୍ର ନାୟକ ଓ ଜୟନ୍ତ ସ୍ୱାଇଁ ପଦଯାତ୍ରା ପରିଚାଳନା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୁନିନ୍ଦ୍ର ଭୋଳ, ଗଙ୍ଗାଧର ସାହୁ, ପଦ୍ମଚରଣ ବେହେରା, ବୁଲୁ ବେହେରା, ଜିଲା ଉପ ସଭାପତି ପ୍ରଶାନ୍ତ ହୋତା ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ପଞ୍ଚାୟତର ଶନିମନ୍ଦିରଠାରେ ପଦଯାତ୍ରା ଶେଷ ହୋଇଥିଲା।

# ମରୁଭୂମି ପାଲଟିଲାଣି ଖଣ୍ଡଗିରି ରିସର୍ଚ୍ଚ ଗାର୍ଡେନ

**ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)**

## ବେଆଇନ ଚାଲିଛି ଗଛକଟା

ଘାଟିକିଆ ନିକଟସ୍ଥ ଖଣ୍ଡଗିରି ରିସର୍ଚ୍ଚ ଗାର୍ଡେନର ସବୁଜିମା ବିଗତ ଦିନରେ ଲୋକମାନଙ୍କୁ ଆକୃଷ୍ଟ କରିଛି। ଗବେଷଣା ଉଦ୍ଦେଶ୍ୟରେ ଏଠାରେ ହରିଡ଼ା, ବାହାଡ଼ା, କସି, ଅଁଳା, ଶିଶୁ, ରକ୍ତଚନ୍ଦନ, ମେହୋଗାନି, ଶାଗୁଆନ ଭଳି ଅନେକ ମୂଲ୍ୟବାନ ଗଛ ଲଗାଯାଇଥିଲା। ୧୫୦ଏକର ପରିମିତ ଏହି ରିସର୍ଚ୍ଚ ଗାର୍ଡେନ ଏବେ ସୁଦ୍ଧା ଜଙ୍ଗଲ କିସମରେ ଅନ୍ତର୍ଭୁକ୍ତ। ଗତ କିଛିଦିନ ଧରି କାର୍ଯ୍ୟରେ ଯୋଗଦେଇଥିବା ସିଲଭି କଲଚରିଷ୍ଟ ଉକ୍ତ ଜାଗାରେ ବରଗଛ ଲଗାଇବା ଆଳରେ ପ୍ରାପ୍ତ ୬୦୦ରୁ ଊର୍ଦ୍ଧ୍ୱ ଗଛ କାଟି ସାରିଲେଣି। ବର୍ତ୍ତମାନ ରିସର୍ଚ୍ଚ ଗାର୍ଡେନ ଏକ ମରୁଭୂମି ସଦୃଶ ପାଲଟିଛି। ଏ ସମ୍ପର୍କରେ ଚନ୍ଦକା ବନଖଣ୍ଡ ଅଧିକାରୀ କେଦାର ସ୍ୱାଇଁ କୁହନ୍ତି, ତାହା ଏକ ରିସର୍ଚ୍ଚ ଗାର୍ଡେନ ହୋଇଥିବାରୁ ରିସର୍ଚ୍ଚ ପାଇଁ ଡେକୋରେଟିଭ ପ୍ଲାଣ୍ଟ ସହ କିଛି ଶାଗୁଆନ ଗଛ କଟାଯାଇଛି। ଭାରତ ବର୍ଷରେ ଯେତେ ସବୁ ବର ଜାତୀୟ ଗଛ ଅଛି ସେହି ଜାଗାରେ ଲଗାଯିବ। ଅପରପକ୍ଷେ ଗବେଷଣା ପାଇଁ ବେଆଇନ ଭାବେ ଗଛ କଟାଯାଉଥିବା ଅଭିଯୋଗ ହେବା ସହ ପରିବେଶବିତ୍‌ଙ୍କ ପାଇଁ ଉଦ୍‌ବେଗର କାରଣ ହୋଇଛି। ରିସର୍ଚ୍ଚ ଗାର୍ଡେନରେ କଟାଯାଇଥିବା ଗଛଗୁଡ଼ିକର ବୟସ ପ୍ରାୟ ୨୦-୪୦ବର୍ଷରୁ ଊର୍ଦ୍ଧ୍ୱ ହେବ। ବିନା କେନ୍ଦ୍ର ସରକାରଙ୍କ ଅନୁମୋଦନରେ ଗଛ କାଟିବା ଫରେଷ୍ଟ କଞ୍ଜରଭେଶନ ଆକ୍ଟ ୧୯୮୦ ଅନୁଯାୟୀ ଦଣ୍ଡନୀୟ। ଏ ନେଇ ଡିଏଫ୍‌ଓ କେଦାର ସ୍ୱାଇଁ କୁହନ୍ତି, ରିସର୍ଚ୍ଚ ଗାର୍ଡେନରେ କ'ଣ କରାଯିବ ସେଥିପାଇଁ ରିସର୍ଚ୍ଚ ଆଡଭାଇଜରୀ କମିଟି ନିଷ୍ପତ୍ତି ହେବ। ତେଣୁ ଗଛ କାଟିବାରେ କିଛି ଅସୁବିଧା ନାହିଁ। ଏଥିରେ କାହାର କିଛି ଅନୁମତି ଆବଶ୍ୟକ ନାହିଁ। ଗବେଷଣା ପାଇଁ କେଉଁଠି କେଉଁ ଗଛ ଲାଗିବ ତାହା କମିଟି ନିଷ୍ପତ୍ତି ନେବ।

ଚନ୍ଦକା ଡିଏଫ୍‌ଓ ଜଙ୍ଗଲ କିସମ ଜମିରୁ ଗଛ କାଟିବାରେ କୌଣସି ଅନୁମତି ଅନାବଶ୍ୟକ ବୋଲି କହିବା ରକ୍ଷକ ହୋଇ ଭକ୍ଷକ ସାଜିବା ସହ ସମାନ ବୋଲି ପରିବେଶପ୍ରେମୀ ମହଲରେ ଚର୍ଚ୍ଚା ହେଉଛି।



ପଞ୍ଚକ ଅବସରରେ ସୋମବାର କଟକ ବାଦାମବାଡି ଶଙ୍କରପୁର ଅଞ୍ଚଳର ଘର ସମ୍ମୁଖରେ ମହିଳା ଓ ଯୁବତୀମାନେ ମୁରୁଜ ପକାଉଛନ୍ତି।

# ବଡସିଂହାର ବେଶରେ ଦର୍ଶନ ଦେଲେ ଧବଳେଶ୍ୱର

**ଖୁଣ୍ଟୁଣୀ, ୧୯।୧୧ (ଡି.ଏନ୍.ଏ.)**

କାର୍ତ୍ତିକ ମାସର ପଞ୍ଚୁକ ଅବସରରେ ସୋମବାର ଆଠଗଡର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରଙ୍କ ନିକଟରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ପ୍ରାତଃରୁ ବିଭିନ୍ନ ନୀତି ପରେ ଧବଳେଶ୍ୱରଙ୍କ ବଡସିଂହାର ବେଶ କରାଯାଇଥିଲା। ସକାଳ ୫ଟାରୁ ଅପରାହ୍ନ ସାଢେ ୩ଟା ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୪୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଠାକୁରଙ୍କ ଦର୍ଶନ କରିଥିବା ଦେବୋତ୍ତର ବିଭାଗର ସୁପରଭାଇଜର କରୁଣାକର ବେହେରା କହିଛନ୍ତି। ବିଡାନାସୀ ପଟୁ ଡଙ୍ଗାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବାରୁ ମଞ୍ଚେଶ୍ୱର ଝୁଲାପୋଲ ପାର୍ଶ୍ୱ ଘାଟରୁ ୯ଟି ଡଙ୍ଗାରେ ଭକ୍ତମାନେ ଯାଇ ଠାକୁରଙ୍କ ଦର୍ଶନ କରିଥିଲେ। ଗ୍ରାମାଞ୍ଚଳ ଏସ୍‌ପି ମାଧବ ଚନ୍ଦ୍ର ସାହୁ ପ୍ରତ୍ୟେକ କାର୍ଯ୍ୟକୁ ତଦାରଖ କରିଥିଲେ। ବିନା ଲାଇଫ ଜ୍ୟାକେଟ୍‌ରେ ଡଙ୍ଗାରେ ଯିବା ପାଇଁ ପୋଲିସ କାହାରିକୁ ଛାଡି ନ ଥିଲା। ଝୁଲାପୋଲ ତଳ ଡଙ୍ଗା ପାଖରେ ଓଡ୍ରାଫ ଟିମ୍ ସଜାଗ ରହିଥିଲା।



ବଡସିଂହାର ବେଶରେ ଧବଳେଶ୍ୱର।

ଏଥିସହ ଲୋକଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ଦମକଳ ଓ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଥିଲା। ନୂଆପାଟଣା ସେତୁଠାରୁ ପାଇକେରାପୁର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବହୁସଂଖ୍ୟାରେ ଯାନ ପାର୍କିଂ କରାଯାଇଥିବାରୁ ମଞ୍ଚେଶ୍ୱର ଝୁଲାପୋଲ ଆରମ୍ଭରୁ ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଦର୍ଶନ କରିବାର ସୁଯୋଗ ପାଇଥିଲେ। ଗୁରୁଡିଝାଟିଆ ଥାନାଧିକାରୀ ବିଜୟ କେତନ ବିସି, ଚୌଦ୍ୱାର ଏସ୍‌ଡିପିଓ ସତ୍ୟ ନାରାୟଣ ଦାସ, ତହସିଲଦାର ତପନ ଖୁଣ୍ଟିଆଙ୍କ ସମେତ ମାଜିଷ୍ଟ୍ରେଟ୍ ଓ ପୂଜକ ସମାଜ ପକ୍ଷରୁ ଠିକ୍‌ଭାବେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

### ଅଲ୍ ଇଣ୍ଡିଆ ଡିଏସ୍‌ଓର ବିକ୍ଷୋଭ

**କଟକ ଅଫିସ, ୧୯।୧୧**

କଟକ କଲେଜଛକ ଅଞ୍ଚଳରେ ଜଣେ ମହିଳାଙ୍କୁ ଏଟିଏମ୍ ସୁରକ୍ଷାକର୍ମୀଙ୍କ ଦୁର୍ବ୍ୟବହାର ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛି ଅଲ ଇଣ୍ଡିଆ ଡିଏସଓ। ଏ ନେଇ ସୋମବାର ଅଲ ଇଣ୍ଡିଆ ଡିଏସଓ ପକ୍ଷରୁ କଟକ କଲେଜ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସହରରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ବେଳେ ପୋଲିସ ସୁରକ୍ଷା ବ୍ୟବସ୍ଥା କେତେ ତାହା ଏହି ଘଟଣା ସ୍ପଷ୍ଟ କରୁଛି। ତେଣୁ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ପ୍ରକୃତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ ଅଲ ଇଣ୍ଡିଆ ଡିଏସଓର କର୍ମୀମାନେ ପୋଷ୍ଟର ଏବଂ ପ୍ଲାକାର୍ଡ ଜରିଆରେ ପ୍ରତିବାଦ କରିଛନ୍ତି।

# ମହିଳାଙ୍କୁ ଗଣବଳାତ୍କାର ଘଟଣାରେ ୨ ଗିରଫ

**କଟକ ଅଫିସ, ୧୯।୧୧**

କଟକରେ ଶନିବାର ରାତିରେ ଜଣେ ବିବାହିତ ମହିଳାଙ୍କୁ ଗଣବଳାତ୍କାର କରାଯାଇଛି। ମହିଳାଙ୍କ ଏତଲା କ୍ରମେ ପୋଲିସ ୨ ଜଣଙ୍କୁ ସୋମବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବାଙ୍କୀ ଥାନା ଅଧୀନ ବିଲିପଡ଼ା ଗ୍ରାମର ପ୍ରଭାତ ଚନ୍ଦ୍ର ରାଉତ(୩୮) ଏବଂ କନ୍ଦରପୁର ଥାନା ଅନ୍ତର୍ଗତ ଦଣ୍ଡୁଆସିପଡ଼ା ଗ୍ରାମର ଦୀପକ ବେହେରା(୨୪)। ଉଭୟଙ୍କ ବିରୋଧରେ ମାଲଗୋଦାମ ଥାନାରେ ଆଇପିସି ଦଫା ୩୭୬(ଡି) ଅନୁଯାୟୀ ଏକ ମାମଲା (୨୨୪/୧୮) ରୁଜୁ କରାଯାଇଛି। ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯିବାପରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମହିଳାଙ୍କ ଅଭିଯୋଗ ଅନୁଯାୟୀ ଶନିବାର ରାତିରେ ସେ କଟକ ରେଳଷ୍ଟେଶନରେ ବସିଥିଲେ। ଉଭୟ ଅଭିଯୁକ୍ତ ତାଙ୍କୁ ବିଭିନ୍ନ ବାହାନା ଦେଖାଇ ସାଙ୍ଗରେ ନେଇ ଆସିଥିଲେ। ଏହାପରେ ତାଙ୍କୁ ଏଟିଏମ୍ ସିକ୍ୟୁରିଟି ଗାର୍ଡ ରୁମ୍‌ରେ ବଳାତ୍କାର କରିଥିଲେ। ଏହାପରେ ତାଙ୍କୁ ଆନିକଟ ରାସ୍ତାରେ ଫିଙ୍ଗିଦେଇ ପଳାଇଥିଲେ। କିନ୍ତୁ ଅଭିଯୁକ୍ତ ଦ୍ୱୟଙ୍କୁ ପଚରାଉଚରା ସମୟରେ ସେମାନେ ଭିନ୍ନ କଥା କହିଥିବା ମାଲଗୋଦାମ ଥାନା ଆଇଆଇସି ଦେବୀ ପ୍ରସାଦ ପାତ୍ର କହିଛନ୍ତି। ତଦନୁଯାୟୀ, ଅଭିଯୁକ୍ତମାନେ କୁଆଡେ ଉକ୍ତ ମହିଳାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବା ପାଇଁ ତାଙ୍କୁ ୩୦୦ ଟଙ୍କା ଲେଖାଏ ୬୦୦ ଟଙ୍କା ଦେଇଥିଲେ। ମାତ୍ର ପରେ ମହିଳା ଜଣକ ୪ହଜାର ଟଙ୍କା ଦାବି କରିଥିଲେ। ସେମାନେ ତାଙ୍କୁ ଉକ୍ତ ଟଙ୍କା ଦେଇ ନ ଥିଲେ। କିନ୍ତୁ ତାଙ୍କୁ ସାଙ୍ଗରେ ନେଇ ରେଳଷ୍ଟେଶନରେ ଛାଡ଼ିଥିଲେ ବୋଲି ଅଭିଯୁକ୍ତ ଦ୍ୱୟ କହିଥିବା ଆଇଆଇସି ପାତ୍ର କହିଛନ୍ତି। ଘଟଣା ସମ୍ପର୍କରେ ପୋଲିସ ତଦନ୍ତ ଚଳାଇଛି। ସୋମବାର ମହିଳାଙ୍କ ଡାକ୍ତରୀ ମାଇନା କରାଯାଇଛି। ରିପୋର୍ଟ ଆସିବା ପରେ ଘଟଣା ସ୍ପଷ୍ଟ ହେବ ବୋଲି ଆଇଆଇସି ପାତ୍ର କହିଛନ୍ତି।

---

■ ୨୬ରୁ ଛୁଟିରେ ଯିବେ ସମସ୍ତ ଶିକ୍ଷା ସେବା ଅଧିକାରୀ

# ୬୬ଲକ୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ହେବ ବ୍ୟାହତ

**ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)**

ଦାବିପୂରଣ ନ ହେଲେ ଆସନ୍ତା ୨୬ ତାରିଖରୁ ସମସ୍ତ ଶିକ୍ଷା ସେବା ଅଧିକାରୀ ସମୂହ ଛୁଟିରେ ଯିବେ ବୋଲି ସୋମବାର ଓଡ଼ିଶା ଶିକ୍ଷା ସେବା ସଂଘ ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି। ସଂଘର କହିବାନୁଯାୟୀ, ୧୯୭୧ମସିହାରୁ ଓଡ଼ିଶା ଶିକ୍ଷା ସେବା ପାଇଁ ଲୋକସେବା ଆୟୋଗ ଦ୍ୱାରା ଶିକ୍ଷା ସେବା ଅଧିକାରୀ ନୁଯୁକ୍ତି ନିୟମ ପ୍ରଣୟନ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଅଦ୍ୟାବଧି ଶିକ୍ଷା ସେବା ଅଧିକାରୀଙ୍କ ପାଇଁ ଏକ କ୍ୟାଡର ରୁଲ୍ ପ୍ରଣୟନ କରି ନାହାନ୍ତି। ଫଳରେ ଶିକ୍ଷା ସେବା ଅଧିକାରୀମାନେ ଉପଯୁକ୍ତ ପ୍ରମୋଶନ ଓ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏପରିକି କେତେକ ଶିକ୍ଷା ସେବା ଅଧିକାରୀ ବିନା ପ୍ରମୋଶନରେ ଅବସର ନେଉଛନ୍ତି। ତେଣୁ ଆସନ୍ତା ୨୬ତାରିଖ ପୂର୍ବରୁ ଯଦି ଦାବି ପୂରଣ ନ ହୁଏ ତେବେ ୨୬ ତାରିଖରୁ ସମସ୍ତ ଶିକ୍ଷା ସେବା ଅଧିକାରୀ ସମୂହ ଛୁଟିରେ ରହିବେ। ଶିକ୍ଷା ଅଧିକାରୀମାନେ ଶିକ୍ଷା ପରିଚାଳନାରେ କୌଣସି କାର୍ଯ୍ୟକ୍ରମରେ ସହଯୋଗ ନ କରିବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ସଂଘର ଅଭିଯୋଗ ଅନୁଯାୟୀ, ସରକାର ଅଧିକାଂଶ ବିଭାଗର କ୍ୟାଡର ପୁନର୍ବିନ୍ୟାସ କରୁଛନ୍ତି। କିନ୍ତୁ ରାଜ୍ୟର ୨.୫ଲକ୍ଷ ଶିକ୍ଷକ ଓ ୬୬ଲକ୍ଷ ପିଲାଙ୍କୁ ନେଇ ଶିକ୍ଷା ବ୍ୟବସ୍ଥାକୁ ପରିଚାଳନା କରୁଥିବା ଶିକ୍ଷା ସେବା ଅଧିକାରୀଙ୍କୁ ଅଣଦେଖା କରିଛନ୍ତି। ଉଭୟ ଅର୍ଥ ବିଭାଗ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶିକ୍ଷା ସେବା ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। କ୍ୟାଡର ପୁନର୍ଗଠନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାବତ୍ ତାହା ହୋଇପାରି ନାହିଁ। ସେହିପରି ଜିଲା ଶିକ୍ଷା ତଥା ବ୍ଲକ ଶିକ୍ଷାଧିକାରୀଙ୍କୁ ସରକାର ବିଭିନ୍ନ ପ୍ରକାର ଶିକ୍ଷା ଯୋଜନା ତଦାରଖ ଦାୟିତ୍ୱ ଦେଇଥିବା ବେଳେ ସେମାନଙ୍କ ଯାତାୟତ ପାଇଁ ଗାଡ଼ି ବ୍ୟବସ୍ଥା କରି ନାହାନ୍ତି। ତେଣୁ ସରକାର ଯଥାଶିଘ୍ର ଦାବି ପୂରଣ କରନ୍ତୁ ବୋଲି ସଂଘର ସାଧାରଣ ସମ୍ପାଦକ ଡ. ସନାତନ ପଣ୍ଡା କହିଛନ୍ତି। ଏହାଛଡ଼ା ସଂଘର ଦାବିପତ୍ର ୩୦ଟି ଜିଲାର ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯିବ। ପରବର୍ତ୍ତୀ ସମୟରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବାକୁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି ଆନ୍ଦୋଳନକୁ ବିଭିନ୍ନ ଶିକ୍ଷକ ସଙ୍ଗଠନ ସମର୍ଥନ କରିଥିବା ଜଣାପଡ଼ିଛି।

■ ନାଇଜରରେ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ ଉଦ୍‌ଯାପିତ

# ମନର ଗବେଷଣାରେ ବହୁ ମହତ୍ତ୍ୱ ରହିଛି

**ଜଟଣୀ, ୧୯।୧୧ (ଡି.ଏନ.ଏ)**

ପରିବେଶ ନିୟନ୍ତ୍ରଣରେ ନାଇଜର, ଆଇସର, ଆଇଆଇଟି ଶିକ୍ଷାନୁଷ୍ଠାନଗୁଡିକରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମନର ଗବେଷଣାରେ ବହୁ ମହତ୍ତ୍ୱ ରହିଛି। ମାନସିକ ସ୍ତରରେ ନୀତି ଆଦର୍ଶକୁ ଆପଣେଇ ନେଲେ ଏହା ଆଗାମୀଦିନରେ ସମାଜର କୌଣସି କ୍ଷତି ପହଞ୍ଚାଇବ ନାହିଁ। ଏହାଛଡ଼ା ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସରକାର ତଥା ଜନସାଧାରଣଙ୍କ ଅନେକ ଭୂମିକା ରହିଛି। ଜଟଣୀସ୍ଥ ନାଇଜର ପରିସରରେ ଦୁଇଦିନ ଧରି ଚାଲିଥିବା ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସର ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜାକୁମାର, ବିପିୟୁଟିର ପୂର୍ବତନ କୁଳପତି ପ୍ରଫେସର ଓଁକାରନାଥ ମହାନ୍ତି, ପ୍ରିନ୍ସିପାଲ୍ କନ୍‌ଜରଭେଟର ଡ. ଦେବବ୍ରତ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉପରୋକ୍ତ ବକ୍ତବ୍ୟ ରଖିଥିଲେ। ପରିବେଶ ଉପରେ ସଚେତନ ହୋଇ ଗବେଷଣା ମନସ୍କ ହେବାକୁ ଆଗାମୀ ପିଢ଼ିର ଗବେଷକ ଓ ବିଦ୍ୟାର୍ଥୀମାନଙ୍କୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ନାଇଜରର ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା ଉଦ୍‌ଯାପନୀ ଉତ୍ସବରେ ସଭାପତିତ୍ୱ କରିଥିଲେ। ୨ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ନିବନ୍ଧ ଉପସ୍ଥାପିତ ହୋଇଥିଲା ବେଳେ ୧୫୦ ନିବନ୍ଧ ପୋଷ୍ଟର ମାଧ୍ୟମରେ ଉପସ୍ଥାପିତ ହୋଇଥିଲା। ବିଜ୍ଞାନ ଓ ପରିବେଶ କିପରି ଆମର ପ୍ରକୃତ ମିତ୍ର ହୋଇ ରହିବ ଓ ସେଥିପାଇଁ ଆମର କ'ଣ କର୍ତ୍ତବ୍ୟ ରହିଛି ତା' ଉପରେ ଏହିସବୁ ନିବନ୍ଧ ଆଧାରିତ ରହିଥିଲା। ଅନେକ ବୈଜ୍ଞାନିକ ପ୍ୟାନେଲ ଆଲୋଚନାରେ ଭାଗ ନେଇଥିଲେ। ସମାଜ ପାଇଁ ବିଜ୍ଞାନର ଭୂମିକା କ'ଣ ରହିବ ତା' ଉପରେ ଗୁରୁତ୍ୱାରୋପ କରିଥିଲେ। ନିବନ୍ଧ ଉପସ୍ଥାପନ ଓ ପୋଷ୍ଟର ପ୍ରତିଯୋଗିତାରେ ବିଜେତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜ୍ଞାନ ଓ ପରିବେଶକୁ ଯେଉଁମାନେ ଲୋକାଭିମୁଖୀ କରିବାକୁ ତତ୍ପର ଅଛନ୍ତି ସେମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ପରିବେଶ ସମିତିର ଆବାହକ ଡ. ଜୟକୃଷ୍ଣ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିବାବେଳେ ନାଇଜର କୁଳସଚିବ ଡ. ଅଭୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ।




ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- କାର୍ତ୍ତିକେଶ୍ୱର ପୂଜା, ପାଠାଗାର କ୍ଲବ, ରେଡ୍ ନଂ. ୬, ୟୁନିଟ୍-୯, ପ୍ରାତଃ ୫ଟା। ସାଂସ୍କୃତିକ କାର୍ଯ୍ୟକ୍ରମ, ରାତି ୭ଟା।
- ବୈଷୟିକ ଶିକ୍ଷା ପରିଷଦ ସମ୍ମିଳନୀ, ବିଜୁ ପଟ୍ଟନାୟକ ହଲ୍, ଓୟୁଏଟି, ସକାଳ ୯ଟା। 'ଦେଶର ବିକାଶ ପାଇଁ ଏନ୍‌ଜିଓ ଏବଂ ଛାତ୍ରଙ୍କ ଭୂମିକା ଓ କର୍ତ୍ତବ୍ୟ' ଶୀର୍ଷକ ଆଲୋଚନା, ଏମ୍.ଏସ୍. ସ୍ୱାମୀନାଥନ୍ ହଲ୍, ଅପରାହ୍ନ ୪ଟା।
- ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ଲାଟିନମ୍ ଜୁବୁଲି ସାହିତ୍ୟ ଓ ସଂସ୍କୃତି ଉତ୍ସବ, ବିଶ୍ୱବିଦ୍ୟାଳୟ ଏମ୍‌କେସିଜି ଅଡିଟୋରିୟମ୍, ପୂର୍ବାହ୍ନ ୧୦ଟା। ଉଦ୍‌ଯାପନୀ ଅଧିବେଶନ, ଅପରାହ୍ନ ୪ଟା।
- ବଂଶୀଧର ଆଣ୍ଡ ଇଲା ପଣ୍ଡା ଫାଉଣ୍ଡେଶନ ଏବଂ ପଥର ମିଳିତ ଆନୁକୂଲ୍ୟରେ 'ଆଇଡିଏଟ୍-୨୦୧୮', ହୋଟେଲ ଦ କ୍ରାଉନ୍, ପୂର୍ବାହ୍ନ ୧୦ଟା ୧୫।
- ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା, ରେଲୱେ ଷ୍ଟେଶନ ନିକଟ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ଶିଶୁ ବିକାଶ ପରିଷଦ ପକ୍ଷରୁ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ, ହୋଟେଲ କଳିଙ୍ଗ ଅଶୋକ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ରାଜ୍ୟ ସମବାୟ ୟୁନିୟନ ପକ୍ଷରୁ ରାଜ୍ୟସ୍ତରୀୟ ସମବାୟ ସପ୍ତାହ-୨୦୧୮ ପାଳନ, ସୂଚନା ଭବନ, ପୂର୍ବାହ୍ନ ୧୧ଟା ୩୦।
- ଏକକ ଚିତ୍ରକଳା ପ୍ରଦର୍ଶନୀ 'ଦ ଅଲ୍‌ଟିମେଟ୍ ଏକ୍ସପ୍ରେଶନ୍', ରାଷ୍ଟ୍ରୀୟ ଲଳିତ କଳା ଏକଡେମୀ ଆଞ୍ଚଳିକ କେନ୍ଦ୍ର, ପୂର୍ବାହ୍ନ ୧୧ଟା ୩୦ରୁ ରାତି ୭ଟା। ଉଦ୍‌ଯାପନୀ ଉତ୍ସବ ଓ ଆଲୋଚନାଚକ୍ର, ଅପରାହ୍ନ ୫ଟା ୩୦।
- ଆର୍ଟିଷ୍ଟ ନେଟ୍‌ୱର୍କ ପ୍ରମୋଟିଂ ଇଣ୍ଡିଆନ୍ କଲ୍‌ଚର ପକ୍ଷରୁ ଇଣ୍ଟରନ୍ୟାଶନାଲ୍ ପବ୍ଲିକ ଆର୍ଟ ସିମ୍ପୋଜିୟମ୍, କେ-୭, କଳିଙ୍ଗ ନଗର, ଅପରାହ୍ନ ୫ଟା ୩୦।
- ଆଶ୍ରୟର କବିତା ଆସର ଓ ଇଂଲିଶ କବିତା ପୁସ୍ତକ ଉନ୍ମୋଚନ, ରେଡ୍‌କ୍ରସ ଭବନ, ସନ୍ଧ୍ୟା ୬ଟା।
- ସଙ୍ଗୀତ ସନ୍ଧ୍ୟା 'ୟାଦୋଁ କି ବାରାତ୍', ସୂଚନା ଭବନ, ସନ୍ଧ୍ୟା ୬ଟା।
- ସମାଜ ଓ ସଂସ୍କୃତି ପକ୍ଷରୁ ବନ୍ଧୁମିଳନ ଉତ୍ସବ, ଟିମ୍ ଯାଯାବର, ପଟ୍ଟନାୟକିଆ ଛକ, ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ସଂଲଗ୍ନ, ସନ୍ଧ୍ୟା ୬ଟା।
- ପିକକ୍ ଶିଶୁମେଳା ଉଦ୍‌ଯାପନ, ଏକାମ୍ର ହାଟ, ସନ୍ଧ୍ୟା ୬ଟା ୩୦।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲର ବାର୍ଷିକ ସଙ୍ଗୀତ ମହୋତ୍ସବ-୨୦୧୮, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଶିଶୁ ଅଧିକାରକୁ ନେଇ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତା 'କଲ୍ଲୋଳ-୨୦୧୮'ର ପୁରସ୍କାର ବିତରଣ ଉତ୍ସବ, ଏଚ୍ଏଚ୍ଆଇ, ୟୁନିଟ୍-୩, ସନ୍ଧ୍ୟା ୬ଟା ୩୦।
- ମ୍ୟୁଜିକାଲ୍ କନସର୍ଟ 'ରିଦିମ୍ ଅଫ୍ ହୋପ୍', ରେଲ୍ ଅଡିଟୋରିୟମ୍, ମଞ୍ଚେଶ୍ୱର, ସନ୍ଧ୍ୟା ୬ଟା ୩୦।
- 'ସହସ୍ର ଦୀପ ଆରାଧନା' ମହୋତ୍ସବ, ଶ୍ରୀଶ୍ରୀ ତ୍ରିନାଥ ଜୀଉ ମନ୍ଦିର, ଏକାମ୍ର ମାର୍ଗ, ୟୁନିଟ୍-୭, ସନ୍ଧ୍ୟା ୬ଟା ୩୦।
- ନାଟକ 'ଏଇ ବୋଧେ ପ୍ରେମ', ଭଞ୍ଜ କଳାମଣ୍ଡପ, ରାତି ୭ଟା।

## ୧୪ ଦଫା ଦାବିରେ ରାସ୍ତାରୋକୋ

**ବାଲିପାଟଣା,୧୯।୧୧(ଡି.ଏନ୍.ଏ.)**

ଲୋକ ଜନଶକ୍ତି ପାର୍ଟି ପକ୍ଷରୁ ସୋମବାର ୧୪ଦଫା ଦାବିରେ ବାଲିପାଟଣା ଛକଠାରେ ରାସ୍ତାରୋକୋ କରାଯାଇଥିଲା। ରାଜ୍ୟ ସଭାପତି ରାଜନଲାଲ ଶ୍ରୀବାସ୍ତବ, ଉପସଭାପତି ଚିତ୍ତରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ। ବାଲିପାଟଣା ଛକଠାରେ ଯାତ୍ରୀ ବିଶ୍ରାମାଗାର ଓ ଶୌଚାଳୟ, ବନମାଳିପୁର ଫାଣ୍ଡିକୁ ପିସିଆର ଭ୍ୟାନ, ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ କର୍ମଚାରୀ ନିଯୁକ୍ତି, ବାଲିପାଟଣା ପ୍ରାଣୀଧନ ଚିକିତ୍ସାଳୟ ସମସ୍ୟା ସମାଧାନ, ରେଞ୍ଜର କାର୍ଯ୍ୟାଳୟର ବିଭିନ୍ନ ସମସ୍ୟା, ଭଅଁରା–କୁଣ୍ଢେଇ ରାସ୍ତା ମରାମତି, ୩ ବର୍ଷରୁ ଅଧିକ ଦିନ ଚାକିରି କରିଥିବା ପୋଲିସ କର୍ମଚାରୀଙ୍କୁ ବଦଳି, ବାଲିପାଟଣା ଥାନାରେ ଗୃହରକ୍ଷୀ ବାହିନୀର ଜଣେ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଚାଲିଥିବା ବେଆଇନ କାର୍ଯ୍ୟର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ, ବାଲିପାଟଣା ଓ ବାଲିଅନ୍ତା ବ୍ଲକର ସମସ୍ତ ଦଳିତ ଗରିବ ହିତାଧିକାରୀଙ୍କୁ ପାଣି ଓ ପକ୍କା ସଡ଼କ, ଥାନା କର୍ମଚାରୀଙ୍କ ସମସ୍ୟା. ବିଦ୍ୟୁତ୍ ବିଭାଗରୁ ଫ୍ରାଞ୍ଚାଇଜ ଏଜେନ୍ସିକୁ ବରଖାସ୍ତ, ବିଜୁ ପକ୍କାଘର ଯୋଜନା ହିତାଧିକାରୀଙ୍କୁ ବକେୟା ପ୍ରଦାନ ଓ ସାଧାରଣ ସାମଗ୍ରୀ ବଣ୍ଟନର ଅନିୟମିତାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବାଲିପାଟଣା ତହସିଲଦାର ପ୍ରାଚୀ ମହାପାତ୍ର ପହଞ୍ଚି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଗ୍ରହଣ କରିବା ସହ ଧାରଣାକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

### ■ ଶିଶୁ ନିର୍ଯାତନା ବିରୋଧରେ ପଦଯାତ୍ରା, ଦସ୍ତଖତ ସଂଗ୍ରହ ଅଭିଯାନ

# 'ଶ୍ରମଠାରୁ ଶିଶୁଙ୍କୁ ଦୂରେଇ ରଖିବା ସମସ୍ତଙ୍କ ଦାୟିତ୍ୱ'

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**

ଶିଶୁମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଶ୍ରମିକ ଭାବେ ନିୟୋଜିତ କରାଯିବା ସହ ନାନା ନିର୍ଯାତନା ଦିଆଯାଉଛି। ଏଥିଯୋଗୁ କୋମଳମତି ପିଲାମାନଙ୍କ ଅଧିକାର କ୍ଷୁଣ୍ଣ ହେଉଛି। ଶିଶୁଙ୍କ ସ୍ଥାନ ହେଉଛି ବିଦ୍ୟାଳୟ, କାର୍ଯ୍ୟାଳୟ ନୁହେଁ। ସେମାନେ ବିଦ୍ୟାଳୟକୁ ଆସି ପାଠ ପଢ଼ିଲେ ଦେଶ ଓ ନିଜର ଭବିଷ୍ୟତ ଉଜ୍ୱଳ ହେବ। ତେଣୁ ଶିଶୁମାନଙ୍କୁ ଶ୍ରମଠାରୁ ଦୂରେଇ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ। ଏଥିପାଇଁ ସମାଜର ସବୁ ସ୍ତରର ଲୋକେ ଏଥିପାଇଁ ଉଦ୍ୟମ କରିବା ସହ ଶିଶୁ ଶ୍ରମ ବିରୋଧରେ ସ୍ୱର ଉଠାଇବା ଦରକାର। ସୋମବାର ଭୁବନେଶ୍ୱରଠାରେ ବିଶ୍ୱ ଶିଶୁ ନିର୍ଯାତନା ନିରୋଧ ଦିବସ ପାଳନ ଅବସରରେ ଆୟୋଜିତ ପଦଯାତ୍ରା ଓ ଦସ୍ତଖତ ସଂଗ୍ରହ ଅଭିଯାନରେ ଏହି ମତ ପ୍ରକାଶ ପାଇଛି।




ଅତିଥିମାନେ ପତାକା ଦେଖାଇ ପଦଯାତ୍ରାକୁ ଶୁଭାରମ୍ଭ କରୁଛନ୍ତି।

ପିପୁଲ୍‌ସ କଲଚରାଲ ସେଣ୍ଟର (ପିକକ୍) ଏବଂ ରାଜ୍ୟ ଶ୍ରମ ଓ ଇଏସ୍ଆଇ ବିଭାଗ ପକ୍ଷରୁ ଏକ ପଦଯାତ୍ରା ରାମମନ୍ଦିର ଛକ ନିକଟରୁ ବାହାରି ମାଷ୍ଟରକ୍ୟାଣ୍ଟିନ ପର୍ଯ୍ୟନ୍ତ ଯାଇଥିଲା। ଏହାକୁ ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂ, ମେୟର ଅନନ୍ତ ନାରାୟଣ ଜେନା ଓ ଅଭିନେତ୍ରୀ ଅର୍ଚ୍ଚିତା ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରାରେ କ୍ଷେତ୍ରୀୟ ଶ୍ରମ ଅଧିକାରୀ ଅଜୟ କୁମାର ପଟ୍ଟନାୟକ ଓ ପ୍ରଦୀପ୍ତ କୁମାର ମହାପାତ୍ର, ଜିଲା ଶ୍ରମ ଅଧିକାରୀ ଅମ୍ବିକା ମିଶ୍ର, କ୍ରୀଡାବିତ୍ ଅନୁରାଧା ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ପିକକ୍‌ର ସମ୍ପାଦକ ରଞ୍ଜନ କୁମାର ମହାନ୍ତି, ନାରୀ ନେତ୍ରୀ ସୁଲତା ଦେଓ, ପିକକ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି, ରାଜ୍ୟ ଶ୍ରମ ଓ ଇଏସ୍ଆଇ ଦପ୍ତରର ବୈଷୟିକ ପରାମର୍ଶଦାତା ଭକ୍ତ ବନ୍ଧୁ ଆଚାର୍ଯ୍ୟ ପ୍ରମୁଖ ସାମିଲ ହୋଇଥିଲେ। ମାଷ୍ଟରକ୍ୟାଣ୍ଟିନ ଛକରେ ଲାଗିଥିବା ଦସ୍ତଖତ ଅଭିଯାନ ବ୍ୟାନରରେ ଅତିଥିଙ୍କ ସମେତ ଜନସାଧାରଣ ଶିଶୁ ଶ୍ରମ ଓ ଶିଶୁ ନିର୍ଯାତନାକୁ ବିରୋଧ କରି ନିଜର ମତ ଲେଖିଥିଲେ। ପରେ ସେଠାରେ ପିକକ୍‌ର ପାଣ୍ଡୁ ବେହେରାଙ୍କ ନିର୍ଦ୍ଦେଶନାରେ ଶିଶୁ ଶ୍ରମ ବିରୋଧରେ ପଥପ୍ରାନ୍ତ ନାଟକ 'ପିଲାଦିନ ଫେରାଇବ କିଏ' ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ପିକକ୍‌ର ଜ୍ୟୋତି ମହାପାତ୍ର ଓ ଜ୍ୟୋତି ମହାନ୍ତି ପରିଚାଳନା କରିଥିଲେ।




ରାଜଧାନୀ କଳାସଂସଦଠାରେ ଭାଷା ସଂସ୍କୃତି ସମାଜ ପକ୍ଷରୁ ଅନୁଷ୍ଠିତ ଆଲୋଚନାଚକ୍ର ଓ କବିତା ପାଠୋତ୍ସବରେ ଯୋଗଦେଇଥିବା ଅତିଥି।

## ବ୍ୟବସାୟୀଙ୍କୁ ଗରମ ତେଲ ଫିଙ୍ଗିଲେ ଘର ମାଲିକ

**କଟକ ରୋଡ,୧୯।୧୧(ଡି.ଏନ୍.ଏ.)**

ପ୍ରତ୍ୟେକ ଦିନ ମାଗଣା ଖାଇବା ଜଣେ ଘର ମାଲିକଙ୍କୁ ମହଙ୍ଗା ପଡ଼ିଛି। ଏଭଳି ଘଟଣା ଘଟିଛି ଲକ୍ଷ୍ମୀସାଗର ଅଞ୍ଚଳରେ। ପୋଲିସ ସୂଚନା ଅନୁଯାୟୀ, ସମ୍ପୃକ୍ତ ଘର ମାଲିକଙ୍କ କଟକ ରୋଡରେ ଥିବା ଏକ ଦୋକାନକୁ ଅମୂଲ୍ୟ ସାହୁ ଭଡ଼ାରେ ନେଇଥିଲେ। ଗତ ୪ବର୍ଷ ଧରି ସେଠାରେ ଜଳଖିଆ ଦୋକାନ କରିଥିଲେ। ଥାନା ଅଧିକାରୀ ଦୟାନିଧି ନାୟକଙ୍କ କହିବା ଅନୁଯାୟୀ, ନିୟମିତ ଭାବେ ସମ୍ପୃକ୍ତ ଘର ମାଲିକଙ୍କ ପରିବାର ସେଠାରୁ ମାଗଣାରେ ଖାଇଥାନ୍ତି। ସୋମବାର ରାତି ପ୍ରାୟ ୮ଟାରେ ଏହି ଘଟଣାକୁ ନେଇ ଅମୂଲ୍ୟ ଓ ଘର ମାଲିକଙ୍କ ମଧ୍ୟରେ ବଚସା ହୋଇଥିଲା। ହଠାତ୍ ଘର ମାଲିକ ଉତ୍ତକ୍ଷିପ୍ତ ହୋଇ ଅମୂଲ୍ୟଙ୍କ ଉପରକୁ କଡେଇରେ ଥିବା ଗରମ ତେଲ ଫିଙ୍ଗି ଦେଇଥିଲେ। ଫଳରେ ତାଙ୍କ ଶରୀରର ଅର୍ଦ୍ଧାଧିକ ଅଂଶ ପୋଡିଯାଇଥିଲା। ଗୁରୁତର ଅବସ୍ଥାରେ ଅମୂଲ୍ୟଙ୍କ ପରିବାରଲୋକେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପୋଲିସ ଡାକ୍ତରଖାନାରେ ପହଞ୍ଚି ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ନାୟକ କହିଛନ୍ତି।

## କୁନି ଚିତ୍ରଶିଳ୍ପୀ ତୂଳୀରେ ନୌବାଣିଜ୍ୟ ଗାଥା



କୁନି ଚିତ୍ରଶିଳ୍ପୀମାନେ ଚିତ୍ର ଆଙ୍କୁଛନ୍ତି।

**ପୁରୁଣା ଭୁବନେଶ୍ୱର, ୧୯।୧୧(ଡି.ଏନ.ଏ.)**

ଆଉ ଦିନ କେଇଟା ପରେ କାର୍ତ୍ତିକ ପୂର୍ଣ୍ଣମୀ। ଓଡ଼ିଶା ପରମ୍ପରାରେ ଡଙ୍ଗା ଭସାଇବା ଓ ବୋଇତ ବନ୍ଦାଣର ଦିନ। ଅତୀତର ସାଧବ ପୁଅଙ୍କ ବାଲି, ସୁମାତ୍ରା, ଜାଭା, ଶ୍ରୀଲଙ୍କା ଦେଶର ନୌବାଣିଜ୍ୟର ସ୍ମୃତିକୁ ଉଜ୍ଜୀବିତ କରିବାକୁ ଭୁବନେଶ୍ୱର ପୋଖରୀପୁଟସ୍ଥିତ ଇନ୍ଦ୍ରପ୍ରସ୍ଥ ଫେଜ୍–୨ରେ ଥିବା ଚିତ୍ରଶିକ୍ଷା ଅନୁଷ୍ଠାନ 'ଚିତ୍ରଶାଳା'ର କୁନିକୁନି ଚିତ୍ରଶିଳ୍ପୀମାନେ ଉତ୍କଳୀୟ ନୌବାଣିଜ୍ୟର ସ୍ମୃତିକୁ ରଙ୍ଗ ଓ ତୂଳୀରେ ଉଜ୍ଜୀବିତ କରିବାକୁ ପ୍ରୟାସ କରିଛନ୍ତି। ଚିତ୍ରରେ ବିଭିନ୍ନ ପ୍ରକାରର ବୋଇତ ତିଆରି କରିବା ସହ ବୋଇତକୁ ସୁନ୍ଦର ଓ ଆକର୍ଷଣୀୟ ପାଇଁ ମନଛୁଆଁ ରଙ୍ଗର ସ୍ପର୍ଶ ଦେଇଛନ୍ତି। ଉତ୍କଳର ଏହି ଗର୍ବ ଓ ଗୌରବର ପରମ୍ପରାକୁ ଉଜ୍ଜୀବିତ କରି ରଖିବାକୁ ଏହା ଏକ ପ୍ରୟାସ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ଅନସୂୟା ସାହୁ କହିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶାର ଜଣାଶୁଣା ବାଲୁକା ଶିଳ୍ପୀ ସୁବଳ ମହାରଣା, ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପଞ୍ଚାନନ ସାମଲ, ସାମାଜିକ କର୍ମୀ ସୁଶାନ୍ତ ସାହୁ, ପ୍ରିୟବ୍ରତ ପଣ୍ଡା ପ୍ରମୁଖ ଯୋଗଦେଇ କୁନି ଚିତ୍ରଶିଳ୍ପୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ।

### ■ ମାଜିଷ୍ଟ୍ରେଟଙ୍କ ଘରୁ ଅଭିଯୁକ୍ତ ଖସିଯିବା ଘଟଣା

## ତଦନ୍ତ ନିର୍ଦ୍ଦେଶ ଦେଲେ ରେଲୱେ ଏଡିଜି

**ଭୁବନେଶ୍ୱର,୧୯।୧୧ (ବ୍ୟୁରୋ)**

ଦୁଇ ଜଣ ଡକାୟତଙ୍କୁ ଗିରଫ କରିଥିବା ରେଳବାଇ ପୋଲିସ ରବିବାର ସନ୍ଧ୍ୟାରେ ୟୁନିଟ୍–୨ ସ୍ଥିତ ମାଜିଷ୍ଟ୍ରେଟ୍‌ଙ୍କ ଘରେ ହାଜର କରିବାକୁ ନେଇଥିଲା। ହେଲେ ସେଠାରୁ କୌଶଳକ୍ରମେ ଗଞ୍ଜାମ ନୂଆଗାଁର ମନୋଜ ଗୌଡ଼ ନାମକ ଜଣେ ଅଭିଯୁକ୍ତ ଖସି ଯାଇଥିଲେ। ଏହାକୁ ରେଲୱେ ଏଡିଜି ପ୍ରଣବେନ୍ଦୁ ଆଚାର୍ଯ୍ୟ ଗୁରୁତର ସହ ନେଇଛନ୍ତି। ଏହି ଘଟଣାର ତଦନ୍ତ କରିବା ପାଇଁ ସେ ରେଲୱେ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଦାୟିତ୍ୱରେ ଥିବା ୪ ଅଫିସରଙ୍କ ମଧ୍ୟରୁ କାହାର ଅବହେଳାରୁ ଅଭିଯୁକ୍ତ ଖସିଗଲେ ତାହାର ତଦନ୍ତ ରିପୋର୍ଟ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରେଲୱେ ଏଡିଜି ଆଚାର୍ଯ୍ୟ କହିଛନ୍ତି। ଅନ୍ୟପଟେ ଖସି ଯାଇଥିବା ଅଭିଯୁକ୍ତ ମନୋଜଙ୍କୁ ଧରିବା ପାଇଁ ରେଳବାଇ ପୋଲିସ ସର୍କୁଲାର ଜାରି କରିଛି। ଏକାଧିକ ପୋଲିସ ଷ୍ଟେଶନକୁ ଅଭିଯୁକ୍ତଙ୍କ ଫଟୋ ପଠାଯାଇଛି। ଏହାସହ ପୋଲିସ ସୋମବାର ଅଭିଯୁକ୍ତଙ୍କ ଘର ଓ କେତେଜଣ ସମ୍ପର୍କୀୟଙ୍କ ଘରେ ଚଢ଼ାଉ କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳିନାହିଁ। ସୂଚନା ଅନୁଯାୟୀ, ରେଳବାଇ ପୋଲିସ ଶନିବାର ରାତିରେ ଦୁଇ ଜଣ କୁଖ୍ୟାତ ଟ୍ରେନ ଡକାୟତଙ୍କୁ ଗିରଫ କରିଥିଲା। ପୋଲିସ ଦୁଇ ଲୁଟେରାଙ୍କୁ ରବିବାର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା କରିବା ପରେ ୟୁନିଟ୍–୨ସ୍ଥିତ ମାଜିଷ୍ଟ୍ରେଟ୍‌ଙ୍କ ଘରକୁ ହାଜର କରିବାକୁ ନେଇଥିଲା। ପୋଲିସ ଭ୍ୟାନ୍ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ମାଜିଷ୍ଟ୍ରେଟ୍‌ଙ୍କ ଘର ଆଗରେ ରହିଥିଲା। ପୋଲିସ ଦୁଇ ଜଣ ଲୁଟେରାଙ୍କୁ ହାତକଡି ପକାଇ ମାଜିଷ୍ଟ୍ରେଟ୍‌ଙ୍କ ଘର ବାରଣ୍ଡାରେ ଅପେକ୍ଷା କରିଥିଲେ। ଏହି ସମୟରେ ସେଠାରେ ଥିବା ପୋଲିସ ଅଫିସରମାନେ ପରସ୍ପର ସହ କଥା ହେଉଥିଲେ। ଏହାର ସୁଯୋଗ ନେଇ ମନୋଜ ହାତକଡି ଖୋଲି ଫେରାର ହୋଇଯାଇଥିଲେ।

## ଗୋଦାମରୁ ଲୁଟ ମାମଲା: ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)**

ଖାରବେଳ ନଗର ଥାନା ୟୁନିଟ–୪ ଅଞ୍ଚଳରେ ଥିବା ଏକ ପାନ ମସଲା ଗୋଦାମରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ସୋମବାର ମାଷ୍ଟର କ୍ୟାଣ୍ଟିନ ଅଞ୍ଚଳରୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ପୋଲସରା ଅଞ୍ଚଳର ନାରାୟଣ ମହାନ୍ତି। ତାଙ୍କୁ ପଚରା ଉଚୁରା କରିବା ପରେ କୋର୍ଟ ଚାଲାଣ କରାଯାଇଛି। ନିରଞ୍ଜନ ବେହେରାଙ୍କର ୟୁନିଟ–୪ ମାର୍କେଟରେ ଗୋଟିଏ ପାନ ମସଲା ଗୋଦାମ ରହିଛି। ଗତ ଅଗଷ୍ଟ ୨୩ ରାତିରେ ନିରଞ୍ଜନ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ପରଦିନ ସକାଳୁ ଗୋଦାମରୁ ଚୋରି ହୋଇଥିବା ନେଇ ଖବର ପାଇ ଦୋକାନ ନିକଟରେ ପହଞ୍ଚିଥିଲେ। ଗୋଦାମ କବାଟ ତାଡି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଜଣାପଡିଥିଲା। ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୮୫/୧୮ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜରୁ ଦୁଇ ଅଭିଯୁକ୍ତ ମିଶି ଲୁଟ କରିଥିବା ସ୍ପଷ୍ଟ ହୋଇଥିଲା। ଲୁଟ ଘଟଣାରେ ସମ୍ପୃକ୍ତ ନାରାୟଣଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟଜଣେ ଫେରାର ହୋଇଯାଇଛନ୍ତି।

### ■ ଲୁଟ ଉଦ୍ୟମ ବେଳେ ଧରାପଡିଲେ ଲୁଟେରା

## ଲୋକେ ନିର୍ଘୂମ ଛେଚିଲେ, ବାଇକ୍ ଭାଙ୍ଗିଲେ

**ଭୁବନେଶ୍ୱର,୧୯।୧୧ (ବ୍ୟୁରୋ)**

ଖାରବେଳନଗର ଥାନା ଅଞ୍ଚଳରେ ଦିନକୁ ଦିନ ଲୁଟେରାଙ୍କ ଆତଙ୍କ ବଢ଼ିବାରେ ଲାଗିଛି। ରବିବାର ୟୁନିଟ୍–୩ ମାଳିସାହି ନିକଟରେ ଜଣେ ମହିଳାଙ୍କଠାରୁ ଲୁଟ ଉଦ୍ୟମ ସମୟରେ ପିସିଆର ଭ୍ୟାନ୍ ହାତରେ ଜଣେ ଲୁଟେରା ଧରାପଡିଥିଲେ। ଏହି ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ କ୍ୟାପିଟାଲ ହାଇସ୍କୁଲ ନିକଟରେ ଜଣେ ଶିକ୍ଷୟିତ୍ରୀଙ୍କ ଠାରୁ ଦୁଇ ଜଣ ଲୁଟେରା ଲୁଟ ଉଦ୍ୟମ କରି ବିଫଳ ହୋଇଥିଲେ। ମାତ୍ର ସ୍ଥାନୀୟ ଲୋକଙ୍କ ହାତରେ ଧରାପଡିଛନ୍ତି ଜଣେ ଲୁଟେରା। ଲୋକମାନେ ତାଙ୍କୁ କାବୁ କରି ନିର୍ଘୂମ ମାଡ଼ମାରିବା ସହ ବାଇକ୍‌କୁ ଭାଙ୍ଗିରୁଜି ଦେଇଥିଲେ। ଖବର ପାଇ ଖାରବେଳନଗର ଥାନା ପୋଲିସ ଆସି ଉକ୍ତ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣକ ହେଲେ ସୁନ୍ଦରପଦାର ରାଜ କୁମାର ଠାକୁର। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଖାରବେଳନଗର ଥାନା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁ କହିଛନ୍ତି।

ସୂଚନା ଅନୁଯାୟୀ, ସୋମବାର ଅପରାହ୍ନ ପ୍ରାୟ ୪.୩୦ ସମୟରେ ଶିକ୍ଷୟିତ୍ରୀ ଜଣକ କ୍ୟାପିଟାଲ ହାଇସ୍କୁଲରୁ ଫେରୁଥିଲେ। ରବୀନ୍ଦ୍ରମଣ୍ଡପ ପଟୁ ଏକ ପଲସର ବାଇକରେ ଦୁଇ ଜଣ ଲୁଟେରା ଆସିଥିଲେ। ବାଇକ୍ ପଛରେ ବସିଥିବା ଜଣେ ଲୁଟେରା ଶିକ୍ଷୟିତ୍ରୀଙ୍କ ବେକରୁ ସୁନା ଚେନ୍ ଲୁଟ କରିବାକୁ ଉଦ୍ୟମ କରିଥିଲେ। ହେଲେ ବାଇକ୍ ଚଳାଉଥିବା ରାଜ କୁମାର ନିଶାରେ ଥିବାରୁ ଭାରସାମ୍ୟ ରଖି ପାରି ନ ଥିଲେ। ସେ ବାଇକ୍‌କୁ ପକାଇ ଦେଇଥିଲେ। ଶିକ୍ଷୟିତ୍ରୀଙ୍କ ଚିତ୍କାର ଶୁଣି ଲୋକେ ଆସି ରାଜ କୁମାରଙ୍କୁ କାବୁ କରି ନେଇଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲେ।

## ନିଆଁ ଲାଗି ୯ ବଖରା ଭସ୍ମୀଭୂତ



ଅଗ୍ନିକାଣ୍ଡରେ ଜଳିଯାଇଥିବା ଘର।

**ବାରଙ୍ଗ,୧୯।୧୧(ଡି.ଏନ୍.ଏ.)**

ବାରଙ୍ଗ ଥାନା ଅଧୀନ ନରାଜ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୯ବଖରା ଘର ପୋଡ଼ିଯାଇଛି। ସିଡିଏରୁ ଦମକଳ ଆସି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଘର ପୋଡି ଯାଇଥିଲା। ଅଗ୍ନିକାଣ୍ଡରେ ବିଧବା ମହିଳା ରମାମଣି ବେହେରାଙ୍କ ୭ବଖରା ଓ ବିଳାସିନି ସାହୁଙ୍କ ୨ବଖରା ଚାଳଘର ପୋଡିଯାଇଛି। ଘରେ ଥିବା ଆସବାବପତ୍ର, ଧାନଚାଉଳ, ଲୁଗାପଟା ସହ ନଗଦ ୬ହଜାର ଟଙ୍କା ଜଳିଯାଇଛି । ରମାମଣି ବିଳମ୍ବିତ ରାତିରେ ନିଆଁ ଉତ୍ତାପ ଅନୁଭବ କରି ଉଠିଲାବେଳକୁ ଗୋଟେ ଘରେ ନିଆଁ ଲାଗିଯାଇଥିବା ଦେଖିବାକୁ ପାଇଥିଲେ। ଜୀବନ ବଞ୍ଚାଇବାକୁ ଯାଇ ସେ ଘରୁ ବାହାରି ଆସିବା ସହ ପଡୋଶୀଙ୍କୁ ଡାକିଥିଲେ। ଏହାପରେ ଗ୍ରାମର ଯୁବକମାନେ ଏକାଠି ହୋଇ ଦମକଳକୁ ଖବର ଦେବା ସହ ନିଆଁଲିଭା କାର୍ଯ୍ୟରେ ଲାଗିଯାଇଥିଲେ ମଧ୍ୟ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ନିଆଁ ସଙ୍ଗେସଙ୍ଗେ ରମାମଣିଙ୍କ ଘରପାଖ ବିଳାସିନିଙ୍କ ଚାଳକୁ ଧରିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ଏହି ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଡକାୟତି ଯୋଜନା ପଣ୍ଡ: ୩ ଗିରଫ

**ବାଲିଅନ୍ତା,୧୯।୧୧(ଡି.ଏନ.ଏ.)**

ବାଲିଅନ୍ତା ଥାନା ଅଧୀନ ତିରଣପଦା ଗ୍ରାମ ନିକଟରୁ ଏକ ଗ୍ୟାଙ୍ଗ ଡକାୟତି ଯୋଜନା କରୁଥିବା ବେଳେ ରବିବାର ଅପରାହ୍ନରେ ପୋଲିସ ଚଢ଼ାଉ କରି ତିନିଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସ୍ଥାନୀୟ ଅଞ୍ଚଳର ପିଣ୍ଟୁ ଦାସ(୨୪), କଟକ ଜଗତପୁର ଅଞ୍ଚଳର ଜିତୁ ହୋତା(୩୬) ଓ ମିଟୁ ସାମଲ(୨୪)। ସେମାନଙ୍କଠାରୁ ୨ଟି ସୁତୁଲି ବୋମା, କଟୁରି, କାତି, ଦେଶୀ ବନ୍ଧୁକ, ୬ଟି ମୋବାଇଲ ଓ ୨ଟି ବାଇକ ଜବତ କରାଯାଇଥିବା ଥାନା ଅଧିକାରୀ ମନୋଜ ସ୍ୱାଇଁ କହିଛନ୍ତି। ତେବେ ପୋଲିସ ଚଢ଼ାଉ ସମୟରେ ଗ୍ୟାଙ୍ଗର ମୁଖ୍ୟ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗିରଫ ଅଭିଯୁକ୍ତମାନେ କଟକସଦର, ବାରଙ୍ଗ, ନିଆଳି ଓ ବାଲିଅନ୍ତା ଥାନା ଅଞ୍ଚଳର ବିଭିନ୍ନ ଆପରାଧିକ ମାମଲାରେ ପୂର୍ବରୁ ସମ୍ପୃକ୍ତ ଥିବା ପୋଲିସ କହିଛି।

## ଘରେ ପଶି ମହିଳାଙ୍କୁ ବଳାତ୍କାର

**ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)**

ମଞ୍ଚେଶ୍ୱର ଥାନା କଳାରାହାଙ୍ଗ ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଛି। ଏହି ଘଟଣାରେ ପୋଲିସ ସୋମବାର ଅଭିଯୁକ୍ତ କଳାରାହାଙ୍ଗର କାହ୍ନୁ ଚରଣ ବେହେରା ଓରଫ କାଳନ୍ଦୀଙ୍କୁ ଗିରଫ କରିଛି। ପୋଲିସ ସୂଚନା ମୁତାବକ, ପୀଡିତା ଜଣକ ବାପ ଘରକୁ ବୁଲିବାକୁ ଆସିଥିଲେ। ପରିବାର ସଦସ୍ୟମାନେ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିବାବେଳେ ଅଭିଯୁକ୍ତ କାଳନ୍ଦୀ ଘର ଭିତରେ ପଶି ବାହାରୁ କବାଟ ବନ୍ଦ କରିଦେଇଥିଲେ। ଏହାଦେଖି ମହିଳା ଜଣକ ଚିତ୍କାର କରିବାକ୍ଷଣି କାଳନ୍ଦୀ ତାଙ୍କ ପାଟି ବନ୍ଦ କରି ବଳାତ୍କାର କରିଥିଲେ। ଘଟଣା ସମ୍ପର୍କରେ ପରିବାର ଲୋକେ ଜାଣିବା ପରେ ଗତ ରବିବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୫୪୯/୧୮ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୀଡିତାଙ୍କ ଘରକୁ ଯାଇ ତାଙ୍କ ବୟାନ ରେକର୍ଡ କରିବା ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା ପୋଲିସ।

### ■ ଉତ୍କଳ ବିଶ୍ୱବିଦ୍ୟାଳୟର ସାହିତ୍ୟ ସାଂସ୍କୃତିକ ମହୋତ୍ସବ ସୁଗନ୍ଧ ଅଭିବ୍ୟକ୍ତି

# ଲିପି ବଞ୍ଚିଲେ ଭାଷା ବଞ୍ଚିବ

**ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)**

ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା। ଆମ ମାତୃଭାଷାର ବହୁଳ ବ୍ୟବହାର କରାଯିବା ଦରକାର। ପ୍ରତ୍ୟେକ ଜାଗାରେ ଓଡ଼ିଆ ସହିତ ଅନ୍ୟ ଭାଷାର ଲିପି ବ୍ୟବହାର ହେବା ଉଚିତ। କାରଣ ଲିପି ବଞ୍ଚିଲେ ଭାଷା ବଞ୍ଚିବ। ଏବେ ଲିପି ବଞ୍ଚାଇବା ଆନ୍ଦୋଳନ ଦିଗରେ ସମସ୍ତେ ଅଗ୍ରସର ହେବା ଆବଶ୍ୟକ ବୋଲି ଜ୍ଞାନପୀଠ ପୁରସ୍କାର ବିଜେତା ଲେଖିକା ପ୍ରତିଭା ରାୟ କହିଛନ୍ତି।

ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି ଉପଲକ୍ଷେ ସାହିତ୍ୟ ସାଂସ୍କୃତିକ ମହୋତ୍ସବ ସୁଗନ୍ଧ ଅଭିବ୍ୟକ୍ତିର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାୟ କହିଲେ, କଥା କହିବାର ଅଭିବ୍ୟକ୍ତିରୁ ସାହିତ୍ୟର ଜନ୍ମ। ସକାରାତ୍ମକ ସୂକ୍ଷ୍ମ ଅନୁଭୂତିର ଅଭିବ୍ୟକ୍ତି ହେଉଛି ସାହିତ୍ୟ ଏବଂ ନିର୍ଭୟରୁ ସାହିତ୍ୟ ସୃଷ୍ଟି। ସମ୍ପ୍ରତି




ମହୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ଉଭୟ ସଂସ୍କୃତି ଓ ସଭ୍ୟତାର ସୁରକ୍ଷା କରାଯିବା ଆବଶ୍ୟକ। ଧ୍ୱନି, ଶବ୍ଦ, ଖଣ୍ଡବାକ୍ୟ, କାବ୍ୟ, ସାହିତ୍ୟ ଓ ବାଣୀ ପରେ ଅଭିବ୍ୟକ୍ତିର ସୃଷ୍ଟି। ମାନବ ସଭ୍ୟତାରେ ଅଗ୍ନି ଓ ଭାଷା ଶ୍ରେଷ୍ଠ ଓ ବିସ୍ମୟକର ଉଦ୍ଭାବନ। ସଂସ୍କୃତି ଅନ୍ତର୍ମୁଖୀ ହୋଇଥିବାବେଳେ ସଭ୍ୟତା ବହିର୍ମୁଖୀ। ସଭ୍ୟତାକୁ ସଂସ୍କୃତିମୁଖୀ କରିବା ଦରକାର। ବିଶିଷ୍ଟ ସାହିତ୍ୟିକ ପଦ୍ମବିଭୂଷଣ ରମାକାନ୍ତ ରଥ କହିଥିଲେ, ପୂର୍ବରୁ ନାରୀଶିକ୍ଷା, ବାଲ୍ୟବିବାହ, ଅସ୍ପୃଶ୍ୟତା, ଅନ୍ଧବିଶ୍ୱାସ ଆଦି ଉପରେ ସଚେତନତା ସୃଷ୍ଟି ପାଇଁ ଜନ ଜାଗରଣ ଓ ସଚେତନତା ସୃଷ୍ଟି କରାଯାଇଥିଲା। ଯେଉଁମାନେ ଏହି ଅଭିଯାନରେ ନିଜକୁ ଉତ୍ସର୍ଗ କରିଥିଲେ ସେମାନଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହେବା ଦରକାର। ସମାଜରେ ପରିବର୍ତ୍ତନ ଆଣିବା ପାଇଁ ଜନସଚେତନା ସୃଷ୍ଟି ଲାଗି ଯୁବପିଢ଼ି ଗୁରୁଦାୟିତ୍ୱ ବହନ କରୁଛି ବୋଲି ସେ କହିଛନ୍ତି।

କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ସଭାପତିତ୍ୱ ଅଭିଭାଷଣ ପ୍ରଦାନ କରି କହିଥିଲେ ଯେ, ପ୍ରତି ଭାଷାର ମର୍ଯ୍ୟାଦା, ସୌନ୍ଦର୍ଯ୍ୟ ଓ ଗାରିମା ରହିଛି। ଭାଷା ଆମକୁ ଅନ୍ୟମାନଙ୍କ ସହିତ ଯୋଡ଼ିବାର ଏକ ବଳିଷ୍ଠ ମାଧ୍ୟମ। ଭାଷାର ଅଭିବ୍ୟକ୍ତିର ସୁଗନ୍ଧରେ ଜ୍ଞାନ ଆହରଣ ପାଇଁ ଛାତ୍ରୀଛାତ୍ର ପ୍ରୟାସ ଜାରି ରଖିଛନ୍ତି। ପିଜି କାଉନ୍‌ସିଲ୍ ଅଧ୍ୟକ୍ଷ ପ୍ରଫେସର ବ୍ରହ୍ମାନନ୍ଦ ଶତପଥୀ ସ୍ୱାଗତ ଭାଷଣ ଦେଇଥିଲେ। ସାହିତ୍ୟ ଉତ୍ସବ ସଂଯୋଜିକା ଭାଶ୍ୱତୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ ଏବଂ ସାଂସ୍କୃତିକ ଉତ୍ସବ ସଂଯୋଜିକା ମିତାଲି ଚିନ୍ନାରା ଧନ୍ୟବାଦ ଅର୍ପଣ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୦ ନଭେମ୍ବର, ୨୦୧୮



ନରେନ୍ଦ୍ର ମୋଦି-ଫୋବିଆରେ ପୀଡ଼ିତ ବିରୋଧୀ ଦଳ ବାରମ୍ବାର କେନ୍ଦ୍ରକୁ ଟାର୍ଗେଟ କରୁଛନ୍ତି । ତେବେ ନେହେରୁ-ଗାନ୍ଧୀ ପରିବାର ଚାରିପିଢ଼ି ମଧ୍ୟରେ କ'ଣ କରିଛି, କଂଗ୍ରେସ ତାହାର ହିସାବ ଦେଉ ।
- ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ



## ସଂକ୍ଷେପରେ

### ସୀମାରେ ଯବାନ ଶହୀଦ

ଜମ୍ମୁ,୧୯।୧୧(ପି.ଟି.)-ଜମ୍ମୁ-କଶ୍ମୀରର ସାମ୍ବା ଜିଲା ସଂଲଗ୍ନ ଅନ୍ତର୍ଜାତୀୟ ସୀମା (ଆଇବି) ନିକଟରେ ସୋମବାର ବିସ୍ଫୋରଣ ଘଟିଛି। ସୀମାନ୍ତ ଘାଟିରେ ହୋଇଥିବା ଏହି ଆକ୍ରମଣରେ ଜଣେ ବିଏସ୍‌ଏଫ୍ ଯବାନ ଶହୀଦ ହୋଇଛନ୍ତି। ଅନ୍ୟ ୩ ଯବାନ ଆହତ ହୋଇଥିବା ଜଣେ ବିଏସ୍‌ଏଫ୍ ଅଧିକାରୀ ସୂଚନା ଦେଇଛନ୍ତି।

### ଛତିଶଗଡ଼: ଆଜି ଚୂଡ଼ାନ୍ତ ପର୍ଯ୍ୟାୟ ନିର୍ବାଚନ

ରାୟପୁର,୧୯।୧୧ (ପି.ଟି.)-ମଙ୍ଗଳବାର ଛତିଶଗଡ଼ରେ ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ୧୯ଟି ଜିଲାର ୭୨ଟି ଆସନରେ ଭୋଟଗ୍ରହଣ କରାଯିବ। ଏଥର ଶାସକ ଭାଜପା ସହିତ ବିରୋଧୀ ଦଳ କଂଗ୍ରେସ ଏବଂ ଅଜିତ ଯୋଗୀ ଏବଂ ମାୟାବତୀଙ୍କ ନେତୃତ୍ୱାଧୀନ ମେଣ୍ଟ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି କୁହାଯାଉଛି। ମଙ୍ଗଳବାର ଭୋଟ ଲାଗି ୧୦୭୯ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ଭାଜପା ଓ କଂଗ୍ରେସ ସମସ୍ତ ୭୨ ଆସନରେ ପ୍ରାର୍ଥୀ ଦେଇଥିଲା ବେଳେ ବିଏସପି ୨୫ ଆସନରେ ଏବଂ ଏହାର ସହଯୋଗୀ ଅଜିତ ଯୋଗୀଙ୍କ ଦଳ ୪୬ ଆସନରେ ପ୍ରାର୍ଥୀ ଦେଇଛି। ଆମ ଆଦମୀ ପାର୍ଟି ମଧ୍ୟ ୬୬ ଆସନରେ ଲଢ଼େଇ କରୁଛି। ୨୦୧୩ ନିର୍ବାଚନରେ ୯୦ ଆସନ ବିଶିଷ୍ଟ ବିଧାନସଭାରେ ଭାଜପା ୪୧.୦୪ ପ୍ରତିଶତ ଭୋଟ ସହ ୪୯ ଆସନ ପାଇ ବିଜୟୀ ହୋଇଥିଲା ବେଳେ କଂଗ୍ରେସ ୪୦.୨୯ ପ୍ରତିଶତ ଭୋଟ ସହ ୩୮ ଆସନ ପାଇଥିଲା। ଆସନ୍ତାକାଲିର ଭୋଟ ଲାଗି ଅବତୀର୍ଣ୍ଣ ହୋଇଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ରାଜ୍ୟ କଂଗ୍ରେସ ସଭାପତି ଭୁପେଶ ବାଘେଲା, ବିରୋଧୀ ଦଳ ନେତା ଟି.ଏସ ସିଂହଦେଓ ପ୍ରମୁଖ।

### ୨ ମହିଳା ମାଓବାଦୀ ନିହତ

ମୁମ୍ବାଇ,୧୯।୧୧ (ପି.ଟି.)-ମହାରାଷ୍ଟ୍ରରେ ମାଓ ଦମନ ଅଭିଯାନରେ ନିୟୋଜିତ ସୁରକ୍ଷାବଳକୁ ମିଳିଛି ବଡ଼ ସଫଳତା। ଗଡ଼ଚିରୋଲି ଜିଲାରେ ସର୍ଚ୍ଚ ଅପରେଶନ ବେଳେ ସୋମବାର ଏନ୍‌କାଉଣ୍ଟର ଘଟି ୨ ମହିଳା ମାଓବାଦୀ ନିହତ ହୋଇଛନ୍ତି। ଧରୋରା ତାଲୁକା ଅନ୍ତର୍ଗତ ନିହାଲ୍‌କେ ଜଙ୍ଗଲରେ ମାଓବାଦୀମାନେ ଲୁଚି ରହିଥିବା ସୂଚନା ମିଳିବା ପରେ ସି-୬୦ କମାଣ୍ଡୋ ରବିବାର ରାତିରୁ ତଲାସି ଅଭିଯାନ ଚଳାଇଥିଲେ। ସୋମବାର ପୂର୍ବାହ୍ନ ୮ଟା ୩୦ରେ ମାଓବାଦୀଙ୍କ ସହ ସୁରକ୍ଷାକର୍ମୀମାନେ ମୁହାଁମୁହିଁ ହୋଇଥିଲେ। ପ୍ରାୟ ଅଧଘଣ୍ଟା ଗୁଳି ବିନିମୟ ହୋଇଥିଲା। ଏହାପରେ ଦୁଇ ମହିଳା ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା ବୋଲି ଗଡ଼ଚିରୋଲି ଏଏସ୍‌ପି ମହେନ୍ଦ୍ର ପଣ୍ଡିତ ସୂଚନା ଦେଇଛନ୍ତି।

### କର୍ଣ୍ଣାଟକକୁ ବନ୍ୟା ସହାୟତା: ୫୪୬ କୋଟି ମଞ୍ଜୁର କଲା କେନ୍ଦ୍ର

ନୂଆଦିଲ୍ଲୀ,୧୯।୧୧ (ପି.ଟି.)-କର୍ଣ୍ଣାଟକ ବନ୍ୟାଞ୍ଚଳ ଲାଗି କେନ୍ଦ୍ର ସରକାର ସୋମବାର ୫୪୬ କୋଟି ୨୧ ଲକ୍ଷ ଟଙ୍କାର ଅତିରିକ୍ତ ସହାୟତାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଗୃହମନ୍ତ୍ରୀ ରାଜନାଥଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ କମିଟିରେ ଏହି ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ, କୃଷିମନ୍ତ୍ରୀ ରାଧାମୋହନ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ବନ୍ୟାଞ୍ଚଳ ପରିଦର୍ଶନ କରିଥିବା ଆନ୍ତଃମନ୍ତ୍ରଣାଳୟ ଟିମର ରିପୋର୍ଟ ଆଧାରରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ଏହି ସହାୟତା ମଞ୍ଜୁର କରାଯାଇଛି। ଗତ ଅଗଷ୍ଟ ମାସରେ କର୍ଣ୍ଣାଟକରେ ପ୍ରଳୟଙ୍କରୀ ବନ୍ୟା ଏବଂ ଭୂସ୍ଖଳନରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା।

### ଏଲଗାର ପରିଷଦ ସହ ମାଓବାଦୀ ସମ୍ପୃକ୍ତି ଚାର୍ଜଶିଟ୍‌ରେ ଦିଗ୍‌ବିଜୟଙ୍କ ନମ୍ବର ସାମିଲ

ପୁଣେ,୧୯।୧୧(ପିଟି)-ଏଲଗାର ପରିଷଦ ସହ ମାଓବାଦୀଙ୍କ ସଂପୃକ୍ତି ଅଭିଯୋଗର ତଦନ୍ତ ବେଳେ ମିଳିଥିବା ଏକ ପତ୍ରରୁ ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂହଙ୍କ ଫୋନ ନମ୍ବର ମିଳିଥିବା ପୋଲିସ କହିଛି। ଏହି ମାମଲାରେ ଗିରଫ ୧୦ ଜଣ କର୍ମୀଙ୍କ ବିରୋଧରେ ଦାଖଲ ଚାର୍ଜଶିଟରେ ଉକ୍ତ ପତ୍ରକୁ ସାମିଲ କରାଯାଇଛି। ମାମଲାର ତଦନ୍ତ କରୁଥିବା ପୁଣେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ବେଳେ ଉକ୍ତ ପତ୍ର ଜବତ ହୋଇଥିଲା। ମିଳିଥିବା ପତ୍ର ୨୦୧୭ ସେପ୍ଟେମ୍ବର ୨୫ରେ ସୁରେନ୍ଦ୍ର ଗାଡଲିଙ୍ଗଙ୍କୁ ପ୍ରକାଶ ନାମକ ଜଣେ କମ୍ରେଡ ଲେଖିଥିବା ପୋଲିସ କହିଛି।

## ■ ସିବିଆଇରେ ଅନ୍ତର୍କନ୍ଦଳ: ମୁହଁ ଖୋଲିଲେ ବରିଷ୍ଠ ଅଧିକାରୀ

# କାଠଗଡ଼ାରେ ଏନ୍‌ଏସ୍‌ଏ, ସିଭିସି

ନୂଆଦିଲ୍ଲୀ,୧୯।୧୧(ପି.ଟି.)



ଅଜିତ ଡୋଭାଲ



ଏମ୍.କେ. ସିହ୍ନା



କେ.ଭି. ଚୌଧୁରୀ

■ ଅସ୍ଥାନାଙ୍କ ନାଁରେ ଥିବା ଲାଞ୍ଚ ମାମଲାରେ ହସ୍ତକ୍ଷେପ
■ କେନ୍ଦ୍ରମନ୍ତ୍ରୀ ହରିଭାଇଙ୍କ ନାମ ଟାଣିଲେ ସିହ୍ନା
■ ଡୋଭାଲ, ଚୌଧୁରୀଙ୍କ ଅଡୁଆ ବଢ଼ିଲା

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଦୁଇ ଶୀର୍ଷ ସ୍ତରର ଅଧିକାରୀଙ୍କ ମଧ୍ୟରେ ଅହମିକା ଲଢ଼େଇ ଚରମ ସୀମା ଟପିବା ପରେ ସବୁଠୁ ଭରସାଯୋଗ୍ୟ ଅନୁସନ୍ଧାନକାରୀ ସଂସ୍ଥା ବିରାଟ ପ୍ରଶ୍ନବାଚୀ ମଧ୍ୟରେ ଛିଡ଼ା ହୋଇଛି। ସିବିଆଇର ବରିଷ୍ଠ ଅଧିକାରୀ ଏମ୍.କେ. ସିହ୍ନା ସୋମବାର ମୁହଁ ଖୋଲିବା ପରେ ସିବିଆଇରେ ଅନ୍ତର୍କନ୍ଦଳ ଆଉ ଏକ ମୋଡ଼ ନେଇଛି। ସେ ଜାତୀୟ ନିରାପତ୍ତା ଉପଦେଷ୍ଟା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ, କେନ୍ଦ୍ରମନ୍ତ୍ରୀ ହରିଭାଇ ପାର୍ଥିଭାଇ ଚୌଧୁରୀ ଏବଂ କେନ୍ଦ୍ରୀୟ ଭିଜିଲାନ୍ସ କମିଶନର (ସିଭିସି) କେ.ଭି. ଚୌଧୁରୀଙ୍କ ନାମ ଉଠାଇଛନ୍ତି। ସିବିଆଇ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ବିରୋଧରେ ଚାଲିଥିବା ଲାଞ୍ଚ ମାମଲାର ତଦନ୍ତରେ ଏମାନେ ହସ୍ତକ୍ଷେପ କରିଛନ୍ତି ବୋଲି ସିହ୍ନା ଅଭିଯୋଗ କରିଛନ୍ତି। ଏହି କଥା ପ୍ରଘଟ ହେବା ପରେ ଅଡୁଆରେ ପଡ଼ିଯାଇଥିବା ଚୌଧୁରୀ ଏବଂ ଡୋଭାଲ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି।

ମାଂସ ବ୍ୟବସାୟୀ ମୋଇନ୍ କ୍ୟୁରେସିଙ୍କ ବିରୋଧରେ ଚାଲିଥିବା ତଦନ୍ତକୁ ପ୍ରଭାବିତ କରିବା ଲାଗି ସିବିଆଇର ନମ୍ବର ୨ ଅଧିକାରୀ ଅସ୍ଥାନା ଲାଞ୍ଚ ନେଇଥିଲେ ବୋଲି ଅଭିଯୋଗ ଆସିବା ପରେ ଏତଲା ଦାଏର ହୋଇଥିଲା। ଏହାର ତଦନ୍ତ ଦାୟିତ୍ୱରେ ଥିଲେ ସିବିଆଇ ଅଧିକାରୀ ମନୀଶ୍ ସିହ୍ନା। ସିବିଆଇରେ କ୍ଷମତା ଲଢ଼େଇ ଉଗ୍ର ରୂପ ଧାରଣ କରିବା ପରେ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ଅସ୍ଥାନାଙ୍କୁ ବାଧ୍ୟତାମୂଳକ ଛୁଟିରେ ପଠାଇଦିଆଗଲା। ଏଥିସହ ସିବିଆଇର ଅନେକ ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ନାଗପୁରକୁ ବଦଳି ହେବା ପରେ ସିବିଆଇ ଡିଆଇଜି ସିହ୍ନା ଏହି ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ତ୍ୱରିତ ଶୁଣାଣି ଲାଗି ସେ ଦାଏର କରିଥିବା ପିଟିଶନରେ ସିହ୍ନା ସାଂଘାତିକ ଅଭିଯୋଗ ଆଣିଛନ୍ତି। ତାଙ୍କ ତରଫରୁ ମାମଲା ପରିଚାଳନା କରୁଛନ୍ତି ଆଇନଜୀବୀ ସୁନିଲ ଫର୍ଣ୍ଣାଣ୍ଡିଜ୍। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠଙ୍କୁ ସୁନିଲ କହିଛନ୍ତି ଯେ, ତାଙ୍କ ମହକିଲ ନିକଟରେ ଚାଞ୍ଚଲ୍ୟକର ତଥ୍ୟ ରହିଛି। ସିବିଆଇ ଅଧିକାରୀଙ୍କ ବଦଳି ପଛରେ ଏକ ବଡ଼ ନେଟ୍‌ୱର୍କ କାମ କରିଛି। ଏଥିରେ ଏନ୍‌ଏସ୍‌ଏ ଡୋଭାଲ, ସିଭିସି ଚୌଧୁରୀଙ୍କ ହାତ ମଧ୍ୟ ରହିଛି। ଏମାନେ ସିବିଆଇ ତଦନ୍ତକୁ ପ୍ରଭାବିତ କରିବାକୁ ଉଦ୍ୟମ କରିଛନ୍ତି। ଏସବୁ ଷଡ଼ଯନ୍ତ୍ରର ଶିକାର ହୋଇଛନ୍ତି ଅନେକ ସିବିଆଇ ଅଧିକାରୀ। ଜାଣିଶୁଣି ସେମାନଙ୍କୁ ହଇରାଣ କରାଯାଇଛି ଏବଂ ବଦଳି କରିଦିଆଯାଇଛି। ଜବାବରେ ଜଷ୍ଟିସ୍ ଏସ୍.କେ. କୌଲ ଏବଂ କେ.ଏମ୍. ଯୋଶେଫ୍ ସଦସ୍ୟ ଥିବା ଖଣ୍ଡପୀଠ କହିଛନ୍ତି, ଏସବୁ କଥାକୁ ନେଇ ସୁପ୍ରିମକୋର୍ଟ ଆଶ୍ଚର୍ଯ୍ୟ ହେଉନାହାନ୍ତି। ମଙ୍ଗଳବାର ତ୍ୱରିତ ଶୁଣାଣି ଲାଗି ସୁନିଲଙ୍କ ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି।

ସିହ୍ନାଙ୍କ ଉକ୍ତିକୁ ନେଇ ରାଜନୀତି ଜୋର୍ ଧରିଛି। ଡୋଭାଲ, ଚୌଧୁରୀ ଏବଂ କେନ୍ଦ୍ରମନ୍ତ୍ରୀ ହରିଭାଇଙ୍କ ବିରୋଧରେ ସିବିଆଇ ଡିଆଇଜି ଆଣିଥିବା ଅଭିଯୋଗର ନିରପେକ୍ଷ ତଦନ୍ତ ହେବା ଜରୁରୀ ବୋଲି କଂଗ୍ରେସ ଦାବି କରିଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ନରେନ୍ଦ୍ର ମୋଦି ସରକାର ଏବେ ସନ୍ଦେହ ଘେରକୁ ଚାଲିଆସିଛନ୍ତି ବୋଲି ଦଳ ପକ୍ଷରୁ କୁହାଯାଇଛି। ଅପରପକ୍ଷେ ହରିଭାଇ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତାଙ୍କ ନାଁରେ ଆସିଥିବା ଅଭିଯୋଗ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ସେ କହିଛନ୍ତି।



## ୧୦୧ତମ ଜୟନ୍ତୀରେ ଇନ୍ଦିରାଙ୍କୁ ଶ୍ରଦ୍ଧାଞ୍ଜଳି

ନୂଆଦିଲ୍ଲୀ,୧୯।୧୧ (ପି.ଟି.)-ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୧୦୧ତମ ଜୟନ୍ତୀ ସୋମବାର ଦେଶବ୍ୟାପୀ ପାଳିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଲୌହ ମାନବୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ନୂଆଦିଲ୍ଲୀସ୍ଥିତ ଶକ୍ତିସ୍ଥଳରେ ମଧ୍ୟ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି। କଂଗ୍ରେସର ଅନେକ ବରିଷ୍ଠ ନେତା ମଧ୍ୟ ଇନ୍ଦିରାଙ୍କ ସ୍ମୃତିଚାରଣ କରିଛନ୍ତି। ରାଷ୍ଟ୍ରଗଠନ ପାଇଁ ତାଙ୍କ ଅତୁଳନୀୟ ଅବଦାନ ରହିଛି ବୋଲି ଦଳର ନେତା ତଥା ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କହିଛନ୍ତି। ଇନ୍ଦିରାଙ୍କ ସହ ମୋଦିଙ୍କୁ ତୁଳନା କରା ନ ଯାଉ ବୋଲି ବରିଷ୍ଠ ନେତା ଜୟରାମ ରମେଶ କହିଛନ୍ତି।

## ସାବରିମାଳା ବିବାଦ

### ରାୟ କାର୍ଯ୍ୟକାରୀ ଲାଗି ସମୟ ଲୋଡ଼ିଲା ଟିଡିବି

ନୂଆଦିଲ୍ଲୀ,୧୯।୧୧(ପି.ଟି.)-କେରଳ ସାବରିମାଳା ମନ୍ଦିର ମଧ୍ୟକୁ ସବୁ ବୟସ ବର୍ଗର ମହିଳାଙ୍କୁ ପ୍ରବେଶ ଅନୁମତି ଦେବା ଲାଗି ସୁପ୍ରିମକୋର୍ଟ ଦେଇଥିବା ରାୟର କାର୍ଯ୍ୟକାରିତା ଲାଗି ଟ୍ରାଭାଙ୍କୋର ଦେବସ୍ୱମ ବୋର୍ଡ (ଟିଡିବି) ଅଧିକ ସମୟ ମାଗିଛନ୍ତି। ଏଥିପାଇଁ ଟିଡିବି ସୋମବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କେତେକ ମୌଳିକ ସୁବିଧାର ଆବଶ୍ୟକତା ଏବଂ ଅନ୍ୟାନ୍ୟ କାରଣ ଦର୍ଶାଇ ବୋର୍ଡ ଅଧିକ ସମୟ ଚାହିଁଛି। ଭଗବାନ୍ ଆୟାପ୍ପାଙ୍କ ମନ୍ଦିର ମଧ୍ୟକୁ ୧୦ରୁ ୫୦ ବର୍ଷ ବୟସ ବର୍ଗର ମହିଳାଙ୍କ ପ୍ରବେଶ ଅନୁମତି ନଥିଲା। ତେବେ ଗତ ସେପ୍ଟେମ୍ବର ୨୫ରେ ସୁପ୍ରିମକୋର୍ଟର ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ସବୁ ବର୍ଗର ମହିଳାଙ୍କ ପ୍ରବେଶ ଲାଗି ଅନୁମତି ଦେଇଥିଲେ। ଏହାକୁ ନେଇ ଗତ କିଛିଦିନ ହେଲା ମନ୍ଦିରରେ ମହିଳାଙ୍କ ପ୍ରବେଶକୁ ନେଇ ଉତ୍ତେଜନା ଲାଗି ରହିଥିଲା। ଆୟାପ୍ପା ମନ୍ଦିର ପରିସରରେ ପୋଲିସର ରାତିଅଧିଆ ଚଢ଼ଉ ଏବଂ ୬୮ ଜଣଙ୍କୁ ଅଟକ ରଖିବା ପ୍ରତିବାଦରେ ସୋମବାର ଭାଜପା ଏବଂ ଯୁବମୋର୍ଚ୍ଚା ପକ୍ଷରୁ ସାରା ରାଜ୍ୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

## ■ ଅଗୁଷ୍ଟା ମାମଲା: ଦୁବାଇ କୋର୍ଟଙ୍କ ନିର୍ଦ୍ଦେଶ

# ମଧ୍ୟସ୍ଥ ମାଇକେଲ୍‌ଙ୍କୁ ପ୍ରତ୍ୟର୍ପଣ କରିବ ୟୁଏଇ

ଦୁବାଇ,୧୯।୧୧(ପି.ଟି.)



ବହୁ ଚର୍ଚ୍ଚିତ ଅଗୁଷ୍ଟା ୱେଷ୍ଟଲାଣ୍ଡ ଦୁର୍ନୀତି ମାମଲାରେ ଏକ ନୂଆ ମୋଡ଼ ଆସିଛି। ଭିଭିଆଇପିଙ୍କ ଲାଗି ଉଦ୍ଦିଷ୍ଟ ଏହି ହେଲିକପ୍ଟର କ୍ରୟ ସଂକ୍ରାନ୍ତ ଚୁକ୍ତିବେଳେ ହୋଇଥିବା ଆର୍ଥିକ ହେରଫେରରେ ସମ୍ପୃକ୍ତ ମଧ୍ୟସ୍ଥଙ୍କୁ ଲାଗିଛି ଝଟକା। ଖ୍ରୀଷ୍ଟିୟାନ୍ ମାଇକେଲ୍ ନାମକ ଏହି ବ୍ରିଟିଶ୍ ବ୍ୟବସାୟୀଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିବା ପାଇଁ ସୋମବାର ଦୁବାଇର ଏକ ଉଚ୍ଚ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ବହୁ କୋଟି ଟଙ୍କାର ହେଲିକପ୍ଟର କ୍ରୟ ଦୁର୍ନୀତି ପଛରେ ମାଇକେଲ୍‌ଙ୍କ ହାତ ରହିଛି। ଲାଞ୍ଚ କାରବାରରେ ସେ ମଧ୍ୟସ୍ଥ ସାଜିଥିବା ଜଣାପଡ଼ିବା ପରେ ତାଙ୍କୁ ଜେରା ଲାଗି ଭାରତ ଆଣିବାକୁ ଉଦ୍ୟମ ଚାଲିଛି। ଏବେ ସେ ୟୁଏଇରେ ଅବସ୍ଥାନ କରୁଥିବାରୁ ତାଙ୍କୁ ପ୍ରତ୍ୟର୍ପଣ କରିବାକୁ ନୂଆଦିଲ୍ଲୀ ସେଠାକାର ସରକାରଙ୍କୁ ଅନୁରୋଧ କରିଥିଲା। ବିଫଳ ହେବାରୁ ଶେଷରେ ଦୁବାଇ କୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ାଗଲା। ସେଠାକାର ଏକ ତଳକୋର୍ଟ ପ୍ରଥମେ ଭାରତର ଅନୁରୋଧ ରକ୍ଷା କଲେ। ଏବେ ଦୁବାଇର କୋର୍ଟ ଅଫ୍ କାସେଶନ୍ ଏହାକୁ କାଏମ ରଖିଛନ୍ତି। ବିଚାରପତି ଅବ୍‌ଦେଲ ଅଜିଜ୍ ଅଲ୍ ଜରୌନିଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, ମାଇକେଲ୍‌ଙ୍କୁ ଭାରତୀୟ ତଦନ୍ତ ସଂସ୍ଥାକୁ ପ୍ରତ୍ୟର୍ପଣ କରାଯାଉ।

## ■ ଆଇଆର୍‌ସିଟିସି ମାମଲାରେ କୋର୍ଟ ସମନ

# ଭିଡିଓ କନ୍‌ଫରେନ୍ସିଂରେ ହାଜର ହେବେ ଲାଲୁ

ନୂଆଦିଲ୍ଲୀ,୧୯।୧୧(ପି.ଟି.)



ଆଇଆର୍‌ସିଟିସି ହୋଟେଲ ରକ୍ଷଣାବେକ୍ଷଣ ସଂକ୍ରାନ୍ତ ଚୁକ୍ତିରେ ଆର୍ଥିକ ହେରଫେର ମାମଲାରେ ପୂର୍ବତନ ରେଳମନ୍ତ୍ରୀ ତଥା ଆର୍‌ଜେଡି ମୁଖ୍ୟ ଲାଲୁପ୍ରସାଦ ଯାଦବଙ୍କ ଅଡୁଆ ବଢ଼ିଲା। ଏହି ମାମଲାରେ ସେ ଜେରାର ସମ୍ମୁଖୀନ ହେବେ। ଦୁର୍ନୀତିରେ ସମ୍ପୃକ୍ତି ନେଇ ତାଙ୍କୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ପଚରାଉଚରା କରାଯିବ। ଏନେଇ ସୋମବାର ଦିଲ୍ଲୀର ଏକ କୋର୍ଟ ଲାଲୁଙ୍କୁ ସମନ କରିଛନ୍ତି।

ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ଏବେ ଅସୁସ୍ଥ ଅଛନ୍ତି। ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା କାରଣରୁ ରାଞ୍ଚିସ୍ଥିତ ଆର୍‌ଆଇଏମ୍‌ଏସ୍ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି। ସେ ଦିଲ୍ଲୀ କୋର୍ଟକୁ ଯିବା ସମ୍ଭବ ନୁହେଁ। ତେଣୁ ଡିସେମ୍ବର ୨୦ରେ ହସ୍ପିଟାଲ କିମ୍ବା ଜେଲ୍‌ରୁ ଥାଇ ଲାଲୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ କୋର୍ଟରେ ହାଜର ହେବେ। ତାଙ୍କୁ ଅଦାଲତଙ୍କ ସାମ୍ନାକୁ ଆଣିବାକୁ ସିବିଆଇ ଏବଂ ଇଡିକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ବିଚାରପତି ଅର୍ଜୁନ ଭରଦ୍ୱାଜ। ସେପଟେ ଗୋଖାଦ୍ୟ ଦୁର୍ନୀତି ମାମଲାରେ ମଧ୍ୟ ସମାନ ଅବସ୍ଥା। ଅସୁସ୍ଥତା କାରଣରୁ ଲାଲୁ ସୋମବାର ରାଞ୍ଚିସ୍ଥିତ କୋର୍ଟ ଯାଇପାରିଲେ ନାହିଁ।

## ■ ଗୁଜରାଟ ଦଙ୍ଗା ମାମଲା

# ୨୬ରେ ଜାକିଆଙ୍କ ଆବେଦନର ଶୁଣାଣି

ନୂଆଦିଲ୍ଲୀ,୧୯।୧୧ (ପି.ଟି.)



ଗୁଜରାଟ ଦଙ୍ଗା ମାମଲାରେ ଜାକିଆ ଜାଫ୍ରିଙ୍କ ଆବେଦନର ଶୁଣାଣିକୁ ସୁପ୍ରିମକୋର୍ଟ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛନ୍ତି। ୨୦୦୨ ଗୋଧ୍ରା ପରବର୍ତ୍ତୀ ଦଙ୍ଗା ଘଟଣାରେ ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ (ଏସ୍‌ଆଇଟି) କ୍ଲିନଚିଟ ଦେବା ଘଟଣାକୁ ଜାକିଆ ଜାଫ୍ରି ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲେ। ଜଷ୍ଟିସ ଏ.କେ ଖନ୍‌ୱିଲକରଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଉକ୍ତ ପିଟିଶନର ଶୁଣାଣି ପାଇଁ ସମୟ ଲାଗିବ ବୋଲି କହିବା ସହ ପରବର୍ତ୍ତୀ ଶୁଣାଣି ନଭେମ୍ବର ୨୬ରେ କରିବାକୁ ଧାର୍ଯ୍ୟ କରିଥିଲେ। ଏସଆଇଟି ପକ୍ଷରୁ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ କୋର୍ଟରେ ହାଜର ହୋଇ ଏହି ମାମଲାରେ ସାମାଜିକ କର୍ମୀ ତିସ୍ତା ଶୀତଲଭାଦଙ୍କୁ ଦ୍ୱିତୀୟ ପିଟିଶନର ଭାବେ ଗ୍ରହଣ କରାଯାଇପାରିବ ନାହିଁ ବୋଲି କହିଥିଲେ। ଶୁଣାଣି ପୂର୍ବରୁ କୋର୍ଟ ଆବେଦନକୁ ଭଲଭାବେ ଅନୁଧ୍ୟାନ କରିବେ ବୋଲି ଖଣ୍ଡପୀଠ କହିଥିଲେ।

# ଆଧାର ଲିଙ୍କ୍ ନ ଥିଲେ ଦରମା ସ୍ଥଗିତ ରଖାଯାଇପାରିବନି

ମୁମ୍ବାଇ,୧୯।୧୧(ପି.ଟି.)



ବ୍ୟାଙ୍କ ଆକାଉଣ୍ଟ ସହ ଆଧାର ସଂଯୋଗ ହୋଇ ନ ଥିଲେ କର୍ମଚାରୀଙ୍କ ବେତନକୁ ସ୍ଥଗିତ ରଖାଯାଇପାରିବ ନାହିଁ ବୋଲି ବମ୍ବେ ହାଇକୋର୍ଟ ଏକ ମାମଲାର ଶୁଣାଣି ବେଳେ କହିଛନ୍ତି। ସାଲାରୀ ଆକାଉଣ୍ଟରେ ଆଧାର ଲିଙ୍କ ହୋଇ ନଥିବା ଦର୍ଶାଇ ଜଣେ ବନ୍ଦର କର୍ମଚାରୀଙ୍କ ବେତନକୁ ୨୦୧୬ରୁ ସ୍ଥଗିତ କରିବାକୁ କେନ୍ଦ୍ର ସରକାର ନେଇଥିବା ନିଷ୍ପତ୍ତି ଉପରେ ହାଇକୋର୍ଟ ପ୍ରଶ୍ନ କରିଛନ୍ତି। ମୁମ୍ବାଇ ପୋର୍ଟ ଟ୍ରଷ୍ଟରେ ଚାର୍ଜମ୍ୟାନ ଭାବେ କାର୍ଯ୍ୟରତ ରମେଶ ପୁରାଲେଙ୍କ ପକ୍ଷରୁ ଦାଖଲ ପିଟିଶନର ଶୁଣାଣି କରି ଜଷ୍ଟିସ ଏ.ଏସ ଓକା ଏବଂ ଏସ.କେ ସିନ୍ଦେଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ରାୟ ଦେଇଛନ୍ତି। ସାଲାରୀ ଆକାଉଣ୍ଟ ସହ ଆଧାର ସଂଯୋଗ କରିବା ଲାଗି ଜାହାଜ ଚଳାଚଳ ମନ୍ତ୍ରଣାଳୟ ପୁରାଲେଙ୍କୁ ପତ୍ର ଲେଖି ଜଣାଇଥିଲେ। ତେବେ ଗୋପନୀୟତା ମୌଳିକ ଅଧିକାର ଦର୍ଶାଇ ପୁରାଲେ ଉକ୍ତ ପତ୍ରକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଆଧାର ଲିଙ୍କ ହୋଇ ନଥିବାରୁ ୨୦୧୬ ଜୁଲାଇରୁ ତାଙ୍କ ଦରମାକୁ ସ୍ଥଗିତ ରଖାଯାଇଥିଲା। ପୁରାଲେ ତାଙ୍କ ପିଟିଶନ ସହ ସୁପ୍ରିମକୋର୍ଟଙ୍କ ସେପ୍ଟେମ୍ବର ୨୬ ଆଧାର କାର୍ଡ ରୁଲିଂକୁ ନେଇ ଏକ ଆବେଦନ ହାଇକୋର୍ଟରେ କରିଥିଲେ। ଆଧାର ଲିଙ୍କ୍ ହୋଇ ନଥିବା ଦର୍ଶାଇ ସରକାର ଜଣେ କର୍ମଚାରୀଙ୍କ ବେତନ ସ୍ଥଗିତ ରଖିବାକୁ କିପରି ନିଷ୍ପତ୍ତି ନେଲେ ବୋଲି ସୋମବାର ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି।

ସୂଚନାଯୋଗ୍ୟ, ସର୍ବୋଚ୍ଚ ଅଦାଲତ ତାଙ୍କର ସେପ୍ଟେମ୍ବର ୨୬ ରାୟରେ ଆଧାରର ସାମ୍ବିଧାନିକ ବୈଧତା ଥିବା ଘୋଷଣା କରିଥିଲେ; କିନ୍ତୁ ବ୍ୟାଙ୍କ ଆକାଉଣ୍ଟ, ମୋବାଇଲ ସଂଯୋଗ ଏବଂ ସ୍କୁଲରେ ପିଲାଙ୍କ ନାମଲେଖାରେ ଏହାକୁ ବାଧ୍ୟତାମୂଳକ କରାଯାଇପାରିବ ନାହିଁ ବୋଲି କହିଥିଲେ।

## ■ ନିରଙ୍କାରୀ ଭବନ ଆକ୍ରମଣ: ବର୍ଷିଲେ ଅମରିନ୍ଦର

# ପୁଣି ପାକିସ୍ତାନର ହାତ

ଅମୃତସର,୧୯।୧୧(ପିଟି)



ପଞ୍ଜାବର ଅମୃତସରସ୍ଥିତ ନିରଙ୍କାରୀ ଭବନ ଉପରେ ହୋଇଥିବା ଆକ୍ରମଣ ଆତଙ୍କବାଦୀଙ୍କ କାର୍ଯ୍ୟ। ଏହା ପଛରେ ପାକିସ୍ତାନର ହାତ ରହିଛି ବୋଲି ରାଜ୍ୟର ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ସୋମବାର କହିଛନ୍ତି। ରବିବାର ହୋଇଥିବା ଏହି ଆକ୍ରମଣରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲାବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଷଡ଼ଯନ୍ତ୍ର ବିଷୟରେ ତଥ୍ୟ ହସ୍ତଗତ ହୋଇଛି ବୋଲି ଆକ୍ରମଣ ସ୍ଥଳ ପରିଦର୍ଶନ ପରେ ଅମରିନ୍ଦର କହିଛନ୍ତି। ଅପରାଧୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ବିସ୍ଫୋରଣରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ଦେଲେ ୫୦ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି ଆକ୍ରମଣରେ ବ୍ୟବହୃତ ଗ୍ରେନେଡର ପାକିସ୍ତାନୀ ସେନାର ଗୁଳିଗୋଳା କାରଖାନାରେ ନିର୍ମିତ ଗ୍ରେନେଡ ସହ ସାମଞ୍ଜସ୍ୟ ରହିଛି। ଗତ ମାସରେ ପଞ୍ଜାବ ପୋଲିସ ଆତଙ୍କବାଦୀଙ୍କଠାରୁ ଏଭଳି ଏଚଜି-୮୪ ଗ୍ରେନେଡ ଜବତ କରିଥିଲା। ତେଣୁ ରବିବାରର ଆକ୍ରମଣ ପଛରେ ସୀମାପାର ଶକ୍ତିର ସଂପୃକ୍ତିର ଯଥେଷ୍ଟ ସମ୍ଭାବନା ଥିବା ସୂଚନା ମିଳୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ବିଚ୍ଛିନ୍ନତାବାଦୀ ଶକ୍ତିର ଆତଙ୍କବାଦୀ କାର୍ଯ୍ୟ ଯାହା ଆଇଏସଆଇ ସମର୍ଥିତ ଖଲିସ୍ତାନୀ କିମ୍ବା କଶ୍ମୀର ଆତଙ୍କବାଦୀ ଗୋଷ୍ଠୀ ଦ୍ୱାରା କରାଯାଇଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡୁଥିବା ସେ କହିଛନ୍ତି। ଏହି ଆକ୍ରମଣକୁ ସରକାର ଅତି ଗୁରୁତର ସହ ନେଇଛନ୍ତି ଏବଂ ଏହାର ତଦନ୍ତରେ ଜାତୀୟ ତଦନ୍ତକାରୀ ଏଜେନ୍ସୀ (ଏନଆଇଏ) ସହାୟତା କରୁଛି ବୋଲି ସେ କହିଛନ୍ତି।

ରବିବାର ଅମୃତସର ନିକଟ ଦଲିୱାଲ ଗାଁ ନିକଟରେ ଥିବା ନିରଙ୍କାରୀ ଭବନରେ ପ୍ରାର୍ଥନା ଚାଲିଥିବା ବେଳେ ମୋଟରସାଇକେଲରେ ଦୁଇଜଣ ବ୍ୟକ୍ତି ଆସି ଗ୍ରେନେଡ ମାଡ କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ କ୍ୟାବିନେଟ ସହକର୍ମୀ, ଅମୃତସର ବିଧାୟକ ନଭଜ୍ୟୋତ ସିଂହ ସିଦ୍ଧୁ ଏବଂ ରାଜ୍ୟ କଂଗ୍ରେସ ସଭାପତି ସୁନୀଲ ଜାଖରଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଅନ୍ୟ ପକ୍ଷରେ ଏହି ଆକ୍ରମଣ ଘଟଣା ଲାଗି ଏସଏଡି ଅଧ୍ୟକ୍ଷ ସୁଖବୀର ସିଂହ ବାଦଲ ଅମରିନ୍ଦର ସିଂହ ସରକାରକୁ ଦାୟୀ କରିଛନ୍ତି। ଏହି ସରକାର ଉଗ୍ରବାଦୀଙ୍କୁ ସମର୍ଥନ କରିବା ସହ ପ୍ରୋତ୍ସାହିତ କରୁଥିବା ସୁଖବୀର ଅଭିଯୋଗ କରିଛନ୍ତି। ଉଗ୍ରବାଦୀଙ୍କ ସହ ସରକାର ମିତ୍ରତା କରିଛନ୍ତି ବୋଲି ସୁଖବୀର କହିଛନ୍ତି।

### ସନ୍ଦିଗ୍ଧଙ୍କ ସୂଚନା ଲାଗି ୫୦ ଲକ୍ଷ ପୁରସ୍କାର ଘୋଷଣା

ବିସ୍ଫୋରଣ ସ୍ଥଳ ପରିଦର୍ଶନ କରିବା ପରେ ଏନଆଇଏ ଟିମ ରାଜ୍ୟ ପୋଲିସ ଉଚ୍ଚ ପଦାଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଅମରିନ୍ଦର କହିଛନ୍ତି ରବିବାର ଆକ୍ରମଣ ସହ ୧୯୭୮ ନିରଙ୍କାରୀ ବିବାଦର କୌଣସି ସମ୍ପର୍କ ନାହିଁ। ତାହା ଏକ ଧର୍ମୀୟ ବିବାଦ ରହିଥିଲା କିନ୍ତୁ ରବିବାର ଘଟଣା ସମ୍ପୂର୍ଣ୍ଣ ଆତଙ୍କବାଦ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିସ୍ଫୋରଣ ପରେ ସାରା ରାଜ୍ୟକୁ ହାଇ ଆଲର୍ଟରେ ରଖାଯାଇଛି। ମୁଖ୍ୟମନ୍ତ୍ରୀ ମେଡିକାଲ ଯାଇ ଆହତମାନଙ୍କୁ ଭେଟିବା ସହ ମୃତକ ପରିବାରର ଜଣକୁ ଚାକିରି ଏବଂ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ସହ ମାଗଣା ଚିକିତ୍ସା ସେବା ଯୋଗାଇଦେବାକୁ ଘୋଷଣା କରିଛନ୍ତି।

# ମାଓବାଦୀଙ୍କ ବନ୍ଦ ଡାକରା : ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**ମାଲକାନଗିରି, ୧୯।୧୧ (ଡି.ଏନ.ଏ.)**

ପୋଲିସର ମିଥ୍ୟା ଗୁଳି ବିନିମୟ ଘଟଣାକୁ ବିରୋଧ କରି ମାଓବାଦୀ ସଙ୍ଗଠନ ମଙ୍ଗଳବାର ମାଲକାନଗିରି ଜିଲା ବନ୍ଦ ଡାକରା ଦେଇଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଜିଲା ସଦର ମହକୁମାଠାରେ ସହର ମଧ୍ୟରେ ପ୍ରବେଶ କରୁଥିବା ସମସ୍ତ ଯାନବାହନକୁ କଡ଼ାକଡ଼ି ଭାବେ ଯାଞ୍ଚ କରାଯାଉଛି । ଜିଲାର ମାଓବାଦୀ ଉପଦ୍ରୁତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ପ୍ରତ୍ୟେକ ଥାନାକୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ହୋଇଛି। ମାଓବାଦୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ଜିଲା ସୀମାନ୍ତବର୍ତ୍ତୀ ଅଞ୍ଚଳରେ ତଲାସୀ ଅଭିଯାନକୁ ବ୍ୟାପକ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ଅକ୍ଟୋବର ୧୨ରେ ମାଲକାନଗିରି ଜିଲାର ସ୍ୱାଭିମାନ ଅଞ୍ଚଳ ଅନ୍ତର୍ଗତ ପଣସପୁଟ ନିକଟରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ମାଓବାଦୀ ନେତ୍ରୀ ମୀନାଙ୍କ ମୃତ୍ୟୁ ହୋଇଥିଲା। ଏଥିସହ ନଭେମ୍ବର ୧୨ରେ ସିନ୍ଦୂରପାଲି ନିକଟରେ ହୋଇଥିବା ଗୁଳି ବିନିମୟ ଘଟଣାରେ କମ୍ରେଡ କୀର୍ତ୍ତି, ସୁଶୀଳା ଓ ସୁନୀଙ୍କ ସହ ଅନ୍ୟ ୨ ଜଣ ସାଧାରଣ ଲୋକଙ୍କ ମୃତ୍ୟୁ ହୋଇଥିଲା ବୋଲି ଆନ୍ଧ୍ର ଓଡ଼ିଶା ବର୍ଡର ସ୍ପେଶାଲ ଜୋନାଲ କମିଟିର ଜଗବନ୍ଧୁ ଗଣମାଧ୍ୟମ ପାଇଁ ଜାରି କରିଥିବା ଏକ ପତ୍ରରେ ଉଲ୍ଲେଖ କରିଥିଲେ। ଏହି ୨ ଘଟଣାକୁ ମାଓବାଦୀ ସଙ୍ଗଠନ ମିଥ୍ୟା ଏନ୍‌କାଉଣ୍ଟର ବୋଲି ଅଭିହିତ କରି ମଙ୍ଗଳବାର ମାଲକାନଗିରି ଜିଲା ବନ୍ଦ ଡାକରା ଦେଇଛି।

## Govt. of Odisha e-procurement Notice for online tender

**Bid Id- GMID-II/09/2018-19** No. 820-A

| | | |
|---|---|---|
| Name of the Work | : | Civil Construction Work |
| No. of Work | : | 11 (Eleven) |
| Estimated Cost | : | Varies from Rs. 81.50 Lakh to Rs. 27.30 Lakhs |
| Period of Completion | : | 4(Four) to 6(Six) Calendar months |
| Time for availability of bid for online bidding | : | From 26.11.2018 to 06.12.2018 upto 5.00 P.M. |
| Name and address of OIT | : | Executive Engineer, M.I. Divn, Ganjam-II, Berhampur |

Further details can be seen from the website : www.tendersorissa.gov.in

**Sd./- Er. M. R. Dash, Executive Engineer**
**M. I. Division Ganjam-II, Berhampur**

32043/11/0006/1819

## OFFICE OF THE PRINCIPAL BHIMA BHOI COLLEGE, RAIRAKHOL

**DIST- SAMBALPUR**
**URL: http://www.bhimabhoicollege.org, Email: bhimabhoicollegerrk@yahoo.co.in**

### QUOTATION CALL NOTICE

Authorized dealers having valid GSTIN, PAN are requested to send details through Post by 4 PM on 05.12.2018 for installation of metal neting CC TVs of reputed brand with megapixel cameras and accessories, adequate storage capacity for one month, power back up and Remote connectivity with CHSE, Bhubaneswar as per Govt. Specification in the college by December end.

The undersigned reserves the right to cancel the bid anytime without notice.

**Sd./- Principal**
**Bhima Bhoi College, Rairakhol**

ବିମୁଦ୍ରୀକରଣର ସିଏଜି ରିପୋର୍ଟ

# ବଜେଟ ଅଧିବେଶନରେ ଉପସ୍ଥାପନ ଆଶା କ୍ଷୀଣ

**ନୂଆଦିଲ୍ଲୀ,୧୯।୧୧**

ବିବାଦୀୟ ବିମୁଦ୍ରୀକରଣ ଉପରେ କମ୍ପଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ(ସିଏଜି)ଙ୍କ ରିପୋର୍ଟ ବଜେଟ ଅଧିବେଶନ ପୂର୍ବରୁ ପ୍ରସ୍ତୁତ ହୋଇଯିବ। ତେବେ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏହାକୁ ସଂସଦରେ ଉପସ୍ଥାପନ କରି ନ ପାରନ୍ତି। କାରଣ ବଜେଟ ଅଧିବେଶନ ପୂର୍ଣ୍ଣକାଳୀନ ହେବ ନାହିଁ। ଏହି ଅଧିବେଶନରେ ସରକାର କେବଳ କାମଚଳା ବଜେଟ୍ ଉପସ୍ଥାପନ କରିବେ। ସୂଚନାଥାଉ କି, ଗତ ସପ୍ତାହରେ ୬୦ ଜଣ ଅବସରପ୍ରାପ୍ତ ଅଧିକାରୀ ସିଏଜିଙ୍କୁ ପତ୍ର ଲେଖି ବିମୁଦ୍ରୀକରଣ ସଂକ୍ରାନ୍ତରେ ରିପୋର୍ଟ ପ୍ରକାଶ କରିବାରେ ବିଳମ୍ବକୁ ନେଇ ଅଭିଯୋଗ କରିଥିଲେ। ସରକାର ଅପଦସ୍ଥ ହେବାର ସମ୍ଭାବନା ଦୃଷ୍ଟିରୁ ଚାପରେ ପଡି ସିଏଜି ରିପୋର୍ଟ ପ୍ରକାଶ କରିବାରେ ବିଳମ୍ବ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ବିମୁଦ୍ରୀକରଣର ୨୦ ମାସ ଭିତରେ ରିପୋର୍ଟ ଆସିବ ବୋଲି ପୂର୍ବତନ ସିଏଜି ଶଶିକାନ୍ତ ଶର୍ମା କହିଥିଲେ।

## Sundargarh District Central Cooperative Bank Ltd., Sundargarh

Ph: (06622) 272022; 275050; 275022; Fax: (06622) 275122, Email: sngccbank@gmail.com
No. SDCCB/GAD/3916 Date: 19.11.2018

### INVITATION FOR EXPRESSION OF INTEREST FOR C.E.O.- SDCCB

Sundargarh District Central Cooperative Bank Ltd. invites Expression of Interest (EOI) in sealed cover from eligible candidates for appointment of chief Executive Officer (Secretary) of the Bank. The applicants should be below 62 years of age as on 01.12.2018 and should have:

a) Minimum eight years work experience in the middle / senior LEVEL or above in the Banking Sector. Senior / middle level for the purpose shall be taken above the third level (scale/cadre) onwards i.e. excluding the first two levels (scale/cadre) in the officer cadre or as the highest two levels below the level of CEO.
b) The applicants must have any of the following educational qualification:
   i. Graduate with CAIIB/DBF/Diploma in Cooperative Business Management (DCBM) or Higher Diploma in Cooperative Management (HDCM) with similar course duration of OCBM (Condensed HDCM not eligible); or
   ii. Chartered / Cost Accountants; or
   iii. Post Graduate in any discipline

The appointment shall be for a period of three years subject to satisfactory annual review of performance and may be extended upto 65 years. The CEO is expected to lead the Bank and guide the affiliated LAMPCS and other cooperative societies down below to accomplish the overall objectives of business planning, credit disbursement, recovery along with membership drive etc. He shall be **responsible to the President and MC of SDCCB** and shall be required to work in close liaison with the DRCS, Lead Bank Manager, District Administration, OSCB, RCS (O), NABARD / RBI & Cooperation Department.

**SALARY** for the right candidate shall not be a constraint. Apart from free residential accommodation and vehicle for official use, the minimum total monthly emoluments for the post shall be **above Rs. 1.25 lakh**.

The EOI may be submitted within **05.12.2018** mentioning "EOI for appointment of Chief Executive Officer (Secretary)" on the top cover to **The President, Sundargarh District Central Cooperative Bank Ltd., H.O., Sundargarh, At/PO/Dist.- Sundargarh, PIN- 770001**.

Applicants fulfilling the qualification criteria may be invited for interview by the Selection Committee as per decision of the MC, SDCCB, **President** of SDCCB or any of its designates reserves the right to cancel or modify this request for EOI and / or invite afresh with or without amendments, without liability or any obligation for such request for EOI and without assigning any reason.

*By the order of the President, MC. SDCCB*

**N.B.: For details visit our website: www.sdccbsng.com**

## ZILLA SWASTHYA SAMITI, ANGUL

### NOTICE

**No. 2912** **Date 19.11.2018**

With Reference to the advertisement No- 2873/ Dtd. 15.11.2018 published in the daily Odiya News Papers i.e. in "The Samaja" & in "The Dharitri" on Dtd. 16.11.2018 & with reference to the Corrigendum published in the District Website i.e. in www.angul.nic.in vide No. 2903 Dtd. 16.11.2018 towards the walk-in-interview for the Post of Pharmacist under RBSK, Angul is hereby postponed to Dtd. 04.12.2018 at District Training Unit (DTU), District Head Quarter Hospital (DHH), Angul keeping all the other terms & conditions as such.

**Sd./-**
**CDM & PHO-cum-Dist. Mission Director**
**NHM, Angul**

## GOVERNMENT OF ODISHA
## OFFICE OF THE SUPERINTENDING ENGINEER CUM-ELECTRICAL INSPECTOR

No.11-AA

**(TESTING & CALIBRATION, STANDARD TESTING LABORATORY)**
**PLOT NO. GD-2/7, MAITRIVIHAR, BHUBANESWAR- 751 023**
Phone & Fax no. 0674-2300955, E-mail ID: deistl1-od@gov.in

### Government of Odisha "e-Procurement Notice"

**BID IDENTIFICATION NO: 05 /SE (T&C, STL) /2018-19, Dt. 19.11.2018**

| | | | |
|---|---|---|---|
| 1. | Name of the work | : | Supply, Installation, Testing & Commissioning of Electrical Testing Equipment for Standard Testing Laboratory, Bhubaneswar. |
| 2. | Estimated Cost of the Tender | : | Rs.47,41,950.00 |
| 3. | Period of completion | : | One month (30 days) |
| 4. | Date & time of availability of bid document in the portal | : | 26.11.2018 |
| 5. | Last date / Time for receipt of bids in the portal | : | 24.12.2018 |
| 6. | Name and address of the Officer Inviting Tender | : | Superintending Engineer (T&C, STL)-cum-Electrical Inspector, Bhubaneswar Plot No. GD-2/7, Maitrivihar, Bhubaneswar- 751 023. Phone & Fax No. 0674-2300955, E-mail ID: setl-od@gov.in, deistl1-od@gov.in. |

04053/11/0001/1819

Further details can be seen from the e-procurement portal **httts:// tendersodisha.gov.in**. Any amendment / cancellation / retenders, please refer to the above cited website.
Enclosure: - C.D.-1 No

**Superintending Engineer (T&C, STL)-cum-EI, Bhubaneswar**

## OFFICE OF THE MUNICIPAL COUNCIL, BALANGIR

No. 4633/BM Dt.17.11.18

### CORRIGENDUM NOTICE

Due to some unavoidable administrative circumstances the tender call notice No.4506/Dt.08.11.2018 is hereby cancelled.

**Sd./- Executive Officer, Balangir Municipality**

## OFFICE OF THE NOTIFIED AREA COUNCIL, DHARAMGARH

**(Dt.)- Kalahandi, Ph. No.: 06672-242037, 242027,**
**E-mail: nacdharmagarh@gmail.com**
**No. 1716/DMH** **Dated 19.11.18**

### 1ST CORRIGENDUM NOTICE

The E-tender call notice vide lt. No. 1645/NAC (DHM), dt. 06.11.18 & bid identification No. DHARAMGARH/ NAC/ 01/ 2018-19 have partial modified. The column No. 05 has changed to exclude the GST amount from paper cost, column No. 06 has to allow class D & C contractor to participate in tender & the check list Sl. No. 08(A) omitted from the DTC. Hence the modified tender call notice has supersedes to the previous tender call notice invited vide lt. NO. 1645/NAC (DHM), dt. 06.11.18.

**Sd./-**
**Executive Officer**
**Dharamgarh NAC**

## DISTRICT RURAL DEVELOPMENT AGENCY, BALANGIR

**Notice Inviting Tender No. 4632/Date : 19.11.2018**

DRDA, Balangir invites Sealed Tenders in Double Covers (Technical & Financial) with Certain terms & conditions are invited from reputed & registered printing firm / agencies / Units for Supply of Display and affixing of Poster 'under Ama Gaon Ama Bikash & Flex Hoarding under Rural Housing Scheme, Last date for purchase / dowload of Tender documents is 30.11.2018 at 5.00 PM, last date for submission of Tender is 01.12.2018 upto 5.00 PM and Technical Bid will be opened on 03.12.2018 at 11.00 AM in the Conference Hall of District Rural Development Agency (DRDA), Balangir.

Detailed Tender documents either can be purchased from the office of Project Director, DRDA, Balangir, between 11.00 AM to 5.00 PM on any working days during the notice period or can be downloaded from district website www.balangir.nic.in

**Sd./- Collector & CEO, DRDA, Balangir**

## OFFICE OF THE EXECUTIVE ENGINEER R.W.S.S. DIVISION, SONEPUR

**Telephone No. 06654-220259, email : dwsm_snpr@nic.in**
**Govt. of Odisha e-Procurement Notice**
**Bid Identification No. 12/2018-19**

No.1032-O: The Executive Engineer RWS&S Division, Sonepur on behalf of Governor of Odisha invites Percentage bid through e-Procurement in single cover system according to norm of e-Procurement system in on-line mode for the work "CONST. of OHT, Pump house, laying of HDPE/ GI Pipe line etc. in different blocks under Subarnapur District.

| | | | |
|---|---|---|---|
| 1. | Nature of Work | : | PWS Civil Works |
| 2. | No. of Tenders | : | 06 Nos |
| 3. | Tender Paper Cost | : | Rs. 6,000/- |
| 4. | Value of Work | : | Rs. 23.64 lakhs to Rs. 46.16 Lakhs |
| 5. | Class of Contractor | : | 'C' 'B' & 'A' |
| 6. | Date and time of availability of Bid documents in portal | : | 11.00 hours of dt. 05.12.18 to upto 17 hours of dt. 19.12.18 |
| 7. | Date and time of seeking tender clarification | : | Dt. 18.12.2018 |
| 8. | Date and time of Opening of Tender | : | Dt. 20.12.18 at 12.00 hour in the O/o E.E. RWS&S Division, Sonepur. |
| 9. | Time of Completion | : | 300 days |
| 10. | The bidders have to participate in online bidding only. Further details can be seen from the website https// www.tenderorissa.gov.in | | |
| 11. | Corrigendum if any shall only be published in the above website. | | |

25054/11/0003/1819

**Sd./- Executive Engineer**
**RWSS Division, Sonepur**

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧, ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

**ପତ୍ର ସଂଖ୍ୟା: 12913** **ବିଜ୍ଞାପନ** **ତା 15.11.18**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ ଡି.ଡି.ଏଲ୍.-୧୫୩ (D.D.L.-153) ଡୁମୁଡୁମା, ୧ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ (୧) ଶ୍ରୀମତୀ ମହେଶ୍ୱତା ଦାସ, ସ୍ୱା: ସ୍ୱର୍ଗତ ପ୍ରବୀଣ ଚନ୍ଦ୍ର ଦାସ, (୨) ଶ୍ରୀ ପୁନ୍ୟଶ୍ଲୋକ ଦାସ, ପିତା: ସ୍ୱର୍ଗତ ପ୍ରବୀଣ ଚନ୍ଦ୍ର ଦାସ, (୩) ପୁନ୍ୟତୋୟା ଦାସ, ପିତା: ସ୍ୱର୍ଗତ ପ୍ରବୀଣ କୁମାର ଦାସ, ସା/ପୋ: ଚତର ଚକଡ଼ା, ଥାନା: ଡେରାବିଶ, ଜି: କେନ୍ଦ୍ରାପଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ (୧) ଶ୍ରୀମତୀ ମହେଶ୍ୱତା ଦାସ, (୨) ଶ୍ରୀ ପୁନ୍ୟଶ୍ଲୋକ ଦାସ, (୩) ପୁନ୍ୟତୋୟା ଦାସ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ନାରାୟଣ ଚନ୍ଦ୍ର ଦାସ, ପିତା: ନରହରି ଦାସ, ସା/ପୋ: ଛୋଟି, ଥାନା: ନିକିରାଇ, ଜିଲ୍ଲା: କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହ/ଫ୍ଲାଟ/ଦୋକାନ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

**ସ୍ୱା./- ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

## ପ୍ରକଳ୍ପ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ପ୍ରକଳ୍ପ ପରିଚାଳନା ୟୁନିଟ-୧, ଓଡିଶା ଜଳ ଯୋଗାଣ ଓ ପରିମଳ ପରିଷଦ, ସମ୍ବଲପୁର

ଏତଦ୍ୱାରା ସମ୍ବଲପୁର ସହର ଓ ଆଖପାଖ ଅଞ୍ଚଳର ସର୍ବସାଧାରଣ, ବ୍ୟବସାୟ ପ୍ରତିଷ୍ଠାନ ଓ ପରିବହନ ସଂସ୍ଥାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଧନୁପାଲି ଛକଠାରୁ ସମ୍ବଲପୁର- ସୋନପୁର ରାଜ୍ୟପଥରେ ଭତ୍ରା ପର୍ଯ୍ୟନ୍ତ ବାକିଥିବା ୧୬୦୦ ମି.ମି. ବ୍ୟାସ ବିଶିଷ୍ଟ ମୁଖ୍ୟ ସ୍ୱରେଜ କାର୍ଯ୍ୟ ୨୦.୧୧.୨୦୧୮ ଠାରୁ ପୁର୍ନ ଆରମ୍ଭ ହୋଇ ଆସନ୍ତା ୨୦.୦୨.୨୦୧୯ ପର୍ଯ୍ୟନ୍ତ ଚାଲୁ ରହିବାର ସମ୍ଭାବନା ଅଛି । ଏହି ସମୟ ସୀମା ମଧ୍ୟରେ ଉକ୍ତ ରାଜପଥ ଦେଇ ଧନୁପାଲି ଛକଠାରୁ ଧମା ଆଡକୁ ଗୁଣ୍ଡେରପୁର ମଧ୍ୟରେ ଭାରିଯାନ ଚଳାଚଳ ସମ୍ପୂର୍ଣ୍ଣ ନିଷେଧ ରହିବ । ଭାରିଯାନ ଗୁଡିକ ଧନୁପାଲି ଛକଠାରୁ ଗୁଣ୍ଡେରପୁର ମଧ୍ୟରେ ଜାତୀୟ ରାଜପଥରେ ମାନେଶ୍ୱର ଛକ ଦେଇ ଚଳାଚଳ କରିବ । ହାଲୁକା ଯାନ ଓ ଦୁଇ ଚକିଆ ଯାନ ଗୁଡିକ ସୋନପୁର ରାଜ୍ୟପଥରେ ଧନୁପାଲିଠାରୁ ଭତ୍ରା ମଧ୍ୟରେ ସ୍ୱରେଜ କାମ ହେଉଥିବା ଅଞ୍ଚଳରେ ସତର୍କତାର ସହିତ ଚଳାଚଳ କରିବ । ଏଥିପାଇଁ ସମସ୍ତ ନାଗରୀକ ଓ ଅନ୍ୟାନ୍ୟ ମାନଙ୍କୁ ସହଯୋଗ କରିବା ପାଇଁ ନିବେଦନ କରାଯାଉଅଛି ।

ସ୍ୱା- ପ୍ରକଳ୍ପ ଯନ୍ତ୍ରୀ

## State Health Assurance Society, Odisha Department of Health & Family Welfare, Govt. of Odisha

**Bhubaneswar-751012, District-Khordha (Odisha)**
**Phone No.-0674-2560311, Email ID, snaodisha@gmail.com**

### Tender for Engagement of Third Party Administrator (TPA) under State Health Assurance Society

**Advt No. 11/2018** **Date:20.11.2018**

**No.585-E:-** Sealed tenders are invited from eligible bidders for Engagement of Third Party Administrator under SHAS. The tender document with all information relating to the tender process including tender document cost, EMD, eligibility criteria, scope of work, terms & conditions, evaluation criteria and formats of submission of tender may be downloaded from the website: www.nhmodisha.gov.in

A pre-bid meeting shall be held on 29.11.2018, 11.30 AM. Any amendment in the tender document due to decision in pre-bid meeting / extension of bid if any shall only be notified in the website mentioned above. The sealed tenders should reach the office of the undersigned by courier / registered post or may be dropped in the tender box, on or before 15.12.2018, 3:00 PM. The technical bid shall be opened on 15.12.2018, 03.30 PM, 17.12.2018, 03:30 PM and 18.12.2018, 03:30 PM for Central, Northern and Sothern division respectively.

The undersigned reserves the right to reject any or all the tenders or cancel the tender without assigning any reason thereof.

10001/11/0039/1819

**Sd./-**
**Chief Executive Officer**

## ଆଗ୍ରହୀ କ୍ଷାରୀପାଣି ମାଛ ଓ ଚିଙ୍ଗୁଡ଼ି ଚାଷୀ, ମତ୍ସ୍ୟ ଉଦ୍ୟୋଗୀ ଓ ମତ୍ସ୍ୟଜୀବୀଙ୍କ ପାଇଁ ବିଶେଷ ସୂଚନା

**No.45-M:-** ଚଳିତ ବର୍ଷ ବିଭିନ୍ନ ଯୋଜନା ଯଥା:- ନୀଳ ବିପ୍ଳବ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ମାଧ୍ୟମରେ କ୍ଷାରୀ ପାଣି ମାଛ ଓ ଚିଙ୍ଗୁଡ଼ି ଚାଷ ଏବଂ ଯାଆଁଳ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଆଗ୍ରହୀ ଚାଷୀ/ ଉଦ୍ୟୋଗୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏହି ସମସ୍ତ ଯୋଜନା ବିଷୟରେ ସୂଚନା ନିମ୍ନରେ ପ୍ରଦାନ କରାଗଲା।

**କ) ନୀଳବିପ୍ଳବ ଯୋଜନା**

୧) କ୍ଷାରୀପାଣି ଚିଙ୍ଗୁଡ଼ି ଚାଷ ନିମିତ୍ତ ପୋଖରୀ ଖନନ ପ୍ରକଳ୍ପର ଅଟକଳ ମୂଲ୍ୟ ଟ.୧୦.୦୦ ଲକ୍ଷ ଓ ସରକାରୀ ରିହାତି ସାଧାରଣ ବର୍ଗ ନିମନ୍ତେ ୪୦%, ତଫସିଲଭୁକ୍ତ ଜାତି ଓ ଜନଜାତି ଓ ମହିଳାବର୍ଗଙ୍କ ନିମନ୍ତେ ୬୦%।
୨) କ୍ଷାରୀପାଣି ମାଛଚାଷ (Sea Bass Culture) ନିମିତ୍ତ ନୂତନ ପୋଖରୀ ଖନନ ପ୍ରକଳ୍ପର ଅଟକଳ ମୂଲ୍ୟ ଟ.୯.୦୦ ଲକ୍ଷ ଓ ସରକାରୀ ରିହାତି ସାଧାରଣବର୍ଗ ନିମନ୍ତେ ୪୦%, ତଫସିଲଭୁକ୍ତ ଜାତି ଓ ଜନଜାତି ଓ ମହିଳାବର୍ଗଙ୍କ ନିମନ୍ତେ ୬୦%।
୩) ପାଞ୍ଚ ମିଲିଅନ ଯାଆଁଳ ଉତ୍ପାଦନ କ୍ଷମତା ବିଶିଷ୍ଟ କ୍ଷାରୀପାଣି ଚିଙ୍ଗୁଡ଼ି ଯାଆଁଳ ଉତ୍ପାଦନ କେନ୍ଦ୍ର (ହ୍ୟାଚେରୀ) ପ୍ରତିଷ୍ଠା ନିମନ୍ତେ ପ୍ରକଳ୍ପର ଅଟକଳ ମୂଲ୍ୟ ଟ.୫୦.୦୦ ଲକ୍ଷ ଓ ସରକାରୀ ରିହାତି ସାଧାରଣ ବର୍ଗ ନିମନ୍ତେ ୪୦%.

**ଖ) ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା**

କ୍ଷାରୀପାଣି ଚିଙ୍ଗୁଡ଼ି ଚାଷ ନିମନ୍ତେ ନୂତନ ପୋଖରୀ ଖନନ ପ୍ରକଳ୍ପର ଅଟକଳ ମୂଲ୍ୟ ଟ.୧୦.୦୦ ଲକ୍ଷ ଓ ସରକାରୀ ରିହାତି ସମସ୍ତ ବର୍ଗ ନିମନ୍ତେ ୫୦%.
ଉପରୋକ୍ତ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ହିତାଧିକାରୀମାନେ ନିମ୍ନଲିଖିତ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦେଇ ଆବଶ୍ୟକୀୟ କାଗଜପତ୍ର ସହିତ ଆବେଦନ କରିପାରିବେ।

୧) ହିତାଧିକାରୀଙ୍କୁ ପ୍ରକଳ୍ପ ନିମନ୍ତେ ଜମିର ମୂଲ୍ୟ ଦିଆଯିବ ନାହିଁ। ସମ୍ପୃକ୍ତ ଜମିର ମାଲିକାନା ସ୍ୱତ୍ୱ ହିତାଧିକାରୀଙ୍କର ରହିଥିବା ଆବଶ୍ୟକ।
୨) ଧାର୍ଯ୍ୟ ରିହାତି ପ୍ରକଳ୍ପଟି ପୂର୍ଣ୍ଣାଙ୍ଗ ପରେ ଦିଆଯିବାର ବ୍ୟବସ୍ଥା ରହିଛି।
୩) ଏହି ସମସ୍ତ ପ୍ରକଳ୍ପ ଜଳକୃଷି ପ୍ରାଧିକରଣ ସଂସ୍ଥା (Coastal Aquaculture Authority) ଦ୍ୱାରା ପଞ୍ଜୀକୃତ ହେବା ବାଧ୍ୟତାମୂଳକ।
ଏଣୁ ଆଗ୍ରହୀ ବ୍ୟକ୍ତି ଜିଲ୍ଲା ମତ୍ସ୍ୟ ଅଧିକାରୀ କିମ୍ବା ବ୍ଲକସ୍ତରୀୟ ସହକାରୀ ମତ୍ସ୍ୟ ଅଧିକାରୀଙ୍କ ଜରିଆରେ ଜାନୁଆରୀ ତା ୩୧ରିଖ ୨୦୧୯ ସୁଦ୍ଧା ଦରଖାସ୍ତ କରିବା ସହିତ ଏହାର ସବିଶେଷ ବିବରଣୀ ପାଇ ପାରିବେ।

**ସ୍ୱା./- ମତ୍ସ୍ୟ ନିର୍ଦ୍ଦେଶକ, ଓଡ଼ିଶା, କଟକ**

**ଆଗ୍ରହୀ କ୍ଷାରୀପାଣି ଭେନାମାଇ ଚୁଙ୍ଗୁଡ଼ି ଚାଷୀଙ୍କ ପାଇଁ ବିଶେଷ ସୂଚନା**

୧) କ୍ଷାରୀପାଣି ଭେନାମାଇ ଚିଙ୍ଗୁଡ଼ି ଚାଷ ପାଇଁ ଛଡ଼ାଯାଉଥିବା ଯାଆଁଳ ମୂଲ୍ୟ ଉପରେ ୨୫% ରିହାତି ସମସ୍ତ ବର୍ଗର ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ।
୨) ଜଣେ ଚିଙ୍ଗୁଡ଼ି ଚାଷୀ ସର୍ବାଧିକ ଏକ ହେକ୍ଟର ପରିମିତ ଚିଙ୍ଗୁଡ଼ି ପୋଖରୀ ଉପରେ ଛଅ ଲକ୍ଷ ପର୍ଯ୍ୟନ୍ତ ଯାଆଁଳ ଛାଡ଼ି ଯାଆଁଳ ମୂଲ୍ୟର ୨୫% ସର୍ବାଧିକ ଟ.୯୦,୦୦୦ (ନବେ ହଜାର ଟଙ୍କା) ପାଇ ପାରିବେ।
୩) ଜଳ କୃଷି ପ୍ରାଧିକରଣ ସଂସ୍ଥା (Coastal Aquaculture Authority) ଦ୍ୱାରା ପଞ୍ଜୀକୃତ ଯାଆଁଳ ଉତ୍ପାଦନ କେନ୍ଦ୍ର (Hatchery) ରୁ ଯାଆଁଳ ସଂଗ୍ରହ କରିବା ବାଧ୍ୟତାମୂଳକ।
୪) ଚିଙ୍ଗୁଡି ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ଜମି ଜଳ କୃଷି ପ୍ରାଧିକରଣ ସଂସ୍ଥା (Coastal Aquaculture Authority) ଦ୍ୱାରା ପଞ୍ଜୀକୃତ ହେବା ବାଧ୍ୟତାମୂଳକ ଅଟେ।

ଏଣୁ ଆଗ୍ରହୀ ବ୍ୟକ୍ତି ଜିଲ୍ଲା ମତ୍ସ୍ୟ ଅଧିକାରୀ କିମ୍ବା ବ୍ଲକସ୍ତରୀୟ ସହକାରୀ ମତ୍ସ୍ୟ ଅଧିକାରୀଙ୍କ ଜରିଆରେ ଜାନୁଆରୀ ତା୩୧ରିଖ ୨୦୧୯ ସୁଦ୍ଧା ଦରଖାସ୍ତ କରିବା ସହିତ ଏହାର ସବିଶେଷ ବିବରଣୀ ପାଇ ପାରିବେ।

06015/11/0024/1819

**ସ୍ୱା./- ମତ୍ସ୍ୟ ନିର୍ଦ୍ଦେଶକ, ଓଡ଼ିଶା**

# ବିନା ଖର୍ଚ୍ଚରେ କରନ୍ତୁ ନେଲ୍‌ଆର୍ଟ ଡଟିଂ

- ଆଜିର ସମୟରେ କିଏ ନ ଚାହେଁ ଫ୍ୟାଶନ ସହ ଆଗକୁ ବଢ଼ିବା ପାଇଁ। ଖାସ୍‌କରି ମହିଳାମାନେ ଫ୍ୟାଶନ ଦେଖାଯିବାକୁ ହେଲେ କେତେ ଉପାୟ ଆପଣାଇଥାନ୍ତି। ସେଥିମଧ୍ୟରୁ ନେଲ୍‌ଆର୍ଟ ଡଟିଂ ଗୋଟିଏ। ଏଥିରେ ନଖଗୁଡିକୁ ଡିଜାଇନ୍ ସହ ତାକୁ ଆକର୍ଷକ ମଧ କରାଯାଇଥାଏ। ଏଥିପାଇଁ ମହିଳାମାନେ ସାଧାରଣତଃ ପାର୍ଲର ଯାଇଥାନ୍ତି କିମ୍ବା ଦାମୀ ଟୁଲ୍ସ କିଣିଥାନ୍ତି। କିନ୍ତୁ ଆଜି ଆମେ ଆପଣଙ୍କୁ ଏମିତି ଟୁଲ୍ସ ବିଷୟରେ ସୂଚନା ଦେବୁ, ଯାହା ଆପଣଙ୍କୁ ସହଜରେ ଘରେ ମିଳିଯିବ। ଆପଣ ଘରେ ଥାଇ ମଧ ନେଲ୍‌ଆର୍ଟ ଡଟିଂ କରିପାରିବେ। ଆସନ୍ତୁ ଜାଣିବା ଏହି ଟୁଲ୍ସ ବିଷୟରେ..




**ହେୟାର ପିନ୍:** ହେୟାର ପିନ୍ ଖୁବ୍ ସହଜରେ ଆପଣଙ୍କୁ ମିଳିଯିବ। ଏହା ସହାୟତାରେ ଆପଣ କମ୍ ସମୟରେ ନେଲଆର୍ଟ ଡଟିଂ କରିପାରିବେ। ହେୟାର ପିନ୍ ସାହାଯ୍ୟରେ ନଖ ଉପରେ ଡଟ୍ କରିବା ସହଜ ହୋଇଥାଏ।

**ପେଣ୍ଟ ବ୍ରଶ୍:** ଏହାର ବ୍ୟବହାର ଆପଣ ନେଲଆର୍ଟ ଡଟିଂରେ ମଧ କରିପାରିବେ। ପେଣ୍ଟ ବ୍ରଶ୍ ସାହାଯ୍ୟରେ ଖୁବ୍ ସହଜରେ ଛୋଟ ଓ ବଡ଼ ଡଟ୍ କରିପାରିବେ। ବ୍ରଶ୍‌କୁ ସଫା କରି ଅଲଗା ଅଲଗା ପେଣ୍ଟ ଡିଜାଇନ୍ କରିପାରିବେ।

**ବଲ୍‌ପେନ୍:** କୌଣସି ଦାମୀ ଟୁଲ୍ କିଣିବା ବଦଳରେ ଆପଣ ବଲ୍‌ପେନ୍‌ରେ ବି ନଖରେ ଡଟ୍ସ କରିପାରିବେ। ଏହା ମଧ ନେଲଆର୍ଟର ଏକ ସହଜ ଉପାୟ।

ଦିଆସିଲି କାଠି: ଦିଆସିଲି କାଠିରେ ନଖ ଉପରେ ଅଲଗା ଅଲଗା ଡିଜାଇନ୍ ଡଟ୍ସ କରିପାରିବେ। ଏଥିରେ ନେଲଆର୍ଟ ବି ସମସ୍ତଙ୍କ ନଜରରେ ପଡିବ।

**ସେଫ୍ଟିପିନ୍:** ସମସ୍ତଙ୍କ ଘରେ ଖୁବ୍ ସହଜରେ ସେଫ୍ଟିପିନ୍ ମିଳିଯିବ। ନେଲ ପେଣ୍ଟରେ ସେଫ୍ଟିପିନ୍‌କୁ ବୁଡାନ୍ତୁ ଆଉ ନଖ ଉପରେ ଶେପ୍ ଦିଅନ୍ତୁ। ଏହା ବହୁତ ଶସ୍ତା ଏବଂ ସହଜ ଉପାୟ, ଯାହା ଆପଣଙ୍କ ନଖକୁ ଖୁବ୍ ସୁନ୍ଦର କରିବ।



# ଶୀତଦିନେ ତ୍ୱଚାର ଘରୋଇ ଉପଚାର

ସାଧାରଣତଃ ଶୀତଦିନେ ତ୍ୱଚା ରୁକ୍ଷ ଲାଗିଥାଏ। ତ୍ୱଚାର ଚମକ ନଷ୍ଟ ହୋଇଥାଏ। ସୁନ୍ଦର ତ୍ୱଚା ପାଇଁ ଅନେକେ ବିୟୁଟିପାର୍ଲର ଦୌଡ଼ିବା ସହ ବହୁ ଟଙ୍କା ମଧ ଖର୍ଚ୍ଚ କରିଥାନ୍ତି। କିନ୍ତୁ ଫଳ ବିପରୀତ ହୋଇଥାଏ। ଏହା ସାମୟିକ ଭାବେ ତ୍ୱଚାରେ ଚମକ ଦେଉଥିଲେ ମଧ ପରେ ବହୁତ କ୍ଷତି କରିଥାଏ। ଏଥିରେ ଚମକ ଆଣିବା ପାଇଁ ଆସନ୍ତୁ ଜାଣିବା ତ୍ୱଚାର ଉପଚାର ବିଷୟରେ।



## ଡ୍ରାଏ ସ୍କିନ୍‌ର ଘରୋଇ ଉପଚାର

ଏବେ ଶୀତଦିନ । ଏହି ଋତୁରେ ଶରୀର ଏବଂ ତ୍ୱଚା ଶୁଖିଲା ଶୁଖିଲା ଲାଗିଥାଏ। ତ୍ୱଚାରୁ ଡ୍ରାଏନେସ୍ ଦୂର କରିବାକୁ ହେଲେ ମଶ୍ଚରାଇଜର ଏବଂ ଲୋଶନ ଅଧିକ ସମୟ ପର୍ଯ୍ୟନ୍ତ ରହି ନ ଥାଏ। ଏଥିପାଇଁ ଘରୋଇ ଉପଚାର ଆପଣାନ୍ତୁ, ଯାହା ଆପଣଙ୍କୁ ଡ୍ରାଏ ସ୍କିନ୍‌ରୁ ମୁକ୍ତି ଦେବ। ତେବେ ଆସନ୍ତୁ ଜାଣିବା ଘରୋଇ ଉପଚାର ସମ୍ପର୍କରେ...

**ଅଲିଭ୍ ଅଏଲ:** ତୁଳା ସାହାଯ୍ୟରେ ନିଜ ଡ୍ରାଏ ସ୍କିନ୍‌ରେ ଅଲିଭ୍ ଅଏଲ ଲଗାନ୍ତୁ। ପୁଣି ହାଲ୍‌କା ହାତରେ ମସାଜ୍ କରନ୍ତୁ। ପ୍ରତିଦିନ ଏପରି କଲେ ତ୍ୱଚା ନମନୀୟ ରହିଥାଏ।

**ନଡ଼ିଆ ତେଲ:** କଟନ ବଲ୍‌ବ ସାହାଯ୍ୟରେ ନଡ଼ିଆ ତେଲକୁ ନିଜ ଡ୍ରାଏ ସ୍କିନ୍‌ରେ ଲଗାନ୍ତୁ। ଏହାଦ୍ୱାରା ସ୍କିନ୍ ଉପରେ ଜମା ହୋଇଥିବା ତେଲର ବାଲାନ୍ସ ରହିବ, ଯାହା ସ୍କିନ୍‌କୁ ପ୍ରାକୃତିକ ଉପାୟରେ ହାଇଡ୍ରେଟ୍ କରିବ।

**ମହୁ ଓ କ୍ଷୀର:** ମହୁ ଓ କ୍ଷୀରକୁ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ପୁଣି ୧୦ ମିନିଟ୍ ପର୍ଯ୍ୟନ୍ତ ଏହି ମାସ୍କକୁ ଡ୍ରାଏ ସ୍କିନ୍‌ରେ ଲଗାଇବେ। ଏହାକୁ ଆପଣ ମୁହଁ ଏବଂ ହାତରେ ମଧ ଲଗାଇ ପାରିବେ। ଲଗାଇବାର ୧୦ ମିନିଟ୍ ପରେ ଏହାକୁ ଥଣ୍ଡାପାଣିରେ ଧୋଇଦିଅନ୍ତୁ। କିନ୍ତୁ ଭଲ ହେବ ଏହି ମାସ୍କକୁ ଆପଣ ଗାଧୋଇବା ପରେ ଉପଯୋଗ କରିବା।

**ଆଲୋଭେରା ଜେଲ୍:** ଫ୍ରେଶ୍ ଆଲୋଭେରା ଜେଲ ଡ୍ରାଏ ସ୍କିନ୍‌କୁ ହାଇଡ୍ରେଟ୍ କରିବାରେ ସହାୟକ ହେବ। ଏହାକୁ ପ୍ରତିଦିନ ଲଗାଇବା ଦ୍ୱାରା ଡ୍ରାଏନେସ୍ ଦୂର ହୋଇଯିବ। ଏହି ଜେଲ୍ ଆପଣଙ୍କୁ ଯେକୌଣସି କସ୍‌ମେଟିକ୍ ଶପ୍‌ରେ ମଧ ଖୁବ୍ ସହଜରେ ମିଳିଯିବ।



- ପାଚିଲା ଟମାଟୋକୁ ଗ୍ରାଇଣ୍ଡିଂ କରି ଏହାର ମଣ୍ଡକୁ ମୁହଁରେ ଲଗାନ୍ତୁ। ୧୦/୧୫ ମିନିଟ୍ ପରେ ଅଳ୍ପ ଉଷୁମ ପାଣିରେ ମୁହଁକୁ ଧୋଇ ସଫା କପଡ଼ାରେ ପୋଛିଦିଅନ୍ତୁ।, ନିୟମିତ ଟମାଟୋ ଜୁସ୍ ସକାଳେ ପାନ କରନ୍ତୁ। ଏହି ପ୍ରକ୍ରିୟା ପ୍ରତିଦିନ କରନ୍ତୁ। ଏହା ତ୍ୱଚାରୁ ଅତିରିକ୍ତ ତେଲିଆ ଅଂଶ କମ୍ କରେ ଓ ମୃତ କୋଷିକାକୁ ବାହାର କରିବାରେ ସହାୟତା କରିଥାଏ। ଏହା ମୁଖ ବ୍ରଣ ସମସ୍ୟାକୁ ଦୂର କରିବା ସହିତ ମୁଖମଣ୍ଡଳର ଉଜ୍ଜ୍ୱଳତା ଆଣିଦିଏ।
- ଏକ ଚାମଚ ଟମାଟୋ ଜୁସ୍ ସହିତ ଅଳ୍ପ ଲେମ୍ବୁରସ ମିଶାଇ ତ୍ୱଚାକୁ ଧୋଇଲା ପରେ ଲେପ ଦିଅନ୍ତୁ। ୧୫/୨୦ ମିନିଟ୍ ପରେ ନଖଉଷୁମ ପାଣିରେ ଧୋଇଦିଅନ୍ତୁ। ଏହି ପ୍ରକ୍ରିୟା ସପ୍ତାହକୁ ୨/୩ ଥର କରନ୍ତୁ। ତ୍ୱଚା ପାଇଁ ଏହା ବ୍ଲିଚ୍ ପରି କାମ କରିଥାଏ। ତ୍ୱଚାର ଗୋରାପଣ ଆଣିଥାଏ।
- ଗୋଟିଏ ଟମାଟୋ ମଣ୍ଡରେ ୨ବଡ଼ ଚାମଚ ଚିନି ଭଲ ଭାବରେ ମିଶାଇ ତ୍ୱଚାରେ ଧୀରେ ଧୀରେ ୧୫ ମିନିଟି ଧରି ମାଲିସ୍ କରନ୍ତୁ। ୧୫ ମିନିଟ ପରେ ନଖଉଷୁମ ପାଣିରେ ଧୋଇ ପୁନର୍ବାର ଥଣ୍ଡାପାଣିରେ ଧୋଇଦିଅନ୍ତୁ। ଏହିପରି ସପ୍ତାହକୁ ୩ଥର କରନ୍ତୁ। ଏହା ତ୍ୱଚାର ମୃତ କୋଷିକାକୁ ସଫା କରିବା ସହିତ ତ୍ୱଚାକୁ ମୁଲାୟମ କରିଥାଏ।
- ଏକ ଚାମଚ ଟମାଟୋ ଜୁସ୍ ସହିତ ଦହି, ଓଟ୍‌ମିଲ୍ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରି ତ୍ୱଚାରେ ଲେପ ଦିଅନ୍ତୁ। ୨୦/୨୫ ମିନିଟ୍ ପରେ ଥଣ୍ଡାପାଣିରେ ଧୋଇଦିଅନ୍ତୁ। ଏହିପରି ସପ୍ତାହକୁ ୨/୩ ଥର କଲେ ତ୍ୱଚାରେ ଚମକ ଆସିଥାଏ।
- ୧/୨ଟା ଟମାଟୋ ମଣ୍ଡ ସହିତ ୧ ବଡ଼ ଚାମଚ ମହୁ ମିଶାଇ ତ୍ୱଚାରେ ଲେପ ଦିଅନ୍ତୁ, ପରେ ଥଣ୍ଡାପାଣିରେ ଧୋଇଦିଅନ୍ତୁ। ସପ୍ତାହକୁ ୩ଥର ଏହିପରି କରନ୍ତୁ। ଏହା ତ୍ୱଚାର ଆର୍ଦ୍ରତା ପ୍ରଦାନ କରିଥାଏ। ଶୀତଦିନେ ଶୁଷ୍କ ଓ କର୍କଶ ତ୍ୱଚାକୁ ଦୂର କରି ତ୍ୱଚାର କୋମଳତା ତଥା ସୌନ୍ଦର୍ଯ୍ୟ ବଜାୟ ରଖେ।
- ଏକ ଫାଳ ପାଚିଲା ଟମାଟୋ ସହିତ ୧/୪ କାକୁଡ଼ି ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରି ତ୍ୱଚାରେ ଲେପ ଦିଅନ୍ତୁ। ୧୫/୨୦ ମିନିଟ୍ ପରେ ଥଣ୍ଡାପାଣିରେ ଧୋଇଦିଅନ୍ତୁ। ଏହି ପେଷ୍ଟରେ ୧ ଚାମଚ ହଳଦୀ ଗୁଣ୍ଡ, ମହୁ କିମ୍ବା କମଳା ରସ ମିଶାଇ ପାରିବେ। ଏହିପରି ସପ୍ତାହରେ ୨/୩ ଥର କରନ୍ତୁ। ଏହା ଚର୍ମକୁ ଟାଇଟ୍ କରିବା ସହ ଆର୍ଦ୍ରତା ପ୍ରଦାନ କରିବା ସହିତ ଗୋରାପଣ ଆଣିଥାଏ। ମୁଖମଣ୍ଡଳରୁ ବ୍ରଣ ଦୂର କରିଥାଏ।
- ଗୋଟିଏ ଟମାଟୋକୁ ଗ୍ରାଇଣ୍ଡିଂ କରି ଏହାର ପେଷ୍ଟରେ ୧ ଚାମଚ ଚନ୍ଦନ ପାଉଡର ଏବଂ ଅଳ୍ପ ଲେମ୍ବୁରସ ମିଶାଇ ତ୍ୱଚାରେ ଲେପ ଦିଅନ୍ତୁ। ୧୫/୨୦ ମିନିଟ୍ ପରେ ଥଣ୍ଡାପାଣିରେ ଧୋଇଦିଅନ୍ତୁ। ସପ୍ତାହକୁ ୨/୩ ଥର ବ୍ୟବହାର କଲେ ତ୍ୱଚା ସଫା ହେବା ସହିତ ଉଜ୍ଜ୍ୱଳ ଦେଖାଦିଏ। ଏହାଦ୍ୱାରା ତ୍ୱଚା ମୁଲାୟମ ହୋଇଥାଏ।
- ଟମାଟୋ ଜୁସ୍ ଚାରି ଚାମଚ ସହିତ ୧ ଚାମଚ ଅଲିଭ୍ ଅଏଲ ମିଶାଇ ତ୍ୱଚାରେ ଲେପ ଦେଇ ୧୫/୨୦ ମିନିଟ୍ ପରେ ନଖଉଷୁମ ପାଣିରେ ଧୋଇଦିଅନ୍ତୁ। ତା'ପରେ ଥଣ୍ଡାପାଣିରେ ଧୋଇଦିଅନ୍ତୁ। ସପ୍ତାହରେ ୩ ଥର ଏହିପରି କରନ୍ତୁ, ତ୍ୱଚା ସଫା ହେବା ସହିତ ତ୍ୱଚାକୁ ଆର୍ଦ୍ରତା ପ୍ରଦାନ କରିଥାଏ। ତ୍ୱଚାର କୋମଳତା ବଜାୟ ରଖିଥାଏ।
- ଦୁଇ ଚାମଚ ଟମାଟୋ ଜୁସ୍ ସହିତ ୨ ଚାମଚ ଆଳୁରସ ମିଶାଇ ଏକ ମଣ୍ଡ ପ୍ରସ୍ତୁତ କରି ତ୍ୱଚାରେ ଲେପ ଦିଅନ୍ତୁ। ୧୫ ମିନିଟି ପରେ ଥଣ୍ଡାପାଣିରେ ଧୋଇଦିଅନ୍ତୁ। ଏହି ମଣ୍ଡରେ ମଧ ୧ ଚାମଚ ମହୁ ମିଶାଇପାରିବେ। ନିୟମିତ ଏପରି କଲେ ଶୁଖା ତ୍ୱଚାକୁ ଆର୍ଦ୍ରତା ରଖିବା ସହିତ କୋମଳତା ପ୍ରଦାନ କରିଥାଏ।
- ଗୋଟିଏ ଟମାଟୋକୁ ଗ୍ରାଇଣ୍ଡିଂ କରି ୧ ଚାମଚ ଚଣା ପାଉଡର, ଅଳ୍ପମାତ୍ରାରେ ହଳଦୀ ମିଶାଇ ଏକ ଉତ୍ତମ ମଣ୍ଡ ପ୍ରସ୍ତୁତ କରନ୍ତୁ। ଏହି ମଣ୍ଡକୁ ତ୍ୱଚାରେ ଲେପଦେଇ ୨୦/୨୫ ମିନିଟ୍ ପରେ ଥଣ୍ଡାପାଣିରେ ଧୀରେ ଧୀରେ ଘଷି ସଫା କରିଦିଅନ୍ତୁ। ଶୁଖିଲା ନରମ କପଡ଼ାରେ ମୁହଁ ପୋଛିଦିଅନ୍ତୁ। ଏହିପରି ସପ୍ତାହକୁ ୩ଥର କରନ୍ତୁ। ଏହା ତ୍ୱଚାରେ ଚମକ ଆଣିବା ସହିତ ଅଧିକ ତୈଳୀୟ ଅଂଶ ବାହାର କରିଦିଏ। ଏହା ଚେହେରାର କୁଞ୍ଚନକୁ ଦୂର କରିବା ସହିତ ଦାଗ, ଚିହ୍ନ ଦୂର କରିଥାଏ।
- ଟମାଟୋ ଜୁସ୍ ସହିତ ୨ ବଡ଼ ଚାମଚ ଅମୃତଭଣ୍ଡା ମଣ୍ଡ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହି ମିଶ୍ରଣକୁ ତ୍ୱଚାରେ ଲେପ ଦିଅନ୍ତୁ। ୨୦/୨୫ ମିନିଟ ପରେ ନଖଉଷୁମ ପାଣିରେ ଧୋଇଦିଅନ୍ତୁ। ତା'ପରେ ଥଣ୍ଡାପାଣିରେ ଧୋଇଦିଅନ୍ତୁ। ଏହିପରି ସପ୍ତାହକୁ ୩/୪ ଥର କରନ୍ତୁ ତ୍ୱଚା ଗ୍ଲୋ କରିବା ସହିତ ଉଜ୍ଜ୍ୱଳ ଦେଖାଦେବ।
- ସମପରିମାଣ ଟମାଟୋ ମଣ୍ଡ, ନଡ଼ିଆ ତେଲ, ହଳଦୀ ଗୁଣ୍ଡ ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରି ଆଙ୍ଗୁଠି ସାହାଯ୍ୟରେ ଧୀରେ ଧୀରେ ୧୦ ମିନିଟ୍ ମାଲିସ କରନ୍ତୁ। ୧୫/୨୦ ମିନିଟ୍ ପରେ ନଖଉଷୁମ ପାଣିରେ ଧୋଇ ପରେ ଥଣ୍ଡାପାଣିରେ ଧୋଇଦିଅନ୍ତୁ। ଏହା ତ୍ୱଚାକୁ ମଶ୍ଚରାଇଜ୍ କରିବା ସହିତ ପ୍ରାକୃତିକ ସୁରକ୍ଷା ପ୍ରଦାନ କରିଥାଏ, ଯାହା ପଲ୍ୟୁଶନ ଓ ଶୀତ କାରଣରୁ ହେଉଥିବା ସମସ୍ୟାରୁ ରକ୍ଷା କରିଥାଏ।
- ୧/୨ କପ୍ ଟମାଟୋ ଜୁସ୍ ସହିତ କ୍ଷୀର ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରି ତ୍ୱଚାରେ ଲେପ ଦିଅନ୍ତୁ। ୧୫/୨୦ ମିନିଟ୍ ପରେ ଥଣ୍ଡାପାଣିରେ ଧୋଇଦିଅନ୍ତୁ। ପ୍ରତିଦିନ ଏପରି କରନ୍ତୁ। ଏହା ତ୍ୱଚାକୁ ମଶ୍ଚରାଇଜ୍ କରିବା ସହିତ କୋମଳତା ପ୍ରଦାନ କରିଥାଏ।

**–ପୀତାମ୍ବର କର**
*ମୁକୁନ୍ଦ ମିଶ୍ର ନଗର*
*ଗୋପୀନାଥପୁର, ପୁରୀ*



# ଗୃହିଣୀଙ୍କ ପାଇଁ

❖ରୋଷେଇ କରିବା ସମୟରେ ଯଦି ତରକାରୀ ପୋଡିଯାଇଛି ତେବେ ସେଥିରେ ଅଳ୍ପ ମାତ୍ରାରେ ଦହି ମିଶାଇ ଦିଅନ୍ତୁ। ଏହାଦ୍ୱାରା ପୋଡା ଗନ୍ଧ ଦୂର ହୋଇଯିବ।

❖ଗ୍ରେଭିକୁ ସ୍ୱାଦିଷ୍ଟ କରିବାକୁ ହେଲେ ପିଆଜ,ରସୁଣ,ଅଦା ଓ ଦୁଇରୁ –ଚାରିଟି ଭିଜା ପେସ୍ତା ବାଦାମକୁ ଗ୍ରାଇଣ୍ଡ କରି ଦିଅନ୍ତୁ । ଏପରି କରିବା ଦ୍ୱାରା ତରକାରୀ ଟେଷ୍ଟି ହେବ।

❖କୌଣସି ବି ଜିନିଷକୁ ଘିଅ କିମ୍ବା ତେଲରେ ଭାଜିବା ପୂର୍ବରୁ ସେଥିରେ କେଇ ବୁନ୍ଦା ସିର୍‌କା ପକାଇ ଦିଅନ୍ତୁ। ଦେଖିବେ ଡିଶ୍‌ର ସ୍ୱାଦ ବଢ଼ିବା ସହ ରଙ୍ଗ ବି ଭଲ ଆସିବ।

❖ରାଇତା ବାଢ଼ିବା ପୂର୍ବରୁ ସେଥିରେ ଅଳ୍ପ ଲୁଣ ମିଶାଇ ଦିଅନ୍ତୁ। ଏପରି କରିବା ଦ୍ୱାରା ରାଇତା ଖଟା ହେବନି।

❖ପନିପରିବା ଶିଝାଇବା ସମୟରେ ଅଳ୍ପ ପରିମାଣରେ ଲୁଣ ମିଶାନ୍ତୁ ଦେଖିବେ ଖାଦ୍ୟର ସ୍ୱାଦ ବଢ଼ି ଯାଇଥାଏ।

❖ଯଦି ଲେମ୍ବୁ ଆଚାର ଖରାପ୍ ହେବାକୁ ଯାଉଛି ସେଥିରେ ସିର୍‌କା ପକାଇ ଦିଅନ୍ତୁ। ଆଚାର ଫ୍ରେଶ ଲାଗିବ।

❖ଦହି ବରା ପ୍ରସ୍ତୁତ କରିବା ସମୟରେ ଆଣରେ ଅଳ୍ପ ଦହି ମିଶାଇ ତାକୁ ଭଲଭାବେ ଫେଣ୍ଟି ଦିଅନ୍ତୁ। ଏହି ଆଣରେ ପ୍ରସ୍ତୁତ ବରା ସ୍ୱାଦିଷ୍ଟ ହେବା ସହ ନରମ ମଧ ହୋଇଥାଏ।



# ଛୋଟପିଲାଙ୍କ ଡ୍ରେସ୍ କିଣିବା ସମୟରେ...

ଛୋଟ ପିଲାଙ୍କ ଡ୍ରେସ କିଣିବା ସମୟରେ ନିମ୍ନଲିଖିତ ଟିପ୍ସ ଆପଣେଇ ପାରନ୍ତି।

–ପିଲାଙ୍କ ଡ୍ରେସ ଯେବେ ବି କିଣୁଛନ୍ତି ସେତେବେଳେ ଟିକେ ବଡ ସାଇଜ୍‌ର କିଣନ୍ତୁ। କାହିଁକି ନା ପିଲା ଜଲ୍‌ଦି ବଢ଼ିଥାନ୍ତି। ଆପଣ ଆଣିଥିବା ଅତିକମ୍‌ରେ ୬ ମାସ ପର୍ଯ୍ୟନ୍ତ ପିନ୍ଧିପାରିବ।

–ଯେତେବେଳେ ବି କୌଣସି ଫାବ୍ରିକ୍ ଚୟନ କରୁଛନ୍ତି ତାହା ଋତୁ ଅନୁଯାୟୀ ପରଫେକ୍ଟ ହେବା ଦରକାର। ସବୁବେଳେ ଋତୁକୁ ଧ୍ୟାନରେ ରଖି ତାହା ତା' ପାଇଁ ଅନୁକୂଳ ହେବା ଆବଶ୍ୟକ। ଖରାଦିନେ ପିଲାକୁ ସୂତା କପଡାର ଡ୍ରେସ ପିନ୍ଧାନ୍ତୁ। ଶୀତଦିନରେ କପଡା ଗରମ, ନରମ ଏବଂ ଆରାମଦାୟକ ହେବା ଆବଶ୍ୟକ।

–କେତେଥର ଭାଇ ଭଉଣୀ କପଡା କିଣିବା ସମୟରେ ଏକାଭଳି ଡ୍ରେସ କିଣିଥାନ୍ତି। ଏହା ଜରୁରୀ ନୁହେଁ ଯେ ସେମାନଙ୍କ ଡ୍ରେସ୍ ଏକାଭଳି ହୋଇଥିବ, ଯାହା ଦୁଇଜଣଙ୍କୁ ସୁନ୍ଦର ଦେଖାଯିବ।

–ଡେଲିୱେର ଡ୍ରେସ୍ ସବୁବେଳେ ହାଲ୍‌କା ହେବା ଆବଶ୍ୟକ। ଯଦି ଆପଣ ପାର୍ଟିୱେର ଡ୍ରେସ କିଣୁଛନ୍ତି ତେବେ ତାହା କିଛି ଘଣ୍ଟା ପାଇଁ ପିନ୍ଧିବେ। ଆପଣ ସେଇଠି ଭଲ ଡିଜାଇନ୍ ଏବଂ ପ୍ୟାଟର୍ନକୁ ସେତେବେଳେ ଗୁରୁତ୍ୱ ଦେବେ।

–ପିଲାକୁ କେବେ ହେଲେ ଟାଇଟ୍ ଫିଟିଂ ଡ୍ରେସ ପିନ୍ଧାନ୍ତୁନି। ହୋଇପାରେ ଏହି ଡ୍ରେସରେ ପିଲା ସୁନ୍ଦର ଦେଖାଯାଇପାରେ। କିନ୍ତୁ ପିଲା ଯଦି ପିନ୍ଧି ତାକୁ କମ୍ଫର୍ଟେବଲ ଲାଗିଲାନି ତେବେ ତାହା କେବେ ସୁନ୍ଦର ଲାଗିବନି।



# କାଜୁ ପନିର

ଖାଦ୍ୟରୁଚି



**ଆବଶ୍ୟକ ସାମଗ୍ରୀ:** ପନିର ୨୦୦ଗ୍ରାମ୍, ଅଧା ଛୋଟ ଗିନା କାଜୁ ପେଷ୍ଟ, ଦୁଇଟି ପିଆଜ(ମୋଟା ଆକାରରେ କଟା ହୋଇଥିବ),ଏକ ଛୋଟ ଚାମଚ ଅଦା ଓ କଞ୍ଚାଲଙ୍କା ପେଷ୍ଟ, ଅଧା ଛୋଟ ଚାମଚ ରସୁଣ ପେଷ୍ଟ,ଏକ ବଡ଼ ଚାମଚ ଟମାଟୋ ପ୍ୟୁରି, ଏକ ଛୋଟ ଚାମଚ ହଳଦୀ,ଏକ ଛୋଟ ଚାମଚ ଧନିଆ ପାଉଡର, ଏକ ଛୋଟ କାଶ୍ମୀରୀ ମିର୍ଚ୍ଚ ପାଉଡର, ଏକ ବଡ଼ ଚାମଚ କ୍ରିମ୍,ଏକ ଛୋଟ ଚାମଚ ଜିରା, ଏକ ଛୋଟ ଚାମଚ ଗରମମସଲା, ଲୁଣ ସ୍ୱାଦ ଅନୁସାରେ,ଏକ ଛୋଟ ଚାମଚ ଧନିଆପତ୍ର, ଭଜା ହୋଇଥିବା କାଜୁ ୫–୬ଟି।

**ପ୍ରସ୍ତୁତି ପ୍ରଣାଳୀ**

କାଜୁ ପନିର କରିବାକୁ ହେଲେ ପ୍ରଥମେ ପନିରକୁ ଛୋଟ ଛୋଟ ଆକାରରେ କାଟିଦିଅନ୍ତୁ। ମିଡିୟମ୍ ଆଞ୍ଚରେ ତେଲ ଗରମ କରନ୍ତୁ। ତେଲ ଗରମ ହେଲା ପରେ କଟା ପିଆଜକୁ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଯେତେବେଳେ ପିଆଜ ଭାଜି ହୋଇଯିବ ତାକୁ ଏକ ପ୍ଲେଟ୍‌କୁ କାଢ଼ି ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ପିଆଜ ଥଣ୍ଡା ହେଲା ପରେ ତାକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏବେ କରେଇରେ ଜିରା, ପିଆଜ ପେଷ୍ଟ, ଅଦା କଞ୍ଚାଲଙ୍କା ପେଷ୍ଟ ଓ ରସୁଣ ପେଷ୍ଟ ପକାଇ କଷନ୍ତୁ। ମସଲା କଷି ହୋଇଗଲା ପରେ ଟମାଟୋ ପ୍ୟୁରି ପକାନ୍ତୁ। ଟମାଟୋ ପ୍ୟୁରି ଭଲଭାବେ କଷି ହେଲା ପରେ ହଳଦୀ, ଧନିଆ ପାଉଡର, କାଶ୍ମୀରୀ ମିର୍ଚ୍ଚ ଗୁଣ୍ଡ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ମସଲା ଭଲଭାବେ କଷି ହୋଇଗଲା ପରେ ସେଥିରେ କ୍ରିମ୍, କାଜୁ ପେଷ୍ଟ, ଲୁଣ ପକାଇ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ନିର୍ଦ୍ଦିଷ୍ଟ ସମୟ ପରେ ପାଣି ଦେଇ ତାକୁ କିଛି ସମୟ ଫୁଟିବାକୁ ଦିଅନ୍ତୁ। ଏହି ଗ୍ରେଭି ଫୁଟିବା ମାତ୍ରେ କଟା ପନିରକୁ ପକାଇ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଫୁଟାଇ ଚୁଲା ବନ୍ଦ କରିଦିଅନ୍ତୁ। ଆଞ୍ଚ ବନ୍ଦ କରିବା ମାତ୍ରେ ଗରମମସଲା ମିଶାନ୍ତୁ। ଏବେ ଆପଣଙ୍କ କାଜୁ ପନିର ପ୍ରସ୍ତୁତ ହୋଇଗଲା। ପରେ ସେଥିରେ କଟା ଧନିଆପତ୍ର ପକାଇ ତାକୁ ଗାର୍ନିସ କରିସାରିବା ପରେ ପରଷନ୍ତୁ।

ଧରିତ୍ରୀ
DHARITRI
Bhubaneswar, Tuesday, 20 November 2018

| Dollar | Sensex | Nifty | Gold | Silver |
|---|---|---|---|---|
| 71.67 (26) | 35,774.88 (317.72) | 10,763.40 (81.20) | 32,100.00 (₹50) | 38,100.00 (₹50) |



“ବାଣିଜ୍ୟ କ୍ଷେତ୍ରରେ ବିଭିନ୍ନ ପ୍ରାସଙ୍ଗିକତାକୁ ଧ୍ୟାନରେ ରଖି ବିଶ୍ୱ ବାଣିଜ୍ୟ ସଙ୍ଗଠନ ଉଭୟ ନୂଆ ଏବଂ ପୁରୁଣା ପ୍ରସଙ୍ଗକୁ ଆଲୋଚନା ପରିସରଭୁକ୍ତ କରିବା ଆବଶ୍ୟକ।
– ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ



“ଦେଶରେ ସ୍କୁଟରାଇଜେଶନ ଧାରାକୁ ଆଉପାଦେ ଆଗକୁ ନେବାରେ ହୋଣ୍ଡା ପରିବାର ଟାୟର ୨ଓ ୩ ସହରଗୁଡ଼ିକୁ ଅଗ୍ରାଧିକାର ଦେଉଛି।
– ଯଦବିନ୍ଦର ସିଂ ଗୁଲେରିୟା, ହୋଣ୍ଡା ମୋଟର ସାଇକେଲ ଇଣ୍ଡିଆ, ବିକ୍ରି ଓ ମାର୍କେଟିଂ ଉପସଭାପତି



## ସଂକ୍ଷେପରେ

### ଆସିବ ଇଣ୍ଡଷ୍ଟ୍ରିଆଲ ପାର୍କ ରେଟିଂ ସିଷ୍ଟମ

**ନୂଆଦିଲ୍ଲୀ,୧୯-୧୧:** ଦେଶରେ ସ୍ଥାପନ ହୋଇଥିବା ଇଣ୍ଡଷ୍ଟ୍ରିଆଲ ପାର୍କଗୁଡିକର ରେଟିଂ ବ୍ୟବସ୍ଥା କରାଯିବ। ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିବା ଏହାର ଉଦ୍ଦେଶ୍ୟ ବୋଲି ବାଣିଜ୍ୟ ମନ୍ତ୍ରୀ ସୁରେଶ ପ୍ରଭୁ ସୋମବାର କହିଛନ୍ତି। ୪ଟି ମୁଖ୍ୟ ବିନ୍ଦୁ ଯଥା ଆଭ୍ୟନ୍ତରୀଣ ଏବଂ ବାହ୍ୟ ଭିତ୍ତିଭୂମି, ଯୋଗାଯୋଗ, ପରିବେଶ, ସୁରକ୍ଷା ପରିଚାଳନା ଏବଂ ବ୍ୟବସାୟ ସହାୟତା ସେବା ଆଦିକୁ ବିଚାର କରି ରେଟିଂ ଦିଆଯିବ। ଏହାଦ୍ୱାରା ଭିତ୍ତିଭୂମି ନିର୍ମାଣରେ ବ୍ୟାପକ ଉନ୍ନତି ସମ୍ଭବ ହେବ ବୋଲି ସେ କହିଛନ୍ତି। ସୂଚନାଥାଉ କି, ଦେଶରେ ଏବେ ପ୍ରାୟ ୩୦୦୦ରୁ ଊର୍ଦ୍ଧ୍ୱ ଇଣ୍ଡଷ୍ଟ୍ରିଆଲ ପାର୍କ ରହିଛି। ନୂଆ ବ୍ୟବସ୍ଥାରେ ପ୍ରାୟ ୨୦୦ ଏଭଳି ପାର୍କରେ ଥିବା ଜଳ,ପରିମଳ ଓ ଟ୍ରିଟ୍‌ମେଣ୍ଟ ବ୍ୟବସ୍ଥା ସହ ବହୁବିଧ ବ୍ୟବସ୍ଥାର ଯାଞ୍ଚ କରାଯିବ। ଡିପାର୍ଟମେଣ୍ଟ ଅଫ ଇଣ୍ଡଷ୍ଟ୍ରିଆଲ ପଲିସି ଆଣ୍ଡ୍ ପ୍ରମୋଶନ(ଡିଆଇପିପି) ସଚିବ ରମେଶ ଅଭିଷେକ କହିଥିଲେ ଯେ, ଏଭଳି ବ୍ୟବସ୍ଥା ଦ୍ୱାରା ଦେଶରେ ଇଣ୍ଡଷ୍ଟ୍ରିଆଲ ପାର୍କ ସମ୍ପର୍କରେ ଏକ ଡାଟାବେସ୍ ତିଆରି ସମ୍ଭବ ହେବ।

### ୩୦୦୦ କିମି ପ୍ରାଚୀର ନିର୍ମାଣ କରିବ ରେଲୱେ



**ନୂଆଦିଲ୍ଲୀ,୧୯-୧୧:** ପଞ୍ଜାବର ଅମୃତସରରେ ଟ୍ରେନ ଦୁର୍ଘଟଣାରୁ ଶିକ୍ଷା ନେଇଛି ଭାରତୀୟ ରେଲୱେ। ଆବାସିକ ଅଞ୍ଚଳ ଦେଇ ଯାଇଥିବା ରେଳପଥରେ ପ୍ରାୟ ୩୦୦୦ କିମିର ପ୍ରାଚୀର ନିର୍ମାଣ କରାଯିବ ବୋଲି ରେଲୱେ ପକ୍ଷରୁ କୁହାଯାଇଛି। ଏଥିପାଇଁ ପ୍ରାୟ ୨୫୦୦ କୋଟି ଟଙ୍କା ବ୍ୟୟ ହେବ ବୋଲି ଆକଳନ କରାଯାଇଛି। ଆବାସିକ ଅଞ୍ଚଳ ଦେଇ ଯାଇଥିବା ରେଳଲାଇନ ସାଇଡ୍‌ରେ ୨.୭ ମିଟର ଉଚ୍ଚରେ ପ୍ରାଚୀର ନିର୍ମାଣ କରାଯିବ ବୋଲି ରେଲୱେ ବୋର୍ଡ ସଦସ୍ୟ(ଇଞ୍ଜିନିୟରିଂ) ବିଶ୍ୱେଷ ଚୌବେ କହିଛନ୍ତି। ଏହାଦ୍ୱାରା ଆବାସିକ ଅଞ୍ଚଳରେ ରେଳଧାରଣାରେ ଯାତାୟାତକୁ ରୋକାଯାଇପାରିବ। ଘଣ୍ଟାକୁ ୧୬୦କିମି ବେଗରେ ଟ୍ରେନ ଚଳାଚଳ ପାଇଁ ଅନୁମତି ଦେବା ପୂର୍ବରୁ ରେଲୱେ ସୁରକ୍ଷା କମିଶନ ରେଳଧାରଣାର ଉଭୟପଟେ ବାଡ ଦେବା ଅଥବା ପାଚେରି ନିର୍ମାଣ କରିବାକୁ କହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରେଳର ସ୍ପିଡ୍ ବଢ଼ାଇବାକୁ ଚାହୁଁଥିବାରୁ ବାଡ଼ ଦେବା ଅଥବା ପାଚେରି ନିର୍ମାଣ ଅବଶମ୍ଭାବୀ ହୋଇପଡିଛି।

### ଆର୍ଥିକ ଅନିୟମିତତା ଅଭିଯୋଗ
### ନିସାନ ମୋଟର୍ସ ଅଧ୍ୟକ୍ଷ ଗିରଫ



**ଟୋକିଓ,୧୯-୧୧:** ଆର୍ଥିକ ଅନିୟମିତତା ଅଭିଯୋଗରେ ନିସାନ ମୋଟର୍ସ କମ୍ପାନୀର ଅଧ୍ୟକ୍ଷ କାର୍ଲୋସ ଘୋଷନଙ୍କୁ ଏଠାରେ ଗିରଫ କରାଯାଇଛି ବୋଲି ସ୍ଥାନୀୟ ମିଡିଆରେ ରିପୋର୍ଟ ପ୍ରକାଶ ପାଇଛି। ୟୋମିୟୁରୀ ସମ୍ବାଦପତ୍ରର ରିପୋର୍ଟ ଅନୁଯାୟୀ ଘୋଷନ ନିସାନର ଅଧ୍ୟକ୍ଷ ହେବା ସହ ରେନୋ ଏସ୍ଏର ଚିଫ୍ ଏକ୍‌ଜିକ୍ୟୁଟିଭ ଅଫିସର ଦାୟିତ୍ୱରେ ରହିଛନ୍ତି। କମ୍ପାନୀ ପକ୍ଷରୁ ସୋମବାର ଏକ ବିବୃତି ଜାରି କରି କୁହାଯାଇଛି ଯେ, ଘୋଷନ ଏବଂ ଡାଇରେକ୍ଟର ଗ୍ରେଗ୍ କେଲିଙ୍କ ଦ୍ୱାରା ଆର୍ଥିକ ଅନିୟମିତତା ହୋଇଥିବା ନେଇ ଆଭ୍ୟନ୍ତରୀଣ ଯାଞ୍ଚ କରାଯାଉଛି। ଏଥିରୁ ଜଣାପଡିଛି ଯେ, ଉଭୟ ଘୋଷନ ଏବଂ କେଲି ମିଳୁଥିବା କ୍ଷତିପୂରଣ ସମ୍ପର୍କରେ ଷ୍ଟକ ଏକ୍ସଚେଞ୍ଜକୁ କମ୍ ଦର୍ଶାଉଥିଲେ। ଜାପାନ ସରକାରଙ୍କ ଆଇନ ମନ୍ତ୍ରଣାଳୟ ସହ ସହଯୋଗ କରାଯାଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ରେନୋ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ କରାଯାଇନି। ଏହି ସୂଚନା ପ୍ରକାଶ ପରେ ପ୍ୟାରିସ୍‌ରେ ନିସାନ କମ୍ପାନୀର ଶେୟାର ମୂଲ୍ୟ ୧୪% ହ୍ରାସ ପାଇଥିଲା।

### ୯ ଘଣ୍ଟାର ମାରାଥନ ବୈଠକ
# ଶେଷରେ ନରମିଲା ରିଜର୍ଭ ବ୍ୟାଙ୍କ

ନୂଆଦିଲ୍ଲୀ,୧୯-୧୧

- ବଳକା ଅର୍ଥ ସ୍ଥିର କରିବେ ବିଶେଷଜ୍ଞ କମିଟି
- ଡିସେମ୍ବର ୧୪ରେ ପରବର୍ତ୍ତୀ ବୈଠକ
- ୨୫ କୋଟିର ଋଣ ଲାଗି ଆସିବ ନୂଆ ସ୍କିମ୍
- ୮୦୦୦ କୋଟିର ବଣ୍ଡ କିଣିବ ଆର୍‌ବିଆଇ




ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବୋର୍ଡର ବହୁ ପ୍ରତୀକ୍ଷିତ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୧୦ଟାରୁ ଆରମ୍ଭ ହୋଇଥିବା ଏହି ମାରାଥନ ବୈଠକ ଦୀର୍ଘ ୯ ଘଣ୍ଟା ଧରି ଚାଲିଥିଲା। ବ୍ୟାଙ୍କକୁ ପୁଞ୍ଜି ଉପଲବ୍ଧ କରାଇବା, ଏମ୍ଏସ୍ଏମ୍ଇଙ୍କ ଲାଗି ଋଣ ଯୋଗାଣ ନିୟମକୁ କୋହଳ କରିବା ଭଳି ଏକାଧିକ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ସହ ଚାଲିଥିବା ମତଭେଦକୁ ନେଇ ବୈଠକରେ ଆଲୋଚନା ହୋଇଥିଲା। ଶେଷରେ ସରକାରଙ୍କ ଚାପ ଆଗରେ ମୁଣ୍ଡ ନୁଆଇ କେନ୍ଦ୍ରୀୟ ବ୍ୟାଙ୍କ ଇକୋନୋମିକ କ୍ୟାପିଟାଲ ଫ୍ରେମୱାର୍କ(ପୁଞ୍ଜି ଢ଼ାଞ୍ଚା ରୂପରେଖ ବା ଇସିଏଫ୍) ପାଇଁ ବିଶେଷଜ୍ଞ କମିଟି ଗଠନ କରିବାକୁ ରାଜି ହୋଇଛି। ପରୋକ୍ଷରେ କହିବାକୁ ଗଲେ ରିଜର୍ଭ ବ୍ୟାଙ୍କ ନିଜ ପାଖରେ କେତେ ଅର୍ଥ ରଖିପାରିବେ ସେନେଇ ବିଶେଷଜ୍ଞ କମିଟି ସ୍ଥିର କରିବେ। ଏହି କମିଟି କେନ୍ଦ୍ର ସରକାରଙ୍କ ସହ ତାଳମେଳ ରଖି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ ଏବଂ ରିଜର୍ଭ ବ୍ୟାଙ୍କକୁ ବଳକା ଟଙ୍କା ରଖିବା ନେଇ ପରାମର୍ଶ ଦେବେ। ଉଭୟ କେନ୍ଦ୍ର ସରକାର ଓ ରିଜର୍ଭ ବ୍ୟାଙ୍କ ପରାମର୍ଶରେ ଏହି କମିଟି ଗଠନ କରାଯିବ। ସୂଚନାଥାଉ କି, ବଳକା ଅର୍ଥକୁ ନେଇ କେନ୍ଦ୍ର ସରକାର ଓ ଆର୍‌ବିଆଇ ମଧ୍ୟରେ ମତଭେଦ ସୃଷ୍ଟି ହୋଇଥିଲା। ରିଜର୍ଭ ବ୍ୟାଙ୍କ ଆବଶ୍ୟକତାଠାରୁ ଅଧିକ ଅର୍ଥ ନିଜ ପାଖରେ ରଖିଛି। ଏହାକୁ ଅର୍ଥନୀତି ସଜାଡିବାରେ ବ୍ୟବହାର କରାଯାଇପାରିବ ବୋଲି ସରକାର ଯୁକ୍ତି ଦର୍ଶାଇଆସୁଥିଲେ। ଏହାବ୍ୟତୀତ ଆର୍‌ବିଆଇ ଏମ୍ଏସ୍ଏମ୍ଇ ଉଦ୍ୟୋଗକୁ ଆଶ୍ୱସ୍ତ କରିବା ଉଦ୍ଦେଶ୍ୟରେ ଏକ ନୂଆ ଫର୍ମୁଲା ଉପସ୍ଥାପନ କରନ୍ତୁ ବୋଲି ବୋର୍ଡ ପକ୍ଷରୁ ଆର୍‌ବିଆଇକୁ ପରାମର୍ଶ ଦିଆଯାଇଛି। ଏହା ଅଧୀନରେ ଏମ୍ଏସ୍ଏମ୍ଇ ସେକ୍ଟର ଲାଗି ରିଜର୍ଭ ବ୍ୟାଙ୍କ ୨୫ କୋଟି ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନର ନୂଆ ସ୍କିମ୍ ଆଣିବାକୁ ବୋର୍ଡ କହିଛି। ଦିନସାରା ଚାଲିଥିବା ଏହି ବୈଠକ ପରେ କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏକ ପ୍ରେସ ରିଲିଜ ପ୍ରକାଶ କରାଯାଇଥିଲା। ନଭେମ୍ବରରେ ଏହା ଖୋଲା ବଜାର ଜରିଆରେ ୮୦ ବିଲିୟନ(୮୦୦୦ କୋଟି) ଟଙ୍କାର ଗଭର୍ନମେଣ୍ଟ ସିକ୍ୟୁରିଟି ବଣ୍ଡ୍ କିଣାଯିବ ବୋଲି ଆର୍‌ବିଆଇ କହିଛି। ଏହି ନିଷ୍ପତ୍ତି ଯୋଗୁ ଦେଶରେ ଏନ୍‌ବିଏଫ୍‌ସି(ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା)ଙ୍କ ନଗଦ ସଙ୍କଟ ଦୂର ହୋଇପାରିବ ଓ ଦେଶରେ କାରବାର ଦ୍ରୁତତର ହେବ। କାରଣ ଏହାଦ୍ୱାରା ଉଦ୍ୟୋଗ ଜଗତକୁ ଅଧିକ ଋଣ ମିଳିବ। ସେହିପରି ରିଜର୍ଭ ବ୍ୟାଙ୍କ ବୋର୍ଡ କିଛି ପ୍ରସଙ୍ଗରେ ସହମତି ପ୍ରକାଶ କରିଛନ୍ତି। ବୈଠକରେ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ମନୋନୀତ ତଥା ଏବଂ କିଛି ସ୍ୱାଧୀନ ନିର୍ଦ୍ଦେଶକ ଗଭର୍ନର ଉର୍ଜିତ ପଟେଲ ଓ ତାଙ୍କ ଟିମ୍ ନିକଟରେ ଏମ୍ଏସ୍ଏମ୍ଇକୁ ଋଣ ପ୍ରଦାନ ସଂକ୍ରାନ୍ତରେ ଉପଲବ୍ଧ ପାଣ୍ଠିର ବ୍ୟବହାର ନେଇ ଯୁକ୍ତି ଉପସ୍ଥାପନ କରିଥିଲେ। ଏଥିସହିତ ଅର୍ଥନୀତିରେ କ୍ୟାପିଟାଲ ଫ୍ରେମୱାର୍କ ନେଇ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ଉର୍ଜିତ ଇସ୍ତଫା ଚାପକୁ ପ୍ରତିହତ କରି କେନ୍ଦ୍ରୀୟ ବ୍ୟାଙ୍କର ନୀତିକୁ ଦୃଢ଼ତାର ସହ ଉପସ୍ଥାପନ କରିଥିଲେ। ବୈଠକରେ ଏନପିଏକୁ ନେଇ ଆର୍‌ବିଆଇ ନିଜର କଡ଼ା ଆଭିମୁଖ୍ୟକୁ ସମର୍ଥନ କରିଥିଲେ। ବୈଠକରେ ବ୍ୟାଙ୍କଗୁଡିକ ପାଇଁ ଋଣ ନିୟମକୁ କୋହଳ କରିବା ନେଇ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ପ୍ରମ୍ପଟ କରେକ୍ଟିଭ ଆକ୍ସନ ବା ତ୍ୱରିତ୍ ସୁଧାର ପଦକ୍ଷେପ(ପିସିଏ) ସମ୍ପର୍କରେ ରିଜର୍ଭ ବ୍ୟାଙ୍କର ଆର୍ଥିକ ନିରୀକ୍ଷଣ ବୋର୍ଡ ନିଷ୍ପତ୍ତି ନେବେ ବୋଲି ସ୍ଥିର ହୋଇଛି। ଉଲ୍ଲେଖଥାଉ କି, ୨୧ ମଧ୍ୟରୁ ୧୧ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏବେ ପିସିଏ ଅଧୀନରେ ରହିଛନ୍ତି। ଫଳରେ ଋଣ ଦେବା ନେଇ ସେମାନଙ୍କ ଉପରେ କଡ଼ା ସର୍ତ୍ତ ଲାଗୁ କରାଯାଇଛି। ସେମାନେ ହେଲେ ଆଲ୍ଲାହାବାଦ୍ ବ୍ୟାଙ୍କ, ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ, କର୍ପୋରେଶନ ବ୍ୟାଙ୍କ, ଆଇଡିବିଆଇ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ, ଦେନା ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର। ଡିସେମ୍ବର ୧୪ରେ ବୋର୍ଡର ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ ଏମ୍ଏସ୍ଏମ୍ଇ ଉଦ୍ୟୋଗ ପାଇଁ ଅନ୍ୟ ନିଷ୍ପତ୍ତି ନିଆଯିବ ବୋଲି ସ୍ଥିର ହୋଇଛି।

### ଶିଳ୍ପ ଜଗତକୁ ଜେଟ୍‌ଲୀଙ୍କ ଭରସା
## ନିର୍ବାଚନ ଯୋଗୁ ଅଟକିବନି ଆର୍ଥିକ ନିଷ୍ପତ୍ତି

ମୁମ୍ବାଇ,୧୯-୧୧

ନିର୍ବାଚନ ବର୍ଷରେ ଦେଶରେ ଆର୍ଥିକ ନିଷ୍ପତ୍ତି ନିଆଯାଏ ନାହିଁ। ଚଳିତ ଥର ଏହା ହେବ ନାହିଁ। କେନ୍ଦ୍ର ସରକାର ଲୋକ ସଭା ନିର୍ବାଚନ ବର୍ଷରେ ସମସ୍ତ ପ୍ରକାର ଆର୍ଥିକ ନିଷ୍ପତ୍ତି ନେବା ଜାରି ରଖିବେ ବୋଲି କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ସ୍ପଷ୍ଟ କରିଛନ୍ତି। ଏଭଳି ମନ୍ତବ୍ୟ ଦେଇ ସେ ଉଦ୍ୟୋଗ ଜଗତ ସମେତ ସମସ୍ତ ମନ୍ତ୍ରଣାଳୟକୁ ଚେତାଇ ଦେବାକୁ ଚେଷ୍ଟା କରିଛନ୍ତି। ଇକୋନୋମିକ ଟାଇମ୍ସ ଆୱାର୍ଡ୍ସ ଫର୍ କର୍ପୋରେଟ ଏକ୍ସିଲେନ୍ସ କାର୍ଯ୍ୟକ୍ରମରେ ଯୋଗ ଦେଇ ଜେଟ୍‌ଲୀ କହିଛନ୍ତି ଯେ, ନିଷ୍ପତ୍ତି ନେବାର କଳା ଜାଣିଥିବା ବ୍ୟକ୍ତିଙ୍କୁ ହିଁ ନେତା କୁହାଯାଏ। ନେତୃତ୍ୱ ନେବା ଏକ କଳା। ସହମତ ନ ହେଲେ ନିଷ୍ପତ୍ତି ସ୍ଥଗିତ ରଖାଯାଏ ନାହିଁ। ବିରୋଧାଭାସ ମଧ୍ୟରେ ଅର୍ଥନୀତି କିପରି ଆଗେଇ ଚାଲିଛି ତା’ର ଶକ୍ତି ପରୀକ୍ଷା କରାଯାଏ। ୨୦୧୯ରେ ରାଜନୈତିକ ଦଳଗୁଡିକ ନିର୍ବାଚନରେ ପଦାର୍ପଣ କରିବାକୁ ଯାଉଥିବା ବେଳେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ପାଇଁ ବିକାଶ ହିଁ ଏକମାତ୍ର ସ୍ଲୋଗାନ ହେବ ବୋଲି କହିଛନ୍ତି।

## ଜାମ୍‌ନଗର ପ୍ଲାଣ୍ଟର ସମ୍ପ୍ରସାରଣ କରିବ ରିଲାଏନ୍ସ

ନୂଆଦିଲ୍ଲୀ,୧୯-୧୧

ଦେଶର ସର୍ବବୃହତ ତୈଳ ରିଫାଇନେରୀ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ ଏହାର ଜାମନଗର ପ୍ଲାଣ୍ଟର ସମ୍ପ୍ରସାରଣ କରିବାକୁ ଯାଉଛି। ନିର୍ମାଣ ଶେଷ ପରେ ଏହି ପ୍ଲାଣ୍ଟର ବାର୍ଷିକ ରିଫାଇନିଂ କ୍ଷମତା ୩ କୋଟି ଟନ ହୋଇଯିବ। କମ୍ପାନୀ ତେଲ ଉପଭୋକ୍ତା ଦେଶଗୁଡିକ ମଧ୍ୟରେ ନିଜର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବାକୁ ଚାହୁଁଛି। ଅନ୍ତଃରାଷ୍ଟ୍ରୀୟ ଶକ୍ତି ଏଜେନ୍ସିର ଆକଳନ ଅନୁଯାୟୀ ୨୦୪୦ ସୁଦ୍ଧା ଭାରତର ଇନ୍ଧନ ଚାହିଦା ଦୁଇଗୁଣାରୁ ଅଧିକ ହୋଇଯିବ। ରିଲାଏନ୍ସ ଏହି ପ୍ରକଳ୍ପରେ ପ୍ରାୟ ୧୦ ବିଲିୟନ ଡଲାର ଖର୍ଚ୍ଚ କରିବ। ୨୦୨୦ ସୁଦ୍ଧା ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯିବ। ଖୁବଶୀଘ୍ର ଏ ସମ୍ପର୍କରେ କମ୍ପାନୀ ନିଷ୍ପତ୍ତି ନେବ।

## ‘ରାଡ଼ୋ’ ଆଣିଲା ନୂଆ କଲେକ୍ସନ




ଭୁବନେଶ୍ୱର,୧୯-୧୧

ସ୍ୱିସ ୱାଚ୍ ବ୍ରାଣ୍ଡ ‘ରାଡ଼ୋ’ ବଜାରକୁ ନୂଆ ୨୦୧୮ ୱେଡିଂ କଲେକ୍ସନ ଆଣିଛି। ସ୍ଥାନୀୟ ଏସ୍‌ପ୍ଲାନେଡ୍ ୱାନ୍ ମଲ୍‌ସ୍ଥିତ କମଲ୍ ୱାଚ ଷ୍ଟୋରରେ ରାଡ଼ୋର ବ୍ରାଣ୍ଡ ଆମ୍ବାସାଡର ତଥା ଅଭିନେତ୍ରୀ ଲିସା ରାଏ ଏହାର ଉନ୍ମୋଚନ କରିଥିଲେ। ନୂଆ କଲେକ୍ସନରେ ରାଡ଼ୋର ପ୍ରମୁଖ ହାଇପର କ୍ରୋମ, ଡାଇ ମାଷ୍ଟର, ଟ୍ରୁ ଥିନଲାଇନ୍ ଭଳି ପ୍ରମୁଖ ବୈଶିଷ୍ଟ୍ୟ ରହିଛି। ଏହା ଲାଇଟ ଏବଂ ଡ୍ୟୁରେବଲ ସୁବିଧା ସହ ଆସୁଛି। ସେହିଭଳି ଆକର୍ଷଣୀୟ ଡିଜାଇନ ଗ୍ରାହକ ଏଥିରେ ଲାଭ କରିପାରିବେ। ନୂଆ କଲେକ୍ସନ ହାଇଟେକ୍ ସେରାମିକ ବେଲ୍ଟ ସହ ଆସୁଛି ଯାହା ସମ୍ପୂର୍ଣ୍ଣ ପ୍ୟାକେଜ୍ ଏବଂ ଆରାମର ପ୍ରତିଶ୍ରୁତି ପ୍ରଦାନ କରୁଛି। ନୂଆ କଲେକ୍ସନ ବଜାର ପ୍ରବେଶ କରାଇ ଖୁସି ବୋଲି ଲିସା କହିଛନ୍ତି। ଏହା ବିବାହ ସମେତ ବିଭିନ୍ନ ପର୍ବପର୍ବାଣିରେ ଷ୍ଟାଇଲର ଏକ ସ୍ୱରୂପ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି। ନୂଆ କଲେକ୍ସନ ଶୁଭାରମ୍ଭ ଅବସରରେ କଲମୱାଚ୍ ପ୍ରାଇଭେଟ ଲିମିଟେଡର ସ୍ୱତ୍ୱାଧିକାରୀ ନୀରଜ ତୋଲତା ଉପସ୍ଥିତ ଥିଲେ।

## ଇ-ୱେ ବିଲ୍‌କୁ ଫାଷ୍ଟଟାଗ୍ ସହ ଯୋଡାଯିବ

ନୂଆଦିଲ୍ଲୀ,୧୯-୧୧

କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅଧୀନସ୍ଥ ରାଜସ୍ୱ ବିଭାଗ ପକ୍ଷରୁ ଇ-ୱେ ବିଲ୍‌କୁ ଭାରତୀୟ ରାଜପଥ ପ୍ରାଧିକରଣର ଫାଷ୍ଟଟାଗ ପ୍ରଣାଳୀ ଓ ଡିଏମ୍ଆଇସିଡିସିର ଲଜିଷ୍ଟିକ୍ସ ଡାଟା ବ୍ୟାଙ୍କ (ଏଲ୍‌ଡିବି) ସର୍ଭିସେସ୍ ସହ ଯୋଡିବାକୁ ଏକ ଯୋଜନା ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ଜିଏସ୍‌ଟି ଫାଙ୍କିକୁ ରୋକିବା ସହିତ ମାଲ୍ ପରିବହନକୁ ଆହୁରି ସୁବିଧାଜନକ କରାଯିବ। ଅଧିକାରୀଙ୍କ କହିବାନୁଯାୟୀ ଏହି ଯୋଜନାକୁ ସାରା ଦେଶରେ ଲାଗୁ କରାଯାଇ ମାଲ୍ ପରିବହନକୁ ଦ୍ରୁତତର କରାଯିବ। ଏହାଦ୍ୱାରା ଏହି କ୍ଷେତ୍ରରେ ବ୍ୟବସାୟ ବୃଦ୍ଧି ପାଇବ। ବର୍ତ୍ତମାନ ଏହାକୁ ସ୍ୱତନ୍ତ୍ର ଏଜେନ୍ସି ଦ୍ୱାରା କରାଯାଉଛି। ଏମାନଙ୍କ ମଧ୍ୟରେ ତାଳମେଳର ଅଭାବ ଯୋଗୁ ବ୍ୟବସାୟୀ ଟିକସ ଫାଙ୍କିବାକୁ ସୁବିଧା ପାଉଛନ୍ତି। ଏହାଦ୍ୱାରା ବ୍ୟବସାୟ ସୁଗମତା ପ୍ରଭାବିତ ହେଉଛି। ଫଳରେ କମ୍ପାନୀଙ୍କ ଲଜିଷ୍ଟିକ୍ ବାବଦ ଖର୍ଚ୍ଚ ବଢୁଛି। ଏହି ଯୋଜନା ପ୍ରସ୍ତୁତ ହୋଇସାରିଛି। ଏହା ଲାଗୁ ହେବା ପରେ ଜିଏସ୍‌ଟି ଫାଙ୍କିକୁ ଅନେକାଂଶରେ ରୋକାଯାଇପାରିବ। ସୂଚନାଥାଉ କି, ଚଳିତ ବର୍ଷ ଏପ୍ରିଲରୁ ଇ-ୱେ ବିଲ୍‌କୁ ସାରା ଦେଶରେ ପର୍ଯ୍ୟାୟକ୍ରମେ ଲାଗୁ କରାଯାଇଛି।

No. 55-N

ଓଡ଼ିଶା ସରକାର
ଉଚ୍ଚଶିକ୍ଷା ବିଭାଗ

ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି ୨୦୧୮-୧୯ ପାଇଁ ଆବେଦନ ଓ ବୈଧିକରଣ ନିମନ୍ତେ ସମୟ ବୃଦ୍ଧି

ଏତଦ୍ୱାରା ରାଜ୍ୟର ସମସ୍ତ +୩ କଳା ଓଡ଼ିଆ (ସମ୍ମାନ) ଏବଂ ସ୍ନାତକୋତ୍ତର (ଓଡ଼ିଆ) ଛାତ୍ରଛାତ୍ରୀମାନଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଛି କି, ‘ବ୍ୟାସକବି ଫକୀର ମୋହନ ଭାଷାବୃତ୍ତି’ ପାଇଁ ଅନ୍‌ଲାଇନ ମାଧ୍ୟମରେ ସାନି ଦରଖାସ୍ତ କରିବାର ଶେଷ ସମୟ ସୀମା ତା୧୫।୧୨।୨୦୧୮ରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ସମୟସୀମା ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ।

ତେଣୁ ଉପରୋକ୍ତ ସମୟ ସୀମା ମଧ୍ୟରେ ଇଚ୍ଛୁକ ଛାତ୍ରଛାତ୍ରୀ ଆବେଦନ କରିବା ସହ ଏହାର ସୁଯୋଗ ନେବାକୁ ଅନୁରୋଧ।

ସେହିପରି ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ମୁଖ୍ୟ / ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଜଣାଇ ଦିଆଯାଇଛି କି, ଏହି ବୃତ୍ତି ପାଇଁ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନପତ୍ର ଓ ଦରକାରୀ ପ୍ରମାଣପତ୍ର ଯଥା: ମାର୍କସିଟ୍‌ର ନକଲ ଏବଂ ସଞ୍ଚୟ ବ୍ୟାଙ୍କ ଖାତା ସମ୍ବନ୍ଧୀୟ ସମସ୍ତ ତଥ୍ୟର ସଠିକତାକୁ ଯାଞ୍ଚ କରି ବୈଧିକରଣ କରିବେ।

ସମ୍ପୃକ୍ତ ଅନୁଷ୍ଠାନର ଅଧ୍ୟକ୍ଷ e-Spaceରେ ନିଜର User ID & Password ବ୍ୟବହାର କରି ଛାତ୍ରଛାତ୍ରୀଙ୍କ ତଥ୍ୟ ତା୩୧।୧୨।୨୦୧୮ରିଖ ସୁଦ୍ଧା ବୈଧିକରଣ କରିପାରିବେ।

ବି.ଦ୍ର.: ଅନ୍‌ଲାଇନ୍ ଦରଖାସ୍ତ ପୂରଣ କରିବାର ସବିଶେଷ ବିବରଣୀ / ନିୟମାବଳୀ www.dheodisha.gov.in/emedha/indexvkfm.aspxରେ ଛାତ୍ର ଏବଂ ଅନୁଷ୍ଠାନଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଛି।

ସ୍ୱା./-
ଅତିରିକ୍ତ ଶାସନ ସଚିବ

11001/11/0046/1819

ପ୍ରୋ ଭଲିବଲ ଲିଗ୍ ଆରମ୍ଭ ହେଲେ ଘରୋଇ ଖେଳାଳିମାନେ ବିଦେଶୀ ଖେଳାଳିଙ୍କ ସହ ଖେଳିବାର ସୁଯୋଗ ପାଇବେ ।
–ମୋହନ ଉକ୍ରାପାଣ୍ଡିଆନ
ଭାରତୀୟ ଭଲିବଲ୍ ଅଧିନାୟକ



ଭାରତରେ ଫର୍ମୁଲା ୱାନ ଭଳି ବଡ଼ ମୋଟର ସ୍ପୋର୍ଟ୍ସ ଇଭେଣ୍ଟ ଆୟୋଜନ କରିବାର ସମୟ ଉପନୀତ ହୋଇଛି ।
–ରଘୁପତି ସିଂଘାଣିଆ
ଜେକେ ଟାୟାର ପରିଚାଳନା ନିର୍ଦ୍ଦେଶକ



## ସଂକ୍ଷେପରେ

### ବିଜୟ୍ ମର୍ଚ୍ଚାଣ୍ଟ ଟ୍ରଫି: ବିଜୟ୍ ଲକ୍ଷ୍ୟରେ ଓଡ଼ିଶା

**କଟକ ଅଫିସ,୧୯।୧୧:** ଅଗରତାଲାର ପୋଲିସ ଟ୍ରେନିଂ ଏକାଡେମୀ ଗ୍ରାଉଣ୍ଡରେ ଚାଲିଥିବା ୧୬ବର୍ଷରୁ କମ୍ ବିଜୟ୍ ମର୍ଚ୍ଚାଣ୍ଟ ଟ୍ରଫି ଓଡ଼ିଶା-ତ୍ରିପୁରା ମ୍ୟାଚର ଦ୍ୱିତୀୟ ଦିବସ ଖେଳ ଶେଷ ହୋଇଛି । ମ୍ୟାଚ୍‌ରେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ଅଗ୍ରଣୀ ହାସଲ କରିବା ସହ ମଙ୍ଗଳବାର ତଥା ଅନ୍ତିମ ଦିବସରେ ବିଜୟୀ ହେବାର ଆଶା ରହିଛି । ତ୍ରିପୁରାର ପ୍ରଥମ ଇନିଂସ୍ ୧୨୮ରନ୍ ଜବାବରେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ସମସ୍ତ ଉଇକେଟ ହରାଇ ୨୩୦ରନ୍ ସଂଗ୍ରହ କରିଛି । ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଓଡ଼ିଶା ୩ ଉଇକେଟ ହରାଇ ୯୧ରନ୍ କରିଥିଲା । ତେବେ ରବିବାର ୮ରନ୍‌ରେ ଅପରାଜିତ ଥିବା ବିଭାଂଶୁ ଦ୍ୱିତୀୟ ଦିବସରେ ୧୧୧ରନ୍‌ର ଶତକୀୟ ଇନିଂସ୍ ଖେଳି ଦଳକୁ ୨୦୦ରନ୍ ଅତିକ୍ରମ କରାଇଥିଲେ । ତ୍ରିପୁରା ପକ୍ଷରୁ ରାହୁଲ ଘୋଷ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ । ଅନ୍ୟପକ୍ଷରେ ତ୍ରିପୁରା ଦ୍ୱିତୀୟ ଇନିଂସ୍ ବ୍ୟାଟିଂ ଆରମ୍ଭ କରି ୫ ଉଇକେଟ ବିନିମୟରେ ୬୧ରନ କରିଛି । ତ୍ରିପୁରା ୪୧ରନ୍‌ରେ ପଛୁଆ ରହିଛି । ଓଡ଼ିଶା ପକ୍ଷରୁ ସୂର୍ଯ୍ୟ ମହାପାତ୍ର, ରମେଶ ମେଲକା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି । ମଙ୍ଗଳବାର ତ୍ରିପୁରାର ବଳକା ୫ ଉଇକେଟ ଖୁବଶୀଘ୍ର ଦଖଲ କରି ଓଡ଼ିଶା ବିଜୟ୍ ପଏଣ୍ଟ ହାତେଇବାକୁ ଚେଷ୍ଟା କରିବ ।

### ଧୋନୀଙ୍କ ସହ ମିଶି ସାକ୍ଷୀଙ୍କ ଜନ୍ମଦିନ ପାଳିଲେ ପାଣ୍ଡ୍ୟା



**ମୁମ୍ବାଇ, ୧୯।୧୧:** ଭାରତୀୟ କ୍ରିକେଟ ଦଳର ବରିଷ୍ଠ ଖେଳାଳି ମହେନ୍ଦ୍ର ସିଂ ଧୋନୀ ଝିଅ ଜିଭା ସହ ମିଶି ସ୍ତ୍ରୀ ସାକ୍ଷୀଙ୍କ ୨୯ତମ ଜନ୍ମଦିନକୁ ରବିବାର ରାତିରେ ସ୍ଥାନୀୟ ଏକ ହୋଟେଲରେ ଧୁମ୍‌ଧାମରେ ପାଳନ କରିଛନ୍ତି। ସାକ୍ଷୀଙ୍କ ଏହି ଜନ୍ମଦିନ ପାର୍ଟିରେ ଭାରତୀୟ କ୍ରିକେଟ ଦଳର ଏକମାତ୍ର ସଦସ୍ୟଭାବେ ଷ୍ଟାର୍ ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଯୋଗ ଦେଇଥିଲେ। ଭାରତୀୟ ଦଳ ବର୍ତ୍ତମାନ ପୂର୍ଣ୍ଣକାଳୀନ ଦ୍ୱିପାକ୍ଷିକ ସିରିଜ ଖେଳିବା ଲାଗି ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବାବେଳେ ଧୋନୀ ଓ ପାଣ୍ଡ୍ୟା କିନ୍ତୁ ଏଠାରେ ବେଶ୍ ମସ୍ତି କରୁଥିବାରୁ ଦେଖିବାକୁ ମିଳିଛି। ଆହତ ଲାଗି ପାଣ୍ଡ୍ୟା ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ସିରିଜରୁ ବାଦ୍ ପଡ଼ିଥିବାବେଳେ ଧୋନୀଙ୍କୁ ଏହି ସିରିଜ ଲାଗି ଚୟନ କରାଯାଇନାହିଁ। ତେଣୁ ଜାତୀୟ ଡ୍ୟୁଟିରୁ ବ୍ରେକ୍ ପାଇଥିବା ଉଭୟ ପାଣ୍ଡ୍ୟା ଓ ଧୋନୀ ଏକାଠି ମଉଜ କରୁଥିବାର ଅନେକ ଫଟୋ ଏବେ ସୋସିଆଲ ମିଡିଆରେ ଘୂରିବୁଲୁଛି। ଧୋନୀଙ୍କ ଝିଅ ଜିଭା ଏହି ପାର୍ଟିରେ ଆକର୍ଷଣର କେନ୍ଦ୍ର ବିନ୍ଦୁ ରହିଥିଲେ। ପ୍ଲେବ୍ୟାକ୍ ସିଙ୍ଗର୍ ରାହୁଲ ବିଦ୍ୟା ବଲିଉଡ୍‌ର କିଛି ହିଟ୍ ଗୀତ ଗାଇ ଉପସ୍ଥିତ ଅତିଥିଙ୍କ ମନୋରଞ୍ଜନ କରିଥିଲେ।

### କୁଚ୍ ବିହାର ଟ୍ରଫି: ଓଡ଼ିଶା ୨୯୦/୫

**କଟକ ଅଫିସ,୧୯।୧୧:** ଗୋଆର ମାରଗାଓ କ୍ରିକେଟ କ୍ଲବ ଗ୍ରାଉଣ୍ଡରେ ୧୯ବର୍ଷରୁ କମ୍ କୁଚବିହାର ଟ୍ରଫି ଓଡ଼ିଶା-ଗୋଆ ମ୍ୟାଚ୍ ସୋମବାରଠାରୁ ଆରମ୍ଭ ହୋଇଛି । ଟସ୍ ଜିତି ଗୋଆ ଫିଲ୍ଡିଂ ନିଷ୍ପତ୍ତି ନେଇଥିବା ବେଳେ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଓଡ଼ିଶା ୫ ଉଇକେଟ ବିନିମୟରେ ୨୯୦ରନ୍ କରିଛି । ଅନିଲ ପରିଡ଼ା ୭୪ରନ୍‌ରେ ଅପରାଜିତ ଅଛନ୍ତି । ତେବେ ମଙ୍ଗଳବାର ପ୍ରଥମ ଇନିଂସ୍‌ରେ ଓଡ଼ିଶା ବୃହତରନ୍ ସଂଗ୍ରହ କରିବାକୁ ଚେଷ୍ଟା କରିବ । ଓଡ଼ିଶା ପକ୍ଷରୁ ସ୍ୱସ୍ତିକ ସାମଲ ୫୫ରନ୍, ଅଧିନାୟକ ରଘୁନାଥ ମଲ୍ଲ ୭୩ରନ୍‌ର ଅର୍ଦ୍ଧଶତକୀୟ ଇନିଂସ୍ ମଧ ଖେଳିଥିଲେ । ଶୁଭମ ଶତ୍ରୁଜିତ ୨୬ରନ୍, ଆୟୁଷ ନାୟକ ୨୨ରନ୍, ଶଶାଙ୍ଗ ରୁଙ୍ଗଟା ୨୪ରନ କରିଛନ୍ତି । ଗୋଆ ପକ୍ଷରୁ ରୁତୁଭିକ୍ ନାୟକ ଓ ଏସ୍.ଏ ମିଶ୍ର ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ ।



ସର୍ବଭାରତୀୟ ପୋଲିସ ଜୁଡ଼ୋ କ୍ଲଷ୍ଟର ପ୍ରତିଯୋଗିତାର ୪ଟି ବିଭାଗରେ ଟାଇଟଲ୍ ଜିତିଥିବା ସଶସ୍ତ୍ର ସୀମା ବଳ ଦଳର ଖେଳାଳିମାନେ ଅତିଥିଙ୍କ ସହ।

■ ସର୍ବଭାରତୀୟ୍ ପୋଲିସ ଜୁଡ଼ୋ କ୍ଲଷ୍ଟର ଉଦ୍‌ଯାପିତ

# ୪ ବର୍ଗରେ ଏସ୍ଏସ୍‌ବିକୁ ଟାଇଟଲ

**କଟକ ଅଫିସ, ୧୯।୧୧**

ଓଡ଼ିଶା ପୋଲିସ ଆନୁକୂଲ୍ୟରେ ଅନୁଷ୍ଠିତ ୩ୟ ସର୍ବଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ଚାମ୍ପିୟନଶିପ ସ୍ଥାନୀୟ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ସୋମବାର ଉଦ୍‌ଯାପିତ ହୋଇଛି । ପ୍ରତିଯୋଗିତାରେ ସଶସ୍ତ୍ର ସୀମା ବଳ (ଏସ୍ଏସ୍‌ବି) ଦଳଗତ ଭାବେ ସର୍ବାଧିକ ୪ଟି ଟାଇଟଲ ହାସଲ କରିଛି । ଉଷୁ ଓ ଟାଏକୋଣ୍ଡୋର ଉଭୟ ପୁରୁଷ, ମହିଳା ବର୍ଗରେ ଏସ୍ଏସ୍‌ବି ଦଳ ଚାମ୍ପିୟନ ହୋଇ ଏହି ରେକର୍ଡ ସୃଷ୍ଟି କରିଛି । ଅନ୍ୟପକ୍ଷରେ ଚାମ୍ପିୟନଶିପ୍‌ରେ ଆୟୋଜକ ଓଡ଼ିଶା ଦଳକୁ ମୋଟ୍ ୫ଟି ପଦକ ମିଳିଛି । ଜିମ୍ନାଷ୍ଟିକ୍‌ରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ସମେତ, ଉଷୁରେ ୨ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ଓଡ଼ିଶା ପୋଲିସ ଖେଳାଳି ଜିତିଛନ୍ତି । ଉଷୁ ପୁରୁଷ ବର୍ଗରେ ଏସ୍ଏସ୍‌ବି ଚାମ୍ପିୟନ ହୋଇଥିବା ବେଳେ ସିଆର୍‌ପିଏଫ୍ ରନର୍ସଅପ, ଉଷୁ ମହିଳା ବର୍ଗରେ ଏସ୍ଏସ୍‌ବି ଚାମ୍ପିୟନ, ରାଜସ୍ଥାନ ରନର୍ସଅପ ହୋଇଛି । ଟାଏକୋଣ୍ଡୋ ଇଭେଣ୍ଟର ଉଭୟ ପୁରୁଷ ଓ ମହିଳା ବର୍ଗର ଚାମ୍ପିୟନ ଟାଇଟଲ ଏସ୍ଏସ୍‌ବି ହାସଲ କରିଥିବା ବେଳେ ଉଭୟ ବର୍ଗର ରନର୍ସଅପ ହୋଇଛି ସିଆରପିଏଫ୍ । ଜୁଡ଼ୋ ପୁରୁଷ ବର୍ଗରେ ପଞ୍ଜାବ ଚାମ୍ପିୟନ, ଏସ୍ଏସବି ରନର୍ସଅପ, ଜୁଡ଼ୋ ମହିଳା ବର୍ଗରେ ସିଆରପିଏଫ୍ ଚାମ୍ପିୟନ, ଏସ୍ଏସ୍‌ବି ରନର୍ସଅପ ହୋଇଛି । ଜିମ୍ନାଷ୍ଟିକ୍ ପୁରୁଷ ବର୍ଗରେ ଚାମ୍ପିୟନ ହୋଇଛି ସିଆଇଏସ୍ଏଫ୍ । ଏହି ଇଭେଣ୍ଟରେ ପିଏସ୍ଏଫ୍ ଓ ପଞ୍ଜାବ ଯୁଗ୍ମ ରନର୍ସଅପ ହୋଇଥିବା ବେଳେ ଏସ୍ଏସ୍‌ବି ଓ ସିଆରପିଏଫ୍ ଯୁଗ୍ମ ୩ୟ ସ୍ଥାନରେ ରହିଛନ୍ତି । ସିଆଇଏସ୍ଏଫ୍‌ର ଅନୁଜ ରଥୀ ଶ୍ରେଷ୍ଠ ଜିମ୍ନାଷ୍ଟିକ ଭାବେ ପୁରସ୍କୃତ ହୋଇଥିଲେ । ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥାର ସ୍ୱତନ୍ତ୍ର ନିର୍ଦ୍ଦେଶକ ଅରବିନ୍ଦ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବର୍ଣ୍ଣାଢ଼୍ୟ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ଓଡ଼ିଶାରେ କ୍ରୀଡ଼ାର ଭିତ୍ତିଭୂମି ସମ୍ପର୍କରେ ଅରବିନ୍ଦ ପ୍ରଶଂସା କରିବା ସହ ଆଗାମୀ ଦିନରେ ଭାରତରେ ବିଶ୍ୱ ପୋଲିସ ଫାୟାର ଗେମ୍ସ ହେବା ସମ୍ପର୍କରେ ସେ ମତ ଦେଇଥିଲେ । ତେବେ ସର୍ବଭାରତୀୟ ପୋଲିସ ଆଥ୍‌ଲେଟିକ ଚାମ୍ପିୟନଶିପ୍ ଆୟୋଜନ କରିବା ଦିଗରେ ଓଡ଼ିଶା ଆଗାମୀ ଦିନରେ ଏକ ଶକ୍ତିଶାଳୀ ଦାବିଦାର ହେବ ବୋଲି ଅରବିନ୍ଦ କହିଛନ୍ତି । ପୋଲିସ ଡିଜି ଡଃ ରାଜେନ୍ଦ୍ର ପ୍ରସାଦ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିରିକ୍ତ ଡିଜି ବିନୟତୋଷ ମିଶ୍ର ବିବରଣୀ ପାଠ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶା–ଆସାମ ମ୍ୟାଚ ଆଜିଠାରୁ

**ଭୁବନେଶ୍ୱର, ୧୯।୧୧(କ୍ରୀଡ଼ା ପ୍ରତିନିଧି)**

ଗୁଆହାଟୀର ବର୍ଷାପରା କ୍ରିକେଟ ଷ୍ଟାଡିୟମରେ ମଙ୍ଗଳବାରଠାରୁ ଓଡ଼ିଶା–ଆସାମ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ଚଳିତ ସିଜନରେ ଉଭୟ ଦଳର ଏହା ହେବ ତୃତୀୟ ମ୍ୟାଚ। ପ୍ରଥମ ୨ଟି ମ୍ୟାଚରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିବାରୁ ଓଡ଼ିଶା ପାଇଁ ଏହି ମ୍ୟାଚ ପରୀକ୍ଷା ସଦୃଶ ହୋଇଛି। କିଟ୍ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହରିୟାଣା ଓ ଉତ୍ତର ପ୍ରଦେଶ ବିପକ୍ଷ ମ୍ୟାଚ ପାଇଁ ଦଳରେ ସ୍ଥାନ ପାଇ ନ ଥିବା ଓପନର ରାଜେଶ ଧୂପର ଓ ଅଭିଜ୍ଞ ସ୍ପିନର ଧୀରଜ ସିଂଙ୍କଠାରୁ ଅନେକ କିଛି ଆଶା ରଖିଛନ୍ତି ଅଧିନାୟକ ବିପ୍ଳବ। ଚଳିତ ସିଜନରେ ପ୍ରଥମ ବିଜୟ ଅପେକ୍ଷାରେ ରହିଛି

## ରଣଜୀ ଟ୍ରଫି

ଓଡ଼ିଶା। ପ୍ରକାଶ ଯୋଗ୍ୟ ଯେ, ହରିୟାଣା ବିପକ୍ଷରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚକୁ ଡ୍ର ରଖିଥିଲା। ପ୍ରଥମ ଇନିଂସ ପଛୁଆ ରହିଥିବାରୁ ଦଳକୁ ୧ ପଏଣ୍ଟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଅନୁରାଗ ଷଡ଼ଙ୍ଗୀ ଓ ବିପ୍ଳବ ଶତକ ହାସଲ କରିବା ଦଳ ପାଇଁ ସାନ୍ତ୍ୱନା ଥିଲା। ଓଡ଼ିଶା ଏହାର ଦ୍ୱିତୀୟ ମ୍ୟାଚ ଉତ୍ତର ପ୍ରଦେଶ ବିପକ୍ଷରେ ଖେଳିଥିଲା। ମାତ୍ର ଖରାପ ବ୍ୟାଟିଂ ଯୋଗୁ ଦଳ ୧୦ ଉଇକେଟରେ ପରାଜୟ ଲଭିଥିଲା। ଏହି ମ୍ୟାଚରେ ଅଭିଜ୍ଞ ଦ୍ରୁତ ବୋଲର ବସନ୍ତ ମହାନ୍ତି ପ୍ରଥମ ଇନିଂସରେ ୬ ଉଇକେଟ ସଫଳତା ପାଇଥିଲେ। ଆସାମ ଏହାର ପ୍ରଥମ ମ୍ୟାଚ ଝାଡ଼ଖଣ୍ଡ ସହିତ ଖେଳିଥିଲା। ମ୍ୟାଚ ଡ୍ର ରହିଥିବାବେଳେ ପ୍ରଥମ ଇନିଂସ ପଛୁଆ ଭିତ୍ତିରେ ଆସାମ ୧ ପଏଣ୍ଟ ପାଇଥିଲା। ଦ୍ୱିତୀୟ ମ୍ୟାଚରେ ଆସାମ ୨୧୧ ରନରେ ତ୍ରିପୁରାକୁ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଦଳର ମିଡିୟମ ପେସର ମୁକ୍ତାର ହୋସେନ ୨ଟି ଯାକ ମ୍ୟାଚରେ ୫ ଉଇକେଟ ସଫଳତା ପାଇଛନ୍ତି। ଅନ୍ୟତମ ଦ୍ରୁତ ବୋଲର ଅରୁପ ଦାସ ମଧ ଥରେ ୫ ଉଇକେଟ ନେବାରେ ସକ୍ଷମ ହୋଇଛନ୍ତି। ତେଣୁ ସ୍ୱାଭାବିକ ଭାବେ ଏହି ଦୁ ଇ ବୋଲରଙ୍କ ଉପରେ ଓଡ଼ିଶାର ନଜର ରହିବ। ଗତ ୪ଟି ରଣଜୀ ମ୍ୟାଚର ରେକର୍ଡ଼କୁ ଦେଖିଲେ ଆସାମ ବିପକ୍ଷରେ ଓଡ଼ିଶାର ପଲା ଭାରି ରହିଛି। ଓଡ଼ିଶା ୨ଟି ମ୍ୟାଚରେ ବିଜୟୀ ହୋଇଥିବାବେଳେ ଅନ୍ୟ ୨ଟି ମ୍ୟାଚ ଡ୍ର ରହିଛି। ୨୦୦୨ ନଭେମ୍ବର ୯ରୁ ୧୨ ପର୍ଯ୍ୟନ୍ତ ଗୁଆହାଟୀରେ ଅନୁଷ୍ଠିତ ମ୍ୟାଚଟି ଡ୍ର ରହିଥିଲା। ପ୍ରଥମ ଇନିଂସରେ ଅଗ୍ରଣୀ ରହି ଆସାମ ୧ ପଏଣ୍ଟ ପାଇଥିଲା। ୨୦୦୭ ଜାନୁୟାରୀ ୧୦ରୁ ୧୩ ପର୍ଯ୍ୟନ୍ତ କଟକର ବାରବାଟୀ ଷ୍ଟାଡିୟମରେ ହୋଇଥିବା ମ୍ୟାଚରେ ଓଡ଼ିଶା ୭ ଉଇକେଟରେ ବିଜୟୀ ହୋଇଥିଲା। ୨୦୧୫ ଅକ୍ଟୋବର ୧୫ରୁ ୧୭ ପର୍ଯ୍ୟନ୍ତ ଅନୁଷ୍ଠିତ ମ୍ୟାଚରେ ମଧ ଓଡ଼ିଶା ୮ ଉଇକେଟରେ ବିଜୟୀ ହୋଇଥିଲା। ୨୦୧୬ ନଭେମ୍ବର ୧୩ରୁ ୧୬ ପର୍ଯ୍ୟନ୍ତ ହାଇଦ୍ରାବାଦରେ ଅନୁଷ୍ଠିତ ମ୍ୟାଚଟି ଡ୍ର ରଖିବାରେ ସକ୍ଷମ ହୋଇଥିଲା ଆସାମ। ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଓଡ଼ିଶା ୩ ପଏଣ୍ଟ ପାଇଥିଲା। **ଓଡ଼ିଶା ଦଳ:** ବିପ୍ଳବ ସାମନ୍ତରାୟ (ଅଧିନାୟକ), ଅନୁରାଗ ଷଡ଼ଙ୍ଗୀ, ରଣଜିତ ସିଂ, ରାଜେଶ ଧୂପର, ଗୋବିନ୍ଦ ପୋଦ୍ଦାର, ଶୁଭ୍ରାଂଶୁ ଶେଖର ସେନାପତି, ଶାନ୍ତନୁ ମିଶ୍ର, ସୁଜିତ ଲେଙ୍କା(ଉଇକେଟ କିପର), ଧୀରଜ ସିଂ, ପପୁ ରାୟ, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ବସନ୍ତ ମହାନ୍ତି, ସୂର୍ଯ୍ୟକାନ୍ତ ପ୍ରଧାନ, ଅଭିଷେକ ରାଉତ। **ଆସାମ ଦଳ:** ଅମିତ ସିହ୍ନା(ଅଧିନାୟକ), ରଞ୍ଜିତ ମାଲି, ଅରୂପ ଦାସ, ପଲ୍ଲବ କୁମାର ଦାସ, ରିଷଭ ଦାସ, ମୃଣ୍ମୟ ଦତ୍ତ, ଜିତୁମୋନି କାଲିଟା, ମୁକ୍ତାର ହୋସେନ, ରିୟାନ ପରାଗ, ରାହୁଲ ସିଂ, ଶିବଶଙ୍କର ରୟ, କୁନାଲ ସାଇକିଆ, ଗୋକୁଳ ଶର୍ମା, ରୋମାରିଓ ଶର୍ମା, ୱାସିକୁର ରହମାନ।

# ସେମିରେ ଇଂଲଣ୍ଡକୁ ଭେଟିବ ଭାରତ

**ଗ୍ରସ୍ ଆଇସଲେଟ୍ (ସେଣ୍ଟ ଲୁସିଆ), ୧୯।୧୧(ପି.ଟି.):** ୱେଷ୍ଟଇଣ୍ଡିଜରେ ଚାଲିଥିବା ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଆୟୋଜକ ୱେଷ୍ଟଇଣ୍ଡିଜ ସମେତ ଭାରତ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଅନ୍ତିମ-୪ରେ ସ୍ଥାନ ପକ୍କା କରିଛନ୍ତି। ଅଷ୍ଟ୍ରେଲିଆ

## ଆଇସିସି ମହିଳା ଟି୨୦ ବିଶ୍ୱକପ୍

ଓ ୱେଷ୍ଟଇଣ୍ଡିଜ ପ୍ରଥମ ସେମିଫାଇନାଲରେ ପରସ୍ପରକୁ ଭେଟିବେ। ସେହିଭଳି ହରମନ୍‌ପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ୨ୟ ସେମିଫାଇନାଲରେ ୨୦୦୯ ଚାମ୍ପିୟନ ଇଂଲଣ୍ଡକୁ ଭେଟିବା ନିଶ୍ଚିତ ହୋଇଛି। ଏହି ମ୍ୟାଚ୍ ଆଣ୍ଟିଗୁଆର ସାର୍ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ଶୁକ୍ରବାର ଖେଳାଯିବ। ଭାରତୀୟ ଦଳ ଟୁର୍ନାମେଣ୍ଟର ତା'ର ସମସ୍ତ ୪ଟି ଯାକ ଲିଗ୍ ମ୍ୟାଚ୍ ଜିତି ୮ ପଏଣ୍ଟ ସହ ଗ୍ରୁପ୍–ବି'ର ଶୀର୍ଷ ସ୍ଥାନରେ ରହିଛି। ଅପରପକ୍ଷରେ ଇଂଲଣ୍ଡ ୪ରୁ ୨ଟି ମ୍ୟାଚ୍ ଜିତି ଗ୍ରୁପ୍–ଏ'ରେ ୱେଷ୍ଟଇଣ୍ଡିଜ (୮) ତଳକୁ ୫ ପଏଣ୍ଟ ପାଇ ୨ୟ ସ୍ଥାନରେ ରହିଛି। ତେଣୁ ଦମ୍‌ଦାର ଫର୍ମରେ ଥିବା ଭାରତ ଏହି ମ୍ୟାଚ୍ ଜିତି ଇଂଲଣ୍ଡ ବିରୋଧରେ ମଧୁର ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି। ଗତବର୍ଷ ଆଇସିସି ଦିନିକିଆ ବିଶ୍ୱକପ୍‌ରେ ଇଂଲଣ୍ଡ ନିକଟରୁ ଭାରତ ପରାସ୍ତ ହୋଇଥିଲା। ସେମିଫାଇନାଲ ପଥରେ ଭାରତ ୩ଥର ଚାମ୍ପିୟନ ଅଷ୍ଟ୍ରେଲିଆ ସମେତ ନ୍ୟୁଜିଲାଣ୍ଡ, ଆୟର୍ଲାଣ୍ଡ ଓ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରିଥିଲା। ବିଶ୍ୱକପ୍‌ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ୱେଷ୍ଟଇଣ୍ଡିଜ ୪ ଉଇକେଟ୍‌ରେ ଇଂଲଣ୍ଡକୁ ପରାସ୍ତ କରିଥିଲା।

# ଟାଇଟଲ ଜିତିଲେ ଜେଭରେଭ

**ଲଣ୍ଡନ, ୧୯।୧୧(ଏଏଫ୍‌ପି):** ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ତଥା ଅଭିଜ୍ଞ ଟେନିସ ଖେଳାଳି ନୋଭାକ ଜୋକୋଭିଚ୍‌ଙ୍କୁ ଚକ୍‌ମା ଦେଖାଇ ଜର୍ମାନୀର ଯୁବ ତାରକା ଆଲେକ୍ସଜାଣ୍ଡର ଜେଭରେଭ ଏଟିପି ଫାଇନାଲ୍ସ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। ରବିବାର ରାତିରେ ଖେଳାଯାଇଥିବା ସିଜନର ଏହି ଅନ୍ତିମ ପ୍ରତିଯୋଗିତାର ଫାଇନାଲରେ ୩୧ ବର୍ଷୀୟ ଜୋକୋଭିଚ୍‌ଙ୍କୁ ଫେଭରିଟ୍ ବିବେଚନା କରାଯାଉଥିଲା। କିନ୍ତୁ ୨୧ ବର୍ଷୀୟ ଜେଭରେଭ ଦମ୍‌ଦାର ପ୍ରଦର୍ଶନ କରି ୬–୪, ୬–୩ ସିଧାସଳଖ ସେଟ୍‌ରେ ଜୋକୋଭିଚଙ୍କୁ ମାତ୍ ଦେଇ ଏହି ସମ୍ମାନଜନକ ଟ୍ରଫି ଜିତିବାରେ ସକ୍ଷମ ହୋଇଛନ୍ତି। ଜେଭରେଭଙ୍କ କ୍ୟାରିୟରର ଏହା ଶ୍ରେଷ୍ଠ ବିଜୟ।

# ସମ୍ବଲପୁର, ମୟୂରଭଞ୍ଜ ବିଜୟୀ

**କଟକ ଅଫିସ, ୧୯।୧୧:** ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ଓ ସମ୍ବଲପୁର ଜିଲା ଆଥ୍‌ଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ସମ୍ବଲପୁରରେ ଚାଲିଥିବା ୫୯ତମ ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟବଲ ଚାମ୍ପିୟନଶିପ୍ ତଥା ସାହାଣୀ କପ୍‌ରେ ସୋମବାର ୩ଟି ମ୍ୟାଚ୍ ଖେଳାଯାଇଛି। ସମ୍ବଲପୁର ଭେନ୍ୟୁରେ ଅନୁଷ୍ଠିତ ମ୍ୟାଚ୍‌ରେ ସମ୍ବଲପୁର ୬–୦ ଗୋଲରେ ଜଗତ୍‌ସିଂହପୁରକୁ ପରାସ୍ତ କରିଛି। ସେହପରି ନାକଟୀଦେଉଳ ଭେନ୍ୟୁରେ ଖେଳାଯାଇଥିବା ମ୍ୟାଚ୍‌ରେ ମୟୂରଭଞ୍ଜ ୨–୧ ଗୋଲରେ ଫୁଲବାଣୀକୁ ହରାଇଛି। କୁଚିଣ୍ଡା ଭେନ୍ୟୁରେ କେନ୍ଦୁଝର ଓ

## ସାହାଣୀ କପ୍ ଫୁଟ୍‌ବଲ୍

ଭଦ୍ରକ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧–୧ ଗୋଲରେ ଡ୍ର ରହିଥିଲା। ଅନ୍ୟପକ୍ଷରେ ହୀରାକୁଦରେ ଖେଳାଯିବାକୁ ଥିବା ମ୍ୟାଚ୍‌ରେ ନବରଙ୍ଗପୁର ଦଳ ଅନୁପସ୍ଥିତ ରହିବାରୁ ୱାକଓଭର ପାଇ କଳାହାଣ୍ଡି ବିଜୟୀ ଘୋଷିତ ହୋଇଛି।



ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଖୋର୍ଦ୍ଧା ଜିଲା ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ସହ।

# ଖୋର୍ଦ୍ଧା ମହିଳାରେ ଚାମ୍ପିୟନ, ପୁରୁଷରେ ରନର୍ସଅପ୍

**ଭୁବନେଶ୍ୱର, ୧୯।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

## ରାଜ୍ୟ ଭାରୋତ୍ତୋଳନ

ଗତ ୧୭ ଓ ୧୮ ତାରିଖ ଦୁଇ ଦିନଧରି କବିସୂର୍ଯ୍ୟନଗରଠାରେ ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ମହିଳା ବିଭାଗରେ ଚାମ୍ପିୟନ ହୋଇଥିବା ବେଳେ ପୁରୁଷ ବିଭାଗରେ ରନର୍ସଅପ୍ ହୋଇଛି।

ଏହି ପ୍ରତିଯୋଗିତାରେ ଖୋର୍ଦ୍ଧା ଜିଲାରୁ ୩୫ ଜଣ ଅଂଶଗ୍ରହଣ କରିଥିଲେ। ମହିଳା ବିଭାଗରେ ଖୋର୍ଦ୍ଧା ୧୩ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ ଓ ୬ଟି ବ୍ରୋଞ୍ଜ୍ ପଦକ ହାସଲ କରିଥିଲା। ଖୋର୍ଦ୍ଧାର ସ୍ୱର୍ଣ୍ଣ ପଦକ ବିଜେତାମାନେ ହେଲେ ବାସନ୍ତୀ ମାଝି (୨୮+ ୩୮= ୬୬), ଦିବ୍ୟବତୀ ରାଇକା (୪୪+ ୫୮=୧୦୨) ୨ଟି, ଅପରାଜିତା ଭୂୟାଁ (୫୫+ ୭୩ =୧୨୮) ୨ଟି, ମୋତୀ ଜାନୀ (୬୮+୮୫=୧୫୧) ୨ଟି, ସଂବାରି ସାମାଦ୍ (୬୦+ ୭୭= ୧୩୭)୨ଟି, ଦେବକୀ ଖିଲି (୬୪+ ୮୫= ୧୪୯) ୩ଟି, ମୋନାଲି ସାହୁ (୪୨+ ୬୦= ୧୦୨)। ସେହିପରି ରୌପ୍ୟ ପଦକ ବିଜେତା ମାନେ ହେଲେ ରଞ୍ଜିତା ମାଝି (୪୫+ ୬୦= ୧୦୫) ୨ଟି, ଶିଳାବତୀ ପଟମାଝି (୩୮+୫୫), ଜସ୍ମିତା ପ୍ରଧାନ (୩୦+ ୪୦=୭୦), ଶାନ୍ତି କବାସୀ (୫୭+ ୭୬= ୧୩୩)୨ଟି, ରସିତା ରଣସିଂ (୫୩+ ୬୧+ ୧୧୪)୨ଟି। ସେହିପରି ବ୍ରୋଞ୍ଜ ପଦକ ବିଜେତାମାନେ ହେଲେ ବୀଣା ସୋରେନ ୨ଟି, ଭାରତୀ ପଦଆମି, ରଙ୍ଗିଲା ମାଝୀ ୨ଟି, ରସିତା ରଣସିଂ।

ପୁରୁଷ ବିଭାଗରେ ଖୋର୍ଦ୍ଧା ୩ଟି ସ୍ୱର୍ଣ୍ଣ, ୧ଟି ରୌପ୍ୟ, ୪ଟି କାଂସ୍ୟ ପଦକ ହାସଲ କରି ଉପବିଜେତା ହୋଇଛି। ପ୍ରକାଶ ରଞ୍ଜନ ବେହେରା ୨ଟି (୧୧୧+ ୧୪୧= ୨୫୨) ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ସୁବ୍ରତ ଦାସ (୮୫+ ୧୨୨= ୨୦୭) ଗୋଟିଏ ସ୍ୱର୍ଣ୍ଣ ଜିତିଛନ୍ତି। ଶକ୍ତି ପ୍ରସାଦ ସ୍ୱାଇଁ (୯୫+ ୧୩୦= ୨୨୫) ଗୋଟିଏ ରୌପ୍ୟ ପଦକ ହାସଲ କରିଛନ୍ତି। ବିଜେତା ଦଳକୁ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ସମ୍ବର୍ଦ୍ଧିତ କରାଯାଇଥିଲା। ସୌରେନ୍ଦ୍ର କୁମାର ମହାପାତ୍ର, ହରିପ୍ରସାଦ ପଟ୍ଟନାୟକ, ଚିତ୍ତ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ନ୍ୟୁଜିଲାଣ୍ଡର ରୋମାଞ୍ଚକ ବିଜୟ

**ଆବୁଧାବି (ୟୁଏଇ), ୧୯।୧୧(ଏପି)**

ଘରୋଇ ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ରୋମାଞ୍ଚକଭାବେ ଶେଷ ହୋଇଛି। ୧୭୬ ରନର ଟାର୍ଗେଟ୍‌କୁ ପିଛା କରିଥିବା ପାକିସ୍ତାନ ୪ର୍ଥ ଦିବସରେ ୧୭୧ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଫଳରେ ନ୍ୟୁଜିଲାଣ୍ଡ ୪ ରନରେ ବିଜୟୀ ଲାଭ କରିଥିଲା। କିୱି ଦଳ ପକ୍ଷରୁ ପଦାର୍ପଣକାରୀ ବାମହାତୀ ସ୍ପିନର ଅଜାଜ୍ ପଟେଲ୍ ୨ୟ ଇନିଂସରେ ୫ ଉଇକେଟ୍ ସହ ମ୍ୟାଚ୍‌ରେ ମୋଟ୍ ୭ଟି ଉଇକେଟ୍ ନେଇ ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ। ବିଜୟ ସହ ନ୍ୟୁଜିଲାଣ୍ଡ ୩ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜରେ ୧–୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ୨ୟ ମ୍ୟାଚ୍ ଶନିବାରଠାରୁ ଦୁବାଇରେ ଆରମ୍ଭ ହେବ।

ନ୍ୟୁଜିଲାଣ୍ଡ ପକ୍ଷରୁ ଧାର୍ଯ୍ୟ ୧୭୬ ରନର ଟାର୍ଗେଟ୍‌କୁ ପିଛା କରି ପାକିସ୍ତାନ ରବିବାର ୩ୟ ଦିବସ ଶେଷ ସୁଦ୍ଧା କୌଣସି ଉଇକେଟ୍ ନ ହରାଇ ୩୭ ରନ କରିଥିଲା। ସୋମବାର ୪ର୍ଥ ଦିବସରେ ପାକିସ୍ତାନ ପୂର୍ବଦିନର ସ୍କୋରରେ ଆଉ ୧୩୪ ରନ ଯୋଡ଼ି ୧୭୧ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏକଦା ଦଳ ୧୩୦ ରନରେ ୩ଟି ଉଇକେଟ୍ ହରାଇ ଦୃଢ଼ ସ୍ଥିତିରେ ରହିଥିଲା। କିନ୍ତୁ ଅଜାଜ୍ ପଟେଲ୍, ଇଶ୍ ସୋଧୀ ଓ ନିଲ୍ ୱାଗନରଙ୍କ ବୋଲିଂକୁ ସାମ୍ନା କରି ନ ପାରି ସର୍ଫରାଜ ଅହମ୍ମଦଙ୍କ ଦଳ ପରବର୍ତ୍ତୀ ୪୧ ରନରେ ୭ଟି ଉଇକେଟ୍ ହରାଇ ପରାଜୟବରଣ କରିଥିଲା। ପାକିସ୍ତାନ ପକ୍ଷରୁ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ଭେଟେରାନ ଆଝାର ଅଲୀ ଅର୍ଦ୍ଧଶତକ ହାସଲ କରି ଶେଷ ପର୍ଯ୍ୟନ୍ତ ଏକାକୀ ଲଢ଼େଇ କରିଥିଲେ ମଧ ଦଳକୁ ଜିତାଇବାରେ ବିଫଳ ହୋଇଥିଲେ। ଗୋଟିଏ ପରେ ଗୋଟିଏ ବ୍ୟାଟ୍ସମ୍ୟାନ ଆଉଟ୍ ହୋଇଯାଉଥିବାବେଳେ ଆଝାର (୬୫ ରନ, ୧୩୬ ବଲ୍) ଲଢୁଆ ବ୍ୟାଟିଂ କରି ଅନ୍ତିମ ଉଇକେଟ୍‌ଭାବେ ପ୍ୟାଭିଲିୟନ ଫେରିଥିଲେ। ଆଝାରଙ୍କୁ ଏଲ୍‌ବିଡବ୍ଲ୍ୟୁ କରି ଅଜାଜ୍ ଏହି ବହୁପ୍ରତୀକ୍ଷିତ ଉଇକେଟ୍ ଅକ୍ତିଆର କରିବା ସହ ଦଳକୁ ବିଜୟ ଭେଟି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇମାମ୍–ଉଲ୍–ହକ୍ ୨୭, ଆସଦ୍ ସଫିକ ୪୫, ବାବର ଆଜମ ୧୩, ମହମ୍ମଦ ହାଫିଜ ୧୦ ଓ ହାରିସ ସୋହେଲ ୪ ରନ କରିଥିଲେ। ନ୍ୟୁଜିଲାଣ୍ଡ ତରଫରୁ ଅଜାଜ୍‌ଙ୍କୁ ୫ଟି ଏବଂ ୱାଗନର ଓ ସୋଧୀ ୨ଟି ଲେଖାଏ ଉଇକେଟ୍ ମିଳିଥିଲା। ଟେଷ୍ଟ କ୍ରିକେଟରେ ରନ ବ୍ୟବଧାନ ଦୃଷ୍ଟିରୁ ନ୍ୟୁଜିଲାଣ୍ଡର ଏହା ସର୍ବନିମ୍ନ ବିଜୟ। ପୂର୍ବରୁ ଦଳ ୨୦୧୧ରେ ଅଷ୍ଟ୍ରେଲିଆକୁ ୭ ରନରେ ହରାଇଥିଲା।

## ସଂକ୍ଷିପ୍ତ ସ୍କୋର

**ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ–** ୧୫୩ରେ ଅଲ୍‌ଆଉଟ୍। **ପାକିସ୍ତାନ ପ୍ରଥମ ଇନିଂସ–** ୨୨୭ରେ ଅଲ୍‌ଆଉଟ୍। **ନ୍ୟୁଜିଲାଣ୍ଡ ୨ୟ ଇନିଂସ–** ୨୪୯ରେ ଅଲ୍‌ଆଉଟ। **ପାକିସ୍ତାନ ୨ୟ ଇନିଂସ–** ୧୭୧ରେ ଅଲ୍‌ଆଉଟ୍ (ହାଫିଜ୍ ୧୦, ଆଝାର ୬୫, ସଫିକ୍ ୪୫, ସର୍ଫରାଜ ୩, ଅଜାଜ୍ ୫/୫୯)।

# ରାଜ୍ୟ ଟେବୁଲ ଟେନିସ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ

**କଟକ ଅଫିସ, ୧୯।୧୧**

ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ଓ ଏନ୍‌ଟିପିସି କଣିହାଁ ସ୍ପୋର୍ଟ୍ସ କାଉନସିଲର ମିଳିତ ଆନୁକୂଲ୍ୟରେ ଏନ୍‌ଟିପିସି ରିକ୍ରିଏଶନ ସେଣ୍ଟରଠାରେ ସୋମବାର ୨୪ତମ ଆନ୍ତଃ ଜିଲା, ରାଜ୍ୟ ଟେବୁଲ ଟେନିସ୍ ଚାମ୍ପିୟନଶିପ୍ ଉଦ୍‌ଘାଟିତ ହୋଇଯାଇଛି। ଏନ୍‌ଟିପିସିର ସାଧାରଣ ପରିଚାଳକ ସନ୍ତୋଷ ଜେମ୍ସ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ୨୦ଟି ଜିଲା ଓ ୬ଟି ଅନୁଷ୍ଠାନରୁ ପ୍ରାୟ ୨୦୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଦିବସରେ ଖେଳାଯାଇଥିବା ଜୁନିୟର ବାଳକ ବିଭାଗ ମ୍ୟାଚ୍‌ରେ କଟକ–ଏ, ଖୋର୍ଦ୍ଧା–ଏ, ଭୁବନେଶ୍ୱର–ଏ ଓ ଭୁବନେଶ୍ୱର–ବି ଦଳ ବିଜୟୀ ହୋଇ ଫାଇନାଲ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ ବିଭାଗରେ କଟକ–ବି, ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ଏଜି ଓଡ଼ିଶା, କଟକ–ଏ ଦଳ ବିଜୟୀ ହୋଇ ଫାଇନାଲ ରାଉଣ୍ଡରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଉତ୍ସବରେ ରାଜ୍ୟ ଆସୋସିଏଶନ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ସ୍ପୋର୍ଟସ କାଉନସିଲର ସାଧାରଣ ସମ୍ପାଦକ ରଶ୍ମିରଞ୍ଜନ ଶତପଥୀ, ନିରଞ୍ଜନ ଆଚାର୍ଯ୍ୟ, କରୁଣାକର ଦାସ, ପି.କେ. ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଜୀବନ ବଲ୍ଲଭ ସାମଲ ମୁଖ୍ୟ ରେଫରି ଭାବେ ଖେଳପରିଚାଳନା କରୁଛନ୍ତି ।

“ କୋହଲିଙ୍କ ବ୍ୟତୀତ ଭାରତୀୟ ଓପନର ରୋହିତ୍ ଶର୍ମା ଆମ ପ୍ରତି ବିପଦ ଥିବାରୁ ତାଙ୍କ ପାଇଁ ଆମେ ଯୋଜନା କରିଛୁ ।

–ନାଥାନ କୋଲ୍ଟର ନାଇଲ୍
ଅଷ୍ଟ୍ରେଲୀୟ ପେସ୍ ବୋଲର



“ ବିରାଟ କୋହଲି କେବଳ ଜଣେ ପ୍ରତିଭା ସମ୍ପନ୍ନ ଖେଳାଳି ନୁହନ୍ତି, ସେ ଖୁବ୍ ଶୃଙ୍ଖଳିତ ମଧ୍ୟ ।

–କପିଳ ଦେବ
ପୂର୍ବତନ ଭାରତୀୟ ଅଧିନାୟକ



# ଧମାକାଦାର ଆରମ୍ଭ ପାଇଁ ଭୁବନେଶ୍ୱର ପ୍ରସ୍ତୁତ

ଭୁବନେଶ୍ୱର,୧୯।୧୧(ସ୍ପୋର୍ଟ୍ସ ବ୍ୟୁରୋ)

- ରହମନ, ଶାହରୁଖଙ୍କ ସମେତ ମାଧୁରୀ ହେବେ ମୁଖ୍ୟ ଆକର୍ଷଣ
- ଦର୍ଶକଙ୍କ ମନୋରଞ୍ଜନ କରିବେ ସବ୍ୟସାଚୀ, ଅର୍ଚ୍ଚିତା
- ୮୦୦ କଲେଜ ଛାତ୍ରୀଛାତ୍ରଙ୍କ ସହ ୧,୧୦୦ କଳାକାର ନୃତ୍ୟ ପରିବେଷଣ କରିବେ

ପୁରୁଷ ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଆରମ୍ଭ ହେବାକୁ ଆଉ ମାତ୍ର ଗୋଟିଏ ସପ୍ତାହ ସମୟ ରହିଛି। ଏହି ମେଗା ଇଭେଣ୍ଟ ଆରମ୍ଭ ପାଇଁ ରାଜଧାନୀ ପୂରା ପ୍ରସ୍ତୁତ ହୋଇସାରିଛି। ଦେଶରେ ତୃତୀୟ ଓ ରାଜ୍ୟରେ ପ୍ରଥମଥର ପାଇଁ ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବାରୁ ସାରା ରାଜ୍ୟ ତଥା ଦେଶରେ ପ୍ରଶଂସକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଆସନ୍ତା ୨୮ରୁ ଡିସେମ୍ବର ୧୬ ତାରିଖ ମଧ୍ୟରେ ବିଶ୍ୱକପ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ତେବେ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ୨୭ ତାରିଖରେ ଆୟୋଜନ ହେବ ଉଦ୍‌ଘାଟନୀ ଉତ୍ସବ। ଅବଶ୍ୟ ପ୍ରଥମଥର ପାଇଁ ହକି ବିଶ୍ୱକପ୍ ଇତିହାସରେ ଉଦ୍‌ଘାଟନୀ ଉତ୍ସବର ଆୟୋଜନ ହେବାକୁ ଯାଉଛି। ଏହି ଉତ୍ସବକୁ ଧମାକାଦାର ତଥା ଦୃଷ୍ଟାନ୍ତମୂଳକ କରିବା ପାଇଁ ସବୁପ୍ରକାର ପ୍ରସ୍ତୁତି ପର୍ବ ଏକ ପ୍ରକାର ଶେଷ ହୋଇଛି। ନଭେମ୍ବର ୨୭ ତାରିଖକୁ ଭୁବନେଶ୍ୱର ଆଗାମୀ କିଛି ବର୍ଷ ପାଇଁ ମନେ ରଖିବ।

ବଲିଉଡ ସଙ୍ଗୀତକାର ଏ.ଆର. ରହମନ ଓ ପ୍ରଖ୍ୟାତ ଗୀତିକାର ଗୁଲଜାରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ବିଶ୍ୱକପ୍‌ର ଅଫିସିଆଲ ସଙ୍ଗ୍ ‘ଜୟ ହିନ୍ଦ, ଜୟ ଇଣ୍ଡିଆ’ର ଧ୍ୱନିରେ କଳିଙ୍ଗ ଷ୍ଟାଡିୟମ ପ୍ରକମ୍ପିତ ହେବ। କେବଳ ସେତିକି ନୁହେଁ ବଲିଉଡ୍‌ର କିଙ୍ଗ୍ ଖାନ୍ ଶାହାରୁଖ ଓ ବିଗତ ଦିନର ହିରୋଇନ୍ ତଥା ସୁପରଷ୍ଟାର ମାଧୁରୀ ଦୀକ୍ଷିତଙ୍କୁ ମଧ୍ୟ ନୃତ୍ୟ କରୁଥିବାର ଦେଖିବାକୁ ମିଳିବ।

ଏହି ଉଦ୍‌ଘାଟନୀ ଉତ୍ସବ ଭବିଷ୍ୟତରେ ଏହି ଭଳି ଇଭେଣ୍ଟ ପାଇଁ ଏକ ବେଞ୍ଚ୍ ମାର୍କ ସୃଷ୍ଟି କରିବ। କ୍ରୀଡ଼ା ଓ ମନୋରଞ୍ଜନର ଏକ ଜବରଦସ୍ତ ସନ୍ତୁଳନ ଦେଖିବାକୁ ମିଳିବ ଏହି ଉତ୍ସବରେ ଓ ସାରା ବିଶ୍ୱକୁ ଏହା ମନୋରଞ୍ଜନର ଖୋରାକ ଯୋଗାଇବ। ‘ମାନବତାର ଏକତା’ ଉପରେ ଏହି ଉତ୍ସବ ପର୍ଯ୍ୟବସିତ ହେବ। ବିଭିନ୍ନତାରେ ଏକତା ହେଉଛି ଭାରତୀୟ ସଂସ୍କୃତିର ମୂଳ ଆଧାର। ଦେଶ ଓ ବିଦେଶରୁ ଆସୁଥିବା ଲୋକେ ଅଲଗା ଅଲଗା ହୋଇଥିଲେ ମଧ୍ୟ ସମସ୍ତେ ଏକ ହୋଇ ଷ୍ଟାଡିୟମରେ ଏହି ଉତ୍ସବକୁ ଉପଭୋଗ କରିବେ ବୋଲି ବିଶ୍ୱକପ୍‌ର କମ୍ୟୁନିକେଶନ ଓ ଷ୍ଟ୍ରାଟେଜି କନସଲଟାଣ୍ଟ ନୁପୁର ମହାଜନ କହିଛନ୍ତି। ନୁପୁର ପାଖାପାଖି ୧ ଘଣ୍ଟା ୫୦ ମିନିଟ ବିଶିଷ୍ଟ ଏହି ଉଦ୍‌ଘାଟନୀ ଉତ୍ସବକୁ ଲେଖିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି।




ମାଧୁରୀଙ୍କୁ ନେଇ ଉଦ୍‌ଘାଟନୀ ଉତ୍ସବ ପର୍ଯ୍ୟବସିତ ହେବ। ଉତ୍ସବରେ ମୁଖ୍ୟ ସମାରୋହକୁ ଅର୍ଥ ସଙ୍ଗ୍ ବୋଲି କୁହାଯାଉଛି। ଏଥିରେ ବିଭିନ୍ନ ନୃତ୍ୟର ସମାହାର ଦେଖିବାକୁ ମିଳିବ। ବିଭିନ୍ନ ପିଢିର ନୃତ୍ୟ ଏଥିରେ ଦେଖିବାକୁ ମିଳିବ। ଶାସ୍ତ୍ରୀୟ ନୃତ୍ୟ, ଜାଜ ଓ ବାଲେଟ ସହ ଏହି ଉତ୍ସବରେ ଓଡ଼ିଶୀ ନୃତ୍ୟର ଝଲକ୍ ଦେଖିବାକୁ ମିଳିବ। ଏହି ନୃତ୍ୟ ଉତ୍ସବରେ ମାଧୁରୀ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିବେ। ସେ ମଦର ଅର୍ଥ ବା ଭୂ ଦେବୀ ଅର୍ଥାତ୍ ଧରିତ୍ରୀ ମାତାଙ୍କ ଭୂମିକାରେ ଅବତୀର୍ଣ୍ଣ ହେବେ। ଏହା ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଶିଆମକ ଦବାର। ସେହିପରି ଏହି କାର୍ଯ୍ୟକ୍ରମର ଅରିଜିନାଲ ମ୍ୟୁଜିକ ଦେଇଛନ୍ତି ରଞ୍ଜିତ୍ ବାରୋଟ। ମାଧୁରୀଙ୍କ ସହ ପାଖାପାଖି ୧,୧୧୦ ଜଣ ସହକଳାକାର ମଧ୍ୟ ନୃତ୍ୟ ପରିବେଷଣ କରିବେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ୮୦୦ କଲେଜ ଛାତ୍ରୀଛାତ୍ର ମଧ୍ୟ ସାମିଲ ହେବେ।

ତେବେ ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଶାହରୁଖଙ୍କ ଭୂମିକା ଭିନ୍ନ ହେବ। ସେ ଉତ୍ସବରେ ‘ହାର୍ଟ ବିଟ୍ ଫର ହକି’ ଅଭିଯାନର ମୁଖ୍ୟ କର୍ଣ୍ଣଧାର ହେବେ। ଭାରତର ଏକତା ତଥା ଏକ ମନ ଓ ଏକ ହୃଦୟ ଚିନ୍ତାଧାରାକୁ ସେ ଉପସ୍ଥାପନା କରିବାକୁ କାର୍ଯ୍ୟକ୍ରମରେ ପ୍ରୟାସ କରିବେ। ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାକୁ ଯାଉଥିବା ୧୬ ଦେଶର ଅଧିନାୟକଙ୍କୁ ଶାହରୁଖ ଏ ନେଇ ଅବଗତ କରିବେ। ଏହାକୁ ବାଦ୍ ଦେଲେ ଓଡ଼ିଆ ଅଭିନେତା ଓ ଅଭିନେତ୍ରୀ ସବ୍ୟସାଚୀ ଓ ଅର୍ଚ୍ଚିତା ମଧ୍ୟ ଏହି ଅବସରରେ ଉପସ୍ଥିତ ରହି ଦର୍ଶକଙ୍କ ମନୋରଞ୍ଜନ କରିବେ। ଏହି ଅବସରରେ ହାର୍ଟ ବିଟ୍ ଅଭିଯାନ ନେଇ ଏକ ଶର୍ଟ ଫିଲ୍ମ ମଧ୍ୟ ପ୍ରଦର୍ଶିତ ହେବ। ଏହି ଉଦ୍‌ଘାଟନୀ ଉତ୍ସବ ରାଜ୍ୟର ସବୁ ସ୍ଥାନୀୟ ଚ୍ୟାନେଲ ସହ ଦୂରଦର୍ଶନ ନ୍ୟାଶନାଲ, ଡିଡି ସ୍ପୋର୍ଟ୍ସରେ ପ୍ରସାରଣ ହେବ। ଫେସ୍‌ବୁକ୍‌ରେ ମଧ୍ୟ ଏହାର ଷ୍ଟ୍ରିମ୍ ଲାଇଭ ହେବ। ବିଶ୍ୱକପ୍‌ର ଏହି ଉଦ୍‌ଘାଟନୀ ଉତ୍ସବ ସାରା ବିଶ୍ୱକୁ ବିମୋହିତ କରିବ ଓ ଐତିହାସିକ ହେବ ବୋଲି କୁହାଯାଇଛି।

## ଟିକେଟ କେବଳ ଅନ୍‌ଲାଇନ୍‌ରେ: ନର୍ମାନ

ଭୁବନେଶ୍ୱର, ୧୯।୧୧(କ୍ରୀଡ଼ା ପ୍ରତିନିଧି)

‘‘କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଥିବା ହକି ବିଶ୍ୱକପ ଉଦ୍‌ଘାଟନୀ ଉତ୍ସବର ଟିକେଟ କେବଳ ଅନ୍‌ଲାଇନ୍‌ରେ ମିଳିବ। କୌଣସି କମ୍ପ୍ଲିମେଣ୍ଟାରୀ ଟିକେଟ କିମ୍ବା ପାସ୍‌ର ବ୍ୟବସ୍ଥା ନାହିଁ। ଆଗ୍ରହୀ କ୍ରୀଡ଼ାପ୍ରେମୀ ଅନ୍‌ଲାଇନ୍‌ରେ ଟିକେଟ କିଣି ପାରିବେ’’ ବୋଲି ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟିକେଟ ଟୋକନ ଦେବା ଅବସରରେ ପ୍ରକାଶ କରିଛନ୍ତି ହକି ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲିନା ନର୍ମାନ। ବିଶ୍ୱକପର ଭବ୍ୟ ଉଦ୍‌ଘାଟନୀ ସମାରୋହ ୨ ପର୍ଯ୍ୟାୟରେ ହେବ। ଏହା ୨୭ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଏବଂ ୨୮ରେ କଟକର ବାରବାଟୀ ଷ୍ଟାଡିୟମରେ ଆୟୋଜିତ ହେବ। ଏଥିପାଇଁ ଅନ୍‌ଲାଇନ୍ ଟିକେଟ ମଙ୍ଗଳବାର ଦିନ ୧୨ଟାରୁ ଉପଲବ୍ଧ ହେବ। ଭୁବନେଶ୍ୱରରେ ହେବାକୁଥିବା ସମାରୋହ ପାଇଁ ୧୦,୫୦୦ ଓ କଟକ ପ୍ରୋଗ୍ରାମ ପାଇଁ ୩୦,୦୦୦ ଟିକେଟ ଉପଲବ୍ଧ ହେବ। ବିଶିଷ୍ଟ ସଙ୍ଗୀତକାର ଏ.ଆର.ରହମନ ଉଭୟ ସ୍ଥାନରେ କାର୍ଯ୍ୟକ୍ରମ ପରିବେଷଣ କରିବେ।




ହକି ଇଣ୍ଡିଆ ସିଇଓ ଏଲିନା ନର୍ମାନଙ୍କଠାରୁ ବିଶ୍ୱକପ୍ ଉଦ୍‌ଘାଟନୀ ଟିକେଟ ଟୋକନ ଗ୍ରହଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ବଲିଉଡ୍ ଷ୍ଟାର ଶାହରୁଖ ଖାଁ କଳିଙ୍ଗ ଷ୍ଟାଡିୟମ କାର୍ଯ୍ୟକ୍ରମରେ ଆକର୍ଷଣର କେନ୍ଦ୍ରରେ ରହିବେ। ଅନ୍‌ଲାଇନ୍ ଟିକେଟ କ୍ରେତା ନଭେମ୍ବର ୨୨ ଅପରାହ୍ନ ୩ଟାଠାରୁ ପ୍ରମାଣପତ୍ର ଦେଖାଇ କଳିଙ୍ଗ ଷ୍ଟାଡିୟମ ଗେଟ୍ ନମ୍ବର ୪ ନିକଟରୁ ପ୍ରକୃତ ଟିକେଟ ସଂଗ୍ରହ କରି ପାରିବେ। ଏହା ବ୍ୟତୀତ ଟିକେଟ ବିକ୍ରି ଅଧିକାର ପାଇଥିବା ଭୁବନେଶ୍ୱରର ଅନ୍ୟ ଆଉଟଲେଟ୍ ଗୁଡ଼ିକରେ ମଧ୍ୟ ଏହା କରାଯାଇପାରିବ। କଟକରେ ଟିକେଟ ରିଡେମ୍ପଶନ ପାଇଁ କାଉଣ୍ଟର ଖୋଲାଯିବ। ଏହାର ତାରିଖ ପରେ ଜଣାଇ ଦିଆଯିବ ବୋଲି ହକି ଇଣ୍ଡିଆ ପକ୍ଷରୁ ପ୍ରକାଶ କରାଯାଇଛି। ହକି ବିଶ୍ୱକପ ୧୪ତମ ସଂସ୍କରଣର ମ୍ୟାଚଗୁଡ଼ିକ ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ବିଶ୍ୱର ଶ୍ରେଷ୍ଠ ୧୬ଟି ଦଳ ଅଂଶଗ୍ରହଣ କରିବେ।



ବିଶ୍ୱ ମହିଳା ବକ୍ସିଂରେ ସୋମବାର ଭାରତର ସୋନିଆ ଚହଲ (ଡାହାଣ) ଓ ବୁଲଗେରିଆର ଷ୍ଟାନିମାରା ପେଟ୍ରୋଭା ମଧ୍ୟରେ ଲଢ଼େଇ।

## କ୍ୱାର୍ଟରରେ ୮ ଭାରତୀୟ

ବିଶ୍ୱ ମହିଳା ବକ୍ସିଂ

**ନୂଆଦିଲ୍ଲୀ,୧୯।୧୧(ପି.ଟି.):** ଏଠାରେ ଚାଲିଥିବା ଏଆଇବିଏ ମହିଳା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତୀୟ ଖେଳାଳିଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରହିଛି। ଜଜିଂରେ ଦେଖାଦେଇଥିବା ବିବାଦ ଭାରତୀୟ ମହିଳା ବକ୍ସରଙ୍କ ପ୍ରଦର୍ଶନକୁ ପ୍ରଭାବିତ କରି ପାରିନାହିଁ। ସୋମବାର ୮ଜଣ ଭାରତୀୟ ବକ୍ସର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ସୋନିଆ ଚହଲ (୫୭ କେ.ଜି.), ପିଙ୍କି ରାନୀ (୫୧ କେ.ଜି.) ଓ ସିମରନଜିତ୍ କୌର (୬୪ କେ.ଜି.) ସେମାନଙ୍କ ପ୍ରି- କ୍ୱାର୍ଟର ଫାଇନାଲ ବାଉଟ୍ ବିଜୟୀ ହୋଇ କ୍ୱାର୍ଟରକୁ ଉଠିଛନ୍ତି। ଅତିକମ୍‌ରେ ବ୍ରୋଞ୍ଜ୍ ପଦକଠାରୁ ଏହି ଖେଳାଳିମାନେ ଗୋଟିଏ ପାଦ ଦୂରରେ ରହିଛନ୍ତି। ତେବେ ଏକମାତ୍ର ଭାରତୀୟ ବକ୍ସର ଭାବେ ସାୱିଟି ବୁରା (୭୫ କେ.ଜି.) ପରାଜୟର ସମ୍ମୁଖୀନ ହୋଇ ପ୍ରତିଯୋଗିତାରୁ ବାଦ ପଡିଛନ୍ତି।

ସ୍ଥାନୀୟ କି.ଡି. ଯାଦବ ଷ୍ଟାଡିୟମରେ ଚାଲିଥିବା ଏହି ମେଗା ଇଭେଣ୍ଟରେ ରବିବାର ଅଲିମ୍ପିକ୍ସ ପଦକ ବିଜୟିନୀ ଏମ୍.ସି. ମେରିକମ୍ (୪୮ କେ.ଜି.), ମନୀଷା ମୌନ (୫୪ କେ.ଜି.), ଲୋଭଲିନା ବୋରଗୋହେନ (୬୯ କେ.ଜି.) ଓ କଚାରି ଭାଗ୍ୟବତୀ (୮୧ କେ.ଜି.) ନିଜର ପ୍ରି- କ୍ୱାର୍ଟର ଫାଇନାଲ ବାଉଟ୍ ଜିତି କ୍ୱାର୍ଟରକୁ ଉଠିଛନ୍ତି। ସିମା ପୁନିଆ ମଙ୍ଗଳବାର ଚାଇନାର ଜିଆଓଲି ୟାଙ୍ଗଙ୍କ ବିପକ୍ଷରୁ କ୍ୱାର୍ଟର ଫାଇନାଲ ଅଭିଯାନ କରିବେ।

ପୂର୍ବତନ ଚାମ୍ପିୟନ୍ ଏଲ. ସରିତା ଦେବୀ (୬୦ କେ.ଜି.) ଦ୍ୱିତୀୟ ଭାରତୀୟ ଭାବେ ଏହି ଟୁର୍ଣ୍ଣାମେଣ୍ଟର ପ୍ରି- କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ସେ ୨୦୧୬ ବିଶ୍ୱଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜୟିନୀ ଆୟର୍ଲାଣ୍ଡର କେଲି ହାରିଙ୍ଗଟନ୍‌ଠାରୁ ୩-୨ରେ ପରାସ୍ତ ହୋଇ ରବିବାର ବିଦାୟ ନେଇଛନ୍ତି।

୨୦୦୬ ସଂସ୍କରଣରେ ଭାରତୀୟ ବକ୍ସରମାନେ ଘରୋଇ ପରିବେଶରେ ଦମ୍‌ଦାର ପ୍ରଦର୍ଶନ କରି ୮ ପଦକ ହାସଲ କରିବା ସହ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ତେବେ ଗତ ଦୁଇଟି ସଂସ୍କରଣରେ ଭାରତ ଦୁଇ ଓ ଗୋଟିଏ ପଦକ ହାସଲ କରିଥିଲା।

ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିନରେ ଜଜିଂ ନେଇ ବିବାଦ ଦେଖା ଦେଇଥିଲା। ୨୦୧୪ ସ୍ୱର୍ଣ୍ଣ ପଦକ ବିଜୟିନୀ ବୁଲଗେରିଆର ଷ୍ଟାନିମାରା ପେଟ୍ରୋଭା (୫୭ କେ.ଜି.) ଜଜ୍‌ଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣି ବିବାଦ ଛିଡ଼ା କରିଥିଲେ। ପ୍ରି- କ୍ୱାର୍ଟର ଫାଇନାଲରେ ଭାରତର ସୋନିଆ ଚହଲଠାରୁ ପରାସ୍ତ ହେବା ପରେ ସେ ଏହି ଅଭିଯୋଗ ଆଣିଥିଲେ। ସୋନିଆଙ୍କୁ ବିଜୟୀ ଘୋଷଣା କରାଯାଉଥିବା ବେଳେ ପେଟ୍ରୋଭା ହସୁଥିବାର ଓ ମଝି ଅଙ୍ଗୁଳି ଦେଖାଉଥିବାର ଲକ୍ଷ୍ୟ କରାଯାଇଥିଲା। ତାଙ୍କ କୋଚ୍ ପିଟର ୟୋସିଫୋଭ ଲିସୋଭ ଅସନ୍ତୁଷ୍ଟ ହୋଇ ବକ୍ସିଂ ରିଙ୍ଗ ଭିତରକୁ ପାଣି ବୋତଲ ଫୋପାଡିଥିଲେ। ଫଳରେ ଏଆଇବିଏ ତାଙ୍କ ଆକ୍ରିଡେଶନ ପ୍ରତ୍ୟାହାର କରିଥିଲା ଓ ତାଙ୍କୁ ରିଙ୍ଗ୍ ପାଖକୁ ଯିବାକୁ ବାରଣ କରିଥିଲା।

## ଗୁରୁ ରହିଛନ୍ତି ଅଲୋଡ଼ା

ରାଉରକେଲା ଅଫିସ,୧୯।୧୧

**୨୮ରୁ ହକି ବିଶ୍ୱକପ୍**
- କୋଚ୍ ତଥା ପ୍ରଶିକ୍ଷକଙ୍କୁ ନିମନ୍ତ୍ରଣ ନାହିଁ
- ଅନ୍ତୁଡିଶାଳକୁ ଅବହେଳା ଅଭିଯୋଗ
- ଏ ଯାଏ ମିଳିନି ପାସ୍ ଖଣ୍ଡେ
- ଶିଷ୍ୟଙ୍କୁ ନେହୁରା ହେଉଛନ୍ତି ଗୁରୁ

ଆସନ୍ତା ୨୮ରୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ହକି ବିଶ୍ୱକପ୍ ଅନୁଷ୍ଠିତ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ସବୁଠି ଚାଲିଛି ସାଜସଜା। ମେଶିନ ସହାୟତାରେ ରାସ୍ତାରୁ ଧୂଳି ବି ସଫା କରାଯାଉଛି। ରାସ୍ତାକଡ କାନ୍ଥ, ପାଚେରି ଆଉ ଓଭରବ୍ରିଜକୁ ଚିତ୍ର ବିଚିତ୍ର କରାଯାଉଛି। ସହରର ବିଭିନ୍ନ ସ୍ଥାନରେ ଉଜ୍ଜ୍ୱଳ ଆଲୋକ, ସିସିଟିଭି କ୍ୟାମେରା ଖଞ୍ଜା ଗଲାଣି। ଖାଲଖମା ରାସ୍ତାକୁ ପିଚୁ ଢାଳି ଚକାଚକ୍ କରାଯାଉଛି। ଦେଶ ବିଦେଶରୁ ଖେଳାଳି, ଦର୍ଶକ, ଅତିଥିମାନେ ଆସୁଥିବାରୁ ସରକାର ବେଶ୍ ତତ୍ପର। ରାଜ୍ୟ ସମ୍ମାନରେ ଯେପରି ଆଞ୍ଚ ନ ଆସେ ସେଥିପ୍ରତି ଅଫିସରମାନଙ୍କୁ ସରକାରଙ୍କ ତାଗିଦ। ଏଣୁ ବିଏମ୍‌ସି ହେଉ କି ରାଜ୍ୟ ସରକାରଙ୍କ ବିଭିନ୍ନ ପଦାଧିକାରୀ ଓ କର୍ମଚାରୀଙ୍କ ନିଦ ହଜି ଯାଇଛି। ଏଥର ହକି ବିଶ୍ୱ କପ୍ ନିଶ୍ଚୟ ଓଡ଼ିଶାକୁ ସମ୍ମାନ ଦେବାରେ ଆଉ ଏକ ସ୍ୱତନ୍ତ୍ର ପୃଷ୍ଠା ଯୋଡ଼ିବ ବୋଲି ରାଜ୍ୟ ସରକାର ନିଶ୍ଚିତ। ହେଲେ ହକିର ଅନ୍ତୁଡିଶାଳ କୁହାଯାଉଥିବା ସୁନ୍ଦରଗଡ଼, ରାଉରକେଲାର ହକି ଗୁରୁ, କୋଚ୍ ଅବା ପ୍ରଶିକ୍ଷକଙ୍କୁ କ୍ରୀଡ଼ା ବିଭାଗ ଅଲୋଡା କରିଦେଇଛି। କଳିଙ୍ଗ ଷ୍ଟାଡିୟମ ଦର୍ଶକ ଗ୍ୟାଲେରିରେ ବସିବାକୁ ଏମାନଙ୍କୁ ଏ ଯାଏ ନିମନ୍ତ୍ରଣ ବି କରାଯାଇନି। ପ୍ରଶ୍ନ ଉଠିଛି ଜାଣିଶୁଣି ଏମାନଙ୍କୁ କୋଣଠେସା କରାଯାଇଛି ନା କ୍ରୀଡ଼ା ବିଭାଗର ସେମାନଙ୍କ କଥା ମନେ ନାହିଁ। ଯଦି ଜାଣିଶୁଣି ଏହି ଗୁରୁମାନଙ୍କୁ ଦୂରେଇ ରଖାଯିବ ତେବେ ଉନ୍ନତି ନୁହେଁ ବରଂ ଅବନତି ହେବ। ବିକାଶ ହେବନି ବରଂ ବିନାଶ ହେବ। ଏଣୁ ଏବେ ବି ସମୟ ଅଛି ରାଜ୍ୟ କ୍ରୀଡ଼ା ବିଭାଗ ଏହି ବଦ୍‌ନାମରୁ ମୁକୁଳିବା ପାଇଁ ଚାହିଁଲେ ବାଟ ବାହାର କରିପାରିବ।

ହକି ବିଶ୍ୱକପ୍ ପାଇଁ ଏବେ ଟିକେଟ ବିକ୍ରି ପ୍ରକ୍ରିୟା ଜାରି ରହିଛି। ଏଥିରେ ପାକିସ୍ତାନ ସମେତ ୧୬ଟି ଦେଶର ହକି ଦଳ ଭାଗ ନେବେ। ଖେଳରେ ବଲ ବୟ ଓ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରିବାକୁ ରାଉରକେଲା ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲ ଛାତ୍ରାବାସ ଅନ୍ତେବାସୀଙ୍କ ମଧ୍ୟରୁ ୫୦ଜଣ ପିଲା ଇତିମଧ୍ୟରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଗତ ୨୦୧୭ ଜୁଲାଇରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପରେ ରାଜ୍ୟ କ୍ରୀଡ଼ା ବିଭାଗ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳିଙ୍କୁ ଆମନ୍ତ୍ରଣ କରିଥିବା ବେଳେ ହକି ବିଶ୍ୱକପ୍ ଲାଗି କାହାରିକୁ ଡାକିନାହାନ୍ତି। ହକି ପାଇଁ ସମର୍ପିତ ସୁନ୍ଦରଗଡ଼ ଜିଲାର ଅନେକ ପ୍ରଶିକ୍ଷକ, ଖେଳାଳି ଓ ହଷ୍ଟେଲର ମହିଳା ଅନ୍ତେବାସୀ ପାସ୍ ପାଇବା ତ ଦୂର କଥା ଟିକେଟ ପାଇବା ନେଇ ବ୍ୟସ୍ତ ହୋଇ ପଡିଛନ୍ତି। ହକି ବିଶ୍ୱକପ୍ ଦେଖିବାକୁ ଆଜି ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ହକି ଖେଳାଳିଙ୍କୁ ପର ପାଖରେ ନେହୁରା ହେବାକୁ ପଡୁଛି। ଏପରି ଅବସ୍ଥାରେ ସମାନ ଅବସ୍ଥାରେ ପଡିଛନ୍ତି ପ୍ରଶିକ୍ଷକ। ନିଜେ ପାସ୍ ସଂଗ୍ରହ କରି ନ ପାରିଲେ ଖେଳ ଦେଖିବା ମନା। ହକିର ଅନ୍ତୁଡିଶାଳ କୁହାଯାଉଥିବା ସୁନ୍ଦରଗଡ଼ ରାଉରକେଲାର ବରିଷ୍ଠ ହକି ଖେଳାଳି ଓ କୋଚ ଖେଳ ଦେଖିବାରୁ ବଞ୍ଚିତ ହେବା ଅନେକ ହକି ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ପ୍ରତିଯୋଗିତାକୁ ଆଉ ୭ ଦିନ ବାକି ରହିଛି। ଆଜିଯାଏ ପାନପୋଷ ସମେତ ଅନ୍ୟ କୌଣସି କ୍ରୀଡ଼ା ଛାତ୍ରାବାସକୁ ଏଥିରେ ଯୋଗ ଦେବାକୁ ଆମନ୍ତ୍ରଣ କରାଯାଇନି। ଯେଉଁ ହକି ପ୍ରଶିକ୍ଷକ ଦିନେ ହକି ପାଇଁ ପଦ୍ମଭୂଷଣ, ଅର୍ଜୁନ ଓ ଏକଲବ୍ୟ ଭଳି ଜାତୀୟ ପୁରସ୍କାର ଆଣିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ ସେମାନଙ୍କ ପ୍ରତି ରାଜ୍ୟ କ୍ରୀଡା ବିଭାଗର ଅଣଦେଖା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହକି ତାରକା ଲାଜରୁସ ବାର୍ଲା, ଇଗ୍ନେସ ତିର୍କୀ, ଜ୍ୟୋତିସୁନୀତା କୁଲୁ ଓ ଦୀପସାନ ତିର୍କୀଙ୍କ ଭଳି ବିଶ୍ୱସ୍ତରୀୟ ହକି ତାରାକା ଏହାକୁ କେଉଁ ଦୃଷ୍ଟିରେ ଦେଖୁଥିବେ ତାହା ସହଜରେ ଅନୁମାନ କରାଯାଇ ପାରେ। ରାଜ୍ୟ କ୍ରୀଡା ବିଭାଗ ସୌଜନ୍ୟତା ଦୃଷ୍ଟିରୁ ହାତ ଗଣତି କେଇଜଣ ପ୍ରଶିକ୍ଷକଙ୍କୁ ଖେଳ ଦେଖିବା ନେଇ ଆମନ୍ତ୍ରଣ କରିବାରେ କିଛି ଅସୁବିଧା ନ ଥିଲା, ଯାହା କରାଯାଇ ନାହିଁ। ପ୍ରତିଯୋଗିତାରେ ଏମାନଙ୍କ ହାତ ଗଢା ଖେଳାଳି ଭାଗ ନେବେ ଓ ଟିକେଟ ହାସଲ କରିପାରିଥିବା ଖେଳାଳି ଖେଳ ଉପଭୋଗ କରି ପାରିବେ। କିନ୍ତୁ ଗୁରୁ ରହିଯିବେ ଆଲୋଡା ହୋଇ।

ସୁନ୍ଦରଗଡ ଜିଲା ହେଉଛି ରାଜ୍ୟ ହକିର ମୂଳ ଭିତ୍ତି। ଏଇଠୁ ସର୍ଜନା ତଥା ସୃଷ୍ଟି। ଟିକେଟ ଖଣ୍ଡେ ପାଇଁ ଚାତକ ପରି ଚାହିଁ ବସିଥିବା ପ୍ରଶିକ୍ଷକ (ଗୁରୁ)ଙ୍କ ଛାତ୍ରମାନଙ୍କ ମଧ୍ୟରୁ ଆଜି ଅନେକ ବିଭିନ୍ନ ସ୍ତରରେ ପ୍ରତିଷ୍ଠିତ। ଯାହାଙ୍କ ହାତ ସ୍ପର୍ଶ ପାଇ ବିଶ୍ୱକପ୍‌ଠୁ ନେଇ ଅଲିମ୍ପିକ ଯାଏ ହକିରେ କମାଲ ଦେଖାଇଛି ସୁନ୍ଦରଗଡ। ଖାସ ସେଇଥି ପାଇଁ ଏଠି ଗ୍ରାମାଞ୍ଚଳ ହକିଠୁ ନେଇ ପ୍ରଦର୍ଶନୀ ହକି ମ୍ୟାଚ ଆୟୋଜନ କରାଗଲା। ମୁଖ୍ୟମନ୍ତ୍ରୀ ଓ କ୍ରୀଡ଼ା ମନ୍ତ୍ରୀ ଆସି ଖେଳ ଓ ଖେଳାଳିଙ୍କୁ ଉତ୍ସାହିତ କଲେ। ହକିକୁ ଜାତୀୟ ଖେଳ ମାନ୍ୟତା ଦେବା ନେଇ ଉଦ୍ୟମ ଅବ୍ୟାହତ ରହିବ ବୋଲି ମୁଖ୍ୟମନ୍ତ୍ରୀ କଥା ଦେଇଗଲେ। ଏପରି ଅବସ୍ଥାରେ ସରକାର ଓ କ୍ରୀଡା ବିଭାଗ ଦ୍ୱାରା ନିଯୁକ୍ତି ପ୍ରାପ୍ତ ପ୍ରଶିକ୍ଷକଙ୍କ ମଧ୍ୟରୁ କେଇ ଜଣ ଏହି ଟିକେଟ ଖଣ୍ଡେ ପାଇବାକୁ ନିଜ ଛାତ୍ର ପାଖରେ ନେହୁରା ହେବା ବିଡ଼ମ୍ବନା। ବରିଷ୍ଠ ହକି ପ୍ରଶିକ୍ଷକ ସିଲ୍‌ଭେଷ୍ଟର ଟପୋ, ପିଟର ତିର୍କୀ, ହରମନ ଲାକ୍ରା, ରାଜୁକାନ୍ତ ସଇନି ପ୍ରମୁଖ କହିଛନ୍ତି ଯେ, ସେମାନଙ୍କୁ ଏ ଯାଏ ପାସ୍ ଖଣ୍ଡେ ମିଳିନି। ରାଉରକେଲାରୁ ଯାଇ ଭୁବନେଶ୍ୱରରେ ଟିକେଟ ସଂଗ୍ରହ କରି ଖେଳ ଦେଖିବା ସମ୍ଭବ ହେଲା ପରି ଲାଗୁନି।

ଏ ନେଇ ଜିଲା କ୍ରୀଡା ଅଧିକାରୀ ତେଜକୁମାର ଖେସଙ୍କୁ ପଚରାଯିବାରୁ ସେ କହିଥିଲେ ଯେ ତାଙ୍କୁ ଏ ନେଇ କେହି ଯୋଗାଯୋଗ କରି ନାହାନ୍ତି। ସେହିଭଳି ବରିଷ୍ଠ ହକି ପ୍ରଶିକ୍ଷକ ସିଲଭେଷ୍ଟର ଟପୋ କହିଛନ୍ତି ଯେ, ଖେଳ ୭ ଦିନ ବାକି ରହିଥିବା ବେଳେ ପାସ କିମ୍ବା ଟିକେଟ ପାଇବା ଆମ ପାଇଁ ସ୍ୱପ୍ନ ପାଲଟିଛି। ମୋତେ ଲାଗୁନି କି କେହି ବରିଷ୍ଠ କୋଚ କିମ୍ବା ଖେଳାଳି ପାସ ପାଇ ଖେଳ ଦେଖିବେ ବୋଲି। ଅନ୍ୟତମ ସିନିୟର କୋଚ ପିଟର ତିର୍କୀ, ହରମନ ଲାକ୍ରା, ରାଜୁକାନ୍ତ ସାଇନି ପ୍ରମୁଖ ମଧ୍ୟ ପାସ୍ ପାଇବା ନେଇ ନିରାଶା ବ୍ୟକ୍ତ କରିଛନ୍ତି। ଭାରାକ୍ରାନ୍ତ ମନରେ କହିଛନ୍ତି ଯେ ଆମକୁ ଆଙ୍କା କେହି ଖୋଜୁ ନାହାନ୍ତି। ରାଉରକେଲାରୁ ଯାଇ ଭୁବନେଶ୍ୱରରେ ଟିକେଟ ସଂଗ୍ରହ କରି ଖେଳ ଦେଖିବା ଆମ ପକ୍ଷେ ସମ୍ଭବ ହେଲାପରି ଲାଗୁନି। ସେହିଭଳି ପାନପୋଷ କ୍ରୀଡ଼ା ସଂଗଠନର କାର୍ଯ୍ୟକାରୀ ସମ୍ପାଦକ ରୂପନାରାୟଣ ସିଂ କହିଛନ୍ତି ଯେ, ସରକାର ବିଶ୍ୱସ୍ତରୀୟ ହକି ଆୟୋଜନ କରିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ବରିଷ୍ଠ ଖେଳାଳିଙ୍କ ପାଇଁ ପାସ୍ ଖଣ୍ଡେ ବ୍ୟବସ୍ଥା ନ କରିବା ଅତି ଦୁଃଖଦାୟକ। ବରିଷ୍ଠ ମହିଳା ହକି ଖେଳାଳି ତଥା କୋଚ ମେରି ପୂର୍ତ୍ତୀଙ୍କୁ ଏନେଇ ପଚାରାଯିବାରୁ ସେ କହଛନ୍ତି ଯେ, ବରିଷ୍ଠ ଖେଳାଳିଙ୍କ ପ୍ରତି ରାଜ୍ୟ ସରକାରଙ୍କ ଏଭଳି ଆଚରଣ ଅତ୍ୟନ୍ତ ନିନ୍ଦନୀୟ। ବରିଷ୍ଠ ଖେଳାଳିଙ୍କୁ ଆମନ୍ତ୍ରଣ କରାଯାଉନି ଶୁଣିବା ପରେ ଖୁବ ବାଧିଛି। ସେହିଭଳି ଆଉ ଜଣେ ବରିଷ୍ଠ ହକି ଖେଳାଳି ବାର୍ଥଲୋମି କେର୍କେଟା ଏହାକୁ ଦୁର୍ଭାଗ୍ୟଜନକ ଏବଂ ସରକାର ଏଥିପ୍ରତି ବିଶେଷ ଦୃଷ୍ଟି ଦେବେ ବୋଲି କହିଛନ୍ତି।

–ବସନ୍ତ ଧଳ

# ହୋମ୍‌ୱାର୍କ ପାଇଁ ଦୁଇ ଛାତ୍ରୀଙ୍କୁ ଶିକ୍ଷକଙ୍କ ମାଡ଼

■ଥାନାର ଦ୍ୱାରସ୍ଥ ହେଲେ ଅଭିଭାବକ

■ଶିକ୍ଷକ ଅଟକ, ଚୁପ୍ ବସିଛନ୍ତି ସ୍କୁଲ୍ କର୍ତ୍ତୃପକ୍ଷ

**ଭୁବନେଶ୍ୱର,୧୯।୧୧ (ବ୍ୟୁରୋ):** ଶିକ୍ଷାନୁଷ୍ଠାନକୁ ଦଣ୍ଡମୁକ୍ତ ଘୋଷଣା କରାଯାଇଛି। ଏହାସତ୍ତ୍ୱେ ଛାତ୍ରୀଛାତ୍ରଙ୍କୁ ନିର୍ଯାତନା ଦିଆଯାଉଛି। କେତେବେଳେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଉଛି ତ ଆଉ କେତେବେଳେ ମାଡ଼ ମରାଯାଉଛି। ଖୋଦ୍ ରାଜଧାନୀର ଏକ ଘରୋଇ ସ୍କୁଲ୍‌ରେ ଏମିତି ଏକ ଘଟଣା ପଦାକୁ ଆସିଛି। ହୋମ୍‌ୱାର୍କ ନ କରିବାରୁ ଦୁଇ ଛାତ୍ରୀଙ୍କୁ ଜଣେ ଶିକ୍ଷକ ମାଡ଼ ମାରିଥିବା ନେଇ ସୋମବାର ସେମାନଙ୍କ ଅଭିଭାବକ ଚନ୍ଦ୍ରଶେଖରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ଶିକ୍ଷକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ପୋଲିସ ସୂଚନାନୁସାରେ, ପଟିଆ କାନନ ବିହାରରେ ରହିଛି ଏକ ଘରୋଇ ଇଂଲିଶ ମିଡିୟମ ସ୍କୁଲ୍। ଏହି ସ୍କୁଲ୍‌ର ଗଣିତ ଶିକ୍ଷକ ପାଠ ପଢ଼ାଇବା ସହ ଛାତ୍ରୀଛାତ୍ରଙ୍କୁ କିଛି ହୋମ୍‌ୱାର୍କ କରିବାକୁ ଦେଇଥିଲେ। କିନ୍ତୁ ଦୁଇଜଣ ଛାତ୍ରୀ ତାହା କରି ନ ଥିଲେ। ଏହା ଜାଣିବା ପରେ ଶିକ୍ଷକ ଜଣକ ଉତ୍ତ୍ୟକ୍ତ ହୋଇ ସେମାନଙ୍କୁ ଚାପୁଡ଼ା ସହ ବିଧା ମାରିଥିଲେ। ଏ ସମ୍ପର୍କରେ ଦୁଇ ଛାତ୍ରୀ ସେମାନଙ୍କ ଅଭିଭାବକଙ୍କୁ ଜଣାଇଥିଲେ। ପରିବାର ଲୋକେ ପ୍ରଥମେ ଶିକ୍ଷକଙ୍କ ବିରୋଧରେ ସ୍କୁଲ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ମାତ୍ର କିଛି ସୁଫଳ ନ ମିଳିବାରୁ ପରେ ସେମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଥାନା ଅଧିକାରୀ ଦୀପକ ମିଶ୍ର କହିଛନ୍ତି, ହୋମ୍‌ୱାର୍କ କରି ନ ଥିବାରୁ ଶିକ୍ଷକ ମାଡ଼ ମାରିଥିବା ଛାତ୍ରୀଙ୍କ ଅଭିଭାବକ ଅଭିଯୋଗ କରିଥିଲେ। ଆମେ ଉଭୟଙ୍କୁ ଥାନାକୁ ଡାକି ପଚରା ଉଚରା କରିଥିଲୁ। ହେଲେ ପରେ ଉଭୟଙ୍କ ମଧ୍ୟରେ ଆପୋସ ସମାଧାନ ହୋଇଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ତଳେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ସ୍କୁଲରେ ଦୁଇ ଛାତ୍ରୀଙ୍କୁ ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। କିନ୍ତୁ ପରେ ଉଭୟଙ୍କ ମଧ୍ୟରେ ଆପୋସ ସମାଧାନ ହୋଇଥିଲା।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

**ମାହାଙ୍ଗା,୧୯।୧୧(ସ୍ୱ.ପ୍ର.):** ପୋଖରୀରେ ବୁଡ଼ି ସୋମବାର କଟକ ଜିଲା ମାହାଙ୍ଗା ଥାନା ଅଧୀନ କୁହୁଣ୍ଡା ପଞ୍ଚାୟତସ୍ଥିତ କଲ୍ୟାଣପୁର ମୁସଲମାନ ସାହିର ଜଣେ ୨ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ସେକ୍ ରହିମଙ୍କ ପୁଅ ସେକ୍ ରହିସ। ଘର ନିକଟରେ ଖେଳୁଥିବାବେଳେ ଘରର ଅନତି ଦୂରରେ ଥିବା ଏକ ପୋଖରୀରେ ପଡି ଯାଇଥିଲେ। ପୁଅ ପୋଖରୀରେ ପଡିଥିବା ସମ୍ପର୍କରେ ପରିବାର ଲୋକେ ଜାଣି ନ ଥିଲେ। ସ୍ଥାନୀୟ ଗ୍ରାମର କେତେଜଣ ପିଲା ଏହି ପୋଖରୀ ନିକଟ ଦେଇ ଯାଉଥିବା ସମୟରେ ରହିସ ପାଣିରେ ଭାସୁଥିବା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏହା ପରେ ପରିବାର ଲୋକେ ଆସି ରହିସକୁ ଉଦ୍ଧାର କରି ମାହାଙ୍ଗା ଗୋଷ୍ଠୀକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପିସି ବିଦ୍ୟାମନ୍ଦିରରେ ୨୨୧ ଜଣ ଦେଲେ ପଠାଣି ସାମନ୍ତ ମେଧା ବୃତ୍ତି ପରୀକ୍ଷା

**ରଘୁନାଥପୁର, ୧୯।୧୧( ଡି.ଏନ.ଏ.):** ରଘୁନାଥପୁରସ୍ଥିତ ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିରରେ ସୋମବାର ବ୍ଲକ ଅଞ୍ଚଳର ବିଭିନ୍ନ ସ୍କୁଲରୁ ୨୨୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଏମାନଙ୍କ ମଧ୍ୟରେ ଷ୍ଟେଜ୧(୬ଷ୍ଠ ଶ୍ରେଣୀ) ପାଇଁ ୭୨ ମଧ୍ୟରୁ ୬୨ ଜଣକ ଏବଂ ଷ୍ଟେଜ ୨ (ନବମ ଶ୍ରେଣୀ) ପାଇଁ ୧୫୯ ଜଣଙ୍କ ମଧ୍ୟରୁ ୧୪୯ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ହୋଇ ପରୀକ୍ଷା ଦେଇଥିଲେ। ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିବାବେଳେ ବରିଷ୍ଠ ଶିକ୍ଷକ ନିକୁଞ୍ଜ କିଶୋର ଦାଶ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଭାବେ ପରୀକ୍ଷା ପରିଚାଳନା କରିଥିଲେ। ଅବଜରଭର ଭାବେ ଏବିଇଓ ମେନକା ମହାପାତ୍ର କେନ୍ଦ୍ରରେ ଉପସ୍ଥିତ ଥିଲେ। ପୂର୍ବାହ୍ନ ୧୦ଟାରୁ ଦିନ ୧ଟା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପ୍ରାୟ ୧୦ ଜଣ ଶିକ୍ଷୟିତ୍ରୀଶିକ୍ଷକ ପରୀକ୍ଷା କେନ୍ଦ୍ରରେ ନିୟୋଜିତ ଥିଲେ।

### ଭାଗବତ ପାରାୟଣ

**ମାହାଙ୍ଗା,୧୯।୧୧(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଚାହାପଡ଼ା ପଞ୍ଚାୟତସ୍ଥିତ ବରଦିଆ ଗ୍ରାମର ମା'ଜାଗୁଲାଇ ଠାକୁରାଣୀ ପୀଠରେ ସପ୍ତଦିନବ୍ୟାପୀ ଭାଗବତ ପାରାୟଣ ଅନୁଷ୍ଠିତ ହେଉଛି। ଏହି ଅବସରରେ ଭଜନ କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବନମାଳି ବରାଳ, ରଞ୍ଜିତ କୁମାର ବେହୁରା, ସାମାଜିକ କର୍ମୀ ଶିବ ଚରଣ ଜେନା, ନଳିନୀକାନ୍ତ ବେହୁରା, ବ୍ରଜବନ୍ଧୁ ବରାଳ, ଧରଣୀଧର ବରାଳ, ପ୍ରଶାନ୍ତ ସ୍ୱାଇଁ ଓ ପ୍ରଶାନ୍ତ କୁମାର ପୁଟିଆଙ୍କ ସମେତ ଅଞ୍ଚଳର ଭଗବତ ପ୍ରେମୀ ଉପସ୍ଥିତ ରହି ସହଯୋଗ କରିଛନ୍ତି।

### ରଗଡ଼ିରେ କାର୍ତ୍ତିକ ମହୋତ୍ସବ ଉଦ୍‌ଘାଟିତ

**ବାଙ୍କୀ,୧୯।୧୧(ସ୍ୱ.ପ୍ର.):** ଡମପଡ଼ା ବ୍ଲକ ରଗଡ଼ି ଗ୍ରାମର ଶ୍ରୀ ଶ୍ରୀ ମହିମାମଣୀ ପ୍ରଭୁଙ୍କ ପୀଠ ଗୁଣ୍ଡିଚା ପଡ଼ିଆରେ ସୋମବାର ରାତିରେ କାର୍ତ୍ତିକ ମହୋତ୍ସବ ୨୦୧୮ ଉଦ୍‌ଘାଟିତ ହୋଇଛି। ଶିଳ୍ପୀ ତଥା ଏମ୍‌ପି ରଘୁନାଥ ମହାପାତ୍ର ଏହି ଉତ୍ସବ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଗ୍ରାମର କଳା, ସାହିତ୍ୟ, ସଂସ୍କୃତି ସହିତ ପୂଜ୍ୟପୂଜାର ମହାନ ପରମ୍ପରାକୁ ବଜାୟ ରଖିବା ଓ ନୃତ୍ୟଗୀତକୁ ଲୋକଲୋଚନକୁ ଆଣିବା ଏକ ପ୍ରଶଂସନୀୟ କାର୍ଯ୍ୟ। ତେଣୁ ଏହି ମହୋତ୍ସବ କିପରି ଦୀର୍ଘସ୍ଥାୟୀ ହୋଇପାରିବ ସେଥିପ୍ରତି ଉଦ୍ୟମ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସମୀର ଦେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହୋତ୍ସବ ଭାବ ବିନିମୟର ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି କହିଥିଲେ। ବାଙ୍କୀ-ବାରଙ୍ଗ ଯୁବକ ସଂଘ ଆବାହକ ତୁଷାରକାନ୍ତ ଚକ୍ରବର୍ତ୍ତୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ରବିନାରାୟଣ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହୋତ୍ସବ କମିଟି ସଭାପତି ତଥା ସ୍ଥାନୀୟ ସରପଞ୍ଚ ଖଗେଶ୍ୱର ସେଠୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ରଣା ଅତିଥି ପରିଚୟ ଓ ସମ୍ପାଦକ କ୍ଷୀରୋଦ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ତଥା ସମିତି ସଭ୍ୟା ପ୍ରତିଭା ବେହେରା କାର୍ଯ୍ୟକ୍ରମ ସଫଳ କରିଥିବା ଯୋଗୁ ରଗଡି ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଥିଲେ। ସୂର୍ଯ୍ୟନାରାୟଣ ରାଉତ ଧନ୍ୟବାଦ ଦେଇଥିଲେ। ଅଭିନେତ୍ରୀ ଭୂମିକା ଦାଶ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ପ୍ରାରମ୍ଭରେ ଶ୍ରୀ ଶ୍ରୀ ମହିମାମଣୀଙ୍କ ମନ୍ଦିରରୁ ଆଜ୍ଞାମାଳା ଓ ଜ୍ୟୋତିଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ମହୋତ୍ସବ ମଣ୍ଡପରେ ସ୍ଥାପନ କରାଯାଇଥିଲା।

■ ଶିଶୁଆଠାରୁ ଛାଣିପୁର ପର୍ଯ୍ୟନ୍ତ ୫ନଂ. କେନାଲ ବନ୍ଧ ରାସ୍ତା ଶୋଚନୀୟ

# ମରାମତି ଦାବିରେ ଭାଜପାର ରାସ୍ତାରୋକୋ

**ସାଲେପୁର,୧୯।୧୧(ଡି.ଏନ.ଏ.)**

କେନ୍ଦୁପାଟଣା ଜଳସେଚନ ବିଭାଗ ଅଧୀନରେ ଥିବା ସାଲେପୁର ବ୍ଲକର ଶିଶୁଆଠାରୁ ଛାଣିପୁର ପର୍ଯ୍ୟନ୍ତ ୫ନଂ. କେନାଲ ବନ୍ଧ ରାସ୍ତା ଶୋଚନୀୟ ହୋଇଛି। ଫଳରେ ଏହି ରାସ୍ତାରେ ଯାତାୟାତ କରିବା ଅସମ୍ଭବ ହୋଇପଡ଼ିଛି। ତେଣୁ ଏହାର ତୁରନ୍ତ ମରାମତି ଦାବିକରି ସ୍ଥାନୀୟ ଭାଜପା ସୋମବାର ରାସ୍ତାରୋକୋ କରିଛି। କଟକ-ଚାନ୍ଦବାଲି ରାସ୍ତାର ଶିଶୁଆ ବଜାରଠାରେ ଏହି ରାସ୍ତାରୋକୋ କରାଯାଇଥିଲା। ଯୁବନେତା ରଶ୍ମିରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପୁରୁଷୋତ୍ତମପୁର ଗ୍ରାମରୁ ଏକତ୍ରିତ ହୋଇ ସରକାର ବିରୋଧୀ ନାରାବାଜି କରି ଶିଶୁଆ ବଜାରଠାରେ ପହଞ୍ଚି ରାସ୍ତାରୋକୋ କରିବା ସହ ପ୍ରତିବାଦ ସଭା କରିଥିଲେ। ଖବର ପାଇ ଘଟଣାସ୍ଥଳରେ ସାଲେପୁର ତହସିଲଦାର ପଦ୍ମଜା ଦାଶ, ଥାନା ଆଇଆଇସି ଦେବେନ୍ଦ୍ର କୁମାର ମଲ୍ଲିକ୍, କେନ୍ଦୁପାଟଣା ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅମୂଲ୍ୟ ଚରଣ ଓଝା ଓ ସହକାରୀ ଯନ୍ତ୍ରୀ ଅଜୟ ବେହେରା ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ସହ ଖୁବଶୀଘ୍ର ରାସ୍ତା ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ଭାଜପା କର୍ମୀମାନେ ରାସ୍ତାରୋକୋ କରି ପ୍ରତିବାଦ କରୁଛନ୍ତି।

ଏହାପରେ ଆନ୍ଦୋଳନକାରୀ ରାସ୍ତାରୋକୋ ଆନ୍ଦୋଳନରୁ ହଟି ଯାଇଥିଲେ। ଏଥିରେ ଜିଲା ଭାଜପା ସଭାପତି ହେମନ୍ତ ସାହୁ, ବରିଷ୍ଠ ନେତା କୁଞ୍ଜମୋହନ ସେଠୀ, ମନୋରଞ୍ଜନ ରାଉତରାୟ, ବିଜନ୍ ଶତପଥୀ, କିଶୋର ମହାନ୍ତି, କିଶୋର ବିଶୋଇ, ଅନୀଲ୍ ଦାସ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ମୀନକେତନ ଦାସ, ଫଗୁ ବେହେରା, ନାରାୟଣ ସାହୁ, ନାରୀନେତ୍ରୀ ନନ୍ଦିନୀ ଶତପଥୀ ଓ ପ୍ରମିଳା ସାମଲ ପ୍ରମୁଖ ସାମିଲ୍ ହୋଇଥିଲେ। ପ୍ରକାଶଯୋଗ୍ୟ, ରାସ୍ତା ଶୋଚନୀୟକୁ ନେଇ ବହୁବାର ବିଭିନ୍ନ ମହଲରୁ ପ୍ରଶାସନର ଦୃଷ୍ଟିଆକର୍ଷଣ କରାଯାଇଛି। ହେଲେ ଫଳ ଶୂନ। ଏହି ରାସ୍ତା ଉପରେ ଶିଶୁଆ, ନଇଗୁଆଁ, ଛାଣିପୁର, ଭୀମଦାସପୁର ପଞ୍ଚାୟତ ସମେତ ଆଖପାଖ ପଞ୍ଚାୟତର ଲୋକେ ଯାତାୟାତ କରିଥାନ୍ତି। ଦୀର୍ଘଦିନ ହେବ ବିଭିନ୍ନ ସ୍ଥାନରେ ବଡ଼ବଡ଼ ଖାଲଖମା ସୃଷ୍ଟିହେବା ସହ ଗୋଡ଼ି ଏବଂ ପିଚୁ ଉଠିଯାଇଛି। ଫଳରେ ଉକ୍ତ ରାସ୍ତା ଦେଇ ଜରୁରିକାଳିନ ଗାଡ଼ିଗୁଡ଼ିକ ଯାତାୟାତ କରିବାରେ ସମସ୍ୟା ଉପୁଜୁଛି। ଏପରି କି ଅନେକ ସମୟରେ ଛୋଟମୋଟ ଦୁର୍ଘଟଣା ଘଟୁଛି।

## ବଟାପୁରଛକରେ ରାସ୍ତା ଅବରୋଧ

**ସାଲେପୁର,୧୯।୧୧(ଡି.ଏନ.ଏ.)**

ସାଲେପୁର ବ୍ଲକର ଖରାଖିଆଠାରୁ ଜପକୁଦ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି। ତେଣୁ ଏହାର ତୁରନ୍ତ ମରାମତି ଦାବିକରି ବ୍ଲକ ଅଧୀନ ନାନ୍ଦୋଳ ପଞ୍ଚାୟତସ୍ଥିତ ୪ନଂ. କେନାଲ୍ ବନ୍ଧର ବଟାପୁରଛକଠାରେ ସୋମବାର ସକାଳେ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ରାସ୍ତାଟି ଦୀର୍ଘଦିନ ହେବ ଶୋଚନୀୟ ହୋଇପଡ଼ିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ମରାମତି କରାଯାଉନାହିଁ। ଅନେକଥର ରାସ୍ତା ମରାମତି ପାଇଁ ଦାବି ହୋଇଛି। ହେଲେ କୌଣସି ସୁଫଳ ମିଳୁନାହିଁ। ସ୍ଥାନୀୟ ଯୁବକ ଏକତ୍ରିତ ହୋଇ କେନାଲ୍ ବନ୍ଧ ରାସ୍ତା ଉପରେ ବାଉଁଶ ବାନ୍ଧି ଏବଂ ଟାୟାର ଜାଳି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ରାସ୍ତାଟି ନାନ୍ଦୋଳ, ସଉରୀ, କଟରପା, ଓଡାସିଂହ, ସିଡ଼ୋ, ଭୀମଦାସପୁର ପଞ୍ଚାୟତ ଲୋକଙ୍କ ମୁଖ୍ୟ ରାସ୍ତା। ଏହି ରାସ୍ତାର ବହୁ ସ୍ଥାନରେ ଖାଲଖମା ସୃଷ୍ଟିହେବା ସହ କେତେକ ସ୍ଥାନରେ ଗୋଡ଼ି ଏବଂ ମେଟାଲ୍ ଉଠି ଉପରକୁ ଦେଖାଯାଉଛି। ଫଳରେ ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି।



ଗ୍ରାମବାସୀ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

## ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ତିଗିରିଆ,୧୯।୧୧(ଡି.ଏନ.ଏ.)**

ତିଗିରିଆ ବ୍ଲକ ଅଧୀନ ନୂଆପାଟଣା ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ ରବିବାର ନୂଆପାଟଣା ବଡ଼ସାହିଠାରେ ଅନୁଷ୍ଠିତ ହୋଇଛି। ଯୁବ ବାହିନୀ ସଭାପତି ପୀତବାସ ଜେନାଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଜିଲା ପରିଷଦ ସଭ୍ୟା ରଶ୍ମିତା ମହାଲିକ, ସମ୍ମାନିତ ଅତିଥି ମହେନ୍ଦ୍ର କୁଣ୍ଡୁ ଏବଂ ଯୁବ ବାହିନୀ ବ୍ଲକ ସଂଯୋଜକ ଜ୍ଞାନରଞ୍ଜନ ଦାସ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଗୀତ, ନୃତ୍ୟ ଓ ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ସୁଦେଷ୍ଣା ନନ୍ଦ ଓ ପୁଷ୍ପାଞ୍ଜଳି ଆଚାର୍ଯ୍ୟ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ପରେ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା।



ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

## ସାମାଜିକ ଶୃଙ୍ଖଳା ସଚେତନତା ଶିବିର

**ବାଙ୍କୀ,୧୯।୧୧(ସ୍ୱ.ପ୍ର.)**

ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ତାରିଣୀ ଛକର ଏକ ଘରୋଇ ଶିକ୍ଷା ତାଲିମ କେନ୍ଦ୍ରରେ ସମାଜିକ ଶୃଙ୍ଖଳା ଉପରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜିକ କର୍ମୀ ଗୌତମ ମିଶ୍ର ଯୋଗଦେଇ ବିଦ୍ୟାର୍ଥୀଙ୍କୁ ସାମାଜିକ ଶୃଙ୍ଖଳା ଉପରେ ବିଷଦଭାବେ ବୁଝାଇଥିଲେ। ଏଥିସହ ସମାଜରେ ବଞ୍ଚିରହିବାକୁ ହେଲେ ଶିକ୍ଷାର ଯେତିକି ଆବଶ୍ୟକ ସେହି ପରିମାଣର ସାମାଜିକ ଶୃଙ୍ଖଳାର ଆବଶ୍ୟକ ରହିଛି। ପ୍ରତ୍ୟେକ ଛାତ୍ରୀଛାତ୍ର ପିତାମାତା ଓ ଗୁରୁଜନଙ୍କୁ ସମ୍ମାନ କରିବା, କୁଶଙ୍ଗ ଓ ନିଶାକୁ ବର୍ଜନ କରି ଶୃଙ୍ଖଳିତ ଜୀବନଯାପନ କଲେ ସେମାନଙ୍କ ଭବିଷ୍ୟତ ସୁଖମୟ ହେବ ବୋଲି ପ୍ରକାଶ କରିଥିଲେ। ଦେବ ପ୍ରସାଦ ପଣ୍ଡା, ଶିକ୍ଷକ ଜନ୍ମେଜୟ ପ୍ରକାଶ ଭୋଳ ଓ ସୁଶାନ୍ତ କୁମାର ସାହୁ ପ୍ରମୁଖ ପିଲାଙ୍କୁ ପାଠପଢାସହିତ ଦୈନିକ ଯୋଗାଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ।

## ବିଶ୍ୱ ଶୌଚାଳୟ ଦିବସ



ବିଶ୍ୱ ଶୌଚାଳୟ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**ଆଠଗଡ଼,୧୯।୧୧(ସ୍ୱ.ପ୍ର.)**

ଜିଲା ଜଳ ଓ ପରିମଳ ମିଶନ ପକ୍ଷରୁ ଆଠଗଡ଼ ଜଳ ଓ ପରିମଳ ବିଭାଗ ଏବଂ ବ୍ଲକ ଆନୁକୂଲ୍ୟରେ ସୋମବାର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ବିଶ୍ୱ ଶୌଚାଳୟ ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଆଠଗଡ଼ ଗ୍ରାମ୍ୟ ଜଳ ଯୋଗାଣ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ ପାଣି, ବିଡିଓ ହେମନ୍ତ କୁମାର ସ୍ୱାଇଁ, ବଡମ୍ବା ବିଡିଓ ସଦାନନ୍ଦ ସେଠୀ, ଜିଲା ସଂଯୋଜକ ରଞ୍ଜନ କୁମାର ମହାନ୍ତି ଓ ସୁଧାଂଶୁ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା ଗଠନ ପରିପ୍ରେକ୍ଷୀରେ ବାହ୍ୟ ସ୍ୱଚ୍ଛ ମୁକ୍ତ ଓ ସର୍ବସାଧାରଣଙ୍କୁ ବ୍ୟକ୍ତିଗତ ପାଇଖାନା ନିର୍ମାଣ କରି ସ୍ୱଚ୍ଛ ପରିବାର ସୁସ୍ଥ ପରିବାର ଗଠନ କରିବା ଉପରେ ମଞ୍ଚାସୀନ ଅତିଥି ମତ ପ୍ରକାଶ କରିଥିଲେ। ବାହ୍ୟ ମଳମୁକ୍ତ ପଞ୍ଚାୟତ ରୂପେ ଆଠଗଡ ଉପଖଣ୍ଡର ୬ଟି ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ଏହି ୬ ପଞ୍ଚାୟତ ହେଲେ ଆଠଗଡ଼ ବ୍ଲକର ସଠିଲେ, ତିଗିରିଆ ବ୍ଲକର ବିନ୍ଧାଣିମା, ବାଲିପୁଟ, ବଡମ୍ବା ବ୍ଲକର ସାନବାରିସିଙ୍ଗ, ଦାଶରଥୀପୁର ଓ ନରସିଂହପୁର ବ୍ଲକର ଫୁଲପଡ଼ା। ଉକ୍ତ ପଞ୍ଚାୟତର ସରପଞ୍ଚଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

## ମାହାଙ୍ଗାରେ କଂଗ୍ରେସ କ୍ଷମତାସୀନ ହେବ

**ନିଶ୍ଚିନ୍ତକୋଇଲି,୧୯।୧୧(ସ୍ୱ.ପ୍ର.)**

■ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବ
■ବଜ୍ର ଶପଥ କରାଇଲେ ପ୍ରଦୀପ୍ତ

ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ଉତ୍ସବ ସୋମବାର ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ବଡ଼କ୍ଷୀର ପଞ୍ଚାୟତ ପଣଷପଡ଼ିଆ ଗାନ୍ଧି ଛକରେ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ପିସିସି ସମ୍ପାଦକ ପ୍ରଦୀପ୍ତ ଦାସ ଯୋଗଦେଇ ମାହାଙ୍ଗାରେ ପୁଣି କଂଗ୍ରେସକୁ କ୍ଷମତାସୀନ କରାଇବା ପାଇଁ କର୍ମୀଙ୍କୁ ବଜ୍ର ଶପଥ କରାଇଥିଲେ। ବ୍ଲକ କଂଗ୍ରେସ ସଭାପତି ଦିଲୀପ ରାଉତଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ପଣଷପଡିଆ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ପୂଣ୍ୟ ପୀଠରେ ପହଞ୍ଚିଥିଲା। ସେଠାରେ ନେତୃମଣ୍ଡଳୀ ମହାତ୍ମା ଗାନ୍ଧୀ ଓ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ୨୪ନଂ ଜିଲାପରିଷଦ ଜୋନ ସଭାପତି ହିମାଂଶୁ ମଲ୍ଲଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଦାସ ଯୋଗଦେଇ ଇନ୍ଦିରାଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରିବା ସହ ଆଗାମୀ ଦିନରେ ମାହାଙ୍ଗାରେ କଂଗ୍ରେସ କ୍ଷମତାସୀନ୍ ହେବବୋଲି କହିଥିଲେ। ମୁଖ୍ୟବକ୍ତା କ୍ଷୀରୋଦ ସାମନ୍ତରାୟ ଇନ୍ଦିରାଙ୍କ ସୁଶାନ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ବିଜୟ ବେଉରିଆ, ରମେଶ ସାହୁ, ସଞ୍ଜୟ ବେହେର, ହିମାଂଶୁ ସ୍ୱାଇଁ, ଅମିୟ ବିଶ୍ୱାଳ, ଅଚ୍ୟୁତାନନ୍ଦ ବେହେରା, ଗୋପାଳ ସେଠୀ ଓ ସେକ ସଦାମ ପ୍ରମୁଖ ଉପସ୍ଥିତ ରହି ଇନ୍ଦିରାଙ୍କ ସ୍ତୁତିଚାରଣ କରିଥିଲେ।

## ଜନପରାମର୍ଶ ପଦଯାତ୍ରା ପ୍ରସ୍ତୁତି ବୈଠକ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା କର୍ମୀ।

**ବଡ଼ମ୍ବା,୧୯।୧୧(ଡି.ଏନ.ଏ.)**

ବଡ଼ମ୍ବା ମଣ୍ଡଳ ଭାଜପା ପକ୍ଷରୁ ସ୍ଥାନୀୟ ରାଜ ବିଶ୍ୱମ୍ଭର କ୍ଲବ ପରିସରରେ ସୋମବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମଣ୍ଡଳ ଉପସଭାପତି ତଥା ମିଡିଆ ସେଲ୍ ପ୍ରଭାରୀ ଅନୀଲ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ବିଧାନସଭାସ୍ତରୀୟ ଜନପରାମର୍ଶ ପଦଯାତ୍ରା ସଞ୍ଚାଳକ କମିଟି ମୁଖ୍ୟ ବିଭୂଦତ୍ତ ପଟ୍ଟନାୟକ ଯୋଗଦେଇ ଆସନ୍ତା ୨୫ତାରିଖଠାରୁ ହେବାକୁଥିବା ଜନପରାମର୍ଶ ପଦଯାତ୍ରା ସମ୍ପର୍କରେ ସୂଚନା ଦେଇଥିଲେ। ମଣ୍ଡଳ ସଭାପତି ସନ୍ତୋଷ ବେହେରା ଉପସ୍ଥିତ ରହି ଦଳୀୟ ସଂଗଠନ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉପରେ ବିବରଣୀ ପ୍ରଦାନ କରିଥିଲେ। ମଣ୍ଡଳ ସମ୍ପାଦକ ମନୋଜ କୁମାର ଉଦୟ ଭାନୁ ଜନପରାମର୍ଶ ପଦଯାତ୍ରା ଉପରେ ଟିପ୍ପଣୀ ପ୍ରଦାନ କରିଥିଲେ। ପରେ ଗଠନ କରାଯାଇଥିବା ବିଭିନ୍ନ ମଣ୍ଡଳସ୍ତରୀୟ ଓ ବିଧାନସଭାସ୍ତରୀୟ ପ୍ରଭାରୀ ତଥା କର୍ମକର୍ତ୍ତାଙ୍କ କାର୍ଯ୍ୟାବଳୀ ଉପରେ ସୂଚନା ପ୍ରଦାନ କରାଯାଇଥିଲା।

## ସବ୍‌ଜେଲ୍ ଅନ୍ତେବାସୀଙ୍କୁ ଗୀତାପୁସ୍ତକ ପ୍ରଦାନ

**ସାଲେପୁର,୧୯।୧୧(ଡି.ଏନ.ଏ.)**

କାର୍ତ୍ତିକମାସର ପଞ୍ଚୁକ ଅବସରରେ ସୋମବାର ସାଲେପୁର ଶିଶୁଆ ସବ୍‌ଜେଲ୍‌ର ଅନ୍ତେବାସୀ ଓ ସମସ୍ତ କର୍ମଚାରୀଙ୍କୁ ଗୀତାପୁସ୍ତକ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଛି। ସବ୍‌ଜେଲ୍ ଅଧିକାରୀ ରୁନିବାଳା ଦେଇଙ୍କ ଉପସ୍ଥିତିରେ ରଶ୍ମିରଞ୍ଜନ ସାହୁ ନିଜ ଉଦ୍ୟମରେ ଏହି କାର୍ଯ୍ୟକ୍ରମ କରିଥିଲେ। ଏହି ଅବସରରେ ଜେଲ୍ ପରିସରରେ ଗୀତାପୁସ୍ତକ ପ୍ରଦାନର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜେଲର୍ ଦେଇ ଗୀତାର ମହାତ୍ମ୍ୟ ସମ୍ପର୍କରେ ଅନ୍ତେବାସୀଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ରାହୁଲ୍ ରତନ ରାଉତ ଓ ଯଶୋବନ୍ତ ସାହୁଙ୍କ ସମେତ ଜେଲ୍ କର୍ମଚାରୀ ଉପସ୍ଥିତ ଥିଲେ।



ସବ୍ ଜେଲ୍ ପରିସରରେ ଅନ୍ତେବାସୀଙ୍କୁ ଗୀତା ବଣ୍ଟନ କରାଯାଉଛି।

## ରାଜ୍ୟସ୍ତରୀୟ ସୁରଭିରେ ଛାତ୍ରୀଙ୍କ କୃତିତ୍ୱ

**ବଡ଼ମ୍ବା,୧୯।୧୧(ଡି.ଏନ.ଏ.)**

ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ବଡ଼ମ୍ବା ବ୍ଲକ ଅଧୀନ ମାଣିଆବନ୍ଧ ବାଳିକା ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ରୋଜାଲିନ ଦାଶ ଯୋଗଦେଇ କୃତିତ୍ୱ ହାସଲ କରିଛନ୍ତି। ଭୁବନେଶ୍ୱର ୟୁନିଟି ୯ ଉଚ୍ଚ ବିଦ୍ୟାଳୟଠାରେ ୩ଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବରିଷ୍ଠ ବିତର୍କରେ ୩୦ ଜିଲାରୁ ୩୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେଥିରେ ରୋଜାଲିନ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ବଦ୍ରିନାରାଣ ପାତ୍ର ତାଙ୍କୁ ପୁରସ୍କୃତ କରିଥିଲେ।

■ ମାହାଙ୍ଗା ବ୍ଲକ ଅଧ୍ୟକ୍ଷଙ୍କ ଅଡିଓ ଭାଇରାଲ

# ଡିଲରଙ୍କ ଦିଅରଙ୍କୁ ଗାଳିଗୁଲଜ

**ମାହାଙ୍ଗା,୧୯।୧୧(ଡି.ଏନ.ଏ.)**

■ଡିଲରଶିପ୍ କାଟିଦେବାକୁ ଧମକ
■ରାଶନକାର୍ଡ ବଣ୍ଟନ କାର୍ଯ୍ୟକ୍ରମକୁ ଲୋକ ନ ଆଣିବାରୁ ରାଗିଲେ

ମାହାଙ୍ଗା ବ୍ଲକ ଅଧ୍ୟକ୍ଷ ଶରତ ନାୟକ ଏବେ ଅଞ୍ଚଳରେ ବେଶ୍ ଚର୍ଚ୍ଚାରେ। କାରଣ ସେ ମୋବାଇଲରେ ହୋଇଥିବା କଥାର କିଛି ଅଡିଓ ବର୍ତ୍ତମାନ ଭାଇରାଲ ହୋଇଛି। ଯେଉଁଥିରେ ସେ ବ୍ଲକ ଅଧୀନ ଗୋପାଳପୁର ପଞ୍ଚାୟତ ଦୁଲାରପୁର ଗ୍ରାମର ପିଡିଏସ୍ ଡିଲର ଜେମାମଣି ପାଲଙ୍କ ଉଦ୍ଦେଶ୍ୟରେ ତାଙ୍କ ଦିଅର ରତ୍ନାକରଙ୍କୁ ଗାଳିଗୁଲଜ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜଣେ ଲୋକ ପ୍ରତିନିଧି ହୋଇ ମଧ୍ୟ ମହିଳା ଡିଲରଙ୍କ ଉଦ୍ଦେଶ୍ୟରେ ଗାଳିଗୁଲଜ କରିବା ଘଟଣାକୁ ନିନ୍ଦା କରାଯାଇଛି। ବ୍ଲକ ଅଞ୍ଚଳରେ ରାଜ୍ୟ ସରକାରଙ୍କ ନୂତନ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ ପାଇଁ ଗତ ଶୁକ୍ରବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା। ମାହାଙ୍ଗା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ କାର୍ଡ ବାଣ୍ଟିବାକୁ ଧାର୍ଯ୍ୟ ହୋଇଥିଲା। ତେବେ ସଭାରେ ଅଳ୍ପସଂଖ୍ୟକ ଲୋକ ଉପସ୍ଥିତ ଥିଲେ। ମନ୍ତ୍ରୀ ଆୟୋଜକଙ୍କ ଉପରେ ବର୍ଷିବା ଆଶଙ୍କାରେ ବ୍ଲକ ଅଧ୍ୟକ୍ଷ ନାୟକ ବ୍ୟତିବ୍ୟସ୍ତ ହୋଇ ଜେମାମଣିଙ୍କ ଉଦ୍ଦେଶ୍ୟରେ ତାଙ୍କ ଦିଅର ରତ୍ନାକରଙ୍କୁ କାହିଁକି ସଭାକୁ ଲୋକଙ୍କୁ ଆଣିଲୁ ନାହିଁ କହି ଗାଳିଗୁଲଜ କରିଥିଲେ। ଏଥିସହ ତାଙ୍କ ଡିଲରଶିପକୁ କାଟିଦେବାକୁ ମଧ୍ୟ ଧମକ ଦେଇଥିଲେ। ଅଡିଓ ଭାଇରାଲ ସମ୍ପର୍କରେ ଜେମାମଣିଙ୍କୁ ପଚାରିବାରୁ ବ୍ଲକ ଅଧ୍ୟକ୍ଷଙ୍କ ଠାରୁ ଖରାପ ଭାଷା ଶୁଣି ଆମକୁ ଖୁବ୍ ଦୁଃଖ ଲାଗୁଛି ଓ ଏହି ବିଷୟରେ ଆମେ ମନ୍ତ୍ରୀ ଜେନାଙ୍କୁ ଅବଗତ କରାଇବୁ ବୋଲି କହିଥିଲେ। ଅଡିଓ ଭାଇରାଲ ସମ୍ପର୍କରେ ଅଧ୍ୟକ୍ଷ ନାୟକ କହିଛନ୍ତି, ଏଭଳି ଘଟଣାର ପୁନରାବୃତ୍ତି ଆଉ ହେବନାହିଁ। ଏଥିପ୍ରତି ସଚେତନ ରହିବି ।



ହାଇତିରେ ଦୁର୍ନୀତି ବିରୋଧୀ ଆନ୍ଦୋଳନରେ ୬ ଲୋକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ୫ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଆନ୍ଦୋଳନକାରୀ ରାଷ୍ଟ୍ରପତି ଜୋବେନଲ୍ ଗୋଇସ୍‌ଙ୍କ ଇସ୍ତଫା ଦାବି କରୁଥିବାବେଳେ ସୁରକ୍ଷାବଳଙ୍କ ସହିତ ମୁହାଁମୁହିଁ ହୋଇଥିଲେ। ଭେନଜୁଏଲାର ଏକ ତୈଳ ପରିଯୋଜନାରେ ଦୁର୍ନୀତି ହୋଇଥିବା ଅଭିଯୋଗ ନେଇ ଏହି ଆନ୍ଦୋଳନ ହେଉଥିବା କୁହାଯାଉଛି।



ବାତିଲ ହେଲା ବିୟର ବଟଲିଂ ପ୍ଲାଣ୍ଟ




■ ଜିଲା ମୁଖ୍ୟ ଚିକିତ୍ସାଳୟରେ ମହିଳା ରୋଗୀଙ୍କ ଜୀବନ ସହ ଖେଳ

# ବି' ବଦଳରେ ଦେଲେ ଓ' ପଜିଟିଭ୍ ରକ୍ତ

ନୟାଗଡ଼ ଅଫିସ,୧୯।୧୧

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ରବିବାର ଜଣେ ମହିଳା ରୋଗୀଙ୍କ ଜୀବନ ସହ ଖେଳିଛନ୍ତି କର୍ମଚାରୀ। ତାଙ୍କୁ ବି' ପଜିଟିଭ୍ ବଦଳରେ ଦିଆଯାଇଛି ଓ' ପଜିଟିଭ୍ ରକ୍ତ। ରକ୍ତ ନେବା ପରେ ମହିଳା ଜଣକ ଅସୁସ୍ଥ ହୋଇପଡ଼ିଛନ୍ତି। ଏଭଳି ଘଟଣା ଜିଲା ମୁଖ୍ୟ ଚିକିତ୍ସାଳୟର ଅବ୍ୟବସ୍ଥାକୁ ପଦାରେ ପକାଇଛି।

ଘଟଣାରୁ ପ୍ରକାଶ ଯେ, ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତ ବଳଦିଆ ନୂଆଗାଁର ମଧୁସୂଦନ ବେହେରାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା (୩୫) କର୍କଟ ରୋଗରେ ପୀଡ଼ିତ ହୋଇଥିଲେ। କିଛିମାସ ହେଲା ସେ ଭୁବନେଶ୍ୱର ଏମ୍ସ ହସ୍ପିଟାଲ୍‌ରେ ଚିକିତ୍ସିତ ହୋଇ ରକ୍ତ ନେଉଥିଲେ। ଗରିବ ଶ୍ରେଣୀର ହୋଇଥିବାରୁ ଚିକିତ୍ସା ବାବଦରେ ଆଉ ଅଧିକ ଖର୍ଚ୍ଚ କରିବା ତାଙ୍କ ପକ୍ଷେ ସମ୍ଭବ ହୋଇ ନ ଥିଲା। ଏପରିସ୍ଥଳେ ଏମ୍ସର ଜଣେ ଡାକ୍ତର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଗଲେ ମାଗଣାରେ ରକ୍ତ ମିଳିବ ବୋଲି କହିଥିଲେ। ପରେ ଲକ୍ଷ୍ମୀପ୍ରିୟାଙ୍କ ଭାଇ ଅଜୟ କୁମାର ଦାସ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ଏ ବିଷୟରେ ବୁଝିଥିଲେ। ସୋମବାର ପୂର୍ବାହ୍ନ ୧୦ଟା ସମୟରେ ସେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦେଖି ରୋଗୀଙ୍କୁ ରକ୍ତ ଦେବାକୁ କହିଥିଲେ। ମେଡିକାଲ୍‌ରେ ତାଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରିବାରୁ ସେଥିରେ ଓ' ପିଜିଟିଭ୍ ବାହାରିଥିଲା। ପରେ ଜଣେ ଷ୍ଟାଫ୍‌ନର୍ସ ଲକ୍ଷ୍ମୀପ୍ରିୟାଙ୍କୁ ରକ୍ତ ଦେଇଥିଲେ। ରକ୍ତ ନେବା ପରେ ଲକ୍ଷ୍ମୀପ୍ରିୟାଙ୍କ ମୁଣ୍ଡ ବୁଲାଇଥିଲା। କିଛି ସମୟ ପାଇଁ ବାହାରକୁ ଯାଇଥିବା ଅଜୟ ଆସି ଦେଖନ୍ତି ତ ତାଙ୍କ ଭଉଣୀଙ୍କୁ ଓ' ପଜିଟିଭ ରକ୍ତ ଦିଆଯାଇଛି। ସେ ଏହାର ବିରୋଧ କରିବା ସହିତ ତାଙ୍କ ଭଉଣୀର ରକ୍ତ ଗ୍ରୁପ ବି' ପଜିଟିଭ୍ ବୋଲି କହିଥିଲେ। ଏମ୍ସରେ ନେଇଥିବା ବି' ପଜିଟିଭ ରକ୍ତର କାଗଜପତ୍ର ମଧ୍ୟ ଦେଖାଇଥିଲେ। ହେଲେ ଏହାକୁ ସମାଧାନ କରିବା ବଦଳରେ ଡାକ୍ତର ଓଲଟି ତାଙ୍କ ସହିତ ଯୁକ୍ତି କରିଥିବା ଅଜୟ ପ୍ରକାଶ କରିଛନ୍ତି। ଗଣମାଧ୍ୟମ ପ୍ରତିନିଧି ପହଞ୍ଚିବା ପରେ ମେଡ଼ିକାଲ୍ କର୍ତ୍ତୃପକ୍ଷ ଘଟଣାକୁ ଗୁରୁତର ସହ ନେଇଥିଲେ। ଏଡିଏମଓ ଡା. ଶ୍ୱେତ ମହାପାତ୍ର ଲକ୍ଷ୍ମୀପ୍ରିୟାଙ୍କୁ ଦେଖିବା ସହିତ ସେ ସୁସ୍ଥ ଥିବା ପ୍ରକାଶ କରିଛନ୍ତି। ତାଙ୍କ ପ୍ରତିକ୍ରିୟାରେ ମହାପାତ୍ର କହିଥିଲେ, ଓ' ପଜିଟିଭ୍ ୟୁନିଭର୍ସାଲ ରକ୍ତ ହୋଇଥିବାରୁ ଏହାକୁ ସମସ୍ତେ ଗ୍ରହଣ କରିପାରିବେ, ସେଥିରେ କୌଣସି ଅସୁବିଧା ହେବ ନାହିଁ। ତଥାପି ଏହି ଘଟଣା ପାଇଁ ଦାୟୀ ବ୍ଲଡ ବ୍ୟାଙ୍କ୍ ଟେକ୍‌ନିସିଆନ୍‌ଙ୍କ ବିରୋଧରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରକାଶ କରିଥିଲେ।

■ ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟ ଦୁଇଦିନିଆ କର୍ମଶାଳା

# କିଶୋରୀ କିଶୋରଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ




ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟମିଶନର ଦୁଇ ଦିନିଆ କର୍ମଶାଳାରେ ଉପସ୍ଥିତ ଅତିଥି।

ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)

୧୦ରୁ ୧୯ ବର୍ଷ ବୟସ୍କ କିଶୋରୀକିଶୋରମାନଙ୍କ ସ୍ୱାସ୍ଥ୍ୟ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଗୁରୁତ୍ୱ ଦେଉଛି। ଏଥିପାଇଁ ଶ୍ରଦ୍ଧା କ୍ଲିନିକ୍, ସାପ୍ତାହିକ ଆଇରନ ଏବଂ ଫଲିକ୍ ଏସିଡ୍ ବଟିକା ବଣ୍ଟନ କରାଯାଉଛି। କିଶୋରୀଙ୍କ ମାସିକ ଋତୁଚକ୍ର ଜନିତ ସ୍ୱଚ୍ଛତା, କିଶୋରଙ୍କ ସ୍ୱାସ୍ଥ୍ୟ ଦିବସ ଏବଂ ସହଯୋଗୀ ଶିକ୍ଷାଦାନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍‌ଏଚ୍‌ଏମ୍) ନିର୍ଦ୍ଦେଶିକା ଶାଳିନ ପଣ୍ଡିତ କହିଛନ୍ତି।

ରାଷ୍ଟ୍ରୀୟ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଉପରେ ସୋମବାରଠାରୁ ଦୁଇଦିନିଆ ଆଞ୍ଚଳିକ କର୍ମଶାଳା ଆରମ୍ଭ ହୋଇଛି। ଏଥିରେ ନିର୍ଦ୍ଦେଶିକା ପଣ୍ଡିତ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଛନ୍ତି। କର୍ମଶାଳାରେ ସୁସ୍ଥ କୈଶୋର ସୁସ୍ଥ ଭବିଷ୍ୟତ ସମ୍ପର୍କରେ ପଣ୍ଡିତ କହିଲେ, ୨୦୧୧ ଜନଗଣନା ଅନୁଯାୟୀ ଦେଶର ଜନସଂଖ୍ୟାର ୨୦.୯ ପ୍ରତିଶତ ୧୦ରୁ ୧୯ବର୍ଷ ବୟସର କିଶୋର ଅଛନ୍ତି। ଓଡ଼ିଶାର ମୋଟ ଜନସଂଖ୍ୟାର ୨୦ ପ୍ରତିଶତ ଅର୍ଥାତ୍ ୮୨.୭୪ ଲକ୍ଷ କିଶୋର ରହିଛନ୍ତି। ୨୦୧୫-୧୬ ବର୍ଷରୁ ରାଜ୍ୟରେ କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି। ଏଥିରେ ସେମାନଙ୍କୁ ପୁଷ୍ଟି, ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଏବଂ ନିରାକରଣ ସହିତ କୈଶୋର ଅବସ୍ଥାରେ ବିଭିନ୍ନ ଆଘାତ ଓ ନିରାକରଣ, ଅଣସଂକ୍ରମିତ ରୋଗରୁ ରକ୍ଷା ପାଇବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ପଣ୍ଡିତ କହିଛନ୍ତି।

ଗୋଷ୍ଠୀ କ୍ଷେତ୍ରରେ କିଶୋର ସ୍ୱାସ୍ଥ୍ୟ ଦିବସ ପାଳନ, ଋତୁସ୍ରାବଜନିତ ପରିଷ୍କାର ପରିଚ୍ଛନ୍ନତା, ସାପ୍ତାହିକ ଆଇରନ ଏବଂ ଫଲିକ୍ ଏସିଡ ବ୍ୟବହାର ସହିତ ସାଙ୍ଗସାଥୀ ବା କୌତୂହଳବଶତଃ ମାଦକ ଦ୍ରବ୍ୟ ବ୍ୟବହାରରୁ ଦୂରେଇ ରହିବା ଉପରେ ସ୍ୱାସ୍ଥ୍ୟ ବିଭାଗ ଗୁରୁତ୍ୱ ଦେଇଛି। କିଶୋରମାନଙ୍କ ଅବସ୍ଥାକୁ ଦୃଷ୍ଟିରେ ରଖି ଏସବୁ ପାଇଁ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ରାଜ୍ୟର ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ କିଶୋର ସ୍ୱାସ୍ଥ୍ୟ ସମ୍ପର୍କରେ ପରାମର୍ଶ ଦେବା ପାଇଁ ଶ୍ରଦ୍ଧା କ୍ଲିନିକ୍ କାର୍ଯ୍ୟ କରୁଛି। ରାଜ୍ୟରେ ୨୩୦ ଶ୍ରଦ୍ଧା କ୍ଲିନିକ୍ ଏବଂ ୧୦୪ ସମ୍ପନ୍ୱିତ ହେଲ୍‌ପ ଲାଇନ୍ କାର୍ଯ୍ୟକ୍ଷମ ଥିବା ପଣ୍ଡିତ କହିଛନ୍ତି।

ସମ୍ମାନିତ ଅତିଥି ଭାବେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ କିଶୋର ସ୍ୱାସ୍ଥ୍ୟ ଡିଭିଜନ ସହକାରୀ କମିଶନର ଡ. ଜାୟା ଅଲ୍ଲି ରିଜଭି ଯୋଗଦେଇ ଦେଶର କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଗୁରୁତ୍ୱ ଓ କାର୍ଯ୍ୟକାରିତା ସମ୍ପର୍କରେ କହିଥିଲେ। ଏହି କର୍ମଶାଳାରେ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଓଡ଼ିଶାର କିଶୋର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପଦାଧିକାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଡ. ବି.କେ ବ୍ରହ୍ମା ଏବଂ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡ. ଲିଙ୍ଗରାଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଉପକୂଳରେ କୁହୁଡ଼ି ସମ୍ଭାବନା

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

ଉପକୂଳ ଜିଲାରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ମଙ୍ଗଳବାର ପାହାନ୍ତାରୁ କେତେକ ସ୍ଥାନରେ କୁହୁଡ଼ି ଦେଖାଦେବ। ଏହା ସକାଳ ୯ଟା ଯାଏ ରହିବ। ଏଥିସହିତ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ଶୁଖିଲା ରହିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ରାଜ୍ୟରେ ହାଲକା ଶୀତ ଜାରି ରହିଛି। ଦାରିଙ୍ଗବାଡ଼ିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୧୨.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୨.୮, ଅନୁଗୋଳ ୧୬, ଝାରସୁଗୁଡ଼ା ୧୭.୫, କେନ୍ଦୁଝର ୧୭, ସୁନ୍ଦରଗଡ଼ ୧୬, ହୀରାକୁଦ ୧୭.୮, ତାଳଚେର ୧୮, କୋରାପୁଟ ୧୬.୬ ଏବଂ ସୋନପୁରରେ ୧୬.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।






■ ଆସିଲା ମହାବଳ ବ୍ୟବଚ୍ଛେଦ ରିପୋର୍ଟ

# ପାକସ୍ଥଳୀରେ ଥିଲା ଝିଙ୍କ କାଠି



■ ଫାଇନାଲ ରିପୋର୍ଟ ପରେ ଜଣାପଡ଼ିବ ମୃତ୍ୟୁ କାରଣ

■ ବାଘୁଣୀ ସୁନ୍ଦରୀ ସୁସ୍ଥ ନେଇ ଜାରି ହେଲା ଭିଡିଓ

ବନ୍ତଲା, ୧୯।୧୧ (ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟରେ ବାଘ ବଂଶ ବୃଦ୍ଧି ପାଇଁ ମଧ୍ୟପ୍ରଦେଶର କାହ୍ନାରୁ ଅଣାଯାଇଥିବା ମହାବଳ ମହାବୀରର ଗତ ୧୪ ତାରିଖରେ ମୃତ୍ୟୁ ଘଟିଥିଲା। ବେକରେ ହୋଇଥିବା ଘା' ସଂକ୍ରମଣ ଯୋଗୁ ମହାବଳର ମୃତ୍ୟୁ ହୋଇଥିବା ପ୍ରାଥମିକ ଭାବେ କୁହାଯାଇଥିଲା। ତେବେ ସୋମବାର ବିଭାଗୀୟ କର୍ତ୍ତୃପକ୍ଷ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ସମ୍ପର୍କରେ ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ବେଳେ ମହାବୀର ପାକସ୍ଥଳୀରୁ ୮ରୁ ୧୦ଟି ଝିଙ୍କ କାଠି ମିଳିଥିବା ବେଳେ ମଳରେ ବାର୍‌ହା ଲୋମ ବାହାରିଥିଲା। ତେବେ ମୃତ୍ୟୁର ପ୍ରକୃତ କାରଣ ଓ କିପରି କ୍ଷତ ହୋଇଥିଲା ସେ ନେଇ ଫାଇନାଲ ରିପୋର୍ଟ ମିଳିବା ପରେ ଜଣାପଡ଼ିବ ବୋଲି ଅତିରିକ୍ତ ପ୍ରଧାନମୁଖ୍ୟ ବନ ସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ଡ.ସୁଦର୍ଶନ ପଣ୍ଡା ସୂଚନା ଦେଇଛନ୍ତି।

ଡ. ପଣ୍ଡା କହିଛନ୍ତି ଯେ, ବ୍ୟବଚ୍ଛେଦ କରିଥିବା ୪ ଜଣ ପ୍ରାଣୀ ଡାକ୍ତରଙ୍କ ରିପୋର୍ଟ ଅନୁଯାୟୀ କ୍ଷତ ସଂକ୍ରମଣ ଓ ଭିନ୍ନ ଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଅକାମୀ ହେବାରୁ ମହାବଳ ମହାବୀରର ମୃତ୍ୟୁ ଘଟିଛି। ତେବେ ମୃତ ମହାବଳର ଟିସୁ ଓ ଅର୍ଗାନ୍ ସାମ୍ପୁଲ ବିଭିନ୍ନ ଲାବୋରେଟୋରିକୁ ପଠାଯାଇଛି। ସେଠାରୁ ଫାଇନାଲ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଓ କ୍ଷତ କିପରି ହେଲା ସେ ସମ୍ପର୍କରେ ଜଣାପଡ଼ିବ। ଅନ୍ୟପକ୍ଷରେ ବାଘୁଣୀ ସୁନ୍ଦରୀ ରାଇଗୁଡ଼ା ଏନ୍‌କ୍ଲୋଜର ମଧ୍ୟରେ ସୁସ୍ଥ ଅଛି। କିନ୍ତୁ ବାଘୁଣୀ ଅସୁସ୍ଥ ଥିବା ସମ୍ପର୍କରେ ଗୁଜବ ସୃଷ୍ଟି ହେବା ସହିତ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଛି। ଏପରି ନ କରିବାକୁ ଡ. ପଣ୍ଡା ଅନୁରୋଧ କରିଥିଲେ। ଏଥିସହିତ ବାଘୁଣୀର ଭିଡିଓ ଓ ଫଟୋ ଜାରି କରିଥିଲେ।






ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ଆଜି କ'ଣ କେଉଁଠି

କଟକ

- ମା' ସରସ୍ୱତୀ ଶିକ୍ଷା ମନ୍ଦିରର ନବମ ବାର୍ଷିକ ଶିଶୁ ବାଟିକା ପ୍ରଦର୍ଶନୀ, ବିଜ୍ଞାନ ମେଳା ଓ ମୀନାବଜାର, ବିଦ୍ୟାଳୟ ପରିସର, ମାଛୁଆ ବଜାର, ବକ୍ସିବଜାର, ସକାଳ ୯ଟା ୩୦।
- ଶିକ୍ଷା ବିକାଶ ସମିତି ପକ୍ଷରୁ ଅଖିଳ ଭାରତୀୟ ଜ୍ଞାନ ବିଜ୍ଞାନ ମେଳାର ସମାପନ ସମାରୋହ, ସରସ୍ୱତୀ ବିଦ୍ୟାମନ୍ଦିର, କେଶବ ଧାମ, ଗତିରାଉତପାଟଣା, ପୂର୍ବାହ୍ନ ୧୦ଟା ୩୦।
- ସାମାଜିକ କର୍ମୀ ସଂଗ୍ରାମ କେଶରୀ ମହାପାତ୍ରଙ୍କ ୧୮ତମ ବାର୍ଷିକ ସ୍ମୃତିସଭା, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।
- ୨୨ତମ ଗୁଞ୍ଜନ ଡ୍ୟାନ୍ସ ଆଣ୍ଡ ମ୍ୟୁଜିକ୍ ଫେଷ୍ଟିଭାଲ୍ ଉଦ୍‌ଯାପନ, ଶହୀଦ ଭବନ, ସନ୍ଧ୍ୟା ୬ଟା ୩୦।

## ସଂକ୍ଷେପରେ

### ଜିଲାପାଳଙ୍କ ଜନଶୁଣାଣି ଶିବିର

**କଟକ ସଦର, ୧୯।୧୧(ଡି.ଏନ୍.ଏ.):** କଟକ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଯୋଗଦେଇଥିଲେ। ଶିବିରରେ ୯୬ଟି ଅଭିଯୋଗର ଶୁଣାଣି ହୋଇଥିବାବେଳେ ୪ଟି ତତ୍‌କାଳ ସମାଧାନ କରାଯାଇଥିଲା। ମତ୍ତଗଜପୁର-ପରମହଂସ ୧୧କେଭି ଲାଇନ୍ କାମକୁ ତ୍ୱରାନ୍ୱିତ କରିବା, ସରପଞ୍ଚ ଓ ସମିତିସଭ୍ୟ ସଂଘକୁ ବ୍ଲକ ପ୍ରଶାସନ ଅସହଯୋଗ କରୁଥିବାନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସରକାରୀ ନିୟମରେ ସବୁବେଳେ କାର୍ଯ୍ୟ କରିବା ପାଇଁ ଅଗ୍ରୱାଲ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ମହାନ୍ତି, ବିଡିଓ ଦେବାଶିଷ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

### ଅନ୍ତର୍ଜାତୀୟ ଖେଳାଳିଙ୍କ ବିୟୋଗରେ ମହମବତି ଶୋଭାଯାତ୍ରା



**କଟକ ଅଫିସ,୧୯।୧୧:** ମହାନଦୀରେ ଗାଧୋଇବାବେଳେ ରବିବାର ବୁଡିଯାଇ ଅନ୍ତର୍ଜାତୀୟ ଫୁଟ୍‌ଭଲି ଖେଳାଳି ବିଡାନାସୀ ଥାନା ଅଧୀନ ତୁଳସୀପୁର ମଠସାହି ଅଞ୍ଚଳର ରୋହନ ପ୍ରସାଦ ମଲ୍ଲିକ(୨୫) ପ୍ରାଣ ହରାଇଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୋମବାର ରୋହନଙ୍କ ଘର ପାଖରେ ବହୁ ସଂଖ୍ୟାରେ ଶୁଭେଚ୍ଛୁ ମହମବତି ଶୋଭାଯାତ୍ରା କରି ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏହି ଶୋଭାଯାତ୍ରା ଆଖଣ୍ଡଳମଣି ମନ୍ଦିରରୁ ବାହାରି ସାହି ପରିକ୍ରମା କରିଥିଲା।

### ଗଣପତି ଶିଶୁ ମନ୍ଦିରର ରାଜ୍ୟସ୍ତରୀୟ ପ୍ରତିଯୋଗିତା

**କଟକ ଅଫିସ, ୧୯।୧୧:** ଝାଞ୍ଜିରୀମଙ୍ଗଳାସ୍ଥିତ ଗଣପତି ଶିଶୁ ବିଦ୍ୟାମନ୍ଦିର ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶୈଳବାଳା ମହାବିଦ୍ୟାଳୟର ଅଧାପିକା କୃଷ୍ଣପ୍ରିୟା ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ସାଧାରଣଜ୍ଞାନ, ଗଣିତ, କୌତୁକ ପୋଷାକ, ଆଧୁନିକ ନୃତ୍ୟ, ରାଇମ୍‌ସ ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ।

### କାର୍ତ୍ତିକେଶ୍ୱର ପୂଜା

**ଫୁଲନଖରା, ୧୯।୧୧(ଡି.ଏନ୍.ଏ.):** ଫୁଲନଖରା ଓ ଏହାର ଆଖପାଖ ଅଞ୍ଚଳରେ ସୋମବାରଠାରୁ ଆରମ୍ଭ ହୋଇଛି କାର୍ତ୍ତିକେଶ୍ୱର ପୂଜା। ଠାକୁରଙ୍କୁ ଦର୍ଶନ କରିବା ପାଇଁ ବିଭିନ୍ନ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ନୂଆକାଚରାମାଳ କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ଆସନ୍ତା ୨୪ ତାରିଖରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା 'ମିନି ସୁପରଷ୍ଟାର' ଅନୁଷ୍ଠିତ ହେବ। ପୁରୁଣାକାଚରାମାଳ, ମୁଗଭଙ୍ଗା, ଶାସୋଳ, ଆମଣ ଓ ବିଶ୍ୱାଳପଡାର ପୂଜା ମଣ୍ଡପରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ଗାଡ଼ି ଧକ୍କାରେ ପୂଜକଙ୍କ ଜୀବନ ଗଲା

**ଟାଙ୍ଗୀ(କଟକ),୧୯।୧୧(ଡି.ଏନ୍.ଏ.)**

**କ୍ଷତିପୂରଣ ଦାବିରେ ୨ ଘଣ୍ଟା ରାସ୍ତାରୋକୋ**

- ବାଇକ୍ ଆରୋହୀ ଗୁରୁତର, ଯାନବାହାନ ଚଳାଚଳ ବ୍ୟାହତ
- ମୃତକଙ୍କ ଝିଅ, ପୁଅଙ୍କ ପାଠପଢ଼ା ଖର୍ଚ୍ଚ ତୁଲାଇବ ପ୍ରଶାସନ

ଟାଙ୍ଗୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥ ବନ୍ଧାଲୋ ନିକଟରେ ସୋମବାର ସନ୍ଧ୍ୟାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ପୂଜକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୋଟସାହି ପଞ୍ଚାୟତ ବନ୍ଧାଲୋ ଗ୍ରାମର ଛବୀନ୍ଦ୍ର ପଣ୍ଡା(୪୮)। ଏହା ସହ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାକୁ କେନ୍ଦ୍ରକରି ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟଲୋକେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଟାଙ୍ଗୀ ବଜାରରୁ ପୂଜା ସାରି ଛବୀନ୍ଦ୍ର ସାଇକେଲରେ ଘରକୁ ଫେରିବା ବେଳେ ପଛରୁ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପାଖରେ ଯାଉଥିବା ଜଣେ ବାଇକ୍ ଆରୋହୀ ମଧ୍ୟ ଧକ୍କାରେ ଗୁରୁତର ହୋଇଥିଲେ। କିନ୍ତୁ ଗୁରୁତର ଜଣକଙ୍କର ପରିଚୟ ମିଳିପାରି ନାହିଁ ବୋଲି ଥାନା ଏସ୍‌ଆଇ ବଳଭଦ୍ର ଶତପଥୀ କହିଛନ୍ତି। ଗୁରୁତରଙ୍କୁ ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ କେନ୍ଦ୍ରକରି ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଯାଇଥିଲା। ସନ୍ଧ୍ୟା ପ୍ରାୟ ୭ଟା ରୁ ୯ଟା ପର୍ଯ୍ୟନ୍ତ ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ତହସିଲଦାର ତଥା ମାଜିଷ୍ଟ୍ରେଟ୍ ଡ. ଅବିନାଶ ରାଉତ ଓ ଥାନା ଅଧିକାରୀ ବିମଳ କୁମାର ବାରିକ ଘଟଣାସ୍ଥଳରେ ପହଞ୍ଚି ଧାରଣା ଦେଇଥିବା ଲୋକମାନଙ୍କ ସହ ଆଲୋଚନା କରିଥିଲେ। ପ୍ରଶାସନ ପକ୍ଷରୁ ମୃତ ପୂଜକଙ୍କ ଅନ୍ତେଷ୍ଟିକ୍ରିୟା ପାଇଁ ୧୦ହଜାର ଓ ଘରୋଇ ଶିକ୍ଷାନୁଷ୍ଠାନ ଟେଟ୍ରାହର୍ଡ଼ନ ପକ୍ଷରୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହା ସହ ସରକାରଙ୍କ ଆବାସ ଯୋଜନାରେ ବାସଗୃହ ଏବଂ ଯୁକ୍ତ ୩ ପଢୁଥିବା ଝିଅ ଓ ପୁଅଙ୍କ ପାଠପଢ଼ା ଖର୍ଚ୍ଚ ପ୍ରଶାସନ ତୁଲାଇବ ବୋଲି ଡ. ରାଉତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



କଟକ କଲେଜ ଛକ ନିକଟରୁ ଭାଜପା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ଭାଜପା ମହିଳା ମୋର୍ଚ୍ଚାର ଶୋଭାଯାତ୍ରା

**କଟକ ଅଫିସ,୧୯।୧୧**

ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ ଲଢେଇ ପାଇଁ ଅଣ୍ଟା ଭିଡିଲା ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା। ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କ ଜନ୍ମଦିନ ଅବସରରେ ସୋମବାର କଟକ ନଗର ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଏକ ବିଶାଳ ମୋଟରସାଇକେଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡା, କଳ୍ପନା ପଟ୍ଟନାୟକ ଏବଂ ରଞ୍ଜିତା ନାୟକ ପ୍ରମୁଖ ଯୋଗଦେଇଥିଲେ। ଯେପରି ବ୍ରିଟିଶ ସରକାର ଅମଳରେ ଝାନ୍‌ସୀ ରାଣୀ ସଂଗ୍ରାମ ଆରମ୍ଭ କରିଥିଲେ, ଠିକ୍ ସେହିପରି ଏବେ ରାଜ୍ୟର ଅପାରଗ ସରକାର ବିରୋଧରେ ଭାଜପା ମହିଳା ମୋର୍ଚ୍ଚାର ଲଢେଇ ଏହିଠାରୁ ଆରମ୍ଭ ହେଲା ବୋଲି ମହାନଦୀ ମଣ୍ଡଳ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ରଞ୍ଜିତା ନାୟକ କହିଛନ୍ତି।





ବାସହୀନ ଲୋକମାନଙ୍କୁ ବାସଗୃହ ଯୋଗାଇଦେବା ଦାବିରେ ସୋମବାର ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ସିଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

## ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିତ

**କଟକ ଅଫିସ, ୧୯।୧୧**

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ଖାନ୍ ନଗରସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ସୋମବାର ପାଳିତ ହୋଇଯାଇଛି। ଇନ୍ଦିରାଙ୍କ ବଳିଷ୍ଠ ନେତୃତ୍ୱ ଓ ଦକ୍ଷତା ବଳରେ ସେ ଭାରତବର୍ଷକୁ ସାରା ବିଶ୍ୱରେ ଏକ ପ୍ରଭାବଶାଳୀ ରାଷ୍ଟ୍ରରେ ପରିଣତ କରିପାରିଥିଲେ। ଭାରତବର୍ଷର ଅଖଣ୍ଡତା ଓ ଧର୍ମନିରପେକ୍ଷତାକୁ ଅକ୍ଷୁଣ୍ଣ ରଖିବା ସହିତ ସେ ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିପାରିଥିଲେ। ଭାରତ ବର୍ଷ ପାଇଁ ତାଙ୍କର ବଳିଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି ଜିଲା କଂଗ୍ରେସ ସଭାପତି ଗୁରୁପଦ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କାର୍ଯ୍ୟକାରୀ ସଭାପତି ପୁଷ୍ପା ସାମଲ, ଦୀପକ ପରିଡ଼ା, ଶିଶିରକାନ୍ତ ମିଶ୍ର ପ୍ରମୁଖ କହିଥିଲେ। ଶାନ୍ତାୟନ ମିଶ୍ର, ଅଶୋକ ସ୍ୱାଇଁ, ସୁନିଲ ପଣ୍ଡା, ଶୋଭା ସିଂ, ଅନ୍ନପୂର୍ଣ୍ଣା ସାହୁ, ଦୁର୍ଗାଶଙ୍କର ଦାଶ, ମାନସ ଦାଶ, କେଶବ ଜେନା, ଦିଲୀପ ମହାରଣା ଓ ନାରାୟଣ ଜେନା ପ୍ରମୁଖ ଇନ୍ଦିରା ଗାନ୍ଧୀଙ୍କ ଫଟୋରେ ମାଲ୍ୟାର୍ପଣ କରିବା ସହିତ ଆଲୋଚନାରେ ଭାଗ ନେଇଥିଲେ। ସେହିପରି ନଗର କଂଗ୍ରେସ ପକ୍ଷରୁ ପୁରୀଘାଟସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଥିବା ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ଦେଶ ପ୍ରତି ଥିବା ତାଙ୍କର ଅବଦାନ ଉପରେ କଂଗ୍ରେସ କର୍ମୀମାନେ ଆଲୋଚନା କରିଥିଲେ। ଏଥିସହିତ ଇନ୍ଦିରାଙ୍କ ଜୀବନୀ ଉପରେ ଅଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଥିଲା। ଏଥିରେ ନଗର କଂଗ୍ରେସ ସଭାପତି ମହମ୍ମଦ ମୋକିମ କହିଥିଲେ, ଇନ୍ଦିରା ଗାନ୍ଧୀଙ୍କ ଉଦ୍ୟମ ଯୋଗୁ ଭାରତବର୍ଷ ବିଶ୍ୱଦରବାରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

## କାର୍ତ୍ତିକେଶ୍ୱର ପୂଜା ପ୍ରସ୍ତୁତି ବୈଠକ

**କଟକ ଅଫିସ,୧୯।୧୧**

କାର୍ତ୍ତିକେଶ୍ୱର ପୂଜାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ସୋମବାର ଓସିଏ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଶାନ୍ତି ଶୃଙ୍ଖଳାରେ ପୂଜା ପାଳନ ନିମନ୍ତେ ଗୁରୁତ୍ୱାରୋପ କରାଯାଇଥିଲା। ଚଳିତବର୍ଷ ୮୭ଟି ମଣ୍ଡପରେ କାର୍ତ୍ତିକେଶ୍ୱରଙ୍କ ପ୍ରତିମା ପୂଜା ପାଇବ। ସୋମବାରଠାରୁ କେତେକ ସ୍ଥାନରେ ପୂଜା ଆରମ୍ଭ ହୋଇଥିବା ବେଳେ ଅନ୍ୟ କେତେକ ସ୍ଥାନରେ ପୂର୍ଣ୍ଣିମା ତିଥିରୁ ପୂଜା ଆରମ୍ଭ ହେବ। ଆସନ୍ତା ୨୪ ଓ ୨୫ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ରାତି ୧୦ଟା ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ବାଜିପାରିବ। ତେବେ ବାଣ ଫୁଟା ଉପରେ କଟକଣା ଜାରି କରାଯାଇଛି। ଶୋଭାଯାତ୍ରା ବକ୍ସିବଜାର ଛକରୁ ମିଶନରୋଡ, ଚଣ୍ଡୀଛକ, ମହାନଦୀ ରିଂ ବନ୍ଧ ଦେଇ କାର୍ତ୍ତିକେଶ୍ୱର ଗଡାରେ ପହଞ୍ଚିବା ପରେ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ କରାଯିବ। ଚଣ୍ଡୀଛକରେ ହେବାକୁ ଥିବା ସମ୍ବର୍ଦ୍ଧନା ସଭାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ମୃଣ୍ମୟୀ ମୂର୍ତ୍ତି ବିସର୍ଜନ ପାଇଁ ପ୍ରଶାସନ ପକ୍ଷରୁ ମହାନଦୀର ୨ଟି ଅସ୍ଥାୟୀ ପୋଖରୀ ଖନନ କରାଯିବା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସି କ୍ୟାମେରା ଲଗାଯିବ। ସହରରେ ୩୨ ପ୍ଲାଟୁନ ଫୋର୍ସ ମୁତୟନ ରହିବେ। ବିସର୍ଜନ ସମୟରେ ଦୁର୍ଘଟଣା ଏଡାଇବା ପାଇଁ ଅଗ୍ନିଶମ ବିଭାଗ କର୍ମଚାରୀମାନେ ସଜାଗ ରହିବେ ବୋଲି ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି। ବୈଠକରେ କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ଭିକାରୀ ଦାସ, ବିଜୟ ସାହୁ, ପ୍ରଫୁଲ୍ଲ ସାହୁ ପ୍ରମୁଖ ପୂଜା ଓ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ।



ସୋମବାର ପଞ୍ଚକରେ ପୁରୀଘାଟ କାଠଯୋଡୀ ନଦୀ ବାଲୁକା ଶଯ୍ୟାରେ କାର୍ତ୍ତିକ ବ୍ରତଧାରୀ ମହିଳାମାନେ ବାଲୁକା ପୂଜା କରୁଛନ୍ତି।

## '#ମିଟୁ' ଏକ ମାୟାଜାଲ ଶୀର୍ଷକ ଆଲୋଚନାଚକ୍ର

**କଟକ ଅଫିସ, ୧୯।୧୧**

ଆମେରିକାର ସାମାଜିକ କର୍ମୀ ଟରାନା ବୁର୍କେ ୨୦୦୬ ମସିହାରେ ମହିଳାଙ୍କ ଯୌନ ଶୋଷଣ ବିରୋଧରେ ଜନ ସତର୍କତା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ '#ମିଟୁ'। ଏହା ଏବେ ଭାରତରେ ପହଞ୍ଚିଛି। '#ମିଟୁ'ର ମାୟାଜାଲରେ ଏବେ ନାନା ପାଟେକର, ଆଲୋକନାଥ, ବରିଷ୍ଠ ଖବରଦାତା ତଥା ମନ୍ତ୍ରୀ ଏମ୍.ଜେ. ଆକବରଙ୍କ ଭଳି ବହୁ ପ୍ରତିଷ୍ଠିତ ବ୍ୟକ୍ତି ଅଡୁଆରେ ପଡିଛନ୍ତି। କଟକ ବରିଷ୍ଠ ନାଗରିକ ମହାସଭା ପକ୍ଷରୁ '#ମିଟୁ' ଏକ ମାୟାଜାଲ ଶୀର୍ଷକ ଆଲୋଚନାଚକ୍ର ରବିବାର କେଶରପୁରଠାରେ ଡ. କୃପାସିନ୍ଧୁ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ବିଷ୍ଣୁମୋହନ ଦାସ ସାମନ୍ତ ମି ଟୁର ଉତ୍ପତ୍ତି ଏବଂ ଯୌନ ଶୋଷଣ ଉପରେ କହିଥିଲେ। ଖବରଦାତା ଅରୁଣ ପଣ୍ଡା କହିଥିଲେ, ଯେତେ ଆଇନ ବାହାରିଲେ ମଧ୍ୟ କର୍ମକ୍ଷେତ୍ରରେ ବାରମ୍ବାର ଯୌନ ଅପରାଧ ଘଟି ଚାଲିଛି, ଯାହା ଉଦ୍‌ବେଗର ବିଷୟ। ବରିଷ୍ଠ ଆଇନଜୀବୀ ଡ. ଟହଲି ଚରଣ ମହାନ୍ତି, କୃଷ୍ଣ କୁମାର ଦାଶବର୍ମା, ପରିକ୍ଷିତ ମିଶ୍ର, ସନ୍ଧ୍ୟା ମହାପାତ୍ର, ସରୋଜ ନଳିନୀ ଲେଙ୍କା, ଚୌଧୁରୀ ଶରତ ଚନ୍ଦ୍ର ଦାସ, ବୈଷ୍ଣବ ଚରଣ ସିଂହ, ପ୍ରଭାତ କୁମାର ମିଶ୍ର ଏବଂ ପୂର୍ବତନ ପୋଲିସ ଅଧୀକ୍ଷକ କୈଳାସ ଚନ୍ଦ୍ର ମିଶ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତେବେ '#ମିଟୁ' ଜରିଆରେ ୨୦-୩୦ ବର୍ଷ ତଳର ଘଟଣାକୁ କିଛି ମହିଳା ସୋସିଆଲ ମିଡ଼ିଆରେ ପ୍ରଘଟ କରି ବରିଷ୍ଠ ନାଗରିକମାନଙ୍କୁ ଅପଦସ୍ଥ କରିବା ପାଇଁ ଏକ ମାୟାଜାଲ ବିଛା ଯାଉଥିବା ନେଇ ଅନେକେ ମଧ୍ୟ ସନ୍ଦେହ ପ୍ରକାଶ କରିଥିଲେ। ଅକ୍ଷୟ କୁମାର ନାୟକ, ବାବୁଲି ଧର ନାୟକ, ଏନ୍. ନୀଳାଦ୍ରି ରାଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ସରକାରୀ କର୍ମଚାରୀ ମାନ୍ୟତା ଦାବି

## ୨୬ରେ ବିଧାନସଭା ଘେରାଉ

**କଟକ ଅଫିସ, ୧୯।୧୧**

ଅଙ୍ଗନୱାଡି କର୍ମଚାରୀମାନଙ୍କର ଦୀର୍ଘଦିନର ଦାବିଗୁଡ଼ିକ କେନ୍ଦ୍ର ଓ ରାଜ୍ୟ ସରକାର ପୂରଣ କରିବା ଦିଗରେ ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ଏହା ଅଙ୍ଗନୱାଡି କର୍ମଚାରୀଙ୍କ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ଏ ନେଇ ଆସନ୍ତା ୨୬ ତାରିଖରେ ବିଧାନସଭା ଘେରାଉ କରାଯିବା ସହିତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅହୋରାତ୍ର ଧାରଣା ଚାଲୁ ରହିବ ବୋଲି ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ତରଫରୁ ବକ୍ସିବଜାରସ୍ଥିତ ପାନ୍ଥନିବାସଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ଏ. ଶ୍ରୀନିବାସ ରାଓ, କଟକ ଜିଲା ସଭାପତି ଗୌରାଙ୍ଗ ଚରଣ ରଥ, ସମ୍ପାଦକ ଭାଗୀରଥି ବେହେରା, ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ରାଜ୍ୟ ସଭାନେତ୍ରୀ ସୌଦାମିନୀ ଦାସ, ସାଧାରଣ ସମ୍ପାଦିକା ସୁମିତ୍ରା ମହାପାତ୍ର, ରାଜ୍ୟ କୋଷାଧ୍ୟକ୍ଷା ଗୀତାରାଣୀ ମହାନ୍ତି, କଟକ ଜିଲା ସମ୍ପାଦିକା ଜ୍ୟୋତ୍ସ୍ନାରାଣୀ ସିଂ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ଦିନ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକସ୍ଥିତ ରେଳ ଷ୍ଟେଶନ ନିକଟରୁ ଶୋଭାଯାତ୍ରା ବାହାରି ବିଧାନସଭା ସମ୍ମୁଖ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯିବ। ରାଜ୍ୟପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ମହିଳା ଶିଶୁ ବିକାଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବା ସହିତ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗକୁ ଉକ୍ତଦିନ ଦାବିପତ୍ର ପ୍ରଦାନ କରାଯିବ। ଦାବିଗୁଡ଼ିକ ମଧ୍ୟରେ ଅଙ୍ଗନୱାଡି କର୍ମୀ, ସହାୟିକା ଓ ମିନି ଅଙ୍ଗନୱାଡି କର୍ମଚାରୀମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ, ମିନି ଅଙ୍ଗନୱାଡି କର୍ମୀଙ୍କୁ ଅଙ୍ଗନୱାଡି କର୍ମୀର ମାନ୍ୟତା ପ୍ରଦାନ ସହିତ ସେହି କେନ୍ଦ୍ରରେ ଜଣେ ସହାୟିକା ନିଯୁକ୍ତି ଦେବାର ବ୍ୟବସ୍ଥା କରାଯିବା, ନୂତନ ଖାଦ୍ୟ ତାଲିକାର ମୂଲ୍ୟ ବୃଦ୍ଧି କରାଯିବା, ଯେଉଁ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କୁ ୬୦ ବର୍ଷ ବୟସରେ ଚାକିରିରୁ ଅବସର ଦିଆଯାଉଛି ସେମାନଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବା ଆଦି ରହିଛି।

## ରାଜ୍ୟସ୍ତରୀୟ ବିଜ୍ଞାନ ମେଳା

**କଟକ ଅଫିସ, ୧୯।୧୧**

ବିଦ୍ୟା ବିକାଶ ସମିତିର ୧୫ତମ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ଝାଞ୍ଜିରିମଙ୍ଗଳାସ୍ଥିତ ଗଣପତି ଶିଶୁବିଦ୍ୟା ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ବିଦ୍ୟା ବିକାଶ ସମିତି ଓଡ଼ିଶାର ସଭାପତି ଡ. ରମେଶ ଚନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ରେଭେନ୍‌ଶା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ବୈଷ୍ଣବ ଚରଣ ସିଂ ମୁଖ୍ୟ ଅତିଥି, ଶଲ୍ୟ ଚିକିତ୍ସକ ଡା. ଶୁଭେନ୍ଦୁ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ନରହରି ସେନ ଅତିଥି ପରିଚୟ ପ୍ରଦାନ କରିବା ପରେ ଯୋଗେନ୍ଦ୍ରନାଥ ବସ୍ତିଆ ବିଜ୍ଞାନ ମେଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଜ୍ଞାନ ବିଶେଷଜ୍ଞ ଗଜେନ୍ଦ୍ର ପାଣି, ବିଶିନବର ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ ସାହୁ, ବିଜ୍ଞାନ ଶିକ୍ଷୟିତ୍ରୀ ଅମ୍ବୁଜିନୀ ନାୟକ ଓ ପୋଲିସ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅଜୟ କୁମାର ନନ୍ଦ ବିଜ୍ଞାନ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୫୦ଟି ବିଦ୍ୟାଳୟରୁ ୧୬୦ଟି ବିଜ୍ଞାନ ପ୍ରକଳ୍ପ ସ୍ଥାନ ପାଇଥିଲା। ସମିତିର ସହସମ୍ପାଦକ ଅଶୋକ ପଣ୍ଡା ଧନ୍ୟବାଦ ଦେଇଥିଲେ।

■ ମାହାଙ୍ଗା ବ୍ଲକ ଅଧ୍ୟକ୍ଷଙ୍କ ଅଡିଓ ଭାଇରାଲ

## ଡିଲରସିପ୍ କାଟିଦେବାକୁ ଧମକ

**ମାହାଙ୍ଗା,୧୯।୧୧(ଡି.ଏନ.ଏ.)**

ମାହାଙ୍ଗା ବ୍ଲକ ଅଧ୍ୟକ୍ଷ ଶରତ ନାୟକ ଏବେ ଅଞ୍ଚଳରେ ବେଶ୍ ଚର୍ଚ୍ଚାରେ। କାରଣ ସେ ମୋବାଇଲରେ ହୋଇଥିବା କଥାର କିଛି ଅଡିଓ ବର୍ତ୍ତମାନ ଭାଇରାଲ ହୋଇଛି। ଯେଉଁଥିରେ ସେ ବ୍ଲକ ଅଧୀନ ଗୋପାଳପୁର ପଞ୍ଚାୟତ ଦୁଲାରପୁର ଗ୍ରାମର ପିଡିଏସ୍ ଡିଲର ଜେମାମଣି ପାଲଙ୍କ ଉଦ୍ଦେଶ୍ୟରେ ତାଙ୍କ ଦିଅର ରତ୍ନାକରଙ୍କୁ ଗାଳିଗୁଲଜ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜଣେ ଲୋକ ପ୍ରତିନିଧି ହୋଇ ମଧ୍ୟ ମହିଳା ଡିଲରଙ୍କ ଉଦ୍ଦେଶ୍ୟରେ ଗାଳିଗୁଲଜ କରିବା ଘଟଣାକୁ ନିନ୍ଦା କରାଯାଇଛି।

ବ୍ଲକ ଅଞ୍ଚଳରେ ରାଜ୍ୟ ସରକାରଙ୍କ ନୂତନ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ ପାଇଁ ଗତ ଶୁକ୍ରବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା। ମାହାଙ୍ଗା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ କାର୍ଡ ବାଣ୍ଟିବାକୁ ଧାର୍ଯ୍ୟ ହୋଇଥିଲା। ତେବେ ସଭାରେ ଅଳ୍ପସଂଖ୍ୟକ ଲୋକ ଉପସ୍ଥିତ ଥିଲେ। ମନ୍ତ୍ରୀ ଆୟୋଜକଙ୍କ ଉପରେ ବର୍ଷିବା ଆଶଙ୍କାରେ ବ୍ଲକ ଅଧ୍ୟକ୍ଷ ନାୟକ ବ୍ୟତିବ୍ୟସ୍ତ ହୋଇ ଜେମାମଣିଙ୍କ ଉଦ୍ଦେଶ୍ୟରେ ତାଙ୍କ ଦିଅର ରତ୍ନାକରଙ୍କୁ କାହିଁକି ସଭାକୁ ଲୋକଙ୍କୁ ଆଣିଲୁ ନାହିଁ କହି ଗାଳିଗୁଲଜ କରିଥିଲେ। ଏଥିସହ ତାଙ୍କ ଡିଲରଶିପକୁ କାଟିଦେବାକୁ ମଧ୍ୟ ଧମକ ଦେଇଥିଲେ। ଅଡିଓ ଭାଇରାଲ ସମ୍ପର୍କରେ ଜେମାମଣିଙ୍କୁ ପଚାରିବାରୁ ବ୍ଲକ ଅଧ୍ୟକ୍ଷଙ୍କ ଠାରୁ ଖରାପ ଭାଷା ଶୁଣି ଆମକୁ ଖୁବ୍ ଦୁଃଖ ଲାଗୁଛି ଓ ଏହି ବିଷୟରେ ଆମେ ମନ୍ତ୍ରୀ ଜେନାଙ୍କୁ ଅବଗତ କରାଇବୁ ବୋଲି କହିଥିଲେ। ଅଡିଓ ଭାଇରାଲ ସମ୍ପର୍କରେ ଅଧ୍ୟକ୍ଷ ନାୟକ କହିଛନ୍ତି, ଏଭଳି ଘଟଣାର ପୁନରାବୃତ୍ତି ଆଉ ହେବନାହିଁ। ଏଥିପ୍ରତି ସଚେତନ ରହିବି ବୋଲି ପ୍ରକାଶ କରିଥିଲେ।



ଫୁଲନଖରା ବ୍ୟବସାୟୀ ସଂଘ ପକ୍ଷରୁ ନିର୍ମିତ କାର୍ତ୍ତିକେଶ୍ୱର ମୃଣ୍ମୟ ମୂର୍ତ୍ତି।



ଚାନ୍ଦିନି ଚୌକ୍ ଦରଜିସାହି ରାଧାମୋହନ ଯୁବକ ସଂଘ ପକ୍ଷରୁ କାର୍ତ୍ତିକେଶ୍ୱର ପୂଜା।



ହରିପୁର ଦୋଳମୁଣ୍ଡେଇ ମଣ୍ଡପରେ ପୂଜା ପାଉଥିବା କାର୍ତ୍ତିକେଶ୍ୱର।

ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
- ସ୍ୱାମୀ ଦୟାନନ୍ଦ ସରସ୍ୱତୀ

## ସଂକ୍ଷେପରେ

### ପାରମ୍ପରିକ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ

ଜଟଣୀ,୧୯।୧୧ (ଡି.ଏନ.ଏ): ଜଟଣୀ କନ୍ତିଆସ୍ଥିତ ଶ୍ରୀରାଧାକାନ୍ତ ଦେବ ମନ୍ଦିର ପରିସରରେ ଅଁଳା ନବମୀ ଉପଲକ୍ଷେ ଓଡ଼ିଶୀ, ଛାନ୍ଦ, ଚମ୍ପୂ, ଭଜନ ତଥା ପାରମ୍ପରିକ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଧାକାନ୍ତ ଦେବ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେଏହା ଆୟୋଜିତ ହୋଇଥିଲା। ତ୍ରିଲୋଚନ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଖ୍ୟାତ ଓଡ଼ିଶୀ କଣ୍ଠଶିଳ୍ପୀ ଶ୍ୟାମାମଣି ଦେବୀ, ଡ. ସଙ୍ଗୀତା ଗୋସାଇଁ, ଗୁରୁ କେଶବ ଚନ୍ଦ୍ର ରାଉତଙ୍କ ସମେତ ଅନ୍ୟ କଳାକାରଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ହୋଇଥିଲା। ଗୁରୁ ଜଳଧର ପ୍ରଧାନ, ପୂର୍ବତନ ସରପଞ୍ଚ ନୀଳମଣି ସାହୁ ଓ ଅନ୍ୟମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ଗୋପାଳକୃଷ୍ଣ ସ୍ମାରକୀ କ୍ରିକେଟ୍ ଟୁର୍ନାମେଣ୍ଟ

କୃଷ୍ଣପ୍ରସାଦ,୧୯।୧୧(ଡି.ଏନ.ଏ.): କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ବଜ୍ରକୋଟ ଗାଁରେ ୫ମ ବାର୍ଷିକ ବ୍ଲକ୍‌ସ୍ତରୀୟ ଗୋପାଳକୃଷ୍ଣ ସ୍ମାରକୀ କ୍ରିକେଟ ଟୁର୍ନାମେଟ ଅନୁଷ୍ଠିତ ହୋଇଯାଇଛି। ସୋମବାର ଜୟ ମା' ଦୁର୍ଗା ଏସ୍‌କର୍ଡ ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ମ୍ୟାଚରେ ବଜ୍ରକୋଟ ସରପଞ୍ଚ ସସ୍ମିତା ଜେନା ଉଦ୍‌ଘାଟନ କରିଥିଲେ। ମୋଟ ୨୪ ଦଳ ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ପ୍ରଥମ ଦିନର ମ୍ୟାଚରେ ପାଇକରାୟପୁର ଗ୍ରାମର ମା' ମଶାଣୀ ଚଣ୍ଡୀ କ୍ରିକେଟ୍ ଟିମ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିଥିଲେ। ଦଳ ୧୨ ଓଭର୍‌ରେ ୭ ଉଇକେଟ୍ ହରାଇ ୭୫ ରନ୍ କରିଥିବା ବେଳେ ଡିଆଁକୁଦା ଗାଁ ଜୟବୀର ହନୁମାନ କ୍ରିକେଟ୍ ଟିମ୍ ୧୧ ଓଭର୍‌ରେ ବିଜୟ ହାସଲ କରି ସେମି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି। ସତ୍ୟବାନ ନାୟକ ଏବଂ ହେମନ୍ତ ସେଠୀ ଖେଳ ପରିଚାଳନା କରିଥିଲେ।

### ବୈଷ୍ଣବ କବି ଭକ୍ତ ଚରଣଙ୍କ ସ୍ମାରକୀ ସମାରୋହ

ଖୋର୍ଦ୍ଧା ଅଫିସ/ବୋଲଗଡ, ୧୯।୧୧(ଡି.ଏନ.ଏ.): ବୋଲଗଡ ବ୍ଲକର ସାନପଦରସ୍ଥିତ ବୈଷ୍ଣବ କବି ଭକ୍ତଚରଣ ସ୍ମୃତି ସଦନଠାରେ ବୈଷ୍ଣବ କବି ଭକ୍ତ ଚରଣଙ୍କ ମହାପ୍ରୟାଣ ସ୍ମାରକୀ ସମାରୋହ ସୋମାବର ଅନୁଷ୍ଠିତ ହୋଇଯାଇଛି। ସକାଳ ୬ଟାରେ ବେଦମନ୍ତ୍ର ପାଠ ଓ ପରେ କବିଙ୍କ ସାଧନା ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ପୁଣି ପ୍ରାତଃ ସମୟରେ ଭକ୍ତ ଚରଣ ବିଦ୍ୟାପୀଠର ଛାତ୍ରୀଛାତ୍ର, ଶ୍ରଦ୍ଧାଳୁ ଓ ଗ୍ରାମବାସୀ ସଂକୀର୍ତ୍ତନ କରି ଗ୍ରାମ ପରିକ୍ରମା କରିଥିଲେ। ଶିକ୍ଷାବିତ୍ ତଥା ସାହିତ୍ୟିକ ରାଜକିଶୋର ବ୍ରହ୍ମାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ସ୍ମାରକୀ ସମାରୋହର ଆଧାତ୍ମିକ ସଭାରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ସ୍ଥିତ ଭାରତ ସେବାଶ୍ରମର ସ୍ୱାମୀ ଜଗନ୍ନାଥ ମହାରାଜ ଯୋଗଦେଇଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ଡ. ହରିହର କାନୁନ୍‌ଗୋ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ପ୍ରଫୁଲ୍ଲ କୁମାର ମହାପାତ୍ର ଓ ଖୋର୍ଦ୍ଧା ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ଦେବରାଜ ସାହୁ ଯୋଗ ଦେଇଥିଲେ।

### କ୍ୟାଡର ରୁଲ୍ ପ୍ରଣୟନ ଦାବି ଛୁଟିରେ ଯିବେ ଶିକ୍ଷା ସେବା ଅଧିକାରୀ

ଖୋର୍ଦ୍ଧା ଅଫିସ,୧୯।୧୧: ଲୋକ ସେବା ଆୟୋଗ ଦ୍ୱାରା ଶିକ୍ଷା ସେବା ଅଧିକାରୀ ନିଯୁକ୍ତି ନିୟମ ପ୍ରଣୟନ ହୋଇଛି। ତେବେ ରାଜ୍ୟ ସରକାର ଅଦ୍ୟାବଧି ଶିକ୍ଷା ସେବା ଅଧିକାରୀଙ୍କ ପାଇଁ କ୍ୟାଡର ରୁଲ ପ୍ରଣୟନ କରିନାହାନ୍ତି। ଫଳରେ ଶିକ୍ଷା ସେବା ଅଧିକାରୀମାନେ ପ୍ରମୋସନ ଓ ବିଭିନ୍ନ ପ୍ରକାରର ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ବିନା ପଦୋନ୍ନତିରେ କେତେଜଣ ଶିକ୍ଷା ସେବା ଅଧିକାରୀ ଅବସର ନେଇ ସାରିଲେଣି। ସରକାର କ୍ୟାଡର ପୁନର୍ବିନ୍ୟାସ ଓ କ୍ୟାଡର ରୁଲ ଗଠନ ପ୍ରତି ଅଣଦେଖା କରି ଚାଲିଛନ୍ତି। ଏଭଳିସ୍ଥଳେ ଓଇଏସ ସେବା ଅଧିକାରୀଙ୍କ ସହ ଗତ ୫ ବର୍ଷ ଧରି ସରକାରଙ୍କର ଆଲୋଚନା ଜାରି ରହିଥିଲେ ମଧ ସୁଫଳ ମିଳୁନି। ୨୫ ତାରିଖ ସୁଦ୍ଧା କ୍ୟାଡର ରୁଲ ସରକାର ପ୍ରଣୟନ ନ କଲେ ଆସନ୍ତା ୨୬ ତାରିଖରୁ ଶିକ୍ଷା ସେବା ଅଧିକାରୀ ସାମୂହିକ ଛୁଟିରେ ଯିବେ ବୋଲି ଚେତାବନୀ ଦେଇଛନ୍ତି। ଭୁବନେଶ୍ୱରରେ ଏକ ସଭା କରାଯାଇ ନିଷ୍ପତ୍ତି ନିଆଯାଇ ଜିଲା। ସଭାପତି ପ୍ରଦୀପ କୁମାର ନାୟକ ସୂଚନା ଦେଇଛନ୍ତି।

## ଖୋର୍ଦ୍ଧା ଜିଲା ପ୍ରାଣୀ ଚିକିତ୍ସାଳୟ

# ଡେରିରେ ଆସୁଛନ୍ତି ଡାକ୍ତର

### ସବୁ ଔଷଧ କିଣିବାକୁ ପରାମର୍ଶ

ଖୋର୍ଦ୍ଧା ଅଫିସ,୧୯।୧୧

ଖୋର୍ଦ୍ଧା ଜିଲା ପ୍ରାଣୀ ଚିକିତ୍ସାଳୟକୁ ଡାକ୍ତର ସବୁବେଳେ ଡେରିରେ ଆସୁଥିବା ଅଭିଯୋଗ ହେଉଛି। ଗୃହପାଳିତ ପ୍ରାଣୀଙ୍କୁ ନେଇ ଖୋର୍ଦ୍ଧା ପ୍ରାଣୀ ଚିକିତ୍ସାଳୟରେ ସକାଳେ ପହଞ୍ଚିଲେ ୧ରୁ ୨ ଘଣ୍ଟା ଅପେକ୍ଷା କଲା ପରେ ଡାକ୍ତର ଆସନ୍ତି। କିଛି ସମୟ ଡ୍ୟୁଟି କରି ପୁଣି ନିଜ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ପରେ ପୁଣି ଲୋକେ ଖୋଜିଲେ ଡାକ୍ତର ମିଳନ୍ତି ନାହିଁ। ସେହିପରି ଗୃହପାଳିତ ପ୍ରାଣୀ ପାଇଁ ଡାକ୍ତରଙ୍କ ଚିଠା ମୁତାବକ ଔଷଧ ପ୍ରାଣୀ ଚିକିତ୍ସାଳୟରୁ ଉପଲବ୍ଧ ହେଉନାହିଁ। ସବୁ ଔଷଧ ବାହାରୁ କିଣିବାକୁ ପରାମର୍ଶ ମିଳେ। ପ୍ରାଣୀ ଚିକିତ୍ସାଳୟରେ ଥିବା ଔଷଧ କାମ କରିବନି ବୋଲି ବେଳେବେଳେ ଉତ୍ତର ମିଳେ ବୋଲି ଅଭିଯୋଗ ହୋଇଆସୁଛି। ସୋମବାର ପୂର୍ବାହ୍ନରେ ଏକ ଗାଈ ପଲିଥିନ ଖାଇ ଅସୁସ୍ଥ ହୋଇ ପଡିଥିଲା। ପୂର୍ବାହ୍ନ ୮ ଟାରେ ପ୍ରାଣୀ ଚିକିତ୍ସାଳୟରେ ପହଞ୍ଚିବା ପରେ କେବଳ କାର୍ଯ୍ୟାଳୟ ଖୋଲାଥିବା ଦେଖିବାକୁ ମିଳିଥିଲା। ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ କାମ ଚଳାଉଥିଲେ। ଡାକ୍ତର ବାବୁ କେତେବେଳେ ଆସିବେ ପଚାରିବାରୁ ଉତ୍ତର ମିଳିଲା ତରତର ହେଲେ କ'ଣ ହେବ, ଅପେକ୍ଷା କରନ୍ତୁ ଡାକ୍ତର ଆସିବେ। ପ୍ରାୟ ୧ ଘଣ୍ଟା ପରେ ଜଣେ ଡାକ୍ତର ଆସିଲେ। ଅସୁସ୍ଥ ଗାଈ ପାଇଁ ମେଡିସିନ ବାହାରୁ କିଣିବାକୁ ପରାମର୍ଶ ଦେଇ ଦୁଇଟି ଇଞ୍ଜେକସନ କେବଳ ଚିକିତ୍ସାଳୟରୁ ଦେଲେ। ତେବେ ପ୍ରାଣୀ ଚିକିତ୍ସାଳୟର କାନ୍ଥରେ ଲାଗିଥିବା ସମୟ ନିର୍ଘଣ୍ଟ ଅନୁସାରେ ୨୦୧୮ ଅକ୍ଟୋବର ୧ରୁ ୨୦୧୯ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ପୂର୍ବାହ୍ନ ୮ଟାରୁ ମଧ୍ୟାହ୍ନ ୧୨ଟା ଓ ଅପରାହ୍ନ ୩ଟାରୁ ୫ ଘଣ୍ଟା ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲା ପ୍ରାଣୀ ଚିକିତ୍ସାଳୟ ଖୋଲା ରୁହେ। ତେବେ ପ୍ରକୃତ ପକ୍ଷେ ଅଫିସ ଖୋଲା ରହୁଛି ନାହିଁ। ଡାକ୍ତର ଓ କର୍ମଚାରୀ ଆସୁଛନ୍ତି କି ନାହିଁ ତା'ର ଠିକ୍ ଭାବେ ଅନୁଧ୍ୟାନ କରାଯାଉ ନ ଥିବାରୁ ପ୍ରାଣୀମାନେ ସେବା ଠିକ୍‌ରେ ପାଉ ନାହାନ୍ତି ବୋଲି ଅଭିଯୋଗ ହୋଇଆସୁଛି।



ଖାଲିପଡ଼ିଥିବା ପ୍ରାଣୀ ଚିକିତ୍ସାଳୟର ଚେୟାର।



ଚାଷୀ ସୁବାସଙ୍କ କ୍ଷେତରୁ ଶସ୍ୟ କାଟର ନମୁନା ସଂଗ୍ରହ କରାଯାଉଛି।

## ଧାନ ନମୁନା ଶସ୍ୟ କାଟ ଆରମ୍ଭ

ବେଗୁନିଆ,୧୯।୧୧(ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ହୋଇଥିବା ଫସଲର ନମୁନା ଶସ୍ୟ କାଟ ସୋମବାର ଶୁଭାରମ୍ଭ ହୋଇଛି। ବ୍ଲକ କୃଷି ଅଧିକାରୀ ରତିକାନ୍ତ ପଟ୍ଟନାୟକ ଓ ଅତିରିକ୍ତ କୃଷି ଅଧିକାରୀ ଶ୍ରାବଣୀ ମହାରଣାଙ୍କ ଅଧ୍ୟକ୍ଷତାରେ ଏକ ଇନସ୍ୟୁରାନ୍ସ କମ୍ପାନୀ ପକ୍ଷରୁ ଏହି ନମୁନା ସଂଗ୍ରହ କରାଯାଇଥିଲା। ଆଗାମୀଦିନରେ ଏହି କାଟ କାର୍ଯ୍ୟକ୍ରମ ୨୧ଟି ପଞ୍ଚାୟତର ସମୁଦାୟ ୮୪ ଟି ପ୍ଲଟର ଚାଷୀଙ୍କର ନମୁନା ସଂଗ୍ରହ କରାଯିବ। ପ୍ରଥମେ ଡିଙ୍ଗର ପଞ୍ଚାୟତର ଡିଙ୍ଗର ଗ୍ରାମର ଚାଷୀ ସୁବାସ ସାହୁଙ୍କର ପ୍ଲଟରୁ ଶସ୍ୟ ସଂଗ୍ରହ କରାଯାଇଛି। ସରକାରୀ ନିୟମ ଅନୁସାରେ ପ୍ରତି ପ୍ଲଟର ଆକାର ହେଉଛି ୫ ମିଟରରେ ୫ ମିଟର। ତେବେ ଏହି ଆକାରରୁ ସର୍ବନିମ୍ନ ୮ କେଜିରୁ ଉର୍ଦ୍ଧ୍ୱ ହେବା କଥା। ମାତ୍ର ସୁବାସ ଭଲ ଆଦାୟ ହେଉଛି ବୋଲି କହିଛନ୍ତି। ପ୍ରକାଶ ଥାଉ କି ଚଳିତ ଖରିଫ ଋତୁରେ ଏହି ବ୍ଲକ ଅଞ୍ଚଳରେ ହୋଇଥିବା ୧୩ ହଜାର ୪୨୮ ହେକ୍ଟର ଧାନ ଫସଲ ମଧ୍ୟରୁ ଅକ୍ଟୋବର ୧୧ରେ ସାମୁଦ୍ରିକ ଝଡ ତିତ୍‌ଲି ଯୋଗୁ ୫୭୨ ହେକ୍ଟର ଜମିରେ ଧାନ ଓ ଅଣଧାନ ଫସଲ ନଷ୍ଟ ହୋଇଥିଲା। ପୁଣି ଏବେ ରୋଗ ପୋକ ଯୋଗୁ କେତେ ହେକ୍ଟର ଫସଲ କ୍ଷତି ହେବ ତାହା କୃଷି ବିଭାଗ ପ୍ରାଥମିକ ଆକଳନରୁ ଜଣାପଡିବ। ଏହି ମିଳିତ ନମୁନା ଶସ୍ୟ କାଟ ସମୟରେ ଇନସ୍ୟୁରାନ୍ସ କମ୍ପାନୀର ନିତ୍ୟାନନ୍ଦ ସୁବୁଦ୍ଧି, ମୃତ୍ୟୁଞ୍ଜୟ ବେହେରା, ଭିଏଲଡବ୍ଲ୍ୟୁ ଇଷାନ ଚନ୍ଦ୍ର ନାୟକ, ସରପଞ୍ଚ ଶିବ ପ୍ରସାଦ ଦାସ ଏବଂ ସ୍ଥାନୀୟ କୃଷକ ସାଥୀମାନେ ଉପସ୍ଥିତ ଥିଲେ। ସୂଚନାଥାଉ କି ପୂର୍ବ ଖରିଫ ଋତୁରେ ବହୁ ପରିମାଣର ଧାନ ଫସଲ କ୍ଷତି ହୋଇଥିବା ଇନସ୍ୟୁରାନ୍ସ କମ୍ପାନୀ ପକ୍ଷରୁ ସର୍ଭେ କରାଯାଇଥିଲା। ମାତ୍ର ପ୍ରିୟାପ୍ରୀତି ତୋଷଣରେ କେତେଜଣ ନିର୍ଦ୍ଦିଷ୍ଟ ଚାଷୀଙ୍କୁ ସହାୟତା ମିଳିଥିବା ବେଳେ ପ୍ରକୃତ କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳି ନ ଥିଲା ବୋଲି କୃଷି କାର୍ଯ୍ୟାଳୟରେ ଅଭିଯୋଗ ହୋଇଥିଲା।

# ଖୋର୍ଦ୍ଧାରେ ପ୍ରତିଷ୍ଠା ହେବ ବୃଦ୍ଧାଶ୍ରମ

### ଜିଲା ଲୋକ ଉତ୍ସବର ଷଷ୍ଠ ସନ୍ଧ୍ୟା

ଖୋର୍ଦ୍ଧା ଅଫିସ,୧୯।୧୧

ଆଶ୍ୱାସନା ପକ୍ଷରୁ ଖୋର୍ଦ୍ଧା ସହରର ଗୁରୁଜଙ୍ଗ ପଡିଆରେ ଚାଲିଛି ଖୋର୍ଦ୍ଧା ଜିଲା ଲୋକ ଉତ୍ସବ। ଏହାର ଷଷ୍ଠ ସନ୍ଧ୍ୟାରେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ କହିଥିଲେ ଖୋର୍ଦ୍ଧାରେ ଏକ ବୃଦ୍ଧାଶ୍ରମ (ଓଲ୍ଡଏଜ ହୋମ) ପ୍ରତିଷ୍ଠା କରାଯିବ। ଏଥିପାଇଁ ୨୭ କୋଟି ଟଙ୍କା ବ୍ୟୟବରାଦ ହେବ। କେଉଁ ସ୍ଥାନରେ ଏହା ନିର୍ମାଣ କରାଯିବ ଜିଲାପାଳଙ୍କ ସହ ଆଲୋଚନା ଜାରି ରହିଛି ବୋଲି ପ୍ରକାଶ କରିଛନ୍ତି। ଏଥିସହ ସେ ଖୋର୍ଦ୍ଧାର ଐତିହ୍ୟ ସମ୍ପର୍କରେ ବଖାଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ, ବିଜେଡି ମହିଳା ସଭାନେତ୍ରୀ ମିନତି ବେହେରା, ଆଶ୍ୱାସନା ପରିବାର ସମ୍ପାଦକ ରିତେଶ ସାହୁ ଓ ସଂଯୋଜକ ଗୌରୀ ଶଙ୍କର ରାଉତରାୟ ମଞ୍ଚରେ ଉପସ୍ଥିତ ଥିଲେ। ନଟରାଜ ଡ୍ୟାନ୍ସ ଏକାଡେମୀ କଟକର ଶିଳ୍ପୀମାନେ ଦୁର୍ଗତିନାଶିନୀ ଦୁର୍ଗାଙ୍କର ନବ ବିଧ ରୂପର ପ୍ରକାଶକୁ ପରଷି ଦେଇଥିଲେ। ପରେ ଯନ୍ତ୍ର ସଙ୍ଗୀତରେ ପୁରୁଣା ସଙ୍ଗୀତର ଧୁନ ତୋଳି ଶିଳ୍ପୀମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ଅନ୍ତିମ ଉପସ୍ଥାପନ ଥିଲା ଆସାମର ଲୋକନୃତ୍ୟ ବିହୁ। ପଶ୍ଚିମବଙ୍ଗର ପୁରୁଲିଆରୁ ଆସିଥିବା ଛଉ ନୃତ୍ୟ ଦଳ ମୁଖା ପରିଧାନ କରି କୃଷ୍ଣଙ୍କ ବଂଶୀ ହରଣ ଓ ରାସକ୍ରୀଡା ଦେଖାଇଥିଲେ। ଭଞ୍ଜନଗରର ବିଶ୍ୱ ଜନନୀ କଳା ପରିଷଦର ଶିଳ୍ପୀମାନେ ପଶୁମୁଖା ନୃତ୍ୟ ପରିବେଷଣ କରିଥିଲେ। ଗଞ୍ଜାମର ପ୍ରସିଦ୍ଧ ଉଷାକୋଠୀ ଲୋକନୃତ୍ୟ ମାଧ୍ୟମରେ ଗୁରୁ ଜଗଦୀଶ ପାଣିଗ୍ରାହୀ, ସନ୍ତୋଷ ଦାସ ଓ ସାଥୀମାନେ ପଶୁମୁଖା ଲୋକନୃତ୍ୟ ପରିବେଷଣ କରି ପରିବେଶ ସୁରକ୍ଷା ଓ ଜିବେଦୟାର ବାର୍ତ୍ତା ବାଣ୍ଟିଥିଲେ। ବେଲପଡାର ଆଦିଶକ୍ତି କ୍ଷତ୍ରିୟ ପାଇକ ଆଖଡା ସଂଘ ପକ୍ଷରୁ ସମରକଳାରେ ପାଇକ ଆଖଡା ଦେଖାଇଥିଲେ। ଅଧାପକ ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିଲେ।



ଜିଲା ଲୋକ ଉତ୍ସବର ଷଷ୍ଠ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

## କୃଷ୍ଣପ୍ରସାଦ ବ୍ଲକ୍‌ରେ ବିଶ୍ୱ ପାଇଖାନା ଦିବସ

କୃଷ୍ଣପ୍ରସାଦ,୧୯।୧୧(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍ ଅଧୀନ ଏହି ଗ୍ରାମପଞ୍ଚାୟତରେ ବିଶ୍ୱ ପାଇଖାନା ଦିବସ ପାଳିତ ହୋଇଯାଇଛି। ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ରବିବାର ଅନୁଷ୍ଠିତ ହୋଇଥିଲା। ସମିତି ସଭ୍ୟ ଜିତେନ୍ଦ୍ର କୁମାର ବିଶ୍ୱାଳ, ନାଏବ ସରପଞ୍ଚ ସବିତା ପଣ୍ଡା, ପର୍ଶୁରାମ ସିଂହ, ଅନାଥବନ୍ଧୁ ଜେନା, ରଜନୀବାଳା ନାୟକ, ସସ୍ମିତା ସାହୁ, ବିନୋଦିନୀ ଜେନା ଓ ସୁକାନ୍ତୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମାଲୁଦ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ସରପଞ୍ଚ ରବୀନ୍ଦ୍ର ନାଥ ଦାସଙ୍କ ନେତୃତ୍ୱରେ ଏହି ଦିବସ ପାଳିତ ହୋଇଯାଇଛି। ବିଧାୟକ ସଞ୍ଜୟ କୁମାର ଦାସବର୍ମା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜକିଶୋର ସାହୁ, ପୂର୍ବତନ ସିଆର୍‌ସିସି ପ୍ରଦୀପ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରବୀଣା ଦାସ, ସହକାରୀ ଶିକ୍ଷକ ଶ୍ରୀକାନ୍ତ ଜେନା, ଅର୍ଜୁନ ଦାସ, ଶିକ୍ଷୟିତ୍ରୀ ଶାନ୍ତିଲତା ଜେନା ଓ ଅଶୋକ ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସିଂହସାମନ୍ତ ପଞ୍ଚାୟତ ନୂତନ ଗୃହର ଶୁଭ ଉଦ୍‌ଘାଟନ କରିଥିଲେ। ଏଥିରେ କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ପଣ୍ଡା, ପୂର୍ବତନ ସରପଞ୍ଚ କୁମାର ସିଂହ, ପୂର୍ବତନ ସମିତି ସଭ୍ୟ ସିମାଞ୍ଚଳ ନାୟକ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଜଗତେଶ୍ୱର ପ୍ରଧାନ, ଟୁଟୁ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

## ରାମଦୟା ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

ନିରାକାରପୁର,୧୯।୧୧(ଡି.ଏନ.ଏ.)

ନିରାକାରପୁରସ୍ଥିତ ରାମଦୟା ପରିଷଦ ପକ୍ଷରୁ ସୋମବାର ରାମ ଚରିତ ମାନସ ନବାହ୍ନ ପାରାୟଣ, ମେଧା ଅଭିନନ୍ଦନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ପରିଷଦର ସଭାପତି ପଦ୍ମନାଭ ଦାଶ ଅଧ୍ୟକ୍ଷତା କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ବେଣୁଧର ଦାସ, ସମ୍ପାଦକ ଗଙ୍ଗାଧର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ସଭାପତି ସାଂସଦ ପଟ୍ଟନାୟକଙ୍କୁ ଉପଢୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ଅତିଥିମାନେ ଉତ୍ତମ କୃଷକ ଭାବେ ଦୀନବନ୍ଧୁ ବରାଳ, ବରିଷ୍ଠ ନାଗରିକ ନାରାୟଣ ସାମନ୍ତରାୟ, ସାମାଜିକ କର୍ମୀ ନାରାୟଣ ସାହୁ, ଶିକ୍ଷାବିତ୍ ଚକ୍ରଧର ତ୍ରିପାଠୀ, ଉତ୍ତମ ଚିକିତ୍ସକ ଡ. ଶ୍ରୀବତ୍ସ ମହାପାତ୍ର ଓ ରାଜକିଶୋର ନନ୍ଦ, କୈବର୍ତ୍ତନିରୁପମା ମହାପାତ୍ର, ନିରାକାରପୁର ସରପଞ୍ଚ ହୃଷୀକେଶ ରାଉତରାୟ, ୨୦୧୫ ଶ୍ରୀଜଗନ୍ନାଥ ନବକଳେବରର ମୁଖ୍ୟ ଯାଜ୍ଞୀ ପୁରୋହିତ ଓ ନାସ୍ୟକର୍ତ୍ତା ସାମନ୍ତ ନରସିଂହ ମହାପାତ୍ରଙ୍କ ସହ ପରୀକ୍ଷାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉପସଭାପତି ସତ୍ୟବାଦୀ ବଳବନ୍ତରାୟ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ରମାନାଥ ଦାସ, ମହେନ୍ଦ୍ର ନରେନ୍ଦ୍ର, ବେଣୁଧର ଚମ୍ପତିରାୟ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

## ଡୁମଡୁମା ଗଣ୍ଡଗୋଳ ଘଟଣା, ଜଣେ ଗିରଫ

ପାତ୍ରପଡା, ୧୯।୧୧( ଡି.ଏନ.ଏ.)

ଡୁମଡୁମା ଗଣ୍ଡଗୋଳ ଘଟଣାରେ ସମ୍ପୃକ୍ତ ଥିବା ଜଣେ ଯୁବକଙ୍କୁ ସୋମବାର ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ସେ ହେଲେ ସରକନ୍ତରା ଗାଁର ଅଗ୍ନି ଷଡଙ୍ଗୀ(୧୯)। ପୂର୍ବରୁ ଅଗ୍ନିଙ୍କ ନାଁରେ ବିଭିନ୍ନ ମାମଲା ଥିବାରୁ ପୋଲିସ ପକ୍ଷରୁ ୱାରେଣ୍ଟ ଜାରି କରାଯାଇଥିଲା। ସୂଚନାଯୋଗ୍ୟ ଅଗ୍ନି ତାଙ୍କର କେତେଜଣ ସମର୍ଥକଙ୍କ ସହ ଡୁମଡୁମା ଅଞ୍ଚଳରେ ଗଣ୍ଡଗୋଳ କରିଥିଲେ। ପରେ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଞ୍ଚଳରେ ବୋମାମାଡ, ଦୋକାନ ପୋଡି ହୋଇଥିଲା। ପୂର୍ବରୁ ଏହି ଗଣ୍ଡଗୋଳ ଘଟଣାରେ ଅଗ୍ନିଙ୍କ ୪ ଜଣ ସହଯୋଗୀଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ପତନୀବର କ୍ରିକେଟ, କାଇପଦର ବିଜୟୀ

ଖୋର୍ଦ୍ଧା ଅଫିସ,୧୯।୧୧

ରେନ୍‌ବୋ କ୍ରିକେଟ କ୍ଲବ ପକ୍ଷରୁ ପତନୀବର ସ୍କୁଲ ଖେଳପଡିଆରେ ଜିଲାସ୍ତରୀୟ ୨୫ ତମ କ୍ରିକେଟ ଟୁର୍ନାମେଣ୍ଟ ଚାଲୁ ରହିଛି। ଏହାର ୩ୟ ଦିବସ ମ୍ୟାଚରେ ସତ୍ୟପୀର ସ୍ପୋର୍ଟିଂ କାଇପଦର ୧ ଉଇକେଟରେ ବ୍ଲୁ ରକ ଷ୍ଟାର ଯାଁଳାକୁ ପରାସ୍ତ କରି ବିଜୟୀ ହୋଇଛି। ଟସ୍ ଜିତି ଯାଁଳା ଦଳ ବ୍ୟାଟିଂ କରି ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୪୦ ରନ କରିଥିଲା। ଜବାବରେ କାଇପଦର ଦଳ ୧୮ ଓଭରରେ ୯ ଉଇକେଟ ହରାଇ ୧୪୧ ରନ କରି ପରାସ୍ତ ହୋଇଥିଲା। ବିଜୟୀ କାଇପଦର ଦଳର ଲିଟିଲ ଚମ୍ପତି ୪୦ ବଲରେ ୫୮ ରନ କରି ମ୍ୟାନ ଅଫ ଦି ମ୍ୟାଚ ଭାବେ ପରସ୍କୃତ ହୋଇଥିଲେ। ପ୍ରଣବ ପାଇକେରା, ଭାଗୀରଥି ବେହେରା ଓ ଜ୍ୟୋତି ରଞ୍ଜନ ଭୁଜବଳ ଖେଳ ପରିଚାଳନା କରିଥିଲେ।

## ରାଜ୍ୟସ୍ତରୀୟ ଅକ୍ଷୟ ମହାନ୍ତି ମହୋତ୍ସବ

ଖୋର୍ଦ୍ଧା ଅଫିସ,୧୯।୧୧

ଅକ୍ଷୟ ମହାନ୍ତି ଫାଉଣ୍ଡେଶନ ଟ୍ରଷ୍ଟ ଖୋର୍ଦ୍ଧା ଶାଖା ପକ୍ଷରୁ ଖୋର୍ଦ୍ଧା ସହରର ଗୀତା ଭବନ ସମ୍ମୁଖସ୍ଥ ପଡିଆରେ ରାଜ୍ୟସ୍ତରୀୟ ଅକ୍ଷୟ ମହାନ୍ତି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହାର ପ୍ରଥମ ଅଧିବେଶନରେ ଅକ୍ଷୟ ତୁମେ ଗଲା ପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ବାଉରୀବନ୍ଧୁ ଭୁଜବଳଙ୍କ ଅଧ୍ୟକ୍ଷତାରେ କବି ପ୍ରଦୀପ ଦାଶ, କାଶୀନାଥ ଖୁଣ୍ଟିଆ, ହୃଦାନନ୍ଦ ଚମ୍ପତି, ବିଚିତ୍ରାନନ୍ଦ ପଣ୍ଡା ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇ ଅକ୍ଷୟଙ୍କ ପୁରୁଣା ସ୍ମୃତିକୁ ସାଉଁଟି ଥିଲେ। ଅକ୍ଷୟଙ୍କ ପରେ ଏବେ ଶୂନ୍ୟସ୍ଥାନ ପୂରଣ ହୋଇପାରିନାହିଁ। ଓଡ଼ିଶା ସଙ୍ଗୀତ ଜଗତର ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା ଏଯାବତ ବି ଲୋକଙ୍କ ହୃଦୟରେ ସେହି ପୂର୍ବବତ ସ୍ଥାନ ପାଇ ରହିଛନ୍ତି ବୋଲି ଆଲୋଚକମାନେ ଦର୍ଶାଇଥିଲେ। ୨ୟ ଅଧିବେଶନରେ ଓଡ଼ିଶା ଅକ୍ଷୟ ମହାନ୍ତି ଫାଉଣ୍ଡେଶନ ଟ୍ରଷ୍ଟ ଅଧ୍ୟକ୍ଷ ଚୈତନ୍ୟ ପ୍ରସାଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ ଯୋଗଦେଇ ଅକ୍ଷୟ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଜିତୁ ମିତ୍ର, ତୋଫାନ ଜେନା, ପ୍ରଭାତ କୁମାର ଦାଶ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଏଥିରେ ସଙ୍ଗୀତ ଶିଳ୍ପୀ ଶ୍ୟାମାମଣୀ ଦେବୀଙ୍କୁ ଚଳିତବର୍ଷର ଅକ୍ଷୟ ସମ୍ମାନରେ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ଅନ୍ୟପକ୍ଷେ ୨୦୧ ଜଣ ବରିଷ୍ଠ କବି, କଳାକାର, କୌଳିକ ବୃତ୍ତିର କାରିଗର, କୃଷକ, ସମାଜିକ କର୍ମୀ, ଶିକ୍ଷୟିତ୍ରୀ, ଶିକ୍ଷକ, କଳାକାର, ଛାତ୍ରୀଛାତ୍ର ମଧ୍ୟ ଅନୁରୂପ ଭାବେ ପୁରସ୍କୃତ ହୋଇଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ବୟସର କୃଷ୍ଣଚୂଡା' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସେହିଭଳି କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ କଣ୍ଠଶିଳ୍ପୀ ଚିତ୍ତ ଜେନାଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବ୍ରହ୍ମଚାରୀ ଦାସ ଓ ସମୀର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ଗଛ ଚୋରିର ପ୍ରତିବାଦ କରିବାରୁ ଗୃହରକ୍ଷୀଙ୍କୁ ପିଟିଲେ

### ନର୍ସରି ମାଲିକଙ୍କୁ ଅପହରଣ କରି ମାରପିଟ୍

ଖୋର୍ଦ୍ଧା ଅଫିସ/ବୋଲଗଡ, ୧୯।୧୧(ଡି.ଏନ.ଏ.):

ନୟାଗଡ ଜିଲାର ବିଜିପୁର ଚେକ୍‌ଗେଟ ନିକଟସ୍ଥ ଖୋର୍ଦ୍ଧା ଜିଲା ବୋଲଗଡ ଥାନାର ଏକ ନର୍ସରିରୁ ରବିବାର ରାତିରେ କେତେଜଣ ବ୍ୟକ୍ତି ୧୦୦ର ଉର୍ଦ୍ଧ୍ୱ ଗଛ ଚୋରାଇ ନେଇଥିଲେ। ନିକଟରେ ଥିବା ଦୁଇ ଗୃହରକ୍ଷୀ ଏହାର ପ୍ରତିବାଦ କରିବାରୁ ସେମାନଙ୍କୁ ମାରପିଟ୍ କରିଥିଲେ। ନର୍ସରି ମାଲିକଙ୍କୁ ଅପହରଣ କରି ନେଇ ମାରପିଟ୍ କରି ଛାଡିଛନ୍ତି। ଏ ନେଇ ବୋଲଗଡ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ଘଟଣା ସମ୍ପର୍କରେ ଅନୁରୂପ ଭାବେ ନୟାଗଡ ଜିଲାର ଇଟାମାଟି ଥାନାରେ ମଧ୍ୟ ଅନୁରୂପ ଅଭିଯୋଗ ହୋଇଛି।

ଇଟାମାଟି ଥାନା ବିରୁଡା ଗାଁର ଦୁର୍ଜୟ କୁମାର ସ୍ୱାଇଁଙ୍କ ବିଜିପୁର ଚେକ୍ ଗେଟ୍ ପାଖରେ ଏକ ନର୍ସରି ରହିଛି। ରବିବାର ରାତି ପ୍ରାୟ ୨ଟାରେ ନର୍ସରିରେ କେତେଜଣ ବ୍ୟକ୍ତି ପଶି ଗଛ ଚୋରାଇ ନେଇଥିଲେ। ଏହି ସମୟରେ ଇଟାମାଟି ଥାନାର ଦୁଇ ଗୃହରକ୍ଷୀ ଏହାର ପ୍ରତିବାଦ କରିଥିଲେ। ଘଟଣା ସମ୍ପର୍କରେ ନର୍ସରି ମାଲିକଙ୍କୁ ଜଣାଇଥିଲେ। ଗୃହରକ୍ଷୀଙ୍କ ପ୍ରତିବାଦ ପରେ ଚୋରମାନେ ମିଳିତ ଭାବେ ଆକ୍ରମଣ କରି ଲୁନା ଛାଡି ପଳାଇ ଯାଇଥିଲେ। ଚୋରି ଖବରପାଇ ନର୍ସରି ମାଲିକ ଦୁର୍ଜୟ ଘଟଣାସ୍ଥଳରେ ପହଞ୍ଚିଥିଲେ। ରାତି ପ୍ରାୟ ସାଢ଼େ ୨ଟାରେ ବୋଲଗଡ ଥାନା ଟାଙ୍ଗିସାହିର ୧୦ଜଣ ଯୁବକ ପହଞ୍ଚି ଗୃହରକ୍ଷୀ ଓ ନର୍ସରି ମାଲିକଙ୍କୁ ମାରପିଟ୍ କରିଥିଲେ।

## ଶିକ୍ଷା ବିଭାଗ ପାଇଁ ୨ ମାସର ପରିଶ୍ରମ ବୃଥା

# ପଠାଣି ସାମନ୍ତ ମେଧାବୃତ୍ତିରୁ ବଞ୍ଚିତ ହେଲେ ୭ ଛାତ୍ରୀଛାତ୍ର

ବେଗୁନିଆ,୧୯।୧୧ (ଡି.ଏନ.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ ସୋମବାର ପଠାଣି ସାମନ୍ତ ମେଧା ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ବ୍ଲକ ଶିକ୍ଷା ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ଏହି ପରୀକ୍ଷାରୁ ୨ ଟି ସ୍କୁଲର ୭ ଜଣ ଛାତ୍ରୀଛାତ୍ର ବାଦ୍ ପଡିଛନ୍ତି। ସେମାନେ ମେଧାବୃତ୍ତି ପରୀକ୍ଷା ଦେବେ ବୋଲି ୨ ମାସ ହେଲା ପ୍ରସ୍ତୁତି ଚଳାଇଥିଲେ। ହେଲେ ପରୀକ୍ଷା ଦେଇ ନ ପାରି ସେମାନଙ୍କ ପରିଶ୍ରମ ବୃଥାରେ ଯାଇଛି। ଏ ନେଇ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଏଣେ ବ୍ଲକ ଶିକ୍ଷା ଅଧିକାରୀ ଓ ସ୍କୁଲର ପ୍ରଧାନ ଶିକ୍ଷକ ଉଭୟଙ୍କ ମଧ୍ୟରେ ଦୋଷ ଲଦାଲଦି ହେଉଥିବା ବେଳେ ପିଲାଙ୍କ ୨ ମାସର ପରିଶ୍ରମ ବୃଥା ହୋଇଛି।

ପ୍ରକାଶଥାଉ କି ଚଳିତବର୍ଷ ଏହି ମେଧାବୃତ୍ତି ପରୀକ୍ଷାରେ ଷ୍ଟେଜ ୧ (ଷଷ୍ଠ) ରୁ ୩୪ ଜଣ ଓ ଷ୍ଟେଜ ୨ (ନବମ)ରୁ ୧୫୧ ଜଣ ପିଲା ଗୋପବନ୍ଧୁ ହାଇସ୍କୁଲରେ ପରୀକ୍ଷା ଦେଇଛନ୍ତି। ସେହିପରି ଷ୍ଟେଜ ୧ (ଷଷ୍ଠ)ରୁ ୧୦୮ ଜଣ ଓ ଷ୍ଟେଜ ୨ (ନବମ)ରୁ ୨୧ ଜଣ ଛାତ୍ରୀଛାତ୍ର ବେଗୁନିଆ ବାଳିକା ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା ଦେଇଛନ୍ତି। ହେଲେ ବାଘମାରୀ ନୋଡାଲ ସ୍କୁଲର ଷ୍ଟେଜ ୧ (ଷଷ୍ଠ)ର ସ୍ମୃତିମୟୀ ମହାପାତ୍ର, ଆଦ୍ୟାଶା ପ୍ରିୟଦର୍ଶିନୀ ପଣ୍ଡା, ରଞ୍ଜିତା ବେହେରା, ଶିବପ୍ରସାଦ ପଣ୍ଡା ପରୀକ୍ଷାରୁ ବାଦ ପଡିଥିବା ବେଳେ ପୁଣି ଦିବ୍ୟଜ୍ୟୋତି ଶିଶୁ ବିଦ୍ୟାମନ୍ଦିର ବାଘମାରୀର ଷ୍ଟେଜ ୧ (ଷଷ୍ଠ)ର ସ୍ୱୟଂପ୍ରଜ୍ଞା ଜଗଦ୍ଦେବ, ଚିନ୍ମୟ ପାଲଟାସିଂହ ଏବଂ ଅନ୍ୱେଷା ପଟ୍ଟନାୟକ ପରୀକ୍ଷାରୁ ବାଦ ପଡିଛନ୍ତି। ଏମାନଙ୍କର ପ୍ରମାଣପତ୍ର କମ୍ପ୍ୟୁଟରରେ ଫିଡିଂ ହୋଇ ନ ଥିବା ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ସୂଚନାଥାଉ କି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଏଭଳି ଅନେକ ବେଫିକର କାର୍ଯ୍ୟଧାରା ଜାରି ରହିଛି। ଏପରି କି କର୍ମଚାରୀଙ୍କ ଖାମଖିଆଲ ନୀତି ଯୋଗୁ ସମସ୍ତ ଯୋଗ୍ୟତା ଥାଇ ନୋଡାଲ ଉଚ୍ଚ ବିଦ୍ୟାଳୟରୁ ୨ଟି ସ୍କୁଲ ବାଦ ପଡିଛନ୍ତି। ଏଥିସହ ପୂର୍ବରୁ ଦପ୍ତରରେ କାର୍ଯ୍ୟ କରୁଥିବା ବେଳେ ହାତଗୁଞ୍ଜା ନେଇ ଜଣେ କିରାଣି ଭିଜିଲାନ୍ସ ହାତରେ ଧରା ପଡିଥିଲେ। ସେହିପରି ବିଦ୍ୟାଳୟରେ ଶିକ୍ଷକମାନଙ୍କର ବଦଳି ତାଲିକାରେ ପାତର ଅନ୍ତର ନୀତି କରାଯାଉଥିବା ଅଭିଯୋଗ ମଧ୍ୟ ଉଠିଥିଲା। ଏହି ବେଫିକର କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଉପରେ ପଦକ୍ଷେପ ତୁଳନାରେ ପ୍ରୋତ୍ସାହନ ଦିଆଯାଉଛି ବୋଲି ଅଞ୍ଚଳରେ ଚର୍ଚ୍ଚା ଜୋର ହେଉଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଲଛମନ ପରିଡା କୁହନ୍ତି, ଏଭଳି ତ୍ରୁଟି ଯୋଗୁ ମୁଁ ଅତ୍ୟନ୍ତ ଅନୁତପ୍ତ। ତଥାପି ଆଗାମୀ ଦିନରେ ଆଉ ଏଭଳି ଗୁରୁତର ତ୍ରୁଟି ନ ହେବା ପାଇଁ ମୁଁ ସମ୍ପୂର୍ଣ୍ଣ ଧ୍ୟାନ ଦେବି।



ପ୍ରତ୍ୟେକ କାର୍ଯ୍ୟକୁ ଦୃଢ଼ତାର ସହ କଲେ ସଫଳ ହେବ।
-ସ୍ୱାମୀ ଶିବାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ୯ ହବିଷିଆଳି ଅସୁସ୍ଥ

ପୁରୀ ଅଫିସ, ୧୯।୧୧: ସୋମବାର ୯ ଜଣ ହବିଷିଆଳି ଅସୁସ୍ଥ ହୋଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ଡାକ୍ତରଙ୍କ ପରାମର୍ଶ ଏବଂ ଆବଶ୍ୟକ ଔଷଧପତ୍ର ନେଇ ସମସ୍ତେ ଆଶ୍ରୟସ୍ଥଳକୁ ଫେରିଥିବା ହସ୍ପିଟାଲ ସୂତ୍ରରୁ ଜଣାପଡିଛି। ଏହି ହବିଷିଆଳିମାନେ ହେଲେ ଜଗନ୍ନାଥବଲ୍ଲଭ ଆଶ୍ରୟସ୍ଥଳରେ ରହୁଥିବା ଗଞ୍ଜାମ ଜିଲାର ସରସ୍ୱତୀ ପ୍ରଧାନ, ପଦ୍ମାବତୀ ପାତ୍ର, ଝୁନୁମତୀ ପାଣିଗ୍ରାହୀ, ପୌର କଲ୍ୟାଣମଣ୍ଡପ ପରିସରରେ ରହୁଥିବା ଖୋର୍ଦ୍ଧା ଜିଲାର ଅଚ୍ଛୁ ବେହେରା, ମାଟିଆଣୀ ବେଓ୍ୱା, ପ୍ରେମା ଦେଈ, ରମାମଣି ପଣ୍ଡା, ସରୋଜିନୀ ସାମନ୍ତରାୟ ଏବଂ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଆଶ୍ରୟସ୍ଥଳରେ ରହୁଥିବା ନୟାଗଡ଼ ଜିଲାର ଉତ୍ତମ ଦେଈ। ଏମାନଙ୍କ ମଧ୍ୟରୁ ଅଧିକାଂଶ ଜ୍ୱରରେ ପୀଡ଼ିତ ଥିବା ଜଣାପଡିଛି।

### ଅଲାରନାଥଙ୍କ ପୀଠରେ ଏକାଦଶୀ ବେଢା

ବ୍ରହ୍ମଗିରି, ୧୯।୧୧(ଡି.ଏନ୍.ଏ.): ମହାପ୍ରଭୁ ଅଲାରନାଥଙ୍କ ପୀଠରେ ଦେବୋତ୍ଥାନ ଏକାଦଶୀ ଉପଲକ୍ଷେ ସୋମବାର ଏକାଦଶୀ ବେଢା ଅନୁଷ୍ଠିତ ହୋଇଯାଇଅଛି। କାର୍ତ୍ତିକ ମାସର ଏହି ଏକାଦଶୀ ଉକ୍ତ ପୀଠରେ ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହୋଇଥାଏ। ସକାଳୁ ମନ୍ଦିରର ନିତିକାନ୍ତି ସରିବା ପରେ ଅଲାରନାଥଙ୍କୁ ରାଧାଦାମୋଦର ବେଶରେ ସଜ୍ଜିତ କରାଯାଇ ଭକ୍ତଙ୍କ ଦର୍ଶନ ପାଇଁ ସାହାଣମେଲା କରାଯାଇଥିଲା। ଦ୍ୱିପ୍ରହର ଧୂପ ପରେ ଶ୍ରୀଜିଉଙ୍କ ଚଳନ୍ତିପ୍ରତିମା ମଦନମୋହନଙ୍କୁ ପାଲିଙ୍କି ବିଜେ କରାଯାଇ ମନ୍ଦିର ବେଢାପରିକ୍ରମା କରାଯାଇଥିଲା। ଏହି ଏକାଦଶୀ କାର୍ତ୍ତିକ ମାସରେ ପଡିଥିବାରୁ ଏହାକୁ ଦେଖିବା ପାଇଁ ବହୁ ହବିଷିଆଳି ଓ ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା।

### ଗୋପରେ ଦଳିତ ସମାବେଶ

ଗୋପ, ୧୯।୧୧(ଡି.ଏନ୍.ଏ.):ଗୋପ ବ୍ଲକ ଅଖଣ୍ଡଳେଶ୍ୱର ଶୈବ ପୀଠରେ ସୋମବାର ଦଳିତ ସମାବେଶ ଆୟୋଜିତ ହୋଇଯାଇଛି। ନିଜ ଭିତରେ ସମନ୍ୱୟ ଓ ଏକତା ରହିଲେ ଦଳିତମାନେ ନିଶ୍ଚିତ ଭାବରେ ଆଗକୁ ଯାଇପାରିବେ ବୋଲି ରାଜ୍ୟ ଦଳିତ ସେନାର ଆବାହକ ଅବଦୁଲ୍ ବାଲିଆ ଉପସ୍ଥିତ ଲୋକମାନଙ୍କୁ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଂଗ୍ରାମ ମଲ୍ଲିକ୍, ବିରଞ୍ଚି ନାରାୟଣ ଗୋଚ୍ଛାୟତ, ରବୀନ୍ଦ୍ର କାଣ୍ଡି, ଭଗବାନ ଭୋଇଙ୍କ ସହ ଆଉ କେତେକ ଅତିଥି ଯୋଗ ଦେଇ ଦଳିତମାନଙ୍କ ଲାଗି ସରକାର ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ କରୁଥିବାବେଳେ ଆଉ କେତେକ ଯୋଜନାରେ ଦଳିତମାନଙ୍କୁ ସାମିଲ କରୁଥିବାବେଳେ ଆମ ମଧ୍ୟରେ ଏକତା ଓ ସଦ୍‌ଭାବନା ସୃଷ୍ଟି କରିବା ଆବଶ୍ୟକତା ରହିଛି ବୋଲି ସେମାନେ କହିଥିଲେ। ଏହି ଦଳିତ ସମାବେଶରେ ବ୍ଲକ୍ ଅଞ୍ଚଳର ବିଭିନ୍ନ ଗ୍ରାମରୁ ୨୦୦ରୁ ଉର୍ଦ୍ଧ୍ୱ ଦଳିତ ଯୋଗ ଦେଇଥିଲେ।

### ଜ୍ୟୋତିଷ ବିଭାଗର ଜାତୀୟ ଆଲୋଚନାଚକ୍ର

ପୁରୀ ଅଫିସ,୧୯।୧୧: ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଜ୍ୟୋତିଷ ବିଭାଗ ଆନୁକୂଲ୍ୟରେ ପ୍ରତ୍ୟକ୍ଷ ଜ୍ୟୋତିଷ ଶାସ୍ତ୍ର ଶୀର୍ଷକ ଏକ ଦୁଇ ଦିନିଆ ଜାତୀୟ ଆଲୋଚନାଚକ୍ର ସୋମବାରଠାରୁ ଆରମ୍ଭ ହୋଇଛି। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହରିହର ହୋତା ଏଥିରେ ସଭାପତିତ୍ୱ କରିଥିଲେ। କୁଳପତି ପ୍ରଫେସର ରାଧାମାଧବ ଦାଶ ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି ଜ୍ୟୋତିଷ ଶାସ୍ତ୍ର ସମାଜକୁ ଅମୂଲ୍ୟ ଦାନ ବୋଲି କହିଥିଲେ। ବୈଦିକ ଜ୍ୟୋତିଷ ଓ ଆଧୁନିକ ବିଜ୍ଞାନ ମଧ୍ୟରେ ଏକ ତୁଳନାତ୍ମକ ମନ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଜ୍ୟୋତିଷ ବିଭାଗୀୟ ଆଚାର୍ଯ୍ୟ ପ୍ରଫେସର ରାମଜୀବନ ମିଶ୍ର ବର୍ତ୍ତମାନ ସମାଜରେ ଜ୍ୟୋତିଷ ଶାସ୍ତ୍ରର ଆବଶ୍ୟକତା ସମ୍ପର୍କରେ ମନ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଫେସର କମଳେଶ ମିଶ୍ର ଦୈନନ୍ଦିନ ଜୀବନରେ ଜ୍ୟୋତିଷ ଶାସ୍ତ୍ରର ବ୍ୟବହାରିତା ଉପରେ ବର୍ଣ୍ଣନା କରିଥିଲେ। ଏହି ଆଲୋଚନାଚକ୍ରରେ ଓଡ଼ିଶା ସମେତ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ଝାଡଖଣ୍ଡ, ବିହାର ରାଜ୍ୟର ବହୁ ଗବେଷକ ଯୋଗଦାନ କରିଛନ୍ତି। ବିଭାଗୀୟ ଅଧ୍ୟାପକ ଡ. ମଧୁସୂଦନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ମିଶ୍ରଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପ୍ରକାଶ ପାଇଲା ଏମ୍‌ଫିଲ ପ୍ରବେଶିକା ପରୀକ୍ଷାଫଳ

## ୫୫ କୃତକାର୍ଯ୍ୟ, ୭ରେ ସାକ୍ଷାତ୍‌କାର

ପୁରୀ ଅଫିସ,୧୯।୧୧:

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ) ମହାବିଦ୍ୟାଳୟର ଏମ୍‌ଫିଲ ପ୍ରବେଶିକା ଲିଖିତ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଦୁଇ ମାସ ପରେ ପରୀକ୍ଷା ଫଳ ପ୍ରକାଶ ପାଇଛି। ବାଣିଜ୍ୟରେ ୧୪, ଇଂଲିଶରେ ୧୯, ଭୂଗୋଳରେ ୮, ଓଡ଼ିଆରେ ୧୪ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଆସନ୍ତା ଡିସେମ୍ବର ୭ରେ ସେମାନଙ୍କ ସାକ୍ଷାତକାର ନିଆଯିବ। ସାକ୍ଷାତକାର ଏବଂ ଯୋଗ୍ୟତା ଭିତ୍ତିରେ ଛାତ୍ରୀଛାତ୍ରଙ୍କୁ ଆଡମିଶନ ପାଇଁ ଚୟନ କରାଯିବ ବୋଲି କଲେଜ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ମିଶ୍ର କହିଛନ୍ତି।

ସେପ୍ଟେମ୍ବର ୧୮ରେ ଏମ୍‌ଫିଲରେ ଆଡମିଶନ ପାଇଁ ପ୍ରବେଶିକା ପରୀକ୍ଷା ହୋଇଥିଲା। ୪ ବିଭାଗରେ ୧୫୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ଅନ୍ୟପଟେ ୪ ବିଭାଗର ପ୍ରଥମ ବ୍ୟାଚ ଏମ୍‌ଫିଲ ଛାତ୍ରୀଛାତ୍ର ସୋମବାର ପ୍ରଥମ ଇଣ୍ଟରନାଲ ପରୀକ୍ଷା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଏମ୍‌ଫିଲ ପାଠ୍ୟକ୍ରମକୁ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁମୋଦନ ପ୍ରଦାନ କରାଯାଇନାହିଁ। ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଏବିଭିପି ରାସ୍ତାକୁ ଓହ୍ଲାଇବ ବୋଲି ଏବିଭିପିର ଜିଲା ସଂଯୋଜକ ପାର୍ଥଜିତ ପୃଷ୍ଟି ଚେତାବନୀ ଦେଇଛି। ଅଧ୍ୟକ୍ଷ ମିଶ୍ର କୁହନ୍ତି, ଅନୁମୋଦନ ଲାଗି ବିଶ୍ୱବିଦ୍ୟାଳୟ ସହିତ ଆଲୋଚନା ଚାଲିଛି। ଏହି ୪ବିଭାଗକୁ ଖୁବଶୀଘ୍ର ଅନୁମୋଦନ ମିଳିବ ବୋଲି ଆଶା କରାଯାଉଛି। ପିଲାଙ୍କର ଯେପରି କୌଣସି ଅସୁବିଧା ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି।

### ଏସ୍‌ସିଏସ କଲେଜ

ପ୍ରକାଶ ଯେ, ୨୦୧୭ ମସିହାରେ ରାଜ୍ୟ ସରକାର ଓଡ଼ିଆ, ଇଂଲିଶ, ବାଣିଜ୍ୟ ଓ ଭୂଗୋଳ ବିଭାଗରେ ଏମ୍‌ଫିଲ ଖୋଲିବା ଲାଗି ସ୍ୱୀକୃତି ପ୍ରଦାନ କରିଥିଲେ। ପ୍ରତ୍ୟେକ ବିଭାଗରେ ୮ଟି ଲେଖାଏ ସିଟ୍ ରହିଛି। ସେହି ଅନୁସାରେ ୪ବିଭାଗରେ ୩୨ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। ତେବେ ପ୍ରଥମ ବ୍ୟାଚର ସମୟ ସୀମା ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ବର୍ତ୍ତମାନ ସୁଦ୍ଧା ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ପାଠ୍ୟକ୍ରମକୁ ଅନୁମୋଦନ ପ୍ରଦାନ କରାଯାଇନାହିଁ।



ପଞ୍ଚୁକ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ଅନ୍ୟମାନେ।

# ପଞ୍ଚୁକ ମହୋତ୍ସବ ଉଦ୍‌ଘାଟିତ

ପୁରୀ ଅଫିସ,୧୯।୧୧:

### ପଞ୍ଚୁକ ବ୍ରତର ବିଶେଷ ମହତ୍ତ୍ୱ ରହିଛି

ପବ୍ଲିକ ଫୋରମ ଆନୁକୂଲ୍ୟରେ ସୋମବାରଠାରୁ ମାଉସୀ ମା' ମନ୍ଦିର ସମ୍ମୁଖରେ ଆରମ୍ଭ ହୋଇଛି ପଞ୍ଚୁକ ମହୋତ୍ସବ। ଏହି ମହୋତ୍ସବ ୫ଦିନ ଧରି ଚାଲିବ। ବରିଷ୍ଠ ସେବାୟତ ନବକିଶୋର ମହାପାତ୍ର ମହୋତ୍ସବକୁ ଉଦ୍‌ଘାଟନ କରି କହିଲେ, କାର୍ତ୍ତିକ ମାସରେ ମହାପ୍ରଭୁଙ୍କ ନିକଟରେ ପୂଜାପାଠ, ଜପତପ କଲେ ଅଶେଷ ପୁଣ୍ୟପ୍ରାପ୍ତି ହୋଇଥାଏ। ପଞ୍ଚୁକ ବ୍ରତର ବିଶେଷ ମହତ୍ତ୍ୱ ରହିଛି ବୋଲି ସେ କହିଥିଲେ। ଫୋରମର ସଭାପତି ଆର୍ତ୍ତତ୍ରାଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମହୋତ୍ସବରେ ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପଞ୍ଚୁକ ମହୋତ୍ସବ ଆୟୋଜନର ପ୍ରଶଂସା କରିଥିଲେ।

ଉତ୍ସବ କମିଟି ଅଧ୍ୟକ୍ଷ ସିଦ୍ଧେଶ୍ୱର ପଟ୍ଟନାୟକ, କୋଷାଧ୍ୟକ୍ଷ ଜ୍ୟୋତି ପ୍ରକାଶ ଜେନା, ସତ୍ୟ ଦାଶ, ରାମଚନ୍ଦ୍ର ଦୋରା ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ଚିତ୍ତରଞ୍ଜନ ଦାଶ ସ୍ୱାଗତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମ ଦିବସରେ ଯାଜପୁରର ପ୍ରବକ୍ତା ସୁଜିତ୍ କୁମାର ହରିକଥା ପ୍ରବଚନ ଦେଇ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲେ। ଶ୍ରୀଜଗନ୍ନାଥ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭଜନ ଓ ଜଣାଣ ଗାନ କରି ଦର୍ଶକ ଏବଂ ଶ୍ରଦ୍ଧାଳୁଙ୍କ ମନ ଜିଣିଥିଲେ।

# ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ରିଲେ ଅନଶନ

ନିମାପଡ଼ା,୧୯।୧୧(ଡି.ଏନ୍.ଏ.):

ନିମାପଡ଼ା ବ୍ଲକରେ ଅନ୍ୟାୟ, ଦୁର୍ନୀତି ଓ ଭ୍ରଷ୍ଟାଚାର ପ୍ରତିବାଦରେ ନିର୍ବାଚିତ ପ୍ରତିନିଧିମାନେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ରିଲେ ଅନଶନ ଚଳାଇଛନ୍ତି। ଏହି ଅନଶନ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ସରପଞ୍ଚ ଭଗବାନ ମିଶ୍ର, କାଳନ୍ଦୀଚରଣ ବାରିକ, ଗୋବିନ୍ଦ ମଲ୍ଲିକ, ବାଷ୍ପଲତା ପ୍ରଧାନ, ସମିତିସଭ୍ୟା ମାମିନା ବାଘ ପ୍ରମୁଖ କହିଛନ୍ତି। ଏହି ବ୍ଲକରେ ସାମାଜିକ ସୁରକ୍ଷା, ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ବ୍ୟାପକ ଅନିୟମିତତା, ଭତ୍ତା ପ୍ରଦାନ ଓ ରାଶନ କାର୍ଡ ବଣ୍ଟନରେ ଦୁର୍ନୀତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହେଉଥିବା ଆନ୍ଦୋଳନରତ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୂର୍ବରୁ ଜିଲାପାଳ, ଉପଜିଲାପାଳ, ବିଧାୟକ, ବିଡିଓ, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଆଗାମୀ ଦିନରେ ଏହି ଆନ୍ଦୋଳନ ଜୋରଦାର ହେବ ବୋଲି ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟମାନେ କହିଛନ୍ତି।



ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ନିମାପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଧାରଣାରେ ବସିଥିବା ପଞ୍ଚାୟତ ପ୍ରତିନିଧିମାନେ।

## ପଠାଣି ସାମନ୍ତ ଗଣିତ ମେଧାବୃତ୍ତି

# ରୋଲ ନମ୍ବରରେ ତ୍ରୁଟି, ପରୀକ୍ଷା ବିଳମ୍ବିତ

ବ୍ରହ୍ମଗିରି, ୧୯।୧୧(ଡି.ଏନ୍.ଏ.)

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ରେବଣାନୂଆଗାଁ ଉଚ୍ଚ ବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ ରୋଲ ନମ୍ବରରେ ତ୍ରୁଟି ଯୋଗୁ ଛାତ୍ରୀଛାତ୍ରମାନେ ବିଳମ୍ବରେ ପରୀକ୍ଷା ଦେଇଥିଲେ। ଏ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରକାଶ ଥାଉକି, ବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଗଣିତରେ ଦକ୍ଷତା ବୃଦ୍ଧି ନିମନ୍ତେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଥାଏ। ଏଥିରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଷ୍ଟାଇପେଣ୍ଡ ମିଳିଥାଏ। ସୋମବାର ବ୍ରହ୍ମଗିରି ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ମାନ ଖୋଲାଯାଇ ଛାତ୍ରୀଛାତ୍ରମାନେ ଏହି ପରୀକ୍ଷା ଦେଇଥିଲେ। ରେବଣା ନୂଆଗାଁ ଉଚ୍ଚ ବିଦ୍ୟାଳୟରେ ୧୮୪ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। କିନ୍ତୁ ବୋର୍ଡ ତରଫରୁ ଆସିଥିବା ପ୍ରଶ୍ନପତ୍ର ଓ ରୋଲ ନମ୍ବର ଆଲଟ ତାଲିକାରେ ତ୍ରୁଟି ରହିଥିଲା। ସିଲ୍ ହୋଇ ଆସିଥିବା ଓଏମ୍‌ଆର ସିଟର ପ୍ୟାକେଟରେ ଛାତ୍ରୀଛାତ୍ରଙ୍କ ରୋଲ୍ ନମ୍ବର ବଦଳରେ ଭୁଲ୍ ବଶତଃ ବାର୍‌କୋଡ ଛପା ହୋଇଥିଲା। ଫଳରେ ପରୀକ୍ଷା ପରିଚାଳନା କରୁଥିବା କେନ୍ଦ୍ର ଅଧିକାରୀ ବାରକୋଡକୁ ରୋଲ ନମ୍ବର ଭାବି ଛାତ୍ରୀଛାତ୍ରଙ୍କ ବସିବା ପାଇଁ ସିଟ ପକାଇଥିଲେ। ଛାତ୍ରୀଛାତ୍ରମାନେ ୯ଟା ୩୦ରେ କେନ୍ଦ୍ରରେ ପହଞ୍ଚି ନିଜର ରୋଲ ନମ୍ବର ଯାଞ୍ଚ କରିବାରୁ ସେଠାରେ ଉଲ୍ଲେଖ ଥିବା ନମ୍ବର ସହ ଆଡ୍‌ମିଟ୍ କାର୍ଡରେ ଉଲ୍ଲେଖ ଥିବା ନମ୍ବର ମିଶି ନ ଥିଲା। ତେଣୁ ଛାତ୍ରୀଛାତ୍ରମାନେ କେନ୍ଦ୍ର ଭିତରକୁ ଯାଇ ନ ପାରି ବ୍ୟସ୍ତ ହୋଇ ପଡ଼ିଥିଲେ। ପରୀକ୍ଷା ସମୟ ହୋଇଯିବାରୁ ଅଭିଭାବକ ମାନେ ପାଟିତୁଣ୍ଡ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କୁ ଶ୍ରେଣୀଗୃହରେ ବସାଇ ନିର୍ଦ୍ଦିଷ୍ଟ ସମୟରେ ପ୍ରଶ୍ନପତ୍ର ଖୋଲି ଦେଖିବା ବେଳକୁ ଓଏମ୍‌ଆର ସିଟରେ ଛାତ୍ରୀଛାତ୍ରଙ୍କ ରୋଲ୍ ନମ୍ବର ଠିକ୍ ଥିବା ଜଣାପଡ଼ିଥିଲା। ବୋର୍ଡ କର୍ତ୍ତୃପକ୍ଷଙ୍କ ତ୍ରୁଟି ଯୋଗୁ ଛାତ୍ରୀଛାତ୍ରମାନେ ବିଳମ୍ବରେ ପରୀକ୍ଷା ଦେଇଥିଲେ।

# ନିମାପଡ଼ାରେ ଐତିହ୍ୟ ପଦଯାତ୍ରା




ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ପଦଯାତ୍ରାକୁ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

ନିମାପଡ଼ା,୧୯।୧୧(ଡି.ଏନ୍.ଏ.):

ବିଶ୍ୱ ଐତିହ୍ୟ ସପ୍ତାହ ପାଳନ ଅବସରରେ ସୋମବାର ନିମାପଡ଼ାରେ ଐତିହ୍ୟ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ବିଭିନ୍ନ କଲେଜ, ଉଚ୍ଚ ବିଦ୍ୟାଳୟର ପ୍ରାୟ ୩ଶହ ଛାତ୍ରୀଛାତ୍ରଙ୍କ ଏକ ଶୋଭାଯାତ୍ରା ନିମାପଡ଼ା ଦୋଳବେଦୀ ଛକରୁ ବାହାରି ବିଷ୍ଣୁପୁର ସୋମନାଥ ମହାଦେବଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ମନ୍ଦିର ପ୍ରାଙ୍ଗଣ ସଫେଇ କରାଯିବା ସହ ନିକଟସ୍ଥ ସଂଗ୍ରାହଳୟ ପରିଦର୍ଶନ କରିଥିଲେ। ଏହା ସହ ମନ୍ଦିର ନିକଟରେ ଏକ ଐତିହ୍ୟ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆୟୋଜିତ ପଦଯାତ୍ରା ଓ କାର୍ଯ୍ୟକ୍ରମକୁ ବିଧାୟକ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରିଥିଲେ। ନିମାପଡ଼ା ପ୍ରତ୍ନତତ୍ତ୍ୱ ପରିଷଦ ଓ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସମାରୋହରେ ସମ୍ମାନିତ ଅତିଥିଭାବେ ନିମାପଡ଼ା କଲେଜ ଅଧ୍ୟକ୍ଷ ରାଜକିଶୋର ରଥ, ନିମାପଡ଼ା ପ୍ରତ୍ନତତ୍ତ୍ୱ ପରିଷଦର କାର୍ଯ୍ୟକାରୀ ସଭାପତି ଅନୀଲ କୁମାର ବିଶ୍ୱାଳ, ଉପସଭାପତି ଜଗତ୍ ପ୍ରସାଦ ସାବୁତ, ଅଧ୍ୟାପକ ଡ. ଅତୁଲ୍ୟ କୁମାର ପ୍ରଧାନ, ଡ. ବେଣୁଧର ସେନାପତି ପ୍ରମୁଖ ଯୋଗଦେଇଥିଲେ। ଏହି ପଦଯାତ୍ରାରେ ବିଭିନ୍ନ କଲେଜର ଅଧ୍ୟାପିକା, ଅଧ୍ୟାପକ, ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ।

# ବଳାତ୍କାରୀଙ୍କୁ ଧରୁନି ଗୋପ ପୋଲିସ

ଗୋପ, ୧୯।୧୧(ଡି.ଏନ୍.ଏ.):

ଗୋପ ଥାନା ଅଧୀନ ଏକ ଗ୍ରାମର ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର ଘଟଣାର ୩୬ଘଣ୍ଟା ବିତିଥିଲେ ମଧ୍ୟ ଗୋପ ପୋଲିସ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ଏପରି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି।

ପ୍ରକାଶ ଯେ, ଗୋପ ଥାନା ଅଞ୍ଚଳର ଜଣେ ଯୁବକ ଗତ ଶନିବାର ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିଲେ। ରବିବାର ସକାଳୁ ଏକ ନିଛାଟିଆ ସ୍ଥାନରୁ ନାବାଳିକାଙ୍କୁ ଗାଁ ନିକଟର କେତେକ ଲୋକ ଦେଖିବା ପରେ ଘଟଣା ପଦାକୁ ଆସିଥିଲା। ଏହାପରେ ପରିବାର ପକ୍ଷରୁ ଗୋପ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ୧୮୧/୧୮ ଏକ ମାମଲା ରୁଜୁ କରିଥିଲେ ବି ଅପରାଧୀଙ୍କୁ ଧରିବାରେ ବିଫଳ ହୋଇଛି। ଏପରି ଏକ ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନଙ୍କୁ ପଚାରିବାରେ ମାମଲା ରୁଜୁ କରାଯିବା ପରେ ଅଭିଯୁକ୍ତଙ୍କୁ ଗିରଫ ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ଖୁବ୍ ଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି କହି କଥାକୁ ଏଡ଼ାଇ ଯାଇଥିଲେ।

# କାଳିଦାସଙ୍କ ରଚନା ବିଶ୍ୱରେ ଭାରତକୁ ଗୌରବାନ୍ୱିତ କରିଛି



କାଳିଦାସ ଜୟନ୍ତୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ପୁରୀ ଅଫିସ,୧୯।୧୧:

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସାହିତ୍ୟ ବିଭାଗ ଆନୁକୂଲ୍ୟରେ ସୋମବାର କାଳି ଦାସ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ବସନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହରିହର ହୋତା ମୁଖ୍ୟଅତିଥି ଭାବେ ଯୋଗଦେଇ କାଳି ଦାସଙ୍କ ମେଘଦୂତ କାବ୍ୟ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ପ୍ରମୋଦ ଚନ୍ଦ୍ର ମିଶ୍ର କହିଲେ ଯେ, କାଳି ଦାସ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜଣେ ଅନନ୍ୟ ଭକ୍ତ ଥିଲେ। ତାଙ୍କ ଅଗାଧ ପାଣ୍ଡିତ୍ୟ ଓ ରଚନା ବିଶ୍ୱରେ ଭାରତକୁ ଗୌରାବନ୍ୱିତ କରିଛି। କୁଳପତି ପ୍ରଫେସର ରାଧାମାଧବ ଦାଶ କାଳି ଦାସଙ୍କୁ ଜାତୀୟ ସଂହତିର ପ୍ରତୀକ ବୋଲି ଅଭିହିତ କରିଥିଲେ। ତାଙ୍କ କାବ୍ୟ, ରଚନା ଅତି ଉଚ୍ଚକୋଟୀର। ଏହା ଉପରେ ଅଧିକରୁ ଅଧିକ ଗବେଷଣା ହେବା ଜରୁରୀ ବୋଲି ସେ କହିଥିଲେ। ଏହି ଅବସରରେ ବିଭାଗର ଛାତ୍ରୀ ରଶ୍ମିତା ଦଳେଇ ଓ ଛାତ୍ର ତରୁଣ ଗୋଚ୍ଛାୟତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ନୀଳାମ୍ବର ବାଘ ସଂଯୋଜନା କରିଥିଲେ।

# ଛୋଟ ଫଳ ଦେଖି ତାତିଲେ ହବିଷିଆଳି

ପୁରୀ ଅଫିସ,୧୯।୧୧:



ଅସନ୍ତୁଷ୍ଟ ହବିଷିଆଳିମାନେ ବଣ୍ଟନ ହୋଇଥିବା ଫଳ ଦେଖାଇ ଧାରଣା ଦେଇଛନ୍ତି।

- ଆଶ୍ରୟ ସ୍ଥଳରେ ଧାରଣା ଦେଲେ
- ଫଳ ବାଣ୍ଟୁଥିବା ବ୍ୟକ୍ତି ଦୁର୍ବ୍ୟବହାର କରିଥିବା ଅଭିଯୋଗ

ଏକାଦଶୀରେ ଫଳ ବଣ୍ଟାକୁ କେନ୍ଦ୍ର କରି ପୌର କଲ୍ୟାଣମଣ୍ଡପ ଆଶ୍ରୟସ୍ଥଳରେ ଉତ୍ତେଜନା ଦେଖାଦେଇଛି। ଛୋଟ ଏବଂ କଷି ସେଓ ଦେଖି ବାଣ୍ଟୁଥିବା ବ୍ୟକ୍ତିଙ୍କୁ ହବିଷିଆଳି ପଚାରିଥିଲେ। ହେଲେ ସମ୍ପୃକ୍ତ ବ୍ୟକ୍ତି ସେମାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରି ହବିଷିଆଳି ହଠାତ୍ ତାତି ଉଠିଥିଲେ। ଫଳ ବଣ୍ଟନକୁ ବର୍ଜନ କରିବା ସହ ଆଶ୍ରୟସ୍ଥଳରେ ଧାରଣା ଦେଇଥିଲେ। ଏହାକୁ ନେଇ ପ୍ରାୟ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ହବିଷିଆଳିମାନେ ପ୍ରଶାସନ ବିରୋଧୀ ନାରାବାଜି କରିଥିଲେ। ବୁଝାଶୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା।

ସୋମବାର ଥିଲା ପଞ୍ଚୁକର ପ୍ରଥମ ଦିନ ସାଙ୍ଗକୁ ବଡ଼ ଏକାଦଶୀ। ବଡ଼ ଏକାଦଶୀରେ ବହୁ ହବିଷିଆଳି ଅନ୍ନ ସେବନ କରନ୍ତି ନାହିଁ। ତେଣୁ ପ୍ରଶାସନ ପକ୍ଷରୁ ସେମାନଙ୍କ ପାଇଁ ଫଳର ବ୍ୟବସ୍ଥା କରାଯାଇଥିଲା। ପୌର କଲ୍ୟାଣମଣ୍ଡପ ଆଶ୍ରୟସ୍ଥଳରେ ସନ୍ଧ୍ୟାରେ ଏକ ସଂସ୍ଥା ଫଳ ବାଣ୍ଟୁଥିଲା। ଜାଗୃତି ଲେଖାଥିବା ଏକ କ୍ୟାରି ବ୍ୟାଗ୍‌ରେ ଫଳ ବଣ୍ଟା ଯାଉଥିଲା। ହବିଷିଆଳିମାନେ ପରିଚୟପତ୍ର ଦେଖାଇ ଗୋଟିଏ ଲେଖାଏ ପ୍ୟାକେଟ୍ ନେଇଥିଲେ। ପ୍ୟାକେଟ୍‌ରେ ଥିବା ଫଳକୁ ଦେଖି ଅଧିକାଂଶ ବ୍ରତଧାରୀ ତାତି ଯାଇଥିଲେ। ଛୋଟ ଏବଂ କଷି ସେଓ କେଉଁଥିରେ ୩ଟି ତ ପୁଣି କେଉଁ ପ୍ୟାକେଟରେ ୪ଟି ଥିଲା। ଏଥିସହ ଗୋଟିଏ ଛୋଟ କମଳା ରହିଥିଲା। କଷି ଫଳ କଷା ଲାଗୁଛି ଏବଂ ଦାନ୍ତରେ ହେଉନି, ଏମିତି ଫଳ କାହିଁକି ଦେଉଛ ବୋଲି କେତେଜଣ ହବିଷିଆଳି ବାଣ୍ଟୁଥିବା ବ୍ୟକ୍ତିଙ୍କୁ ପ୍ରଶ୍ନ କରିଥିଲେ। ହେଲେ ସମ୍ପୃକ୍ତ ବ୍ୟକ୍ତି ସେମାନଙ୍କୁ ହେମଦସ୍ତାରେ ଛେଚିକି ଖାଇଦିଅ କହିବା ସହ ଦୁର୍ବ୍ୟବହାର କରିଥିଲେ ବୋଲି ହବିଷିଆଳିମାନେ ଅଭିଯୋଗ କରିଛନ୍ତି। କେତେଜଣ ବ୍ରତଧାରୀ ଫଳ ନ ନେଇ ଆଶ୍ରୟସ୍ଥଳରେ ଧାରଣା ଦେବା ସହ ସରକାର ଏବଂ ପ୍ରଶାସନ ବିରୋଧରେ ନାରାବାଜି କରିଥିଲେ। କିନ୍ତୁ ଆଉ କେତେଜଣ ହବିଷିଆଳି ପରିଚୟପତ୍ର ଦେଖାଇ ଫଳ ନେଇଥିଲେ ଏବଂ ବିରୋଧ କରୁଥିବା ସାଥୀ ହବିଷିଆଳିଙ୍କୁ ସମାଲୋଚନା କରିଥିଲେ। ପ୍ରାୟ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟଧରି ଆଶ୍ରୟସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ରେଡକ୍ରସର ଜଣେ ମହିଳା ସ୍ୱେଚ୍ଛାସେବୀ ଧାରଣା ଦେଇଥିବା ହବିଷିଆଳିଙ୍କୁ ପୁନଶ୍ଚ ୨ଟି ଲେଖାଏ କଦଳୀ ଏବଂ ବଡ଼ କମଳା ଗୋଟିଏ ଲେଖାଏ ଦିଆଯିବ କହି ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ବିଳମ୍ବରେ ପହଞ୍ଚିଲା ମହାପ୍ରସାଦ

ପଞ୍ଚୁକର ପ୍ରଥମ ଦିନରେ ଶ୍ରୀମନ୍ଦିରରେ ନୀତି ବିଳମ୍ବ ହୋଇଥିଲା। ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ବେଶରୁ ଆରମ୍ଭ ହୋଇଥିବା ଏହି ବିଳମ୍ବ ଯୋଗୁ ଅନ୍ୟାନ୍ୟ ନୀତି ମଧ୍ୟ ବିଳମ୍ବରେ ଚାଲିଥିଲା। ଫଳରେ ସନ୍ଧ୍ୟାରେ ମହାପ୍ରସାଦ ବାହାରିଥିଲା। ହବିଷିଆଳି ଆଶ୍ରୟସ୍ଥଳରେ ପ୍ରାୟ ସାଢେ ୭ଟା ପରେ ମହାପ୍ରସାଦ ପହଞ୍ଚିଥିଲା। ସୋମବାର ବଡ଼ ଏକାଦଶୀ ଥିବାରୁ ୪ ଆଶ୍ରୟସ୍ଥଳର ବହୁ ହବିଷିଆଳି ପ୍ରସାଦ ସେବନ କରି ନ ଥିଲେ। ସେମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ବାମୀ ଦୟାନନ୍ଦ ସରସ୍ବତୀ



## ସଂକ୍ଷେପରେ

### ଡ. ଜଗନ୍ନାଥ ପ୍ରସାଦ ଦାସ ପାଇବେ ସାହିତ୍ୟ ରତ୍ନ ସମ୍ମାନ



କଟକ ଅଫିସ, ୧୯।୧୧- ସାହିତ୍ୟିକ ଡ. ଜଗନ୍ନାଥ ପ୍ରସାଦ ଦାସ ମର୍ଯ୍ୟାଦାଜନକ ସାହିତ୍ୟ ରତ୍ନ ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆସନ୍ତା ୨୨ ତାରିଖରେ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନଠାରେ ସଂସଦର ବାର୍ଷିକୋତ୍ସବ ପାଳନ ଅବସରରେ ଡ. ଦାସଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ସମ୍ମାନ ପ୍ରଦାନ କରିବେ ବୋଲି ସଂସଦର ସଭାପତି ପ୍ରଭାକର ସ୍ବାଇଁ ଓ ସମ୍ପାଦକ ଡା. ନିରଞ୍ଜନ ତ୍ରିପାଠୀ ଏକ ମିଳିତ ବିବୃତିରେ ଜଣାଇଛନ୍ତି। ଡ. ଦାସ ଏକାଧାରରେ ଜଣେ କବି, ଔପନ୍ୟାସିକ, ପ୍ରାବନ୍ଧିକ, ଗାଳ୍ପିକ, ନାଟ୍ୟକାର, ଚିତ୍ରଶିଳ୍ପୀ ଏବଂ ଅଭିନେତା। ତାଙ୍କର କୃତୀ ମଧ୍ୟରେ ଦେଶକାଳ ପାତ୍ର, ପ୍ରଥମ ପୁରୁଷ, ପରିକ୍ରମା, ଯେ ଯାହାର ନିର୍ଜନତା, ଅନ୍ୟ ଦେଶ ଭିନ୍ନ ସମୟ, ସ୍ଥିରଚିତ୍ର, ଆହ୍ନିକ, ସୂର୍ଯ୍ୟାସ୍ତ ପୂର୍ବରୁ, ଅସମୟ, ଆମେ ଯେଉଁମାନେ, ପ୍ରିୟ ବିଦୂଷକ, ଅସଂଗତ ନାଟକ ପ୍ରଭୃତି ଉଲ୍ଲେଖନୀୟ। ସେ ପୂର୍ବରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ସରସ୍ବତୀ ସମ୍ମାନ, ଓଡ଼ିଶା ସାହିତ୍ୟ ଏକାଡେମୀ ଭଳି ବହୁ ମର୍ଯ୍ୟାଦାଜନକ ପୁରସ୍କାର ଲାଭ କରିଛନ୍ତି। ସେ ଭାରତୀୟ ପ୍ରଶାସନିକ ସେବାର ଜଣେ ଉଚ୍ଚ ପଦାଧିକାରୀ ଥିଲେ। ତାଙ୍କର ଜନ୍ମ ୧୯୩୬ ଏପ୍ରିଲ ୨୬ ତାରିଖରେ ପୁରୀ ଜିଲାରେ। ସୂଚନାଯୋଗ୍ୟ, ସଂସଦ ପକ୍ଷରୁ ଏହି ସମ୍ମାନ ପ୍ରତିବର୍ଷ ଦିଆ ନ ଯାଇ ବିଶେଷ କ୍ଷେତ୍ରରେ ପ୍ରଦାନ କରାଯିବ।

### ପ୍ରଚାର ପ୍ରସାର ଅଭାବ ନାଇଁ ନାଇଁରେ ବିଶ୍ବ ପାଇଖାନା ଦିବସ ପାଳିତ

ଗୋପ, ୧୯।୧୧(ଡି.ଏନ୍.ଏ.)-ବିଶ୍ବ ପାଇଖାନା ଦିବସକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାଥମିକତା ଭାବେ ପାଳନ କରୁଥିବାବେଳେ ଗୋପ ବ୍ଲକରେ କେତେକ ହାତଗଣତି ବ୍ଲକ କର୍ମଚାରୀ ଓ ପଞ୍ଚାୟତ ପ୍ରତିନିଧି ଏହାକୁ ପାଳନ କରିବା ସମସ୍ତଙ୍କୁ ଚକିତ କରିଛି। ଜଳ ପରିମଳ ବିଭାଗ ପକ୍ଷରୁ ଠିକ୍ ଭାବରେ ପଞ୍ଚାୟତର ଜନ ପ୍ରତିନିଧିମାନଙ୍କୁ ଡକା ନ ଯିବା ଓ ପ୍ରଚାର ପ୍ରସାର ଅଭାବ ଯୋଗୁ ଏପରି ଅବସ୍ଥା ସୃଷ୍ଟି ହୋଇଥିବା ଜଣାପଡ଼ିଛି। ଶୌଚାଳୟ ବ୍ୟବହାର ପ୍ରତି ଜନସାଧାରଣଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ଓ ବାହାରେ ମଳତ୍ୟାଗ ନ କରି ଚତୁଃପାର୍ଶ୍ବ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ବିଶ୍ବ ଶୌଚାଳୟ ଦିବସ ପାଳନ କରାଯାଉଥିବାବେଳେ ବିଭାଗୀୟ ଅଧିକାରୀଙ୍କ କୋହଳ ମନୋଭାବ ଯୋଗୁ ଗୋପ ବ୍ଲକରେ ଏହି ଦିବସ ପାଳନ କେବଳ ପ୍ରହସନ ପାଲଟିଛି। ଗୋପ ବ୍ଲକରେ ଶୌଚାଳୟ ନିର୍ମାଣ ଆଶାତୀତ ଭାବେ ବୃଦ୍ଧି ପାଇ ନ ଥିବାରୁ ପାଇଖାନା ନିର୍ମାଣ କରିଥିବା ହିତାଧିକାରୀଙ୍କୁ ଅର୍ଥ ମିଳିପାରୁ ନାହିଁ। ହିତାଧିକାରୀମାନେ ଅର୍ଥ ପାଇଁ ଦୈନନ୍ଦିନ ବ୍ଲକକୁ ଦୌଡ଼ୁଥିବାବେଳେ ଜଳ ପରିମଳ ବିଭାଗର ଖାମଖିଆଲ ନୀତି ଓ ଯନ୍ତ୍ରୀଙ୍କ ଅନୁପସ୍ଥିତ ଯୋଗୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ହିତାଧିକାରୀଙ୍କ ଫାଇଲ୍ ଗୋଟିଏ ଟେବୁଲ୍‌ରୁ ଅନ୍ୟ ଟେବୁଲ୍ ଯିବା ପାଇଁ ୧୦ରୁ ୧୫ ଦିନ ସମୟ ଲାଗିଯାଉଛି। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ା, ବିଡିଓ ଦୀପ୍ତିରାଣୀ ଦାଶ, ଆକାଉଣ୍ଟସ୍ ଅଫିସର ରାମଚନ୍ଦ୍ର ସ୍ବାଇଁ, ଜଳ ପରିମଳ ଯନ୍ତ୍ରୀ ଉର୍ବଶୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏପରି ଅଭିଯୋଗ ସମ୍ପର୍କରେ ବିଡିଓ ଦାଶଙ୍କୁ ପଚାରିବାରେ ସେ ଖାମଖିଆଲ୍ ଭାବେ ଏହା ଉପରେ ଦୃଷ୍ଟି ଦେବି ବୋଲି କହିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ

କଣାସ, ୧୯।୧୧(ସ୍ବ.ପ୍ର.)-କଣାସ ଅଞ୍ଚଳର ଆରାଧ ଠାକୁରାଣୀ ମା' କୁଞ୍ଜେଶ୍ବରୀଙ୍କ ପୀଠରେ ରବିବାରଠାରୁ ୩୯ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏହି ମହାଯଜ୍ଞ ଆସନ୍ତା ୨୩ତାରିଖ ଦିନ ଉଦ୍‌ଯାପିତ ହେବ। ୬ଦିନ ଧରି ଅଧିବାସ, ଅଙ୍କୁରାରୋପଣ, ଲକ୍ଷ୍ମୀନାରାୟଣ ମୂର୍ତ୍ତି ପ୍ରାଣ ପ୍ରତିଷ୍ଠା ସର୍ବଦେବାଦେବୀ ଆହୂତି, ପୂର୍ଣ୍ଣାହୂତି ପ୍ରଦାନ କାର୍ଯ୍ୟକ୍ରମ ରହିଛି। ୬ଦିନ ଧରି ପ୍ରତିଷ୍ଠିତ ପ୍ରବଚକମାନଙ୍କ ଦ୍ୱାରା ପ୍ରବଚନ ପ୍ରଦାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ।

# କାଳି ଦାସ ହିଁ ପ୍ରାଚୀନ ଭାରତୀୟ ବିଶ୍ବକବି

ପୁରୀ ଅଫିସ, ୧୯।୧୧

ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ଓ ଭାଷା ସୁରକ୍ଷା ପ୍ରତିଷ୍ଠାନ ମିଳିତ ଆନୁକୂଲ୍ୟରେ ସୋମବାର ରାଣୀସତୀ ଭବନରେ ମହାକବି କାଳି ଦାସଙ୍କ ଜୟନ୍ତୀ ଉତ୍ସବ ଓ କାଳୀ ଦାସ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଡ. ରାଧାମାଧବ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, କାଳି ଦାସ ହିଁ ପ୍ରାଚୀନ ଭାରତୀୟ ବିଶ୍ବକବି। ତାଙ୍କ ସାହିତ୍ୟ କୃତିରେ ଓଡ଼ିଶାର ଭୂଗୋଳ, ସାମାଜିକ ଜୀବନଧାରା ଓ ସର୍ବୋପରି ଷଡ଼ଦର୍ଶନ ଆଧାରିତ ଶ୍ରୀଜଗନ୍ନାଥ ସଂସ୍କୃତିର ଦାର୍ଶନିକ ଚିତ୍ର ମିଳେ। ପ୍ରାରମ୍ଭରେ ଗବେଷକ ମଦନମୋହନ ମହାପାତ୍ର ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରି କହିଥିଲେ, କାଳିଦାସ ପରମ ଶୈବ ଓ ଭୁବନେଶ୍ବରୀ ଉପାସକ ଥିଲେ। ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପଦେଷ୍ଟା ଶିବସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ପୁରୀର ପୂର୍ବତନ ଜିଲାପାଳ ଅଶ୍ୱିନ କୁମାର ଦାସ, ଆଇନଜୀବୀ ପୁଷ୍କର ମହାପାତ୍ର, ଡ. ଅଭିମନ୍ୟୁ ଭୂୟାଁ, ଅନାମ ଚନ୍ଦ୍ର ସାହୁ, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ଶ୍ରୀଧର ଜେନା ଓ ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଡ. ହରପ୍ରସାଦ ମିଶ୍ର, ଟ୍ରଷ୍ଟର ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା, ପ୍ରଭାତ ଚନ୍ଦ୍ର ରଥ, ବଳରାମ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଡ. ହରପ୍ରସାଦ ମିଶ୍ରଙ୍କୁ ମହାକବି କାଳି ଦାସ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ୟ ୧୦ ପ୍ରତିଭାଙ୍କୁ କାଳି ଦାସ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ଉତ୍ସବରେ ସୁଶ୍ରୀ କ୍ରିଷ୍ଣଦେବୀଙ୍କ ସଂଯୋଜନାରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରକୁ ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ଭବାନୀ ବଳିୟାରସିଂ ଓ ଅଶୋକ କୁମାର ଆଢ୍ୟ ସଂଯୋଜନା କରିଥିଲେ।



ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ କାଳିଦାସ ଜୟନ୍ତୀରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

# ଭାଗବତ ଘର ନିର୍ମାଣକୁ ନେଇ ଗୋଷ୍ଠୀ ସଂଘର୍ଷ

କଣାସ, ୧୯।୧୧(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ ଚାଇଁପୁର ପଞ୍ଚାୟତର ଏକ ଗ୍ରାମରେ ଆମ ଗାଁ ଆମ ବିକାଶ ଯୋଜନାରେ ମଞ୍ଜୁର ହୋଇଥିବା ଏକ ଭାଗବତ ଘର ନିର୍ମାଣକୁ ନେଇ ୨ଗୋଷ୍ଠୀଙ୍କ ମଧ୍ୟରେ ସୋମବାର ସଂଘର୍ଷ ଘଟିଛି। ସଂଘର୍ଷରେ ପବିତ୍ର ଦାସ ଗୁରୁତର ଆହତ ହୋଇ ଭୁବନେଶ୍ବରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସଂଘର୍ଷରେ ଗୁରୁବାରୀ ଦାସଙ୍କର ୪ବଖରା ସମେତ ଦୋକାନ ଘର ନିଆଁ ଲାଗି ଭସ୍ମୀଭୂତ ହୋଇଛି। ଖବର ପାଇ ଡେଲାଙ୍ଗ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଆମ ଗାଁ ଆମ ବିକାଶ ଯୋଜନାରେ ଡେଲାଙ୍ଗ ବ୍ଲକ ଚାଇଁପୁର ପଞ୍ଚାୟତର ଏକ ଗ୍ରାମରେ ଗାଦି କୋଠଘର ନିର୍ମାଣ ନିମନ୍ତେ ୨ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଡିପାର୍ଟମେଣ୍ଟ ପକ୍ଷରୁ ବ୍ଲକର ଜଣେ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ କରାଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ପରିଚାଳନା ପାଇଁ ଗ୍ରାମର ୨ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଲାଗିରହିଥିଲା। ଡେଲାଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ହିଂସାକୁ ନିୟନ୍ତ୍ରଣ କରିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ଅଭିଯୋଗ ପରେ ଘଟଣାର ତଦନ୍ତ କରାଯିବ ବୋଲି ଡେଲାଙ୍ଗ ଥାନା ଆଇଆଇସି ଅସୀତ ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି।

# ବ୍ଲକ୍ ସମ୍ମୁଖରେ ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟଙ୍କ ଧାରଣା



ଡେଲାଙ୍ଗ ବ୍ଲକ ସମ୍ମୁଖରେ ଧାରଣା ଦେଇଥିବା ପଞ୍ଚାୟତ ପ୍ରତିନିଧି।

କଣାସ, ୧୯।୧୧(ଡି.ଏନ୍.ଏ.)–

ଗ୍ରାମ ରୋଜଗାର ସେବକ ବଦଳି ଓ ୨୦୧୭–୧୮ରେ ସମ୍ପୂର୍ଣ୍ଣ ହୋଇଥିବା କାମର ବିଲ୍ ମଂଜୁର ଦାବି ନେଇ ଡେଲାଙ୍ଗ ବ୍ଲକ ଚାଇଁପୁର ପଞ୍ଚାୟତ ସରପଞ୍ଚ ପ୍ରଦ୍ୟୁମ୍ନ ପରିଡାଙ୍କ ସହ ୮ଜଣ ୱାର୍ଡ ସଭ୍ୟାସଭ୍ୟ ସୋମବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଜିଆରଏସ୍‌ଙ୍କ ଯୋଗୁ ସରପଞ୍ଚଙ୍କୁ ବାଦ୍ ଦେଇ ପଞ୍ଚାୟତ କାର୍ଯ୍ୟ ସବୁ ପରୋକ୍ଷ ଭାବେ ପରିଚାଳନା ହେଉଥିବା ଏବଂ ଏକ ବର୍ଷ ତଳେ ସମ୍ପୂର୍ଣ୍ଣ ହୋଇଥିବା କାମର ବିଲ୍ କରାଯାଉ ନ ଥିବା ସହ ପ୍ରଶାସନିକ ପକ୍ଷପାତର ଅଭିଯୋଗ ଆଣିଥିଲେ। ଘଟଣାସ୍ଥଳରେ ଥାନା ଅଧିକାରୀ ଅସୀତ ରଞ୍ଜନ ମହାନ୍ତି, ବିଡିଓ କ୍ଷୀରୋଦ ପ୍ରଧାନ ଓ ଅତିରିକ୍ତ ବିଡିଓ ପ୍ରଦୀପ୍ତ ନାୟକ ପହଞ୍ଚି ସମସ୍ତ ବିଷୟର ଶୀଘ୍ର ସମାଧାନର ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଶିଶୁ ଅଧିକାର, ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଶିବିର

କୋଣାର୍କ,୧୯।୧୧(ଡି.ଏନ୍.ଏ.)

ବିଶ୍ବ ଶିଶୁ ଦିବସ(ନଭେମ୍ବର୨୦) ଉପଲକ୍ଷେ କୋଣାର୍କସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ବେତାର ଗୋଷ୍ଠୀ 'ରେଡିଓ ନମସ୍କାର' ପକ୍ଷରୁ ଶିଶୁମାନଙ୍କ ନିମନ୍ତେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କୋଣାର୍କର ବିଭିନ୍ନ ଶିକ୍ଷାକେନ୍ଦ୍ରର ୧୦୦ରୁ ଉର୍ଦ୍ଧ୍ବ ଶିଶୁ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ ଶକ୍ତିପଦ ମିଶ୍ର, ରମାଶଙ୍କର ପାତ୍ର, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଆଇନ ଅଧିକାରୀ ସନ୍ତୋଷ ସାହୁ, ରାଉଳପାଟଣା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗନ୍ଧର୍ବ ସେନାପତି, ରେଡିଓ ନମସ୍କାରର କାର୍ଯ୍ୟକ୍ରମ ପରିଚାଳିକା ଏସ୍.କାଜଲ, ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଶିକ୍ଷକ ନିରଞ୍ଜନ ମିଶ୍ର ଯୋଗଦେଇ ଶିଶୁମାନଙ୍କ ଶିକ୍ଷା, ସୁରକ୍ଷା, ଅଧିକାର ଓ ବିକାଶ ସମ୍ପର୍କରେ ପିଲାମାନଙ୍କୁ ସଚେତନ କରିଥିଲେ। ବିଶ୍ବ ଶିଶୁଦିବସ ସମ୍ପର୍କରେ ଏକ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଇଶାନ ନାୟକ ପ୍ରଥମ, ସ୍ମୃତିରଞ୍ଜନ କର ଦ୍ୱିତୀୟ ଏବଂ ଯୁଗ୍ମ ଭାବେ ପାମା ବେସ୍ରା ଓ ରାଜଶ୍ରୀ ଭୋଇ ତୃତୀୟ ସ୍ଥାନ ଅଧିକାର କରି ଅତିଥିମାନଙ୍କଠାରୁ ପୁରସ୍କୃତ ଗ୍ରହଣ କରିଥିଲେ। ରେଡିଓ ନମସ୍କାରର ଅଭିନବ ପ୍ରୟାସ ଦ୍ୱାରା ଶିଶୁମାନେ ନିଜେ ସ୍ୱାଧୀନଭାବେ ମତବ୍ୟକ୍ତ କରିବାର ସୁଯୋଗ ପାଇବେ ବୋଲି ଅଧ୍ୟକ୍ଷ ଏନ୍.ଏ.ଶାହଃ ଅନ୍‌ସାରୀ ମତପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ରେଡିଓ ନମସ୍କାରର କାର୍ଯ୍ୟନିର୍ବାହୀ ଅଧିକାରୀ ରୋଜଲିନ ପ୍ରଧାନ, ସୁଜିତ୍ ବେହେରା, ସୂର୍ଯ୍ୟକାନ୍ତ ପଟ୍ଟନାୟକ ଓ ସୁକାନ୍ତ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।



ବିମାନରେ ରାଧାକୃଷ୍ଣଙ୍କୁ ବିଜେ କରାଯାଉଛି।

# ପଞ୍ଚରାସ ପାଇଁ ପ୍ରାଚୀ ଉପତ୍ୟକା ଉତ୍ସବମୁଖର

କାକଟପୁର, ୧୯।୧୧(ଡି.ଏନ୍.ଏ.)

ବର୍ଷକ ବାରମାସ ଭିତରୁ ଧର୍ମମାସ କାର୍ତ୍ତିକ ଶ୍ରେଷ୍ଠ ମାସ ଭାବେ ବିବେଚନା କରାଯାଇଥାଏ। କାର୍ତ୍ତିକ ମାସର ଶେଷ ୫ଦିନକୁ ପଞ୍ଚୁକ କୁହାଯାଏ। ବ୍ରତଧାରୀମାନେ ପଞ୍ଚୁକ ପାଞ୍ଚଦିନ ମଠ, ମନ୍ଦିର ଗୁଡ଼ିକରେ ରାସ ଉତ୍ସବ ଭକ୍ତି ଓ ନିଷ୍ଠାର ସହିତ ପାଳନ କରିଥାନ୍ତି। ସୋମବାରଠାରୁ ପଞ୍ଚୁକ ଆରମ୍ଭ ହୋଇଛି। ପ୍ରାଚୀ ଉପତ୍ୟକାର ଅନ୍ତର୍ବେଦୀମଠ, ରାଧାକୃଷ୍ଣ ମଠ, ଅହ୍ଲଣିଆ ମଠ, ଚନ୍ଦ୍ରମଉଳି ମଠ, ସିଦ୍ଧ ମଠ ସହ ତୁଳସୀପୁରର ବାସୁଦେବ ମନ୍ଦିର ଓ ଅନ୍ୟାନ୍ୟ ମନ୍ଦିରମାନଙ୍କରେ ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତିଙ୍କୁ ପୂଜା କରାଯାଉଛି। ସନ୍ଧ୍ୟାରେ ମଠ ମନ୍ଦିର ଗୁଡ଼ିକରେ ପୂଜା, ବନ୍ଦାପନା କରାଯିବାପରେ ମନ୍ଦିର ଓ ମଠର ପୂଜାସ୍ଥଳୀକୁ ବାହାରକୁ ଅଣାଯାଇ ପୂର୍ବରୁ ପ୍ରସ୍ତୁତ କୁଞ୍ଜରେ ଉପବେସନ କରାଯାଇଥିଲା। ସେଠାରେ ଠାକୁରମାନଙ୍କୁ କଦମ୍ବ ଗଛ ଛୁଆଁଇ ପୁନର୍ବାର ମନ୍ଦିର, ମଠମାନଙ୍କୁ ଫେରାଇ ନିଆଯାଇଥାଏ। କାର୍ତ୍ତିକ ପୂର୍ଣ୍ଣମୀ ରାତିରେ ରାସ ଉତ୍ସବ ଆନୁଷ୍ଠାନିକ ଭାବେ ଶେଷ ହେବ। ପଞ୍ଚରାସ ଉତ୍ସବ ପାଇଁ ସମଗ୍ର ପ୍ରାଚୀ ଉପତ୍ୟକା ଉତ୍ସବ ମୁଖର ହୋଇପଡ଼ିଛି।

### ବିଶ୍ବ ଶିଶୁ ନିର୍ଯାତନା ନିବାରଣ ଦିବସ ପାଳିତ

କଣାସ, ୧୯।୧୧(ସ୍ବ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ସୋମବାର ପୁରୀ ଜିଲା ଶିଶୁ ସୁରକ୍ଷା କମିଟି ପକ୍ଷରୁ ବିଶ୍ବ ଶିଶୁ ନିର୍ଯାତନା ନିର୍ବାରଣ ଦିବସ ପାଳିତ ହୋଇଯାଇଛି। ନୀଳାଚଳ ସେବା ପ୍ରତିଷ୍ଠାନର ଅଧ୍ୟକ୍ଷ କଣ୍ଟୁଚରଣ ଚମ୍ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ଶିଶୁ ସରୁକ୍ଷା କମିଟି ଅଧ୍ୟକ୍ଷ ମହାବୀର ରୁଦ୍ରନାରାୟଣ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁ ସରୁକ୍ଷା କମିଟିର ସଭ୍ୟ ଉମାଶଙ୍କର ପାତ୍ର, ଶୁଭନାରାୟଣ ଶତପଥୀ, ବରିଷ୍ଠ ଖବରଦାତା ବିଭୂତିଭୂଷଣ ତ୍ରିପାଠୀ, ଶ୍ରୀକାନ୍ତ ପଟ୍ଟଯୋଷୀ, ସଂଯୁକ୍ତା ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶିଶୁ ନିର୍ଯାତନା ସମ୍ପର୍କରେ ସୂଚନାଦେବାସହ କିପରି ଏହାର ନିରାକରଣ ହୋଇପାରିବ ତା ଉପରେ ବିସ୍ତୃତ ଭାବେ ଅଲୋଚନା କରିଥିଲେ। ସଭାରେ ଉପସ୍ଥିତ ହୋଇଥିବା ଶତାଧିକ ଛାତ୍ରୀ ଶିଶୁ ନିର୍ଯାତନା ଓ ସୁରକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ।

### ଜନ ସଚେତନତା ଅଭିଯାନ

ନିମାପଡ଼ା,୧୯।୧୧(ଡି.ଏନ୍.ଏ.)

ଜିଲା ଜଳ ପରିମଳ ମିଶନ(ପୁରୀ) ଓ ନିମାପଡ଼ା ଗ୍ରାମ୍ୟ ଜଳ ପରିମଳ ବିଭାଗ ପକ୍ଷରୁ ବିଶ୍ବ ପାଇଖାନା ଦିବସ ଉପଲକ୍ଷେ ସ୍ଥାନୀୟ ବ୍ଲକ ଅନ୍ତର୍ଗତ ଅରିକ୍ଷଣ୍ଡ ହାଇସ୍କୁଲଠାରେ ଏକ ଜନସଚେତନତା ଅଭିଯାନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜନସଚେତନତା ଶୋଭାଯାତ୍ରା, ସଭା, ମାନବଶୃଙ୍ଖଳ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ସରପଞ୍ଚ ଜୟନ୍ତ ପାଟଶାଣୀ, ଗ୍ରାମ୍ୟ ଜଳ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଗୋପୀବଲ୍ଲଭ ପାଣିଗ୍ରାହୀ, ପିଙ୍କି ମହାନ୍ତି, ସ୍ୱେଚ୍ଛାସେବୀ ଦିବାକର ନାୟକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କହ୍ନେଇ ପ୍ରଧାନ, ଜିଲା ଜଳ ପରିମଳ ବିଭାଗର ଜିଲା ସଂଯୋଜିକା ତ୍ରିପୁରାମୋହିନୀ ଶତପଥି, କ୍ଲଷ୍ଟର ସଂଯୋଜକ ବିଭୂତିଭୂଷଣ ଜେନା ପ୍ରମୁଖ ଯୋଗଦେଇ ବିଶ୍ବ ପାଇଖାନା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ଏକ ମାନବଶୃଙ୍ଖଳ କାର୍ଯ୍ୟକ୍ରମ ଓ ସଚେତନତା ଶୋଭାଯାତ୍ରା ବିଭିନ୍ନ ଗ୍ରାମ ପରିକ୍ରମା କରି ଲୋକମାନଙ୍କୁ ସଚେତନ କରିଥିଲା।

# କଣାସ ବ୍ଲକରେ ବିଶ୍ୱ ପାଇଖାନା ଦିବସ ପାଳିତ

କଣାସ, ୧୯।୧୧(ସ୍ବ.ପ୍ର.)

କଣାସ ବ୍ଲକର ସମସ୍ତ ଗ୍ରାମପଞ୍ଚାୟତରେ ସୋମବାର ବିଶ୍ବ ପାଇଖାନା ଦିବସ ପାଳିତ ହୋଇଯାଇଛି। କଣାସ ଗ୍ରାମପଞ୍ଚାୟତ ପକ୍ଷରୁ ମହନ୍ତ ବନମାଳୀଦାସ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନେ ପାଇଖାନା ନିର୍ମାଣ ସମ୍ପର୍କରେ ଲେଖାଥିବା ବିଭିନ୍ନ ପ୍ଲାକାର୍ଡ ଧରି କଣାସ ବ୍ଲକ ଅଫିସ୍, ବାଲିଘାଇଛକ, କଣାସ କୁଞ୍ଜେଶ୍ବରୀ ବଜାର, କଣାସ ଗ୍ରାମ, କଣାସ ବସ୍‌ଷ୍ଟାଣ୍ଡ, ଗୋଲାବଜାର ପରିକ୍ରମା କରିବା ସହିତ ପ୍ରତ୍ୟେକ ପରିବାରରେ ପାଇଖାନା ନିର୍ମାଣ କରି ବାହ୍ୟ ମଳତ୍ୟାଗ ମୁକ୍ତ ହେବାପାଇଁ ସ୍ଲୋଗାନ୍ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନ ସରପଞ୍ଚଙ୍କ ସ୍ୱାମୀ ଭଗବାନ ସୁବୁଦ୍ଧି, ଗ୍ରାମ୍ୟ ଜଳଯୋଗାଣ ବିଭାଗ କନିଷ୍ଠଯନ୍ତ୍ରୀ ରଞ୍ଜନ କୁମାର ସାମନ୍ତରାୟ ପରିଚାଳନା କରିଥିଲେ। ସେହିପରି ବଡାସ ଗ୍ରାମପଞ୍ଚାୟତପକ୍ଷରୁ ବଡାସ ପ୍ରକଳ୍ପ ନୋଡାଲ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ଶୋଭାଯାତ୍ରାରେ ବଡାସ, ତରପଡା, ବାଲିପାଟଣା ଗ୍ରାମ ପରିକ୍ରମା କରିବା ସହିତ ପ୍ରତ୍ୟେକ ଘରେ ପାଇଖାନା ନିର୍ମାଣ କରିବା ପାଇଁ ସ୍ଲୋଗାନ୍ ଦେଇଥିଲେ। ପୂର୍ବତନ ସରପଞ୍ଚ ବଳରାମ ପଲାଇ, ପ୍ରଧାନଶିକ୍ଷକ ମହେଶ୍ୱର ବେହେରା, ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ବିଶ୍ୱ ପାଇଖାନା ଦିବସ ଅବସରରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ଅସ୍ତରଙ୍ଗରେ ଜିଲାପାଳଙ୍କ ଜନଶୁଣାଣି ଶିବିର



ଜନଶୁଣାଣି ଶିବିରରେ ଉପସ୍ଥିତ ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଓ ଅନ୍ୟମାନେ।

କାକଟପୁର, ୧୯।୧୧(ଡି.ଏନ୍.ଏ.)

ଅସ୍ତରଙ୍ଗ ପଞ୍ଚାୟତ ସମିତି ବୈଠକ ଗୃହରେ ସୋମବାର ବ୍ଲକସ୍ତରୀୟ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଯୋଗଦେଇଥିଲେ। ଶିବିରରେ ସମୁଦାୟ ୯୮ଟି ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡ଼ିକର ତଦନ୍ତ କରାଯାଇ ଏକ ସପ୍ତାହ ମଧ୍ୟରେ ସମାଧାନ କରିବାକୁ ଜିଲାପାଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଭବତାରଣ ସାହୁ, ପିଡି ଡିଆରଡିଏ ଉଦ୍ଧବ ଚରଣ ମାଝି, ନିମାପଡ଼ା ଏସ୍‌ଡିପିଓ ନିରଞ୍ଜନ ପାଢ଼ୀ, ଅସ୍ତରଙ୍ଗ ତହସିଲଦାର ଆଶୋକ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମାଣ୍ଡୁକି ଗ୍ରାମର ଜଣେ କ୍ୟାନସର ପୀଡିତା ମେଧାବୀ ଛାତ୍ରୀଙ୍କୁ ଜିଲାପାଳ ୩୦ହଜାର ଟଙ୍କାର ଅନୁକମ୍ପା ରାଶି ଯୋଗାଇ ଦେଇଥିଲେ।

# ବିଶ୍ୱ ଐତିହ୍ୟ ସପ୍ତାହ ପାଳିତ

କୋଣାର୍କ,୧୯।୧୧(ଡି.ଏନ୍.ଏ.)

କୋଣାର୍କସ୍ଥିତ ଏଏସ୍‌ଆଇ କାର୍ଯ୍ୟାଳୟ ପକ୍ଷରୁ ସୂର୍ଯ୍ୟମନ୍ଦିର ପରିସରରେ ବିଶ୍ୱ ଐତିହ୍ୟ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାଚୀନ ଐତିହ୍ୟର ସୁରକ୍ଷା ଓ ସଂରକ୍ଷଣକୁ ନେଇ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହାକୁ ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାଶ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏସ୍‌ଆଇର ଭୁବନେଶ୍ୱର ସୁପରିଟେଣ୍ଡେଣ୍ଟ ଅରୁଣ ମଲ୍ଲିକ, ପୁରୀ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝୀ, ଉପଜିଲାପାଳ ଭବତାରଣ ସାହୁ ସମେତ ଏଏସଆଇର ଭୁବନେଶ୍ୱରସ୍ଥିତ ସମସ୍ତ ଅଧିକାରୀ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ କୋଣାର୍କ ଅଞ୍ଚଳର ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ ଐତିହ୍ୟ ସମ୍ବନ୍ଧୀୟ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ଭୁବନେଶ୍ୱର ଏଏସ୍‌ଆଇ ସୁପରିଟେଣ୍ଡେଣ୍ଟ ଅରୁଣ ମଲ୍ଲିକ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏଏସ୍‌ଆଇ ଅଧିକାରୀ ଚିତ୍ତରଞ୍ଜନ ଦାସ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ସରଗିଫୁଲ ଶିଶୁ ମହୋତ୍ସବ ଉଦ୍‌ଘାଟିତ

କୋଣାର୍କ,୧୯।୧୧(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁଇଦିନିଆ ପୁରୀ ଜିଲାସ୍ତରୀୟ ସରଗିଫୁଲ ଶିଶୁ ମହୋତ୍ସବ-୨୦୧୮ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୁରୀ ଜିଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତ ମାଝି ଯୋଗଦେଇ ଉଦ୍‌ଘାଟନ କରିଥିଲେ। କୋଣାର୍କ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରି ନମିତା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବରେ ଅତିଥି ଭାବେ ଗୋପ ସବରେଜିଷ୍ଟ୍ରର ପ୍ରଭାତ ରଞ୍ଜନ ତରାଇ, ସହକାରୀ ଜିଲା ମଙ୍ଗଳ ଅଧିକାରୀ ପ୍ରଶନ୍ନ ଦାସ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ଚମ୍ପାହାର ଅଗ୍ନିଶମ ଅଧିକାରୀ ଜ୍ୟୋତିପ୍ରକାଶ ରଥ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗ ଦେଇ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭା କିଭଳି ବିକଶିତ ହୋଇପାରିବ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏଥିରେ ୧୧ଗୋଟି ବ୍ଲକର ୫୦୦ରୁ ଉର୍ଦ୍ଧ୍ବ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ ଅଭୟ ମଲ୍ଲ ଓ ସହକାରୀ ଶିକ୍ଷକ ପ୍ରଦୀପ ପଣ୍ଡା ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ।



କୋଣାର୍କଠାରେ ଅନୁଷ୍ଠିତ ଜିଲାସ୍ତରୀୟ ଶିଶୁ ମହୋତ୍ସବରେ କୁନି କଳାକାରମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରୁଛନ୍ତି।